# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୦/୨୦୧୮ (୨୦ ପୃଷ୍ଠା+ ମେଟ୍ରୋ ମିଜାଜ) Bhubaneswar, Thursday, September 20 / 2018 | ★★★★★★

୪୪ଶ ଭାଗ ୨୯୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






"ବିଆର୍‌ଆଇ ଏବଂ ସିପିଇସି କେବଳ ଚାଇନାର ସ୍ୱାର୍ଥ ପାଇଁ ନୁହେଁ, ବରଂ କ୍ଷେତ୍ରୀୟ ଶାନ୍ତି ଓ ବିକାଶ ଲାଗି ଉଦ୍ଦିଷ୍ଟ। ଏହି ଦୁଇ ପ୍ରକଳ୍ପକୁ ଯେଉଁମାନେ ବିରୋଧ କରୁଛନ୍ତି, ସେମାନେ କେବେ ସଫଳ ହେବେ ନାହିଁ।

-ଜି ଜିନ୍‌ପିଙ୍ଗ୍, ଚାଇନା ରାଷ୍ଟ୍ରପତି

## ସଂକ୍ଷେପରେ

### ଅଗଷ୍ଟା ଦୁର୍ନୀତି ମଧ୍ୟସ୍ଥ ମାଇକେଲ୍ ଗାଏବ



**ନୂଆଦିଲ୍ଲୀ,୧୯।୯(ପି.ଟି.):** ଅଗଷ୍ଟା ୱେଷ୍ଟଲାଣ୍ଡ ଚୁକ୍ତି ଦୁର୍ନୀତି ମାମଲାର ବ୍ରିଟିଶ୍ ମଧ୍ୟସ୍ଥ ଖ୍ରୀଷ୍ଟିଆନ୍ ମାଇକେଲ୍‌ଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବା ପାଇଁ ଦୁବାଇ କୋର୍ଟ ଆଦେଶ ଦେଇଥିବା ନେଇ ମଙ୍ଗଳବାର ଚର୍ଚ୍ଚା ଚାଲିଥିଲା। କିନ୍ତୁ ଏହାର କିଛିଘଣ୍ଟା ପରେ ମାଇକେଲଙ୍କ ନିଖୋଜ ଖବର ସାମ୍ନାକୁ ଆସିଛି। ଗତବର୍ଷ ମାଇକେଲ୍‌ଙ୍କୁ ଦୁବାଇ ପୋଲିସ ଗିରଫ କରିଥିଲା। ବର୍ତ୍ତମାନ ସେ ଜାମିନରେ ବାହାରେ ଅଛନ୍ତି। ମଙ୍ଗଳବାର ଦୁବାଇର ଏକ କୋର୍ଟ ତାଙ୍କୁ ପ୍ରତ୍ୟର୍ପଣ କରିବାକୁ ଆଦେଶ ଦେଇଥିବା ଖବର ମିଳିଥିଲା। ଏ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ଆଦେଶକୁ ଅପେକ୍ଷା କରିଥିବା ସିବିଆଇ ମଧ କହିଥିଲା। କିନ୍ତୁ ଏହି ରିପୋର୍ଟ ମିଥ୍ୟା ବୋଲି ଏବେ କୁହାଯାଉଛି। ମାମଲାର ଶୁଣାଣି ବେଳେ କୋର୍ଟ କହିଥିଲେ, ଜଣେ ବ୍ରିଟିଶ ନାଗରିକଙ୍କୁ ୟୁଏଇ ତୃତୀୟ ରାଷ୍ଟ୍ରକୁ ପ୍ରତ୍ୟର୍ପଣ କରିପାରିବ କି ନାହିଁ ତାହାର ତର୍ଜମା କରିବା ଲାଗି କୋର୍ଟ ସରକାରଙ୍କୁ କହିଥିଲେ। କିନ୍ତୁ ଏହାକୁ ପ୍ରତ୍ୟର୍ପଣ ଆଦେଶ ବୋଲି ଗୁଜବ ସୃଷ୍ଟି କରାଯାଉଥିବା ୟୁଏଇର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସେପଟେ ଅଦାଲତି ଆଦେଶ ଖବର ପ୍ରକାଶ ପାଇବା ପରଠାରୁ ମାଇକେଲ୍‌ଙ୍କ ବିଷୟରେ କିଛି ସୂଚନା ନାହିଁ ବୋଲି ତାଙ୍କ ଓକିଲ ଅମାଲ ଆଲ୍‌ସୁବେଇ ବୁଧବାର ପ୍ରକାଶ କରିଛନ୍ତି। ମାଇକେଲ୍‌ଙ୍କୁ ଠାବ କଲାପରେ ତୁରନ୍ତ ତାଙ୍କୁ ଗିରଫ କରାଯିବ। କିନ୍ତୁ ଅଦାଲତି ରାୟକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିପାରନ୍ତି ବୋଲି ଆଲ୍‌ସୁବେଇ କହିଛନ୍ତି।

### ସଂଘର ଆଭିମୁଖ୍ୟ ସ୍ପଷ୍ଟ କଲେ ଭାଗବତ

**ନୂଆଦିଲ୍ଲୀ,୧୯।୯(ପି.ଟି.):** ତିନିଦିନିଆ ବକ୍ତୃତାମାଳାର ଅନ୍ତିମ ଦିନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ବୁଧବାର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଦେଶରେ ଜନସଂଖ୍ୟା ସନ୍ତୁଳନ ପାଇଁ ନୀତି ନିର୍ଦ୍ଧାରଣ କରିବା ଲାଗି ଭାଗବତ ଆହ୍ୱାନ ଦେଇଛନ୍ତି। ଏଥିରେ ସମାଜର ସବୁ ବର୍ଗର ଲୋକଙ୍କୁ ଅନ୍ତର୍ଭୁକ୍ତ କରିବାକୁ ହେବ। ବିଶେଷକରି ଅଧିକ ସନ୍ତାନ ଜନ୍ମ ଦେଉଥିବା ଲୋକଙ୍କଠାରୁ ନୀତିକୁ ଆରମ୍ଭ କରିବା ଉଚିତ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ଅନ୍ୟ ଜାତିରେ ବିବାହ, ଶିକ୍ଷା ନୀତି, ମହିଳାଙ୍କ ବିରୋଧରେ ଅପରାଧ, ଗୋରକ୍ଷକ ହିଂସା ଆଦି ପ୍ରସଙ୍ଗରେ ଭାଗବତ ଆର୍‌ଏସ୍‌ଏସ୍‌ର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଭାଗବତ କହିଛନ୍ତି, ଭିନ୍ନ ଜାତିରେ ବିବାହକୁ ସଂଘ ସମର୍ଥନ କରେ। ଏଭଳି ବିବାହର ଯଦି ଗଣନା କରାଯାଏ, ତା'ହେଲେ ଅଧିକାଂଶ ଆର୍‌ଏସ୍‌ଏସ୍ ସମର୍ଥନରେ ହୋଇଥିବା ଜଣାପଡ଼ିବ। ମହିଳାଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ହେବ। କୌଣସି ଭେଦଭାବରୁ ନିଜ ନାଗରିକଙ୍କୁ ସୁରକ୍ଷିତ କରିବା ଦାୟିତ୍ୱ ସରକାର ଏବଂ ପ୍ରଶାସନର ହେବା ଉଚିତ। ଏଲ୍‌ଜିବିଟିକ୍ୟୁ ଗୋଷ୍ଠୀକୁ ସଂଘ ବିରୋଧ କରେନାହିଁ। କାରଣ ସେମାନେ ମଧ ସମାଜର ଏକ ଅଂଶ। ଇଂଲିଶକୁ ଆର୍‌ଏସ୍‌ଏସ୍ ବିରୋଧ କରେନାହିଁ। ଇଂଲିଶ୍ କହୁଥିବା ଲୋକଙ୍କ ସହ ଆମର କୌଣସି ଶତ୍ରୁତା ନାହିଁ। ସେହିପରି ଯଥାଶୀଘ୍ର ସମ୍ଭବ ଅଯୋଧାରେ ରାମମନ୍ଦିର ନିର୍ମାଣ ହେବା ଉଚିତ ବୋଲି ଭାଗବତ କହିଛନ୍ତି।

### ଲଣ୍ଡନରେ ଘୃଣା ଅପରାଧର ଶିକାର ଭାରତୀୟ ପରିବାର

**ଲଣ୍ଡନ,୧୯।୯(ପି.ଟି.):** ଲଣ୍ଡନରେ ଏକ ଭାରତୀୟ ପରିବାରକୁ ଘୃଣା ଅପରାଧର ଶିକାର ହେବାକୁ ପଡ଼ିଛି। ପରିବାରର ୪ ସଦସ୍ୟଙ୍କୁ ହତ୍ୟା କରିବା ଲାଗି ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଭାରତୀୟ ବଂଶୋଦ୍ଭବ ମୟୁର କାର୍ଲେକର ସ୍ତ୍ରୀ ରିତୁ ଏବଂ ଦୁଇ ସନ୍ତାନଙ୍କ ସହ ଶନିବାର ରାତିରେ ଲଣ୍ଡନର ବୋର୍କଉଡ୍ ଅଞ୍ଚଳରେ ଥିବା ନିଜ ଘରେ ଶୋଇଥିବା ବେଳେ କିଛି ଦୁର୍ବୃତ୍ତ ସେଠାରେ ନିଆଁ ଲଗାଇ ଦେଇଥିଲେ। ପଡ଼ୋଶୀମାନେ ଦେଖିବା ପରେ ଅଗ୍ନିଶମ ବିଭାଗକୁ ଖବର କରି ଭାରତୀୟ ପରିବାରକୁ ଉଦ୍ଧାର କରିଥିଲେ। ପୋଲିସ ଏହାକୁ ଏକ 'ହେଟ୍ କ୍ରାଇମ୍' ଘଟଣା ଭାବେ ତଦନ୍ତ ଆରମ୍ଭ କରିଛି।

## ■ ତ୍ରିପଲ ତଲାକ ଅଧ୍ୟାଦେଶକୁ ମଞ୍ଜୁରୀ: ଜୋର୍ ଧରିଲା ରାଜନୀତି

# କେନ୍ଦ୍ର ନେଇଛି ତରବରିଆ ନିଷ୍ପତ୍ତି

**ନୂଆଦିଲ୍ଲୀ, ୧୯।୯ (ପି.ଟି.)**



ରଣଦୀପ ସିଂ ସୁର୍ଜେୱାଲା





ଅମିତ ଶାହ

■ସରକାରଙ୍କ ପଦକ୍ଷେପ ଐତିହାସିକ: ଶାହ

■ମୁସଲମାନ ମହିଳାଙ୍କ ସମସ୍ୟାକୁ ଅଣଦେଖା: କଂଗ୍ରେସ

■ପ୍ରସଙ୍ଗକୁ 'ରାଜନୈତିକ ଫୁଟବଲ' କରାଯାଇଛି: ସୁର୍ଜେୱାଲା

ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେବା ଲାଗି ମୁସଲମାନ ସମ୍ପ୍ରଦାୟରେ ବହୁଳଭାବେ ପ୍ରଚଳିତ ତ୍ରିପଲ ତଲାକ୍ ପ୍ରଥା ଏକ ଦଣ୍ଡନୀୟ ଅପରାଧ। ଏଥିପାଇଁ ଅଭିଯୁକ୍ତ ସ୍ୱାମୀଙ୍କୁ ମିଳିବ କାରାଦଣ୍ଡ। ଏ ସମ୍ପର୍କିତ ଅଧ୍ୟାଦେଶ ବୁଧବାର କେନ୍ଦ୍ର କ୍ୟାବିନେଟରେ ମଞ୍ଜୁର ହେବା ପରେ ଜାତୀୟ ସ୍ତରରେ ରାଜନୀତି ଜୋର ଧରିଛି। ମହିଳା ସଶକ୍ତୀକରଣ ଲାଗି ଏହା ଏକ ଐତିହାସିକ ପଦକ୍ଷେପ ବୋଲି ଶାସକ ଭାଜପା କହିଛି। କିନ୍ତୁ ବିରୋଧୀ କଂଗ୍ରେସ ଏହି ଅଧ୍ୟାଦେଶକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପାକୁ ଟାର୍ଗେଟ କରିଛି। ଭୋଟ ପାଇଁ ଏନ୍‌ଡିଏ ସରକାର ତ୍ରିପଲ୍ ତଲାକ୍ ପ୍ରସଙ୍ଗକୁ 'ରାଜନୈତିକ ଫୁଟବଲ୍' ଭଳି କରିଦେଇଛନ୍ତି। ତରବରିଆ ଭାବେ ଏହି ଅଧ୍ୟାଦେଶ ଅଣାଯାଇଛି। କିନ୍ତୁ ମୁସଲମାନ ମହିଳାଙ୍କ ହିତ ପାଇଁ ସରକାର ଚିନ୍ତା କରୁନାହାନ୍ତି ବୋଲି କଂଗ୍ରେସ ସମାଲୋଚନା କରିଛି।

କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିବାବେଳେ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ଉପା ଅଧକ୍ଷା ସୋନିଆ ଗାନ୍ଧୀ, ବିଏସ୍‌ପି ମୁଖ୍ୟ ମାୟାବତୀ ଏବଂ ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କ ନୀରବତା ଉପରେ ପ୍ରଶ୍ନବାଚୀ ଉଠାଇଛନ୍ତି। ଲିଙ୍ଗଗତ ସମାନତା ଓ ଲିଙ୍ଗଗତ ସମ୍ମାନ ପାଇଁ ଆଗାମୀ ପାର୍ଲାମେଣ୍ଟ ଅଧିବେଶନରେ ଏହି ତିନି ନେତ୍ରୀ ତ୍ରିପଲ ତଲାକ ନିରୋଧୀ ବିଲକୁ ସମର୍ଥନ ଦେବା ଉଚିତ ବୋଲି ପ୍ରସାଦ କହିଛନ୍ତି। ତେବେ ତ୍ରିପଲ ତଲାକ୍ ନିରୋଧୀ ଆଇନର ବିଭିନ୍ନ ବ୍ୟବସ୍ଥାରେ ସଂଶୋଧନ ଅଣାଯିବା ଆବଶ୍ୟକ ବୋଲି ଅନେକେ ମତବ୍ୟକ୍ତ କରିଛନ୍ତି। ସେମାନଙ୍କ କହିବା କଥା ହେଲା, ମୁସଲମାନ ମହିଳାମାନେ ସାମ୍ନା କରିବାକୁ ଥିବା ସମସ୍ୟାଗୁଡ଼ିକୁ ଅଣଦେଖା କରାଯାଇଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସ କହିଛି ଯେ, ସୁପ୍ରିମକୋର୍ଟ ତ୍ରିପଲ ତଲାକ୍‌କୁ ଅସାମ୍ବିଧାନିକ ତଥା ବେଆଇନ ଦର୍ଶାଇବା ପରେ ସ୍ୱାମୀ ପରିତ୍ୟକ୍ତା ମୁସଲମାନ ମହିଳାଙ୍କୁ ନ୍ୟାୟ ଦେବା ହେଉଛି ସରକାରଙ୍କ ପ୍ରଥମ ଦାୟିତ୍ୱ। କିନ୍ତୁ ଅଭିଯୁକ୍ତ ସ୍ୱାମୀଙ୍କୁ ଜେଲଦଣ୍ଡ ଦେଇଦେଲେ ସମାଧାନ ହୋଇଯିବ ନାହିଁ। ଅପରପକ୍ଷେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ଏ ପ୍ରସଙ୍ଗରେ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସର ଭୋଟବ୍ୟାଙ୍କ ରାଜନୀତି ପାଇଁ ଦଶନ୍ଧି ଦଶନ୍ଧି ହେଲା ମୁସଲମାନ ମହିଳାମାନେ ତିନି ତଲାକ୍ ରୂପୀ କୁପ୍ରଥାର ତାଡ଼ନା ସହିଆସୁଛନ୍ତି।

ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର ସରକାରଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି। ସୁପ୍ରିମକୋର୍ଟରେ ତ୍ରିପଲ ତଲାକ୍ ମାମଲାର ବିଚାରବେଳେ ଏହି କୁପ୍ରଥାକୁ ସମର୍ଥନ କରିଥିବାରୁ କଂଗ୍ରେସ ନେତା କପିଲ ଶିବଲଙ୍କୁ ସେ ସମାଲୋଚନା କରିଛନ୍ତି। କଂଗ୍ରେସ ମୁଖ୍ୟ ମୁଖପାତ୍ର ରଣଦୀପ ସିଂ ସୁର୍ଜେୱାଲା କହିଛନ୍ତି ଯେ, ଛାଡ଼ପତ୍ରଧାରୀ ମୁସଲମାନ ମହିଳା ଓ ତାଙ୍କ ପିଲାଙ୍କୁ ଭରଣପୋଷଣ ବାବଦକୁ ଅର୍ଥ ନ ଦେଲେ ଅଭିଯୁକ୍ତ ସ୍ୱାମୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ହେବ ବୋଲି ନୂଆ ଆଇନରେ ବ୍ୟବସ୍ଥା ରହିଛି। ଏହାକୁ ସଂଶୋଧନ କରିବା ଲାଗି କଂଗ୍ରେସ କରିଥିବା ଅନୁରୋଧକୁ ସରକାର ରଖିଲେ ନାହିଁ। ତେଣୁ ତାଙ୍କ ଦଳ ଏହାକୁ ସମର୍ଥନ କରୁନାହିଁ। ମୁସଲମାନ ମହିଳାଙ୍କ ଅଧିକାରକୁ କଂଗ୍ରେସ ଅଣଦେଖା କରିଥିବା ନେଇ ଭାଜପାର ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜୀବୀ ସଲମାନ୍ ଖୁର୍ସିଦ ଏବଂ ମନୀଷ୍ ତିୱାରୀ ପୀଡ଼ିତା ମହିଳାଙ୍କ ପାଇଁ ମାମଲା ଲଢ଼ିଛନ୍ତି ବୋଲି ସେ ଦର୍ଶାଇଛନ୍ତି। ମିଛରେ ଶ୍ରେୟ ନେବା ପାଇଁ ମୋଦି ସରକାର ବ୍ୟସ୍ତପ୍ରାୟ ଥିବାବେଳେ ସତ ଉପରେ ପରଦା ପକାଇବା ଭାଜପାର ଡିଏନ୍‌ଏ ପାଲଟିଗଲାଣି ବୋଲି ସୁର୍ଜେୱାଲା କହିଛନ୍ତି। ମୁସଲମାନ ମହିଳାଙ୍କୁ ନ୍ୟାୟ ଦେବା ଅପେକ୍ଷା ଏହି ପ୍ରସଙ୍ଗକୁ ରାଜନୈତିକ ଫୁଟବଲ୍ ଭଳି କରି ସରକାର ଖେଳୁଛନ୍ତି ବୋଲି ସୁର୍ଜେୱାଲା ଅଭିଯୋଗ କରିଛନ୍ତି। ଅନେକେ ମହିଳା କର୍ମୀ ମଧ କେନ୍ଦ୍ରର ଅଧ୍ୟାଦେଶ ମଞ୍ଜୁରୀ ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ଏଭଳି ଆରୋପ ପ୍ରତ୍ୟାରୋପ ଭିତରେ ବୁଧବାର ରାତିରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅଧ୍ୟାଦେଶକୁ ମୋହର ମାରିଛନ୍ତି।

## 'ହିନ୍ଦୁ ପୁରୁଷଙ୍କ ପାଇଁ ସମାନ ବ୍ୟବସ୍ଥା ହେଉ'

**ନୂଆଦିଲ୍ଲୀ, ୧୯।୯(ପି.ଟି.)**



ତ୍ରିପଲ ତଲାକ୍ ସଂକ୍ରାନ୍ତ ଅଧ୍ୟାଦେଶକୁ ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ୍ ଓୱାଇସି 'ମୁସଲମାନ ମହିଳା ବିରୋଧୀ' ପଦକ୍ଷେପ ବୋଲି ଦର୍ଶାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାମୀ ପରିତ୍ୟକ୍ତା ହିନ୍ଦୁ ମହିଳାଙ୍କୁ ନ୍ୟାୟ ଦେବା ପାଇଁ ମଧ ସମାନ ଆଇନ ଆଣନ୍ତୁ ବୋଲି ସେ ଦାବି ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି, ଇସ୍‌ଲାମରେ ବିବାହ ଏକ ଚୁକ୍ତି। ଏହାକୁ ଦଣ୍ଡନୀୟ ଅପରାଧରେ ସାମିଲ କରିବା ଭୁଲ ଏବଂ ଅନାବଶ୍ୟକ। ମୁସଲିମ୍ ପର୍ସନାଲ ଲ ବୋର୍ଡ କେନ୍ଦ୍ରର ନିଷ୍ପତ୍ତିକୁ କୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ଓୱାଇସି ଆଶାବ୍ୟକ୍ତ କରିଛନ୍ତି। ଯଦି ମହିଳାଙ୍କ ପାଇଁ ସରକାରଙ୍କ ପ୍ରକୃତରେ ଦରଦ ଅଛି, ତା'ହେଲେ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଉଥିବା ହିନ୍ଦୁ ପୁରୁଷଙ୍କ ପାଇଁ ମଧ ସମାନ ଦଣ୍ଡ ବ୍ୟବସ୍ଥା ହେଉ ବୋଲି ଓୱାଇସି କହିଛନ୍ତି।

## 'ମୁସଲମାନ ପୁରୁଷ ଦଣ୍ଡ ପାଇବାକୁ ପ୍ରସ୍ତୁତ ହୋଇଯାଆନ୍ତୁ'

**ନୂଆଦିଲ୍ଲୀ, ୧୯।୯(ପି.ଟି.)**



'ତଲାକ-ଇ-ବାଦ୍ଦତ୍' ପ୍ରଥା ରୋକିବା ଲାଗି କେନ୍ଦ୍ର କ୍ୟାବିନେଟ ଅଧ୍ୟାଦେଶ ମଞ୍ଜୁର କରିଥିବାରୁ ତ୍ରିପଲ ତଲାକ ମାମଲାର ଆବେଦନକାରୀ ଇଶ୍‌ରତ ଜହାନ୍ ଏହାକୁ ସ୍ୱାଗତ କରିଛନ୍ତି। ମହିଳାଙ୍କୁ ସଶକ୍ତ କରିବା ପାଇଁ ଏହା ଏକ ବଡ଼ ପଦକ୍ଷେପ। ତେଣୁ ଛାଡ଼ପତ୍ର ରୂପୀ ଯନ୍ତ୍ରଣା ଦେଇ ମହିଳାଙ୍କ ଜୀବନକୁ ଦୁର୍ବିଷହ କରୁଥିବା ମୁସଲମାନ ପୁରୁଷ ଏବଂ ଧର୍ମଗୁରୁମାନେ ଦଣ୍ଡ ପାଇବାକୁ ପ୍ରସ୍ତୁତ ହୋଇଯାଆନ୍ତୁ ବୋଲି ସେ କହିଛନ୍ତି। ତ୍ରିପଲ ତଲାକ ମାମଲାର ପାଞ୍ଚ ଆବେଦନକାରୀଙ୍କ ମଧ୍ୟରେ ଅଛନ୍ତି ଇଶ୍‌ରତ। ଦୁବାଇରୁ ଥାଇ ସ୍ୱାମୀ ଫୋନ୍ ଜରିଆରେ ତାଙ୍କୁ ତିନି ତଲାକ ଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କର ୧୩ ବର୍ଷର ଝିଅ ଏବଂ ୭ ବର୍ଷର ପୁଅ ଅଛନ୍ତି।

## ମୁକୁଳିଲେ ଶରିଫ୍, ମରିୟମ

**ଇସ୍‌ଲାମାବାଦ,୧୯।୯(ପି.ଟି.)**



ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍‌ଙ୍କୁ ଆଶ୍ୱସ୍ତି ମିଳିଛି। ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ଥିବା ଶରିଫ୍ ଓ ତାଙ୍କ ଝିଅ-ଜ୍ୱାଇଁଙ୍କ ଦଣ୍ଡାଦେଶ ଉପରେ ଇସ୍‌ଲାମାବାଦ ହାଇକୋର୍ଟ ବୁଧବାର ରୋକ ଲଗାଇଛନ୍ତି। ସେମାନଙ୍କୁ ମୁକ୍ତ କରିବା ପାଇଁ ଅଦାଲତ ନିର୍ଦ୍ଦେଶ ପରେ ୩ ଜଣଯାକ ଜେଲରୁ ମୁକୁଳିଛନ୍ତି। ରାୟକୁ ଶରିଫ୍‌ଙ୍କ ଭାଇ ଶାହବାଜ ଶରିଫ୍ ଓ ପିଏମ୍‌ଏଲ୍-ଏନ୍ ଦଳର ନେତାମାନେ ସ୍ୱାଗତ କରିଛନ୍ତି।

ଗତ ଜୁଲାଇ ୬ରେ ଏଭନ୍‌ଫିଲ୍ଡ ସମ୍ପତ୍ତି ଦୁର୍ନୀତି ମାମଲାରେ ପାକିସ୍ତାନର ଏକ ସ୍ୱତନ୍ତ୍ର ଅଦାଲତ ଶରିଫ୍ (୬୮)ଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଏହାସହ ତାଙ୍କ ଝିଅ ମରିୟମ୍ (୪୪)ଙ୍କୁ ୭ ଓ ଜ୍ୱାଇଁ କ୍ୟାପଟେନ୍ (ଅବସରପ୍ରାପ୍ତ) ମହମ୍ମଦ ସଫଦର (୫୪)ଙ୍କୁ ୧ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। ୩ ଦୋଷୀଙ୍କୁ ଜରିମାନା ପାଇଁ ମଧ ଆଦେଶ ଦିଆଯାଇଥିଲା। ସେବେଠୁ ଏମାନେ ରାୱଲପିଣ୍ଡିସ୍ଥିତ ଆଦିଆଲା ଜେଲରେ ଥିଲେ। ସେମାନେ ଦଣ୍ଡାଦେଶକୁ ଇସ୍‌ଲାମାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ କରି ଏକ ରିଟ୍ ପିଟିଶନ ଦାଏର କରିଥିଲେ। ଜଷ୍ଟିସ୍ ଅତହର ମିନାଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ବୁଧବାର ଏହାକୁ ଗ୍ରହଣ କରି ଶରିଫ୍ ପରିବାର ସପକ୍ଷରେ ରାୟ ଦେଇଛନ୍ତି।

## ବଳାତ୍କାରୀ ଶିକ୍ଷକଙ୍କୁ ଫାଶୀ ଦଣ୍ଡାଦେଶ

**ସାତ୍ନା,୧୯।୯(ପି.ଟି.)**

ଛାତ୍ରୀଙ୍କୁ ବଳାତ୍କାର କରି ଫାଶୀ ଦଣ୍ଡ ପାଇବାକୁ ଯାଉଛନ୍ତି ମଧ୍ୟପ୍ରଦେଶର ଜଣେ ଶିକ୍ଷକ। ସାତ୍ନା ଜିଲାରେ ମହେନ୍ଦ୍ର ସିଂ ଗଣ୍ଡ ନାମକ ଏହି ଚୁକ୍ତିଭିତ୍ତିକ ଶିକ୍ଷକ ଜଣକ ଚାରିବର୍ଷିଆ ଛାତ୍ରୀଙ୍କୁ ଜୁଲାଇ ୧ରେ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଘଟଣାର ତିନିମାସ ପରେ ନ୍ୟାୟିକ ଶୁଣାଣିକରି ଅଭିଯୁକ୍ତ ଶିକ୍ଷକଙ୍କୁ ଅତିରିକ୍ତ ଜିଲା ଓ ଦୌରା ଜଜ୍ ବୁଧବାର ଫାଶୀ ଦଣ୍ଡାଦେଶ କରିଛନ୍ତି। ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ଆହୁରି ୭ ବର୍ଷ ସଶ୍ରମ କାରାଦଣ୍ଡ ମଧ ଘୋଷଣା କରିଛନ୍ତି। ବଳାତ୍କାର ପରେ ଏବେ ବି ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ବର୍ତ୍ତମାନ ସେ ଦିଲ୍ଲୀର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ବ୍ରେଲି ପାଠ୍ୟକ୍ରମ ଆଣିପାରେ ସିବିଏସ୍‌ଇ

**ନୂଆଦିଲ୍ଲୀ,୧୯।୯(ପି.ଟି.)**

ଦୃଷ୍ଟିବାଧିତ ତଥା ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ସାଙ୍କେତିକ ଭାଷା, ବ୍ରେଲିକୁ ପାଠ୍ୟକ୍ରମରେ ସାମିଲ କରିବା, କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା, ଉପସ୍ଥାନ କଟକଣା ମାଫ୍ ଏବଂ ବିଷୟ ଚୟନରେ ନମନିୟତା ଆଣିବା ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଚିନ୍ତା କରୁଥିବା ଜଣାପଡ଼ିଛି। ଏ ନେଇ ବିସ୍ତୃତ ଗାଇଡ୍‌ଲାଇନ୍ ତିଆରି କରିବାକୁ ଏବେ ସିବିଏସ୍‌ଇ ଚେଷ୍ଟା ଚଳାଇଛି। ଦୃଷ୍ଟିବାଧିତ ପିଲାଙ୍କ ପାଇଁ ବ୍ରେଲି ପାଠ୍ୟକ୍ରମ ଏବଂ ଭିନ୍ନକ୍ଷମ ପିଲାଙ୍କ ପାଇଁ ଅନ୍‌ଲାଇନ୍ ପରୀକ୍ଷା ବେଶ୍ ସହାୟକ ହେବ ବୋଲି କୁହାଯାଉଛି।

## ■ ରାଫେଲ୍ ଚୁକ୍ତି: ତଦନ୍ତ ଦାବିକୁ କେନ୍ଦ୍ରର ପ୍ରତ୍ୟାଖ୍ୟାନ

# କଂଗ୍ରେସ ସିଏଜିଙ୍କ ଦ୍ୱାରସ୍ଥ

**ନୂଆଦିଲ୍ଲୀ,୧୯।୯(ପି.ଟି.)**



ରାଫେଲ୍ ଚୁକ୍ତିକୁ ନେଇ ଏନ୍‌ଡିଏ ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇଥିବା କଂଗ୍ରେସ ବୁଧବାର ନିୟନ୍ତ୍ରକ ଓ ମହାଲେଖା ସମୀକ୍ଷକ (ସିଏଜି)ଙ୍କ ଦ୍ୱାରସ୍ଥ ହୋଇଛି। ରାଫେଲ ଯୁଦ୍ଧ ବିମାନ ଚୁକ୍ତିରେ ଦୁର୍ନୀତି ଅଭିଯୋଗ ଆଣି କଂଗ୍ରେସ ପକ୍ଷରୁ କରାଯାଇଥିବା ଏହାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିବା ପରେ ଦଳୀୟ ନେତାମାନେ ସ୍ୱର ଆହୁରି ଶାଣିତ କରିଛନ୍ତି। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦଙ୍କ ନେତୃତ୍ୱରେ କଂଗ୍ରେସର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ବୁଧବାର ସିଏଜି ରାଜୀବ ମେହେର୍ଷିଙ୍କୁ ଭେଟି ରାଫେଲ୍ ଚୁକ୍ତିର ତଦନ୍ତ ଦାବି କରିଥିଲେ। ଏଥିସହ ସେମାନେ ୩୬ ଯୁଦ୍ଧ ବିମାନ କିଣିବା ପାଇଁ ନରେନ୍ଦ୍ର ମୋଦି ସରକାରଙ୍କ ପକ୍ଷରୁ ଫ୍ରାନ୍ସ ସହ ହୋଇଥିବା ଡିଲ୍ ସମ୍ପର୍କିତ ରିପୋର୍ଟ ଜାରି କରିବାକୁ ଦାବି ନେଇ ଏକ ସ୍ମାରକପତ୍ର ସିଏଜିଙ୍କୁ ପ୍ରଦାନ କରିଥିଲେ। ଏହି ଚୁକ୍ତି ରାଜକୋଷକୁ କ୍ଷତି ପହଞ୍ଚାଇବା ସହ ଜାତୀୟ ସୁରକ୍ଷାକୁ ବିପନ୍ନ କରିଛି ବୋଲି ସେମାନେ ଅଭିଯୋଗ କରିଥିଲେ। ପ୍ରତିନିଧି ଦଳରେ ବରିଷ୍ଠ ନେତା ଆନନ୍ଦ ଶର୍ମା, ଅହମ୍ମଦ ପଟେଲ, ରଣଦୀପ ସୁର୍ଜେୱାଲା, ଜୟରାମ ରମେଶ ଓ ମୁକୁଲ ୱାସ୍‌ନିକ୍ ସାମିଲ ଥିଲେ। ସମ୍ପୂର୍ଣ୍ଣ ପ୍ରସଙ୍ଗକୁ ଅନୁଧ୍ୟାନ କରାଯାଉଛି ଏବଂ ଏନେଇ ପାର୍ଲାମେଣ୍ଟରେ ଏକ ରିପୋର୍ଟ ଶୀଘ୍ର ଉପସ୍ଥାପନ କରାଯିବ ବୋଲି ସିଏଜି ମେହେର୍ଷି ପ୍ରତିଶ୍ରୁତି ଦେଇଥିବା ସେମାନେ କହିଛନ୍ତି।

## କ୍ଷେପଣାସ୍ତ୍ର ପରୀକ୍ଷଣ ସ୍ଥଳ ବନ୍ଦ କଲେ କିମ୍

**ସିଓଲ,୧୯।୯(ପି.ଟି.)**

ନିଜର ଏକ କ୍ଷେପଣାସ୍ତ୍ର ପରୀକ୍ଷଣସ୍ଥଳ ବନ୍ଦ କରିଛନ୍ତି ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍। ପ୍ୟୋଙ୍ଗ୍‌ୟାଙ୍ଗ୍ ଗସ୍ତରେ ଆସିଥିବା ପଡ଼ୋଶୀ ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜେ-ଇନ୍ ଏବଂ ଅନ୍ତର୍ଜାତୀୟ ନିରୀକ୍ଷକ ଦଳଙ୍କ ଉପସ୍ଥିତିରେ ବୁଧବାର କିମ୍ ମିଶାଇଲ ଟେଷ୍ଟ ରେଞ୍ଜ୍ ବନ୍ଦ କରିଛନ୍ତି। ବିଭାଜିତ କୋରିଆ ଉପଦ୍ୱୀପରେ ଶାନ୍ତି ପ୍ରତିଷ୍ଠା ଏବଂ ସମ୍ପର୍କ ସୁଦୃଢ଼ୀକରଣ ପାଇଁ ମୁନ୍ ଏବଂ କିମ୍‌ଙ୍କ ମଧ୍ୟରେ ବିସ୍ତୃତି ଦ୍ୱିପାକ୍ଷିକ ଆଲୋଚନା ହେବା ରାଜିନାମା ସ୍ୱାକ୍ଷର ହୋଇଛି। ଏହାସହ ଖୁବ୍‌ଶୀଘ୍ର ପଡ଼ୋଶୀ ଦେଶ ଦକ୍ଷିଣ କୋରିଆ ଗସ୍ତ ପାଇଁ ମଧ କିମ୍ ସହମତି ପ୍ରକାଶ କରିଛନ୍ତି। କିମ୍ ନିଜ ପ୍ରତିଶ୍ରୁତି ପୂରଣ କରି ନ ଥିବାବେଳେ ଏହାକୁ ନେଇ ଚିନ୍ତା ପ୍ରକାଶ ପାଇଥିଲା। ତେବେ କିମ୍‌ଙ୍କ ଏହି ପଦକ୍ଷେପ ପରେ ଟ୍ରମ୍ପ୍ ଖୁସିବ୍ୟକ୍ତ କରିବା ସହ ଏହାକୁ ସ୍ୱାଗତ ମଧ ଜଣାଇଛନ୍ତି।

# ପାକିସ୍ତାନ ଟାର୍ଗେଟରେ ବିଏସ୍‌ଏଫ୍

**ଲକ୍ଷ୍ନୌ,୧୯।୯(ପି.ଟି.)**

ହନିଟ୍ରାପ୍‌ରେ ପଡ଼ିଥିବା ଯବାନ ଗିରଫ



ଅଚ୍ୟୁତାନନ୍ଦ ମିଶ୍ର

ପାକିସ୍ତାନ ଟାର୍ଗେଟରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)। କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ହନିଟ୍ରାପ୍‌ରେ ଛନ୍ଦି ହୋଇଛନ୍ତି ଜଣେ ବିଏସ୍‌ଏଫ୍ ଯବାନ। ସେ ପାକିସ୍ତାନକୁ କେତେକ ସମ୍ବେଦନଶୀଳ ତଥ୍ୟ ପ୍ରଦାନ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଉତ୍ତରପ୍ରଦେଶର ଆତଙ୍କବାଦ ନିରୋଧୀ ଦଳ (ଏଟିଏସ୍) ନଏଡାରୁ ତାଙ୍କୁ ଧରିବାରେ ସକ୍ଷମ ହୋଇଥିବା ପୋଲିସ ମହାନିର୍ଦ୍ଦେଶକ ଓ.ପି. ସିଂ ବୁଧବାର ସୂଚନା ଦେଇଛନ୍ତି।

ମଧ୍ୟପ୍ରଦେଶର ରେୱା ଜିଲା ନିବାସୀ ଅଚ୍ୟୁତାନନ୍ଦ ମିଶ୍ର ବିବାହିତ ଓ ୨ ସନ୍ତାନଙ୍କ ଜନକ। ୨୦୦୬ରେ ସେ ବିଏସ୍‌ଏଫ୍‌ରେ ନିଯୁକ୍ତ ହୋଇଥିଲେ। ୨୦୧୬ରେ ଅଚ୍ୟୁତାନନ୍ଦ ନିଜକୁ ପ୍ରତିରକ୍ଷା ଖବରଦାତା ବୋଲାଉଥିବା ଜଣେ ପାକିସ୍ତାନୀ ମହିଳାଙ୍କ ସମ୍ପର୍କରେ ଆସିଥିଲେ। ହନିଟ୍ରାପ୍‌ରେ ପଡ଼ିବା ପରେ ସେ ତାଙ୍କୁ ୟୁନିଟ୍ ଅବସ୍ଥିତି, ଅସ୍ତ୍ରଶସ୍ତ୍ର ସମ୍ପର୍କିତ ତଥ୍ୟ ଏବଂ ବିଏସ୍‌ଏଫ୍ ଶିବିରର ଫଟୋ ଫେସ୍‌ବୁକ୍ ଓ ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ପ୍ରଦାନ କରିଥିଲେ। ପରେ ସେ ହ୍ୱାଟ୍ସଆପ୍‌ରେ ପାକିସ୍ତାନୀ ମହିଳାଙ୍କ ସହ ଅନେକ ସମୟ ଧରି ଚାଟିଂ କରିଥିଲେ। କଶ୍ମୀରରେ ଧର୍ମପରିବର୍ତ୍ତନ ପ୍ରତି ସେ ପ୍ରଭାବିତ ହୋଇଥିବା ତାଙ୍କ ଚାଟିଂ ବିବରଣୀରୁ ଜଣାପଡ଼ିଛି। ଅଚ୍ୟୁତାନନ୍ଦ ନିଜ ମୋବାଇଲ୍‌ରେ ସମ୍ପୃକ୍ତ ମହିଳାଙ୍କ ନମ୍ବରକୁ 'ପାକିସ୍ତାନୀ ବାନ୍ଧବୀ' ବୋଲି ସେଭ୍ କରିଥିଲେ। ଧରାପଡ଼ିବା ପରେ ସେ ନିଜ ଦୋଷ ସ୍ୱୀକାର କରିଛନ୍ତି। ଅଫିସିଆଲ ସିକ୍ରେଟ ଆକ୍ଟ ଅନୁସାରେ ତାଙ୍କ ଅପରାଧର ପର୍ଯ୍ୟାପ୍ତ ପ୍ରମାଣ ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ। ଅଚ୍ୟୁତାନନ୍ଦଙ୍କୁ ଗିରଫ କରିବା ପରେ ଏଟିଏସ୍ ଏବଂ ବିଏସ୍‌ଏଫ୍ ପକ୍ଷରୁ ତାଙ୍କୁ ସୋମବାର ଓ ମଙ୍ଗଳବାର ଜେରା କରାଯାଇଛି। ଏଟିଏସ୍ ତାଙ୍କୁ ଲକ୍ଷ୍ନୌର ଏକ କୋର୍ଟରେ ହାଜର କରାଇ ରିମାଣ୍ଡରେ ନେବ।

## ଯବାନଙ୍କୁ ତଣ୍ଟିକାଟି ହତ୍ୟା

**ଜମ୍ମୁ/ନୂଆଦିଲ୍ଲୀ,୧୯।୯(ପି.ଟି.)**



ଶହୀଦ ନରେନ୍ଦର ସିଂ

ସୀମା ଲଂଘିଛି ପାକିସ୍ତାନୀ ସେନାର ବର୍ବରତା। ଜମ୍ମୁ ଅଞ୍ଚଳରେ ଜଣେ ବିଏସ୍‌ଏଫ୍ ଯବାନଙ୍କୁ ତଣ୍ଟିକାଟି ହତ୍ୟା କରିଛନ୍ତି ପାକିସ୍ତାନୀ ସୈନ୍ୟ। ନିଖୋଜ ହେଡ୍ କନ୍‌ଷ୍ଟେବଲ ନରେନ୍ଦର ସିଂଙ୍କୁ ସେମାନେ ଗୁଳି କରିବା ପରେ ଧାରୁଆ ଅସ୍ତ୍ରରେ ତାଙ୍କର ତଣ୍ଟିକାଟି ଦେଇଛନ୍ତି। ଏହାସହ ତାଙ୍କର ଡାହାଣ ଆଖି ତାଡ଼ି ନେଇଛନ୍ତି। ସୀମାରେ ତାଙ୍କର ଗୁଳିବିଦ୍ଧ କ୍ଷତବିକ୍ଷତ ମୃତଦେହ ବୁଧବାର ଠାବ ହୋଇଛି। ଏହାକୁ ନେଇ ଜମ୍ମୁ-କଶ୍ମୀର ସଂଲଗ୍ନ ୧୯୨ କି.ମି. ବ୍ୟାପୀ ଅନ୍ତର୍ଜାତୀୟ ସୀମା(ଆଇବି) ଏବଂ ୭୪୦ କି.ମି. ବିସ୍ତୃତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ସେନା ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ରାମଗଡ଼ ସେକ୍ଟରରେ ମଙ୍ଗଳବାର ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ତାଙ୍କ ଦେହରେ ୩ଟି ଗୁଳି ମଧ ବାଜିଛି।

### ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତସିଂହପୁର ଅଫିସ-(06724)224030, 8763968203, ନୟାଗଡ ଅଫିସ-(06753)252710, ଭଦ୍ରକ ଅଫିସ-(06784)242101, ନୂଆପଡ଼ା ଅଫିସ-(06678)223068, ଝାରସୁଗୁଡ଼ା ଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ା ଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୦/୨୦୧୮ | Bhubaneswar, Thursday, September 20 / 2018 | ପୃଷ୍ଠା-୧




## ପାକିସ୍ତାନକୁ ହରାଇଲା ଭାରତ

ରୋହିତ ଶର୍ମାଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନକୁ ୮ ଉଇକେଟରେ ପରାସ୍ତ କରିଛି ।

୧୭

୧୪

## ମାପିଚୁପି କଥା ହେଉଛନ୍ତି ଦୀପିକା

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଏବେ କାହା ସହ ଅଧିକ କଥାବାର୍ତ୍ତା କରୁନାହାନ୍ତି। ଦରକାର ହେଲେ ମାପିଚୁପି କଥା ହେଉଛନ୍ତି।



# ଟ୍ରିପଲ ତଲାକ ଦଣ୍ଡନୀୟ ଅପରାଧ

ନୂଆଦିଲ୍ଲୀ, ୧୯।୯ (ପି.ଟି.)

ମୁସଲମାନ ସମ୍ପ୍ରଦାୟର ବହୁ ପୁରୁଷ ଅଚାନକ୍ ତିନିଥର 'ତଲାକ' କହି ସ୍ତ୍ରୀଙ୍କ ସହ ବୈବାହିକ ସମ୍ପର୍କ ଛିନ୍ନ କରୁଛନ୍ତି। କିଏ ହ୍ୱାଟ୍ସଆପ୍‌ରେ ଏବଂ ଆଉ କେତେଜଣ ଟେଲିଫୋନ କଲ୍ ଓ ମେସେଜ୍‌ରେ ମଧ୍ୟ 'ତଲାକ..ତଲାକ...ତଲାକ' କହି ଛାଡ଼ପତ୍ର ଦେଉଛନ୍ତି। କିନ୍ତୁ ପୁରୁଷଙ୍କ ଏହି ମନମୁଖି ଆଚରଣ ଯୋଗୁ ଅନେକ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କ ଜୀବନ ଦୁର୍ବିଷହ ହୋଇପଡୁଛି। ତତ୍‌କ୍ଷଣାତ୍ ଟ୍ରିପଲ ତଲାକକୁ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରିବା ପାଇଁ କେନ୍ଦ୍ର ସରକାର ବୁଧବାର ଅଧ୍ୟାଦେଶ ଆଣିଛନ୍ତି। କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିବା ପରେ ଏହି ଅଧ୍ୟାଦେଶ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ଲାଭ କରିଛି। ଏବେ ତତ୍କାଳ ଭାବେ ଟ୍ରିପଲ ତଲାକ ନିରୋଧୀ ଆଇନ କାର୍ଯ୍ୟକାରୀ ହୋଇପାରିବ। ନୂଆ ଆଇନ ଅନୁଯାୟୀ, 'ତଲାକ-ଇ-ବାଦତ୍' ପ୍ରଥା ଅନୁସାରେ ଛାଡ଼ପତ୍ର ଦେଲେ ସ୍ୱାମୀଙ୍କୁ ଅପରାଧୀ ପଦବାଚ୍ୟ କରାଯିବ। ଏଥିପାଇଁ ତାଙ୍କୁ ତିନିବର୍ଷ ଜେଲ୍ ଦଣ୍ଡାଦେଶ ମିଳିବ।

ମୁସଲମାନ ମହିଳାଙ୍କୁ ସ୍ୱାମୀମାନେ ମନଇଚ୍ଛା ଛାଡ଼ପତ୍ର ଦେଉଥିବାରୁ ଗତ ଅଗଷ୍ଟରେ ସୁପ୍ରିମ୍‌କୋର୍ଟ ଟ୍ରିପଲ ତଲାକକୁ ବେଆଇନ ତଥା ଅସାମ୍ବିଧାନିକ ଦର୍ଶାଇଥିଲେ। ଛଅମାସ ମଧ୍ୟରେ ଏ ସମ୍ପର୍କିତ ଏକ ଆଇନ ଆଣିବାକୁ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଗତ ଡିସେମ୍ବରରେ ଶୀତକାଳୀନ ଅଧିବେଶନରେ ସରକାର ମୁସଲିମ୍ ମହିଳା (ବିବାହ ସମ୍ପର୍କିତ ଅଧିକାର ସୁରକ୍ଷା) ବିଲ୍-୨୦୧୭କୁ ଲୋକ ସଭାରେ ଉପସ୍ଥାପନ କରିଥିଲେ। ନିମ୍ନ ସଦନରେ ଗୃହୀତ ହୋଇଗଲେ ସୁଦ୍ଧା ରାଜ୍ୟ ସଭାରେ ହୋହଲ୍ଲା ଯୋଗୁ ବିଲ୍ ଅଟକିଯାଇଥିଲା। ମୂଳ ବିଲ୍‌ରେ ତିନୋଟି ସଂଶୋଧନ ଆଣିବା ସହ ଏ ସଂକ୍ରାନ୍ତ ଅଧ୍ୟାଦେଶକୁ ବୁଧବାର ପୂର୍ବାହ୍ନରେ କେନ୍ଦ୍ର କ୍ୟାବିନେଟ ମୋହର ମାରିଥିଲା। ରାତିରେ ରାଷ୍ଟ୍ରପତି ଅଧ୍ୟାଦେଶରେ ସ୍ୱାକ୍ଷର କରିଛନ୍ତି। ଏବେ ଏହି ଅଧ୍ୟାଦେଶ ଛଅମାସ ପର୍ଯ୍ୟନ୍ତ ଲାଗୁ ହେବ। ଇତିମଧ୍ୟରେ ସରକାରଙ୍କୁ ପାର୍ଲାମେଣ୍ଟରେ ଏ ସମ୍ପର୍କିତ ବିଲ୍ ଗୃହୀତ କରାଇବାକୁ ପଡ଼ିବ। ☞ପୃଷ୍ଠା-୨

### କେନ୍ଦ୍ରର ଅଧ୍ୟାଦେଶକୁ ରାଷ୍ଟ୍ରପତିଙ୍କ ମୋହର



- ବୁଧବାର ପୂର୍ବାହ୍ନରେ କ୍ୟାବିନେଟ କରିଥିଲା ମଞ୍ଜୁର
- ତିନି ତଲାକ୍ ପାଇଁ ସ୍ୱାମୀଙ୍କୁ ହେବ ଜେଲ୍
- ସ୍ତ୍ରୀ, ପିଲାଙ୍କୁ ଦେବେ ଭରଣପୋଷଣ
- ମାଜିଷ୍ଟ୍ରେଟଙ୍କ ନିକଟରେ କରିପାରିବେ ଜାମିନ ଆବେଦନ
- ବୁଝାମଣା ଭିତ୍ତିରେ ହୋଇପାରିବ ମାମଲା ପ୍ରତ୍ୟାହାର

### ୨୩ ଦେଶରେ ଉଚ୍ଛେଦ

ନୂଆଦିଲ୍ଲୀ, ୧୯।୯(ପି.ଟି.)

ଭାରତ ସମେତ ୨୩ ଦେଶରେ ତତ୍‌କ୍ଷଣାତ ଟ୍ରିପଲ ତଲାକକୁ ଉଚ୍ଛେଦ କରାଯାଇଛି। ତନ୍ମଧ୍ୟରେ ପଡ଼ୋଶୀ ପାକିସ୍ତାନ, ବାଂଲାଦେଶ ଏବଂ ଶ୍ରୀଲଙ୍କା ମଧ୍ୟ ରହିଛି। ପାକିସ୍ତାନ ଓ ବାଂଲାଦେଶରେ ଜଣେ ମୁସଲମାନ ପୁରୁଷ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେବାକୁ ଚାହିଁଲେ ଆର୍ବିଟ୍ରେଶନ କାଉନ୍‌ସିଲକୁ ଏକ ନୋଟିସ ଦେବେ। ଏହାର ଏକ ନକଲ ସ୍ତ୍ରୀଙ୍କୁ ପଠାଇବେ। ସେହିପରି ଆଫଗାନିସ୍ତାନ, ତୁର୍କୀ, ସାଇପ୍ରସ୍, ଟ୍ୟୁନିସିଆ, ଆଲ୍‌ଜେରିଆ, ମାଲେସିଆ, ଜୋର୍ଡାନ, ଇଜିପ୍ଟ, ଇରାନ, ଇରାକ, ବ୍ରୁନେଇ, ୟୁଏଇ, ଇଣ୍ଡୋନେସିଆ, ଲିବ୍ୟା, ସୁଦାନ, ଲେବାନନ, ସୌଦି ଆରବ, ମରକ୍କୋ ଏବଂ କୁଏଟ୍‌ରେ ମଧ୍ୟ ଟ୍ରିପଲ ତଲାକ ପ୍ରଥା ବନ୍ଦ ହୋଇଛି।

## ସଂକ୍ଷେପରେ

### ହକି କ୍ୟାମ୍ପରେ ଅମିତ ଅଛନ୍ତି: ହରେନ୍ଦ୍ର

ଭୁବନେଶ୍ୱର, ୧୯।୯(କ୍ରୀଡ଼ା ପ୍ରତିନିଧି): ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଓ ବିଶ୍ୱକପକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ କୋର୍ ଗ୍ରୁପ କ୍ୟାମ୍ପ ଆରମ୍ଭ ହୋଇଛି। ହକି ଇଣ୍ଡିଆ ପକ୍ଷରୁ ସେପ୍ଟେମ୍ବର ୧୨ରେ ଘୋଷିତ ୨୫ ଜଣିଆ କୋର ଗ୍ରୁପ ଖେଳାଳି ତାଲିକାରେ ଜଣେ ହେଲେ ଓଡ଼ିଶା ଖେଳାଳି ସାମିଲ ନ ଥିଲେ। ଏହାକୁ ନେଇ ଧରିତ୍ରୀ ସମେତ ଓଡ଼ିଶା ଗଣମାଧ୍ୟମରେ ଚର୍ଚ୍ଚା ଜୋର୍ ଧରିଥିଲା। ମାତ୍ର କ୍ୟାମ୍ପରେ ଅମିତ ରୋହି ଦାସ ଅଛନ୍ତି ବୋଲି ବୁଧବାର ପ୍ରକାଶ କରି ସମସ୍ତଙ୍କୁ ଚମକାଇ ଦେଇଛନ୍ତି ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ। "ହକି ଇଣ୍ଡିଆ ତାଲିକା ସମ୍ପର୍କରେ ମୁଁ କହିପାରିବିନି, ମାତ୍ର ଅମିତ ରୋହି ଦାସ କ୍ୟାମ୍ପରେ ଅଛନ୍ତି" ବୋଲି ହରେନ୍ଦ୍ର କହିଛନ୍ତି। ତେବେ ଅମିତ କ୍ୟାମ୍ପରେ ଥିବା ସମ୍ପର୍କିତ ପରିବର୍ତ୍ତିତ ତାଲିକା ପ୍ରକାଶ ପାଇ ନ ଥିବାରୁ ଏହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଏବେ ଅମିତଙ୍କୁ କ୍ୟାମ୍ପକୁ ଡକାଯାଇ ଓଡ଼ିଶା ହକି ମହଲରେ କୁହୁଳୁଥିବା ଅସନ୍ତୋଷକୁ କିଛି ପରିମାଣରେ ଉପଶମ କରିବାକୁ ଉଦ୍ୟମ ହୋଇଛି ବୋଲି ଆଲୋଚନା ହେଉଛି।

(ହରେନ୍ଦ୍ରଙ୍କ ସହ ସାକ୍ଷାତ୍‌କାର ଖେଳ ପୃଷ୍ଠାରେ)

### ଅଙ୍ଗନୱାଡ଼ି, ଆଶାକର୍ମୀଙ୍କ ପାରିତୋଷିକ ବୃଦ୍ଧିକୁ କ୍ୟାବିନେଟ ଅନୁମୋଦନ

ନୂଆଦିଲ୍ଲୀ,୧୯।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ବୈଠକରେ ଅଙ୍ଗନୱାଡ଼ି ଓ ଆଶା କର୍ମୀଙ୍କ ପାରିତୋଷିକ ଓ ଅନ୍ୟାନ୍ୟ ପ୍ରୋତ୍ସାହନ ଭତ୍ତା ବୃଦ୍ଧିକୁ ଅନୁମୋଦନ କରାଯାଇଛି। ଏହା ଆସନ୍ତା ମାସରୁ ଲାଗୁ ହେବାକୁ ଥିବା ବେଳେ ଅଙ୍ଗନୱାଡ଼ି କର୍ମୀ ଏଣିକି ମାସକୁ ୩୦୦୦ ଟଙ୍କା ପରିବର୍ତ୍ତେ ୪୫୦୦ ଟଙ୍କା ପାଇବେ। ସେହିପରି ସହାୟକଙ୍କୁ ୨୨୦୦ ଟଙ୍କା ପରିବର୍ତ୍ତେ ୩୫୦୦ ଟଙ୍କା ମିଳିବ। ଏହାଛଡା ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟ କରୁଥିବା ଆଶାକର୍ମୀଙ୍କୁ ୧୦୦୦ରୁ ୨୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହାକୁ ମଧ୍ୟ ଅନୁମୋଦନ କରାଯାଇଛି। ଅଙ୍ଗନୱାଡ଼ି ଓ ଆଶାକର୍ମୀଙ୍କ ଭତ୍ତା ବୃଦ୍ଧି କରାଯିବ ବୋଲି ପ୍ରଧାନମନ୍ତ୍ରୀ ଗତ ୧୧ରେ ଘୋଷଣା କରିଥିଲେ। ☞ପୃଷ୍ଠା-୨

# ବିଜୁ ଯୁବବାହିନୀରେ ଦୁର୍ନୀତି ନେଇ ହଟ୍ଟଗୋଳ

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ରାଜ୍ୟବାସୀଙ୍କୁ ଦଇବ ସାହା। ମନ୍ତ୍ରୀଙ୍କ କଥା ଅଫିସର ଶୁଣୁ ନାହାନ୍ତି। କିଏ କାହା କଥା ଶୁଣୁ ନାହାନ୍ତି। ରାଜ୍ୟରେ ଚାଲିଥିବା ଶାସନ ବ୍ୟବସ୍ଥା ସମ୍ପର୍କରେ ଗୃହରେ ଆଲୋଚନା ହେଉ। ଏ ନେଇ ବିରୋଧୀ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କରି ନ ଥିଲେ। ଏହାକୁ ନେଇ କଂଗ୍ରେସ ସଦସ୍ୟମାନେ ବିଧାନସଭାକୁ ହୁଲସ୍ଥୁଲ କରିଥିବା ବେଳେ ଭାଜପା ବିଜୁ ଯୁବ ବାହିନୀରେ ହୋଇଥିବା ଦୁର୍ନୀତିର ଅଡିଟ୍ କରିବା ଦାବିରେ ହଟ୍ଟଗୋଳ କରିଥିଲେ। ଫଳରେ ବାଚସ୍ପତି ଗୃହକୁ ପ୍ରଥମ ପର୍ଯ୍ୟାୟରେ ୧ ଘଣ୍ଟା ଓ ଦ୍ୱିତୀୟ ପର୍ଯ୍ୟାୟରେ ଅପରାହ୍ନ ୩ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ଚିରଞ୍ଜୀବ ବିଶ୍ୱାଳ, ଯୋଗେଶ ସିଂ, ଅଂଶୁମାନ ମହାନ୍ତି, ଦେବେନ୍ଦ୍ର ଶର୍ମା, ଚନ୍ଦ୍ରଶେଖର ମାଝି, ପ୍ରକାଶ ବେହେରା ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଆଇନ ଶୃଙ୍ଖଳା ବିଷୟରେ ଗୃହରେ ଆଲୋଚନା କରିବା ପାଇଁ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା। କାହିଁକି ଗ୍ରହଣ କରାଗଲା ନାହିଁ। ମୁଲତବୀ ଆଲୋଚନା ଆମର ଦାବି ଆମର ଦାବି ବୋଲି ନାରାବାଜି ଦେଇଥିଲେ। ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ, ରବି ନାଏକ, ବିଭୂତି ଭୂଷଣ ହରିଚନ୍ଦନ ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ବିଜୁ ଯୁବ ବାହିନୀରେ ହୋଇଥିବା ଦୁର୍ନୀତିର ଅଡିଟ୍ କରିବାକୁ ଦାବି କରି ହଟ୍ଟଗୋଳ କରିଥିଲେ। ପାଟିତୁଣ୍ଡ ପ୍ରବଳ ହେବାରୁ ବାଚସ୍ପତି ଗୃହକୁ ମାତ୍ର ଅଧ ମିନିଟ ପରେ ୧ ଘଣ୍ଟା ପାଇଁ ଗୃହକୁ ମୁଲତବୀ ଘୋଷଣା କରି ଦେଇଥିଲେ। ୧୧ଟା ୩୦ ମିନିଟରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ☞ପୃଷ୍ଠା-୨



ଗୃହରେ ଭାଜପା ଓ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ।

- ବିଧାନସଭା ଓଳିଏ ଅଚଳ
- ସରକାର ଚାହୁଁଛନ୍ତି ତାଙ୍କ ଇଚ୍ଛା ଅନୁସାରେ ଗୃହ ଚାଲୁ: କଂଗ୍ରେସ
- ଦୁର୍ନୀତି ଏଡ଼ାଇବାକୁ ଅଡିଟ୍ ପାଇଁ ରାଜି ହେଉନାହାନ୍ତି ସରକାର: ଭାଜପା
- ଗୃହରେ ହଟ୍ଟଗୋଳ କରିବା ବିରୋଧୀଙ୍କ ଅଭ୍ୟାସ: ବିଜେଡି

## ତାଳଚେର ସାର କାରଖାନାରେ ୧୦୩୩.୫୪ କୋଟିର ଇକ୍ୱିଟି ନିବେଶକୁ ମଞ୍ଜୁରୀ

- ନିଷ୍ପତ୍ତି ନେଲା କେନ୍ଦ୍ର କ୍ୟାବିନେଟ

ନୂଆଦିଲ୍ଲୀ,୧୯।୯

ଜାତୀୟ ରସାୟନ ଏବଂ ସାର ଲିଃ (ଆର୍‌ସିଏଫ) ତାଳଚେର ସାର କାରଖାନାରେ ୧୦୩୩.୫୪ କୋଟି ଟଙ୍କାର ଇକ୍ୱିଟି ନିବେଶ କରିବ। ସାର ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ଆଗତ ପ୍ରସ୍ତାବକୁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତୀୟ କେନ୍ଦ୍ର କ୍ୟାବିନେଟ କମିଟି ମଞ୍ଜୁର କରିଛନ୍ତି। ସରକାରଙ୍କ ପକ୍ଷରୁ ଜାରି ବିବୃତି ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରକଳ୍ପ ମୂଲ୍ୟର ୨୯.୬୭ ପ୍ରତିଶତ ଆର୍ଥିକ ସହାୟତା ଆକାରରେ ଦିଆଯିବ। ପ୍ରାୟ ୧୧,୬୧୧.୪୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପରେ ଗେଲ୍ ଇଣ୍ଡିଆ ଲିମିଟେଡ, ଆର୍‌ସିଏଫ, ☞ପୃଷ୍ଠା-୨

## ଆପଣଙ୍କ ଏହି କପି ସହିତ ପାଇବେ ମେଟ୍ରୋ ମିଜାଜ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## ଆଜିର ସମ୍ପାଦକୀୟ

ଓମେଗା-୩ ଓ ମିଥ୍ୟା ପ୍ରଚାର

## ଆଜିର ମନ୍ତବ୍ୟ

"ମନ୍ଦ ଉଦ୍ଦେଶ୍ୟରେ ଧର୍ମାନ୍ତରୀକରଣ ଅନୁଚିତ।

-ମୋହନ ଭାଗବତ, ଆର୍‌ଏସ୍‌ଏସ୍ ମୁଖ୍ୟ

## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶର ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକ ମୋଟ ୬୮,୭୮୯ କୋଟି ଟଙ୍କା ଋଣ ଆବଣ୍ଟନ କରିଛନ୍ତି। ୨୦୧୬-୧୭ ଆର୍ଥିକ ବର୍ଷରେ ଏହା ୪୬,୮୪୨ କୋଟି ଟଙ୍କାରେ ସୀମିତ ଥିଲା।

-ଅର୍ଥ ମନ୍ତ୍ରଣାଳୟ


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in : Gold, Diamond & Silver
Gold 24 CT - ₹ 31,900/- 10gm.
Gold 22 CT - ₹ 30,800/- 10gm.
Silver Rate - ₹ 370/- / 10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges



NATIONAL EGG CO-ORDINATION COMMITTEE 19.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 54 | 98 | 108 |
| DKL | 56 | 101 | 111 |
| BDK | 57 | 102 | 112 |
| BLS | 58 | 103 | 113 |
| ANG | 57 | 102 | 112 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers


- ମଝି ଚିଲିକାରେ ଅଟକିଲା ଡଙ୍ଗା

# ଘଣ୍ଟାଏ ଫସିରହିଲେ ୨୦ ଯାତ୍ରୀ

ବ୍ରହ୍ମଗିରି/କୃଷ୍ଣପ୍ରସାଦ,୧୯।୯(ଡି.ଏନ୍.ଏ.)

ଚିଲିକା ମଝିରେ ପୁଣି ଅଟକିଗଲା ଯାତ୍ରୀବାହୀ ଡଙ୍ଗା। ଘଣ୍ଟାଏ ଫସି ରହିଲେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ। ଅନ୍ୟ ଏକ ଡଙ୍ଗା ସହାୟତାରେ ସେମାନଙ୍କୁ ଉଦ୍ଧାର ପରେ ଟଳିଗଲା ବଡ଼ ବିପଦ। ଗତ ତିନିମାସ ତଳେ ଚିଲିକାରେ ଡଙ୍ଗାବୁଡ଼ି ୬ଜଣଙ୍କ ମୃତ୍ୟୁ ଘଟଣା ପରେ ଏବେ ଚିଲିକାରେ ଡଙ୍ଗା ଚଳାଚଳ ଉପରେ କଟକଣା ଜାରି ରହିଛି। ଏଭଳି ସ୍ଥଳେ ବୁଧବାର ଘଟିଥିବା ଏହି ଘଟଣା ପ୍ରଶାସନର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମିଳିଥିବା ସୂଚନାନୁସାରେ, ଉକ୍ତ ମୋଟର ଚାଳିତ କାଠ ଡଙ୍ଗାଟି ୨୦ଜଣ ଯାତ୍ରୀ ଓ ୭ଟି ବାଇକ୍‌କୁ ନେଇ ସାତପଡ଼ା ଘାଟରୁ ଜହ୍ନିକୁଦା ଯାଉଥିଲା। ମଏଁଷା ନିକଟରେ ଥିବା କୁଦ ପାଖଦେଇ ଡଙ୍ଗାଟି ଚାଲୁଥିବାବେଳେ ହଠାତ୍ ମୋଟର ବନ୍ଦ ହୋଇଯାଇଥିଲା। ଉକ୍ତ ଡଙ୍ଗାର ଚାଳକ ଓ ଅନ୍ୟ ଜଣେ କର୍ମଚାରୀ ମୋଟରଟିକୁ ☞ପୃଷ୍ଠା-୨

### ଅନ୍ୟ ଏକ ଡଙ୍ଗାରେ ଉଦ୍ଧାର ହେଲେ



# ଭାଷା ନିୟମ କାର୍ଯ୍ୟକ୍ଷମ ନେଇ ବାଟ ଫିଟିଲା

- ଓଡ଼ିଶା ସରକାରୀ ଭାଷା (୨ୟ ସଂଶୋଧନ ବିଧେୟକ)-୨୦୧୮ ଗୃହୀତ

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ରାଜ୍ୟରେ ଭାଷା ନିୟମ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ ନେଇ ବାଟ ଫିଟିଛି। ଓଡ଼ିଆ ଭାଷାକୁ ରାଜ୍ୟର ସରକାରୀ ଭାଷା ଭାବେ ବ୍ୟବହାର କରାଯିବ। ଏସଂକ୍ରାନ୍ତରେ ବିଧାନସଭାରେ ଆସିଥିବା ବିଧେୟକଟି ବୁଧବାର ଗୃହୀତ ହୋଇଯାଇଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ହୋଇଥିଲେ ବି ବିନା ବିରୋଧୀଙ୍କ ଉପସ୍ଥିତିରେ ଗୃହୀତ କରାଯାଇଥିଲା। ଶାସକ ଦଳର ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ଏବଂ ସଭ୍ୟ ରମେଶ ଚ୍ୟାଉପଟ୍ଟନାୟକ ଏହା ଉପରେ ସଂକ୍ଷିପ୍ତ ମତ ରଖିଥିଲେ। ପୂର୍ବରୁ ଓଡ଼ିଶା ସରକାରୀ ଭାଷା ଅଧିନିୟମ-୧୯୫୪ ପ୍ରଣୟନ କରାଯାଇଥିଲା। ଉକ୍ତ ଅଧିନିୟମରେ ଧାରା ୪(କ)ରେ 'ସରକାରୀ ଭାଷା' ଶବ୍ଦ ବ୍ୟବହାର କରାଯାଇଛି। ଧାରା ୩(କ)ରେ ବିଧାନମଣ୍ଡଳରେ ଇଂଲିଶ ଭାଷାର ବ୍ୟବହାରକୁ ଚାଲୁ ରଖିବା ପାଇଁ ବ୍ୟବସ୍ଥା ଥିବା ହେତୁ ସରକାରୀ ଭାଷା ରୂପେ ଇଂଲିଶର ବ୍ୟବହାର ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଉଥିଲା। ଉକ୍ତ ଦ୍ୱନ୍ଦ୍ୱକୁ ଦୂର କରିବା ସକାଶେ ଅଧିନିୟମର ଧାରା ୪(କ)ରେ 'ଭାଷାର'ଶବ୍ଦ ବଦଳରେ 'ଭାଷା ରୂପେ ଓଡ଼ିଆର' ଶବ୍ଦ ପ୍ରତିସ୍ଥାପିତ କରାଯାଇଛି। ଏଣିକି ଓଡ଼ିଆ ଭାଷାକୁ ବ୍ୟବହାର କରିବାରେ ଖିଲାପି କଲେ ଦଣ୍ଡ ମିଳିବ। ଖିଲାପ କରିଥିବା ବ୍ୟକ୍ତିବିଶେଷ, ବିଭାଗ ଅଥବା ଉଭୟଙ୍କୁ ଦଣ୍ଡବିଧାନ କରାଯିବ। ଏହି ବିଧେୟକଟି ଗୃହୀତ ହେବା ପରେ ଭାଷାପ୍ରେମୀମାନେ ଏହାକୁ ସ୍ୱାଗତ କରିଛନ୍ତି।











**ଖେଳୁଥିବା ବେଳେ କାଳ ଆସିଲା**

# ପୋଖରୀରେ ବୁଡ଼ି ୨ ଶିଶୁ ମୃତ

**ତିହିଡ଼ି,୧୯।୯(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଅଚକ ପଞ୍ଚାୟତ ଉତ୍ତରବାହା ଗ୍ରାମରେ ବୁଧବାର ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ୨ ଶିଶୁ ପୋଖରୀ ହୁଡାରେ ଖେଳୁଥିଲେ। କୌଣସି କାରଣରୁ ଦୁହେଁ ପୋଖରୀରେ ପଡିଯାଇଥିଲେ। କିଛି ସମୟ ମଧ୍ୟରେ ଉଭୟଙ୍କ ମୃତ୍ୟୁ ଘଟିଛି। ମୃତ ଦୁଇ ଶିଶୁ ହେଲେ ସେହି ଗ୍ରାମର ଗଣେଶ ମଲିକଙ୍କ ପୁଅ ସ୍ୱାଗତ(୩) ଏବଂ ସଞ୍ଜିତ ମଲିକଙ୍କ ପୁଅ ସମରଜିତ୍(୩)। ଗ୍ରାମବାସୀ ପୋଖରୀରୁ ଦୁହିଁଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ପରିବାର ଲୋକେ ମୃତଦେହ ଘରକୁ ନେଇଯାଇଥିଲେ। ଖବର ପାଇ ତିହିଡ଼ି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ଚିକିତ୍ସାଳୟକୁ ପଠାଇଛି। ଏନେଇ ତିହିଡ଼ି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬୫/୧୮) ରୁଜୁ ହୋଇଛି। ଦୁଇ ଶିଶୁଙ୍କ ଏଭଳି ମୃତ୍ୟୁ ଘଟଣାରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ସୁଦର୍ଶନ ପଟ୍ଟନାୟକ ଓଡ଼ିଶା ଲଳିତକଳା ଏକାଡେମୀ ସଭାପତି



**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓଡ଼ିଶା ଲଳିତକଳା ଏକାଡେମୀର ନୂତନ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ କରିଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଧ୍ୟ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ସଭାପତି ପଦବୀ ପାଇବା ପରେ ସୁଦର୍ଶନ ନିଜ ଖୁସି ବ୍ୟକ୍ତ କରି କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋତେ ଏତେବଡ଼ ସୁଯୋଗ ଦେଇଥିବାରୁ ମୁଁ ତାଙ୍କୁ ମୋର କୃତଜ୍ଞତା ଜଣାଉଛି। ଏକାଡେମୀର ସଭାପତି ଭାବେ ମୋର ପ୍ରଥମ ପଦକ୍ଷେପ ରହିବ, ଓଡ଼ିଶାର କୋଣ ଅନୁକୋଣରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶିଳ୍ପୀ ଓ କଳାକାରମାନଙ୍କ ପାଖରେ ଲଳିତକଳା ଏକାଡେମୀ ଯେପରି ପହଞ୍ଚିପାରିବ। କଳା ଓ କଳାକାରଙ୍କୁ ପରିଚୟ ପ୍ରଦାନ ସହ ସେମାନଙ୍କ ପ୍ରତିଭାକୁ ନୂଆ ରାସ୍ତା ଦେବା ମୋର ପ୍ରାଥମିକତା ହେବ। ରାଜ୍ୟ ଏବଂ ରାଜ୍ୟ ବାହାରେ ଆମ କଳାର ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନିଆଯିବ। ଏକାଡେମୀର ସର୍ବୋଚ୍ଚ ସମ୍ମାନ ଧର୍ମପଦ ପୁରସ୍କାର ପ୍ରଦାନ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ଦୂରକରି ଖୁବ୍‌ଶୀଘ୍ର ଏହା କିଭଳି ପ୍ରଦାନ କରାଯାଇପାରିବ, ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

ପୁରୀରେ ଜନ୍ମିତ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା କ୍ଷେତ୍ରରେ ଦେଶ ଓ ବିଦେଶରେ ଜଣେ ପରିଚିତ ଚେହେରା। ୫୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ବାଲୁକା କଳା ପ୍ରତିଯୋଗିତାରେ ସେ ଭାରତରୁ ପ୍ରତିନିଧିତ୍ୱ କରି ସଫଳତା ଅର୍ଜନ କରିବା ସହ ଏକାଧିକ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତି ରାଜ୍ୟବାସୀଙ୍କୁ ଗୌରବାନ୍ୱିତ କରିଛନ୍ତି। ବିଭିନ୍ନ ସମୟରେ ସାମାଜିକ ଘଟଣାବଳୀ ଉପରେ ବାଲୁକା କଳା ତିଆରି କରି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିପାଇଁ ୨୦୧୪ ମସିହାରେ କେନ୍ଦ୍ର ସରକାର ତାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ଉପାଧି ପ୍ରଦାନ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ସହ ଜଡ଼ିତ ଥିବା ସୁଦର୍ଶନ ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ରାଜ୍ୟ ଏବଂ ଦେଶ ବାହାରେ ପ୍ରଚାର ପ୍ରସାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପୂର୍ବରୁ ଓଡ଼ିଶା ଲଳିତକଳା ଏକାଡେମୀର ସଭାପତି ପଦବୀରେ ବିଶିଷ୍ଟ ସ୍ଥପତି ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ରହିଥିଲେ। କିଛିଦିନ ତଳେ ସେ ରାଜ୍ୟସଭା ସଦସ୍ୟ ଭାବେ ନିର୍ବାଚିତ ହେବା ପରେ ଏହି ପଦବୀ ଖାଲି ପଡ଼ିଥିଲା।









ଆମ ପକ୍ଷରେ ଆଉ କୌଣସି ଆଧାତ୍ମିକ ପୁନରାବୃତ୍ତିର ପ୍ରଶ୍ନ ନାହିଁ। କାରଣ ସେ ସବୁ ଆମର ପୂର୍ବସୂରୀମାନେ କରି ଯାଇଛନ୍ତି। ଆମର ଆଧାତ୍ମିକ ଅଭିଯାନ ତାହା ପରଠାରୁ ଆରମ୍ଭ ହେବ। ଏହା ଏକ ନୂତନ ସର୍ଜନାର ପ୍ରଶ୍ନ। –ଶ୍ରୀମା



# ଓମେଗା–୩ ଓ ମିଥ୍ୟା ପ୍ରଚାର

## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ପ୍ରତି କିଛି ବର୍ଷ ବ୍ୟବଧାନରେ ଗୋଟିଏ କମ୍ପାନୀ ତା'ର ମାର୍କେଟିଂ ରଣକୌଶଳ ହିସାବରେ ପ୍ରଚାର କରେ ଯେ ଏକ ନୂତନ ସୁପରଫୁଡ୍ ଜନ୍ମଲାଭ କରିଛି। ବର୍ତ୍ତମାନ ବହୁ ବିଜ୍ଞାପିତ ସେପରି ଏକ ସୁପରଫୁଡ୍ ହେଉଛି Matcha tea ବା ମାଚା ଚା, ଯାହା ମେଦବହୁଳତା, ଡାଇବେଟିସ୍, ଆଣ୍ଠୁଗଣ୍ଠି ବାତ ପ୍ରଭୃତି ସବୁ ସମସ୍ୟାର ସମାଧାନ କରିପାରୁଛି ବୋଲି କୁହାଯାଉଛି। ଏହା କିନୁଆ, ଚିଆ ମଞ୍ଜି, ଲେହ କୋଳି, ବ୍ରାଜିଲ ନଟ୍, ବ୍ଲୁବେରୀ, ହଳଦୀ, ସ୍ପିରୁଲିନା, ଗୋଜି ବେରୀ, କଳା ଚକୋଲେଟ୍, ରେଡ୍ ୱାଇନ୍, ନଡ଼ିଆ ତେଲ, ଏକ୍ସଟ୍ରା ଭର୍ଜିନ ଓଲିଭ୍ ଅଏଲ ଏବଂ ଆପଣ ଯଦି ଚାଇନିଜ୍ ଉପରେ ବିଶ୍ୱାସ କରୁଥାନ୍ତି, ତେବେ ମାଙ୍କଡ଼ ଚମଡ଼ାରେ ତିଆରି ଜିଲାଟିନ୍ ଆଦିର ପଦାଙ୍କ ଅନୁସରଣ କରି ବଜାରକୁ ଆସିଛି।

ଏ ସବୁ ଭିତରୁ ବିଜ୍ଞାପନର ସବୁଠାରୁ ବଡ଼ ପ୍ରତାରଣାପୂର୍ଣ୍ଣ କୌଶଳ ଯାହା ତିନି ଦଶନ୍ଧି ଧରି କୋଟି କୋଟି ଲୋକଙ୍କୁ ଭୁଆଁ ବୁଲାଇ ଆସିଛି, ତାହା ହେଉଛି ମାଛତେଲରୁ ମିଳୁଥିବା ଓମେଗା–୩ ଫ୍ୟାଟି ଏସିଡ୍। ବିଶେଷତଃ ସମୁଦ୍ରରୁ ଟୁନା, ମ୍ୟାକ୍‌ରେଲ ବା ସାଲ୍‌ମନ ପ୍ରଭୃତି ଚର୍ବିଯୁକ୍ତ ମାଛ ଧରାଯାଏ, ଯେଉଁଥିରେ ଓମେଗା–୩ ଥାଏ। ଅନେକ ଲୋକ ହୃଦ୍‌ରୋଗ ପାଇଁ ଉପକାରୀ ବୋଲି ବିଶ୍ୱାସ କରି ପ୍ରତିଦିନ ଓମେଗା–୩ ଔଷଧ ସେବନ କରନ୍ତି। ଏଗୁଡ଼ିକ ଗୋଲି, କ୍ୟାପ୍‌ସୁଲ ଓ ତେଲ ଆକାରରେ ବଜାରରେ ମିଳେ। ପ୍ରତିବର୍ଷ ୫୦୦ ନିୟୁତ ପାଉଣ୍ଡର ବେପାର ହେଉଛି।

ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ବୁଝେଇ ଦିଆଯାଇଛି ଯେ, ଓମେଗା–୩ ଫ୍ୟାଟି ଏସିଡ୍ ଏକ ଯାଦୁକରୀ ଔଷଧ, ଯାହା ମସ୍ତିଷ୍କର ଶକ୍ତି ବୃଦ୍ଧି କରେ, ମାନସିକ ରୋଗ ଭଲ କରେ ଏବଂ ମାନସିକ ଅବସାଦ ଦୂର କରେ। ଏହା ମଧ୍ୟ ଆଣ୍ଠୁଗଣ୍ଠି ବାତ, ଅମ୍ଳପିତ୍ତ (ଆଇବିଏସ୍), ମେଦବହୁଳତା, ହୃଦ୍‌ରୋଗ ପାଇଁ ଉପକାରୀ ଏବଂ କ୍ୟାନ୍‌ସର ନିରୋଧୀ। ପ୍ରତିବର୍ଷ ଅଧିକରୁ ଅଧିକ ଅତିରଞ୍ଜିତ କରି ପ୍ରଚାର କରାଯାଉଛି ଯେ, ଓମେଗା–୩ କୁଆଡ଼େ ଆମ ଶରୀରର କ୍ରିୟାଶୀଳତା ପାଇଁ ଅତ୍ୟନ୍ତ ଦରକାରୀ। ଏହା ରକ୍ତରେ ଚର୍ବିର ପରିମାଣ କମାଇବା ସହ ରକ୍ତଚାପ ହ୍ରାସ କରେ ଏବଂ ରକ୍ତ କ୍ଲଟ୍ କରିବାକୁ ବନ୍ଦ କରେ। ହୃଦ୍‌ଘାତ, ହୃଦ୍‌ରୋଗ ଓ ଷ୍ଟ୍ରୋକ୍ ପାଇଁ ଉପକାରୀ ବୋଲି ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଏ। ଏ ସବୁ ହେଉଛି ମିଥ୍ୟା ପ୍ରଚାର। ଉପର ଲିଖିତ ସବୁ ଜିନିଷକୁ କେବଳ ସ୍ୱାସ୍ଥ୍ୟକର ଖାଦ୍ୟ ବୋଲି କହିହେବ, ଯେମିତି ପନିପରିବା, ଶସ୍ୟ ଓ ଫଳ। ବଜାରରେ ବିକ୍ରି ହେଉଥିବା ଓମେଗା–୩ କେବଳ କମ୍ପାନୀମାନଙ୍କୁ କୋଟିପତି କରିଛି କିନ୍ତୁ ହୃଦ୍‌ରୋଗୀଙ୍କ ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରଭାବ ପକାଇ ନାହିଁ।

ଓମେଗା–୩ ହେଉଛି ଏକପ୍ରକାର ଚର୍ବି। ଉତ୍ତମ ସ୍ୱାସ୍ଥ୍ୟ ପାଇଁ କମ୍ ପରିମାଣର ଓମେଗା–୩ ପ୍ରତ୍ୟେକଙ୍କର ଦରକାର। ଓମେଗା–୩ ଫ୍ୟାଟି ଏସିଡ୍‌ଗୁଡ଼ିକର ମୁଖ୍ୟ ପ୍ରକାରଗୁଡ଼ିକ ହେଉଛି ଆଲ୍‌ଫାଲିନୋଲେନିକ୍ ଏସିଡ୍ (ଏଏଲ୍‌ଏ), ଏଇକୋସାପେଣ୍ଟିନୋଇକ୍ ଏସିଡ୍ (ଇପିଏ) ଏବଂ ଡୋକୋସାହେକ୍ସିନୋଇକ୍ ଏସିଡ୍ (ଡିଏଚ୍‌ଏ)। ଏଏଲ୍‌ଏ ବିଭିନ୍ନ ପ୍ରକାର କୋଳି ଓ ମଞ୍ଜିରେ ବି ଥାଏ, ଯେମିତି ୱାଲ୍‌ନଟ୍ (ଅଖରୋଟ), ରେପ୍‌ସିଡ୍ (ଧଳା ସୋରିଷ) ପ୍ରଭୃତି। ଇପିଏ ଓ ଡିଏଚ୍‌ଏକୁ କୁହାଯାଏ ଲଙ୍ଗ୍ ଚେନ୍ ଓମେଗା–୩ ଫ୍ୟାଟ୍, ଯାହା ମାଛତେଲରେ ଥାଏ। ଓମେଗା–୩ ରକ୍ତଚାପ ଓ କୋଲେଷ୍ଟରଲ କମାଇବା ସହ ହୃଦ୍‌ରୋଗରୁ ରକ୍ଷା କରେ ବୋଲି ବିଶ୍ୱାସ କରାଯାଉଛି।

୧୯୯୩ ମସିହାରେ କୋକ୍ରେନ୍ ଲାଇବ୍ରେରି ପ୍ରତିଷ୍ଠା କରାଯାଇଥିଲା। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେତେ ସବୁ ଗବେଷଣା ଓ ପରୀକ୍ଷା ନିରୀକ୍ଷା କରାଯାଉଛି, ସେସବୁର ବୈଧତା ସମୀକ୍ଷା କରିବା ଏହାର ଉଦ୍ଦେଶ୍ୟ। ଏହାର ରିପୋର୍ଟକୁ ଉଚ୍ଚମାନର ଓ ନିର୍ଭରଯୋଗ୍ୟ ବୋଲି ବିଶ୍ୱାସ କରାଯାଏ। ସମସ୍ତ ସ୍ୱାସ୍ଥ୍ୟସେବା ସମ୍ପର୍କିତ ନିଷ୍ପତ୍ତି ନେବାରେ ଏହା ସହାୟକ ହୋଇଥାଏ। ୧୩୦ଟି ଦେଶ ମିଳିତ ଭାବରେ ବିଶ୍ୱାସଯୋଗ୍ୟ ସ୍ୱାସ୍ଥ୍ୟ ସୂଚନା ପ୍ରସ୍ତୁତ କରିଥାନ୍ତି, ଯାହା କୌଣସି ପ୍ରକାର ବାଣିଜ୍ୟିକ ପ୍ରାୟୋଜକତା ଓ ସ୍ୱାର୍ଥଦ୍ୱନ୍ଦ୍ୱଠାରୁ ଉର୍ଦ୍ଧ୍ୱରେ ଥାଏ। ଏହାର ରିପୋର୍ଟ ବିଶ୍ୱ ସାରା ସମସ୍ତେ ବିଶ୍ୱାସ କରନ୍ତି।

କୋକ୍ରେନ୍ ଲାଇବ୍ରେରିରେ ଏକ ନୂତନ କୋକ୍ରେନ୍ ସିଷ୍ଟମେଟିକ୍ ରିଭ୍ୟୁ ପ୍ରକାଶ ପାଇଛି। ଏହା ହେଉଛି ୭୯ଟି ବିଭିନ୍ନ ଗବେଷଣାର ସମୀକ୍ଷା। ଏଥିରେ ୨୫ଟି ଅନୁଧ୍ୟାନ ସବୁଠାରୁ ଅଧିକ ବିଶ୍ୱାସଯୋଗ୍ୟ, ଯେଉଁଥିରେ ୧,୧୨,୦୫୯ ଜଣ ଲୋକଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଅନୁଧ୍ୟାନଗୁଡ଼ିକ ୧ ବର୍ଷରୁ ଆରମ୍ଭ କରି ୮ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା। ସ୍ୱାଭାବିକତାଠାରୁ ଅଧିକ ଓମେଗା–୩ ଖାଇଲେ ହୃଦ୍‌ରୋଗ ଓ ରକ୍ତସଂଚାଳନ ଉପରେ ତା'ର କି ପ୍ରଭାବ ପଡୁଛି, ତାହା ଉପରେ ଅନୁଧ୍ୟାନଗୁଡ଼ିକ ପର୍ଯ୍ୟବସିତ ଥିଲା। ଉତ୍ତର ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ଏସିଆର ସୁସ୍ଥ ଓ ରୋଗଗ୍ରସ୍ତ ଲୋକଙ୍କୁ ଗବେଷଣାରେ ସାମିଲ କରାଯାଇଥିଲା। ଅଂଶଗ୍ରହଣକାରୀମାନଙ୍କୁ ବର୍ଷକ ଯାଏ ଯାଦୃଚ୍ଛିକ ଭାବେ ସ୍ୱାଭାବିକ ବା କମ୍ ପରିମାଣର ଓମେଗା–୩ ଖାଇବା କିମ୍ବା ଅଧିକ ଖାଇବା ପାଇଁ କୁହାଯାଇଥିଲା। ଅନେକ ଅନୁଧ୍ୟାନରେ କ୍ୟାପ୍‌ସୁଲ ଆକାରରେ ଲଙ୍ଗ୍ ଚେନ୍ ଓମେଗା–୩ ଖାଇବା କିମ୍ବା ଡମି ପିଲ୍ ଖାଇବା ମଧ୍ୟରେ କ'ଣ ପ୍ରଭେଦ ରହୁଛି, ତାହା ଦେଖାଯାଇଥିଲା। ଆଉ କେତେକ ଅନୁଧ୍ୟାନକାରୀ ଦଳ ପୂରା ମାଛ ଖାଇବା ଉପରେ ଅନୁଧ୍ୟାନ କରିଥିଲେ। ଏଏଲ୍‌ଏ ଉପରେ ଯେଉଁ ଅନୁଧ୍ୟାନ କରାଯାଇଥିଲା, ସେଥିରେ କିଛି ଲୋକଙ୍କୁ ଏଏଲ୍‌ଏ ମିଶାଯାଇଥିବା ଖାଦ୍ୟ ଏବଂ ଅନ୍ୟମାନଙ୍କୁ ଅଖରୋଟ ପ୍ରଭୃତି ପ୍ରାକୃତିକ ଭାବେ ଏଏଲ୍‌ଏ ଥିବା ଖାଦ୍ୟ ଖାଇବାକୁ କୁହାଯାଇଥିଲା।

ଗବେଷକମାନେ ଦେଖିଲେ ଯେ, ଯେଉଁମାନଙ୍କୁ ଲଙ୍ଗ୍ ଚେନ୍ ଓମେଗା–୩ ସପ୍ଲିମେଣ୍ଟ ଅଧିକ ପରିମାଣରେ ଦିଆଯାଇଛି, ତାହାଦ୍ୱାରା ସେମାନଙ୍କର କିଛି ବି ଲାଭ ହୋଇନାହିଁ। ହୃଦ୍‌ରୋଗରେ ମୃତ୍ୟୁ ଆଶଙ୍କା କମ୍ ବା ବେଶି ଓମେଗା–୩ ଖାଇଥିବା ସମସ୍ତଙ୍କ କ୍ଷେତ୍ରରେ ସମାନ ଥିଲା। ନିୟମିତ ଲଙ୍ଗ୍ ଚେନ୍ ଓମେଗା–୩ (ଇପିଏ ଓ ଡିଏଚ୍‌ଏ ସମେତ) ଔଷଧ ସ୍ୱାଭାବିକତାଠାରୁ ଅଧିକ ପରିମାଣରେ ଖାଇଲେ ମଧ୍ୟ ତାହା ହୃଦ୍‌ରୋଗ, ହୃଦ୍‌ଘାତ ଓ ଷ୍ଟ୍ରୋକ୍ ପ୍ରଭୃତି ଆଶଙ୍କା ଦୂର କରିବାରେ କିଛି ବି ସାହାଯ୍ୟ କରି ନ ଥିଲା। ସେହିପରି ଏହି ଔଷଧ ଅଧିକ ପରିମାଣରେ ଖାଇଲେ ମଧ୍ୟ ତାହା ଶରୀରର ଓଜନ ବା ଚର୍ବି କମାଇବାରେ ଆଦୌ ସାହାଯ୍ୟ କରି ନ ଥିଲା।

କୋକ୍ରେନ୍‌ର ମୁଖ୍ୟ ଲେଖକ ତଥା ୟୁନିଭର୍ସିଟି ଅଫ୍ ଇଷ୍ଟ ଆଙ୍ଗ୍‌ଲିଆ, ବ୍ରିଟେନ୍‌ର ଡ. ଲି ହୁପର କହିଛନ୍ତି– ଏହି ସମୀକ୍ଷାରୁ ଆମେ ନିଶ୍ଚିତ ଯେ, ଓମେଗା–୩ ଫ୍ୟାଟି ଏସିଡ୍ ହୃତ୍‌ପିଣ୍ଡକୁ ସୁରକ୍ଷିତ ରଖେ ନାହିଁ। ଏ ନେଇ ରହିଥିବା ବିଶ୍ୱାସ ଭ୍ରମାତ୍ମକ। ତେଣୁ ମାଛତେଲ, ଇପିଏ ବା ଡିଏଚ୍‌ଏ ଖାଇଲେ ଯେ ହୃଦ୍‌ଘାତ ହେବ ନାହିଁ ବା ବ୍ରେନ୍ ଷ୍ଟ୍ରୋକ୍ ହେବ ନାହିଁ ଏପରି ଭାବିବା ଭୁଲ୍। ତେଣୁ ଆଜି ଯାଏ ଏ ସମ୍ପର୍କରେ ଆମର ଯେଉଁ ଧାରଣା ବା ବିଶ୍ୱାସ ସୃଷ୍ଟି ହୋଇଛି, ତାହା କିଛି ବରାଦିଆ ବା ତ୍ରୁଟିପୂର୍ଣ୍ଣ ଅନୁଧ୍ୟାନ ଏବଂ ତାକୁ ଭିତ୍ତିକରି କମ୍ପାନୀମାନଙ୍କର ପ୍ରସାରିତ ମିଥ୍ୟା ବିଜ୍ଞାପନ ଯୋଗୁ ସୃଷ୍ଟି ହୋଇଛି।

କିନ୍ତୁ ଉକ୍ତ ବିଧିବଦ୍ଧ ସମୀକ୍ଷାରୁ ଏହା ଜଣାପଡ଼ିଛି ଯେ, ଅଖରୋଟ୍, ଧଳା ସୋରିଷ ପ୍ରଭୃତି ଯେଉଁ ଉଦ୍ଭିଜ୍ଜ ତୈଳରେ ଏଏଲ୍‌ଏ ଥାଏ, ତାହା କିଛି ପରିମାଣରେ ହୃଦ୍‌ରୋଗ ଓ ରକ୍ତସଂଚାଳନ ପାଇଁ ଉପକାରୀ। ତେବେ ତା'ର ପ୍ରଭାବ ବହୁତ କମ୍। ମାଛ ତେଲରେ ଥିବା ଓମେଗା–୩ ଫ୍ୟାଟି ଏସିଡ୍ ଆମ ଶରୀର ପାଇଁ ଉପକାରୀ ଓ ଅତ୍ୟନ୍ତ ଦରକାରୀ ବୋଲି ପ୍ରଚାର ହେବା ଫଳରେ ଅନେକ ଶିକ୍ଷିତ ଲୋକ ଧରିନେଇଛନ୍ତି ଯେ, ପ୍ରତିଦିନ ମାଛତେଲ ବା ମାଛ ଖାଇବା ଉଚିତ। ଯେଉଁ କମ୍ପାନୀମାନେ ନିରାମିଷ ବୋତଲ ବା ଡବା ଛତୁଆରେ ଆମିଷ (ଓମେଗା–୩) ମିଶାଇ ଘନ ଘନ ତା'ର ଉପକାରିତା ପ୍ରଚାର କରୁଛନ୍ତି ଓ ସେଥିପାଇଁ ବିଜ୍ଞାପନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ସେମାନେ ସବୁବେଳେ ଗବେଷଣାରୁ ଉପଲବ୍ଧ ସତ୍ୟକୁ ଲଚାଇଥାନ୍ତି। ବାସ୍ତବରେ ଏକ ଅନୁଧ୍ୟାନରେ ଆଞ୍ଜାଇନା ରୋଗରେ ପୀଡ଼ିତ ଲୋକଙ୍କୁ ଓମେଗା–୩ ସପ୍ଲିମେଣ୍ଟ ଖାଇବାକୁ ଦିଆଯିବାରୁ ସେମାନଙ୍କ ହୃଦ୍‌ଘାତ ଆଶଙ୍କା ତାହା ଦିଆଯାଇ ନ ଥିବା ଲୋକଙ୍କ ତୁଳନାରେ ବୃଦ୍ଧି ପାଇବାର ଦେଖାଯାଇଥିଲା।

Email: gandhim@nic.in

# ଧର୍ମ ଜୀବନର ରକ୍ଷାକବଚ

ଶିବରାମ ଶତପଥୀ

ଗୀତାରେ ଅଛି, 'ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍' ଅର୍ଥାତ୍ କରିଥିବା ସାମାନ୍ୟତମ ଧର୍ମ ମଧ୍ୟ ସମୟ ପଡ଼ିଲେ ପ୍ରାଣୀକୁ ବଡ଼ ଭୟ (ମୃତ୍ୟୁଭୟ)ରୁ ରକ୍ଷାକରେ। ତେବେ ଏହି ଧର୍ମ କ'ଣ? ମହାଭାରତ ବନପର୍ବରେ ଯକ୍ଷ (ଛଦ୍ମବେଶୀ ଧର୍ମ)ଙ୍କ ପ୍ରଶ୍ନ (କଃ ପନ୍ଥାଃ)ର ଉତ୍ତରରେ ଯୁଧିଷ୍ଠିର କହିଥିଲେ– ନାନା ମୁନିଙ୍କର ନାନା ମତ। ସେହିପରି ବେଦ ମଧ୍ୟ ଗୋଟିଏ ନୁହେଁ। ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଭାବେ ଧର୍ମର ତତ୍ତ୍ୱ ପ୍ରତିପାଦିତ ହୋଇଛି। ତର୍କ ଦ୍ୱାରା କୌଣସି ସତ୍ୟର ପ୍ରତିଷ୍ଠା ସମ୍ଭବ ନୁହେଁ। ଧର୍ମର ତତ୍ତ୍ୱ ଗୋପନୀୟ, କେବଳ ଅନୁଭବଗମ୍ୟ। ତେଣୁ ମହାଜନ (ମହତ୍ ଜନ ବା ମହାନ୍ ପୁରୁଷ ବା ପୁରୁଷୋତ୍ତମ ବା ଅବତାର ପୁରୁଷ) ଯେଉଁ ପଥରେ ଯାଆନ୍ତି, ତାହା ହିଁ ଅନୁସରଣ କରିବା ବିଧେୟ। ଯୁଧିଷ୍ଠିର ଏଠାରେ ସେ ସମୟର ପୁରୁଷୋତ୍ତମ ଭଗବାନ୍ କୃଷ୍ଣଙ୍କୁ ଲକ୍ଷ୍ୟ କରି ମହାଜନ ଶବ୍ଦଟି ବ୍ୟବହାର କରିଥିଲେ।

ଧର୍ମ କହିଲେ ହିନ୍ଦୁ, ମୁସଲମାନ, ଶିଖ୍, ବୌଦ୍ଧ ପ୍ରଭୃତି ସମ୍ପ୍ରଦାୟକୁ ବୁଝାଏ ନାହିଁ। 'ଧାରଣାତ୍ ଧର୍ମ ଇତ୍ୟାହୁଃ', ଅର୍ଥାତ୍ ଯେଉଁ ନୀତିବିଧି ସମାଜକୁ, ସଂସାରକୁ ଓ ମଣିଷର ବଞ୍ଚିବା ଓ ବଢ଼ିବାକୁ ଧାରଣ କରେ ତାକୁ ଧର୍ମ କୁହାଯାଏ। ସମାଜରେ ସହାବସ୍ଥାନର ନାମ ଧର୍ମ। ଶାରୀରିକ ଶକ୍ତି ଓ ଧନରେ ଯେ ଦୁର୍ବଳ ତାକୁ ସାହାଯ୍ୟ କରିବା, ପରସ୍ପର ମିଳିମିଶି ଚଳିବା, ସ୍ନେହ, ପ୍ରେମ ଓ ସଦ୍ଭାବକୁ ଜୀବନର ମୂଳମନ୍ତ୍ର ରୂପେ ଗ୍ରହଣ କରିବାର ନାମ ଧର୍ମ। 'ଆତ୍ମୋପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ', ଅର୍ଥାତ୍ ମୋ ପ୍ରତି ଜଣେ ଏପରି ବ୍ୟବହାର କଲେ ମୋତେ ଭଲ ଲାଗିବ ତ, ଏହା ଚିନ୍ତାକରି ଯେ ଅନ୍ୟ ପ୍ରତି ବ୍ୟବହାର କରେ ସେ ଧାର୍ମିକ। ଅନ୍ୟର ଧନ ଓ ସ୍ତ୍ରୀ ଉପରେ ଲୋଲୁପ ଦୃଷ୍ଟି ପକାଇବା ଅସାମାଜିକ ବ୍ୟବହାର ହେତୁ ସେପରି ବ୍ୟକ୍ତି ଅଧାର୍ମିକ। ଅନୁରୂପ କ୍ରମେ କୋଠ ସମ୍ପତ୍ତି ଓ ଜମି ହଡପିବା ପାପ ପର୍ଯ୍ୟାୟଭୁକ୍ତ। ସଭାରେ ବସି ଯେ ମିଥ୍ୟା ଭାଷଣ କରେ, ବିଚାରପତିର ଆସନରେ ବସି ଯେ ପକ୍ଷପାତ ଓ ପ୍ରିୟାପ୍ରୀତି ତୋଷଣ କରେ ତା'ର ପାପ ଲେଖିବା ପାଇଁ ଚିତ୍ରଗୁପ୍ତଙ୍କ ପାଞ୍ଜିରେ ପୃଷ୍ଠାର ଅଭାବ ପଡ଼େ।

ଯଦି ଅସାମାଜିକ କାର୍ଯ୍ୟକଳାପରୁ ଦୂରରେ ରହି ପରୋପକାର କଲେ ବ୍ୟକ୍ତି ଧାର୍ମିକ ହୋଇଯାଏ, ତେବେ ଏ ଉପବାସ, ବ୍ରତ, ଧ୍ୟାନ, ଯଜ୍ଞ, ଉପାସନା, ଧର୍ମଗ୍ରନ୍ଥ ପାଠ, ତୀର୍ଥାଟନ ଆଦି କାହିଁକି? ବିକ୍ଷିପ୍ତ ଚଞ୍ଚଳ ମନକୁ ଏକାଗ୍ର କରି ସତ୍ ଚିନ୍ତନ, ସଦ୍‌ଭାଷଣ ଓ ସତ୍ କାର୍ଯ୍ୟରେ ବିନିଯୋଗ କରିବା ଏତେ ସହଜ ନୁହେଁ। ଉଚ୍ଛୃଙ୍ଖଳ ମନକୁ ନିୟନ୍ତ୍ରଣାଧୀନ କରିବା ପାଇଁ ଉପବାସ, ଉପାସନା ଓ ତୀର୍ଥାଟନ ଏକ ଏକ ସାଧନା। ମନ ଯେତେବେଳେ ସତ୍ କାର୍ଯ୍ୟ ଓ ସତ୍ ଚିନ୍ତନରେ ସଦା ତତ୍ପର ରହେ ସେତେବେଳେ ଉଲ୍ଲିଖିତ ବାହ୍ୟ ଉପଚାରଗୁଡ଼ିକର ଆବଶ୍ୟକତା ରହେ ନାହିଁ। ଏକ ସୁସ୍ଥ ସମାଜରେ ସମସ୍ତେ ପରସ୍ପର ନିର୍ଭରଶୀଳ, ଜଣେ ଅପରର ପରିପୂରକ। ଯେ ଧର୍ମ ଅନୁସରଣ କରେ ସେ ହିଁ ଉତ୍ତମ ସାମାଜିକ ମଣିଷ ହୋଇପାରେ।

ସାମାନ୍ୟ ଧର୍ମାଚରଣ କିପରି ବ୍ୟକ୍ତିକୁ ବଡ଼ ବଡ଼ ବିପଦରୁ ରକ୍ଷା କରେ ତା'ର କିଛି ଉଦାହରଣ ଦେବା ଅସମୀଚୀନ ହେବ ନାହିଁ। ଜଣେ ବୃଦ୍ଧ ସପ୍ତାହକ ଭିତରେ ତିନିଥର ଖସିପଡିଲେ। ଥରେ ପାଣି ପଡିଥିବା ଚଟାଣରେ, ଦ୍ୱିତୀୟଥର ଗାଧୁଆ ଘରେ ଓ ତୃତୀୟଥର ପାହାଚରୁ ଓହ୍ଲାଇବା ବେଳେ। ଯଥାକ୍ରମେ ଡାହାଣ ବାହୁର ଖଞ୍ଜା, ଅଣ୍ଟାର ହାଡ଼ ଓ ଶେଷଥର ବାମପାଦର ଗୋଇଠିରେ ମାଡ଼ ହେଲା। ଏ ସବୁର ଉପଶମ ତିନି ସପ୍ତାହ ଭିତରେ ହୋଇଗଲା, ଯେହେତୁ ଏସବୁ ଦୁର୍ଘଟଣାରେ ଅସ୍ଥି ଆଘାତପ୍ରାପ୍ତ ହୋଇ ନ ଥିଲା। କହିବା ବାହୁଲ୍ୟମାତ୍ର ଯେ, ଭଦ୍ରବ୍ୟକ୍ତି ପ୍ରତ୍ୟହ ପ୍ରାର୍ଥନା କରୁଥିଲେ। ଅନ୍ୟର ଅନିଷ୍ଟ କରିବା ଦୂରେ ଥାଉ, ଚିନ୍ତା ମଧ୍ୟ କରୁ ନ ଥିଲେ। ସରଳ ବାର୍ତ୍ତାଳାପ ଓ କାର୍ଯ୍ୟକଳାପରେ ସମସ୍ତଙ୍କ ମନ ମୋହୁଥିଲେ। କାହା ମନରେ ଆଘାତ, ଉତ୍ତେଜନା ବା ଅବସାଦ ସୃଷ୍ଟି କରୁ ନ ଥିଲେ।

ଧର୍ମ ଓ ସଦାଚାରକୁ ବିଶ୍ୱାସ ନ କରି ଯେଉଁ ବ୍ୟକ୍ତି ନିଜକୁ ଖୁବ୍ ଚାଲାକ ମନେକରି ସବୁ କିଛି କାର୍ଯ୍ୟ ନିଜ ସ୍ୱାର୍ଥ ସିଦ୍ଧି ପାଇଁ କରୁଥିଲେ, ସେ ଶିଡି ଚଢୁ ଚଢୁ ଖସିପଡିଲେ। ତାଙ୍କ ମସ୍ତକରେ ଆଘାତ ଲାଗିଲା ଓ ସେ ତତକ୍ଷଣାତ୍ ପ୍ରାଣତ୍ୟାଗ କଲେ। ଆଉ ଜଣେ ବ୍ୟକ୍ତି ଯେ ନିଜ ଭାଇକୁ ଠକି ସମସ୍ତ ପୈତୃକ ସମ୍ପତ୍ତି ହଡପିଥିଲେ ସେ ସ୍ନାନାଗାରରେ ଖସି ପଡ଼ିବା ହେତୁ ଅଣ୍ଟାର ଖଞ୍ଜା ଖସିଯିବାରୁ ଦଶବର୍ଷ ଶଯ୍ୟାଶାୟୀ ରହି ପଞ୍ଚତ୍ୱପ୍ରାପ୍ତ ହେଲେ। ଆଉ ଜଣେ କ୍ରୂର ବ୍ୟକ୍ତି ଯେ ଲୋକଙ୍କୁ ଦୁଃଖକଷ୍ଟ ଦେଇ ନିଜର ପ୍ରାଧାନ୍ୟ ସାବ୍ୟସ୍ତ କରିବା ସହିତ ଅପାର ଆନନ୍ଦ ଉପଭୋଗ କରୁଥିଲେ ସେ ଓଦା ଚଟାଣରେ ଖସି ମେରୁଦଣ୍ଡରେ ଆଘାତପ୍ରାପ୍ତ ହେଲେ। ପରିଣାମତଃ ଦୁରାରୋଗ୍ୟ ପକ୍ଷାଘାତ ରୋଗରେ ପୀଡ଼ିତ ହେଲେ।

ଯେ ଅନ୍ୟ ପାଇଁ ଗାତ ଖୋଳେ ସେ ଗାତରେ ସେ ନିଜେ ପଡ଼େ, ଏହା ନିଃସନ୍ଦେହ। ଏଥିପାଇଁ ଲୋକମୁଖରେ କଥିତ ଅଛି, ଯେ ପାଞ୍ଚେ ପରମନ୍ଦ, ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ। ଅନେକେ ଯୁକ୍ତି କରନ୍ତି, ଏଇଟା ତ ଜୀବନକୁ ଉପଭୋଗ କରିବା ସମୟ, ଏବେ କି ଧର୍ମାଧର୍ମ। ବୁଢ଼ା ହେଲାବେଳକୁ ସିନା ଧର୍ମକର୍ମ। କିନ୍ତୁ କାଳ ଯେ ଚିଲ ପରି ଉପରେ ଉଡି ବୁଲୁଥାଏ। ପୋଖରୀରୁ ମାଛ ଝାମ୍ପିନେଲା ପରି କେତେବେଳେ ପିଣ୍ଡରୁ ପ୍ରିୟ ପ୍ରାଣଟିକୁ କାଢିନେବ ତା' କିଏ ଜାଣେ?

ଇ–୧୮, ପଦ୍ମପାଣିବିହାର,
ନୀଳାଦ୍ରିବିହାର, ଭୁବନେଶ୍ୱର

## ଏଇ ଭାରତରେ

ଅପରାଧୀଙ୍କୁ କାବୁ କରିବାକୁ ପୋଲିସ କର୍ମଚାରୀଙ୍କୁ ନୂଆ ନୂଆ କୌଶଳ ପ୍ରଶିକ୍ଷଣ ଦିଆଯାଉଛି। ବିଶେଷକରି ମହିଳା କର୍ମଚାରୀଙ୍କୁ ଏନେଇ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରାଯାଉଛି। କିପରି କମ୍ ପୋଲିସ କର୍ମଚାରୀଙ୍କ ସହଯୋଗରେ ଅଭିଯୁକ୍ତଙ୍କୁ କୋର୍ଟକୁ ଏସ୍‌କର୍ଟ କରି ନିଆଯାଇପାରିବ ସେଥିପାଇଁ ଗୁଜରାଟରେ ଏବେ ମହିଳା ପୋଲିସ କର୍ମଚାରୀଙ୍କୁ ନୂଆ ଲକ୍ ଆଣ୍ଡ ହୋଲ୍ଡ ପ୍ରଶିକ୍ଷଣ ଦିଆଯାଉଛି। ଲକ୍ ଆଣ୍ଡ ହୋଲ୍ଡ ପ୍ରଶିକ୍ଷଣ ଦ୍ୱାରା ଜଣେ ମହିଳା ପୋଲିସ ଅଭିଯୁକ୍ତଙ୍କୁ ଏଭଳି ଭାବେ ଧରିକି ନେବେ, ଯାହାଫଳରେ ଅଭିଯୁକ୍ତ ଜଣକ ସହଜରେ ଖସି ଯାଇପାରିବେ ନାହିଁ। ଏହାଦ୍ୱାରା ଜଣେ ଅପରାଧୀଙ୍କୁ ଏସ୍‌କର୍ଟରେ ନେବାକୁ ଆଉ ୩ରୁ ୪ଜଣ ମହିଳା କର୍ମଚାରୀଙ୍କ ଆବଶ୍ୟକତା ପଡ଼ିବ ନାହିଁ। ଜଣେ କିମ୍ବା ୨ଜଣ ମହିଳା ପୋଲିସ ଅପରାଧୀଙ୍କୁ ଏସ୍‌କର୍ଟରେ ନେବାକୁ ପର୍ଯ୍ୟାପ୍ତ ହୋଇପାରିବେ। ପ୍ରାଥମିକ ସ୍ତରରେ ୩୦ଜଣ ମହିଳା ପୋଲିସଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପର୍ଯ୍ୟାୟକ୍ରମେ ରାଜ୍ୟର ସମସ୍ତ ମହିଳା କର୍ମଚାରୀଙ୍କୁ ଏହି ପ୍ରଶିକ୍ଷଣରେ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଗୁଜରାଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଗୁଜରାଟ ପୋଲିସର ଏଭଳି ଅଭିନବ କୌଶଳ ପ୍ରଶିକ୍ଷଣକୁ ଅନ୍ୟ ରାଜ୍ୟର ପୋଲିସ କର୍ମଚାରୀମାନେ ଗ୍ରହଣ କଲେ ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରିବ ବୋଲି କୁହାଯାଇଛି।

## ଚିରନ୍ତନୀ

ଦୁଇ ବିଦେଶରେ କେତେ ପ୍ରଣୟିନୀ
ମୋହ ବିରହରେ କଲେଣି ଦୟିନି
ମୋହ ବିରହରେ କେତେ ନିଃଶ୍ୱାସ
ମିଶିଛି ଆଜି ଆକାଶେ।

(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | | | A | | | | | | | 4 | | |
| D | 3 | 9 | | | | 4 | 5 | | | E | | | | |
| | | 0 | | | 5 | 6 | | D | 3 | A | | 7 | | |
| | | 7 | B | 0 | | | | | | C | | | 9 | 3 |
| E | | | 1 | D | 6 | A | | | | | 5 | | | B |
| | | | | | | 8 | | | C | | | | | |
| 3 | | 1 | | | 7 | 0 | | | | 4 | | | | |
| | 8 | D | | | | | A | 3 | | 1 | | | | |
| A | B | 2 | 3 | | | D | | 1 | | | 7 | | | 9 |
| | | | E | 5 | 1 | | | 6 | | | | | | 7 |
| | | | | | | | | | | | | 0 | 2 | |
| | 4 | E | | B | 3 | 1 | | | | | 6 | D | | |
| | | | 8 | | 0 | 3 | | 4 | | | 2 | | 6 | 1 |
| 5 | D | | | 9 | | | | 7 | 8 | | | | | |
| | 2 | | C | A | | | | | | | | 8 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | A | 0 | D | 4 | 2 | 8 | 1 | C | 9 | 5 | E | 6 | 3 | B |
| 4 | 5 | E | 6 | C | 3 | 7 | 9 | B | 1 | 0 | A | 8 | 2 | D |
| B | 1 | 6 | 9 | 8 | A | D | 5 | 0 | 2 | 3 | 4 | C | E | 7 |
| 8 | 9 | 3 | 5 | E | B | 2 | A | 6 | D | 7 | C | 1 | 0 | 4 |
| D | C | 2 | 0 | 1 | 7 | E | 3 | 4 | 8 | 6 | B | 5 | A | 9 |
| C | D | 1 | E | 7 | 9 | 0 | 4 | 2 | A | 8 | 5 | B | 6 | 3 |
| 3 | 2 | B | 8 | A | C | 9 | D | 7 | 6 | E | 1 | 0 | 4 | 5 |
| 5 | E | 8 | 4 | D | 6 | 3 | C | 1 | 0 | B | 7 | A | 9 | 2 |
| A | 0 | 7 | 3 | 5 | 1 | B | 6 | E | 4 | 9 | 2 | D | C | 8 |
| 9 | 6 | 4 | B | 2 | 0 | 5 | 8 | A | C | D | 3 | E | 7 | 1 |
| 6 | B | 5 | 2 | 0 | 4 | 1 | E | 3 | 7 | A | 8 | 9 | D | C |
| E | 8 | 9 | C | 3 | 5 | A | 7 | D | B | 2 | 0 | 4 | 1 | 6 |
| 0 | 7 | D | 1 | 6 | 8 | C | 2 | 5 | E | 4 | 9 | 3 | B | A |
| 1 | 3 | A | 7 | B | D | 4 | 0 | 9 | 5 | C | 6 | 2 | 8 | E |
| 2 | 4 | C | A | 9 | E | 6 | B | 8 | 3 | 1 | D | 7 | 5 | 0 |

ଗତକାଲିର ଉତ୍ତର

# ଉଚ୍ଚଶିକ୍ଷା ଓ କାମଚଳା ଅଧ୍ୟକ୍ଷ

ଡ. ସୁବାସ ଚନ୍ଦ୍ର ପାତ୍ର

ପ୍ରଖ୍ୟାତ ଇଂରେଜୀ କବି ଜନ୍ ଡନ୍‌ଙ୍କର ଏକ କବିତା ଅଛି– 'କାହା ପାଇଁ ବାଜେ ଏ ଘଣ୍ଟା'। କୌଣସି ମଣିଷର ମୃତ୍ୟୁର ସୂଚନା ହିସାବରେ ବାଜୁଥିବା ଗୀର୍ଜାର ଘଣ୍ଟା ପ୍ରସଙ୍ଗରେ କୁହାଯାଇଛି ଯେ, ଏ ଘଣ୍ଟା ଯାହା ପାଇଁ ବି ବାଜୁନା କାହିଁକି ମନେରଖ ଏ ଘଣ୍ଟା ତୁମ ପାଇଁ ହିଁ ବାଜୁଛି, କାରଣ ତାଙ୍କ ମୃତ୍ୟୁଠୁ ତୁମ ମୃତ୍ୟୁ ବେଶି ଦୂର ନୁହେଁ। ଗୀର୍ଜାର ଘଣ୍ଟା ପରି ଆମ କଲେଜଗୁଡ଼ିକରେ ମଧ୍ୟ ନିତିଦିନ ଘଣ୍ଟା ବାଜେ। ତେବେ ଏ ଘଣ୍ଟା ବାଜିବା ଭେଣ୍ଟିଲେଟର ଲାଗିଥିବା ଉଚ୍ଚଶିକ୍ଷା ବିଭାଗର କରୁଣ ସ୍ଥିତିର ସୂଚକ।

ଉଚ୍ଚଶିକ୍ଷା ବିଭାଗର ନିଜସ୍ୱ ସୂଚନା ଅନୁଯାୟୀ ୫୨ଟି ସରକାରୀ କଲେଜ ଓ ୫୯୮ଟି ଅନୁଦାନପ୍ରାପ୍ତ କୌଣସି ଗୋଟିଏ ହେଲେ ଡିଗ୍ରୀ କଲେଜରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ସେହିପରି ସରକାରୀ ଡିଗ୍ରୀ କଲେଜରେ ୧୨୮୪ ଏବଂ ଅନୁଦାନପ୍ରାପ୍ତ କଲେଜରେ ୧୬୬୬ ଅଧ୍ୟାପକ ପଦ ଖାଲି ରହିଛି। ଅଣଶିକ୍ଷକ କର୍ମଚାରୀ, ଯାହାଙ୍କ ଉପଯୋଗିତାକୁ ସବୁବେଳେ ନଜରଅନ୍ଦାଜ କରାଯାଏ, ସେମାନଙ୍କ ସ୍ଥିତି ଅନୁରୂପ ଭାବେ ଦୟନୀୟ। ଅଣଶିକ୍ଷକ ପଦବୀ ସରକାରୀ କଲେଜରେ ୧୧୬୫ଟି ଖାଲିଥିଲାବେଳେ ଅନୁଦାନପ୍ରାପ୍ତ କଲେଜରେ ୧୦୯୮ଟି ଖାଲି ରହିଛି। ପରିସ୍ଥିତି ଏତେ ଜଟିଳ ଓ ବ୍ୟାପକ ଯେ ଆପାତତଃ ସରକାରୀ କଲେଜ ଉପରେ ଏ ଆଲୋଚନା ସୀମିତ କରାଯାଉ, କାରଣ ସରକାରୀ କଲେଜକୁ ଦେଖିବା ସରକାରଙ୍କ ପ୍ରଥମ ଦାୟିତ୍ୱ। ତେବେ ସଂଖ୍ୟା ଦୃଷ୍ଟିରୁ ଅନୁଦାନପ୍ରାପ୍ତ କଲେଜ ସରକାରୀ କଲେଜ ସଂଖ୍ୟାର ୧୦ଗୁଣ ହୋଇଥିବାରୁ ଶିକ୍ଷାବ୍ୟବସ୍ଥା ଓ ଶିକ୍ଷାସେବାକୁ ସେ ସବୁ ମହାବିଦ୍ୟାଳୟର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଏ ପ୍ରବନ୍ଧରେ ଆମେ ସରକାରୀ କଲେଜର ଅଧ୍ୟକ୍ଷ ପଦବୀ କଥା ବିଚାରକୁ ନେଉଛୁ। ଏବେ ସରକାରୀ କଲେଜରେ ଦୁଇପ୍ରକାର ଅଧ୍ୟକ୍ଷ ପଦବୀ–ସ୍ୱୟଂଶାସିତ କଲେଜ ପାଇଁ ପ୍ରଫେସର ଗ୍ରେଡ୍ ଏବଂ ଡିଗ୍ରୀ କଲେଜ ପାଇଁ ରିଡର ଗ୍ରେଡ୍। ବିଡ଼ମ୍ବନାର କଥା ଏବେ କୌଣସି ସରକାରୀ କଲେଜରେ ପ୍ରଫେସର ପଦବୀ ନ ଥିଲା ବେଳେ ପୁରୁଣା ନିୟମକୁ ଆଳକରି ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ପଦବୀ ପୂରଣ କରାଯାଉନାହିଁ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଓଡ଼ିଶାର ୩ଟି ପ୍ରମୁଖ କଲେଜ– ରେଭେନ୍‌ଶା, ଗଙ୍ଗାଧର ମେହେର ଏବଂ ଖଲ୍ଲିକୋଟରେ ପ୍ରଫେସର ପଦବୀ ଥିଲା ଏବଂ ସେସବୁ କଲେଜ ଇତିମଧ୍ୟରେ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଯାଇଛି। ୟା' ଭିତରେ ଅନେକ ଡିଗ୍ରୀ କଲେଜରେ ସ୍ନାତକୋତ୍ତର ଶ୍ରେଣୀ ଖୋଲାଯାଇଛି। ତେଣୁ ସବୁ କଲେଜକୁ ଗୋଟିଏ ଶ୍ରେଣୀଭୁକ୍ତ କରି ବିଭାଗୀୟ ପଦୋନ୍ନତି କମିଟି ମାଧ୍ୟମରେ ବରିଷ୍ଠତା ଭିତ୍ତିରେ ଅଧ୍ୟକ୍ଷ ନିଯୁକ୍ତି କରାଯିବା ଉଚିତ। କୌତୁକର କଥା ଥରେ ପବ୍ଲିକ ସର୍ଭିସ କମିଶନ ପରୀକ୍ଷା ଦେଇ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍, ଓଡ଼ିଶାର ପ୍ରଶାସନିକ ଅଫିସର, ଡାକ୍ତର, ଇଞ୍ଜିନିୟର ବିଭାଗୀୟ ପଦୋନ୍ନତି କମିଟି ମାଧ୍ୟମରେ ପଦୋନ୍ନତି ପାଇ ସର୍ବୋଚ୍ଚ ସ୍ତରରେ ପହଞ୍ଚି ପାରୁଥିବା ବେଳେ ଏବେକାର ନିୟମ ଅନୁଯାୟୀ ଜଣେ ସରକାରୀ କଲେଜର ଅଧ୍ୟାପକଙ୍କୁ ଅଧ୍ୟକ୍ଷ ହେବାକୁ ହେଲେ ଆଉ ଥରେ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ପରୀକ୍ଷା ଦେବାକୁ ପଡ଼ିବ। ଏହା ସମ୍ବିଧାନର ସମାନତା ଅଧିକାରର ବିରୋଧୀ ତଥା ଓଡ଼ିଶାର ଶିକ୍ଷା–ସ୍ୱାର୍ଥର ପରିପନ୍ଥୀ, ଯେହେତୁ ଏ ବାବଦରେ ପବ୍ଲିକ ସର୍ଭିସ କମିଶନ ପରୀକ୍ଷା ନିୟମିତ ହେଉନାହିଁ ଏବଂ ଯେହେତୁ ଅନ୍ୟ କୌଣସି ସମକକ୍ଷ ଚାକିରିରେ ଏ ବ୍ୟବସ୍ଥା ନାହିଁ, ତୁରନ୍ତ ଏ ପ୍ରକାର ବ୍ୟବସ୍ଥାର ଉଚ୍ଛେଦ କରି ସରକାରୀ କଲେଜର ଅଧ୍ୟକ୍ଷ ପଦବୀ ପୂରଣ କରାଯିବା ନିତାନ୍ତ ଆବଶ୍ୟକ।

କୁହାଯାଏ ଆନ୍ତଃବିଷୟ ବରିଷ୍ଠତାସୂଚୀ ନ ଥିବାରୁ ଅଧ୍ୟକ୍ଷ ନିଯୁକ୍ତି ହୋଇ ପାରୁନାହିଁ। ୨୦୦୧–୦୨ ପର୍ଯ୍ୟନ୍ତ କେମିତି ଓଡିଶାର ବିଭିନ୍ନ କଲେଜର ଅଧ୍ୟକ୍ଷ ପଦବୀ ଆନ୍ତ–ବିଷୟ ବରିଷ୍ଠତା ଭିତ୍ତିରେ ପୂରଣ କରାଯାଉଥିଲା? ସରକାରୀ ମେଡିକାଲ କଲେଜ, ଇଞ୍ଜିନିୟରିଂ କଲେଜଗୁଡ଼ିକରେ ବହୁତ ବିଷୟ/ ବିଭାଗ ଥାଇ ସେ ସବୁ କଲେଜର ଅଧ୍ୟକ୍ଷ ନିଯୁକ୍ତି କିପରି ହୋଇପାରୁଛି? ଆଗରୁ ଓଡ଼ିଶା ପବ୍ଲିକ୍ ସର୍ଭିସ କମିଶନ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ମନୋନୟନ ସୂଚୀ ପ୍ରଦାନ କଲାବେଳେ ସେହି ବ୍ୟାଚର ଆନ୍ତଃବିଷୟ/ବିଭାଗ ବରିଷ୍ଠତା ଥାଇ ଅନ୍ୟ ଏକ ସୂଚୀ ପ୍ରଦାନ କରୁଥିଲେ, ଯାହା ଆଜିକାଲି କରାଯାଉ ନାହିଁ। ସରକାର ଚାହିଁଲେ କୌଣସି ନୀତି ନିର୍ଦ୍ଧାରଣ କରି ଆନ୍ତ–ବିଷୟ ବରିଷ୍ଠତା ସ୍ଥିର କରିପାରିବେ। ଭାରତବର୍ଷର ଅନ୍ୟ ପ୍ରଦେଶର କଲେଜଗୁଡ଼ିକରେ କ'ଣ ଅଧ୍ୟକ୍ଷ ନିଯୁକ୍ତି ହେଉନାହିଁ? ତଥାପି ଯଦି ସରକାର ଅଧ୍ୟକ୍ଷ ନିଯୁକ୍ତି ପାଇଁ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ପରୀକ୍ଷା ଦେବା ଜରୁରୀ ଭାବୁଛନ୍ତି, ତା'ହେଲେ ଗୋଟିଏ ସାକ୍ଷାତକାରମୂଳକ ପରୀକ୍ଷା କରି ମେଧା ତାଲିକାର ଉପର ଭାଗର ପ୍ରାର୍ଥୀମାନଙ୍କୁ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିଯୁକ୍ତି ଦେଇ ବାକି ପ୍ରାର୍ଥୀଙ୍କୁ ଡିଗ୍ରୀ କଲେଜରେ ଅବସ୍ଥାପିତ କରାଯାଇପାରେ କିମ୍ବା ସରକାର ଦୁଇ ପ୍ରକାର କଲେଜ ପାଇଁ ୨ଟି ତାଲିକା ମଗାଇ ପାରିବେ। ଆଇଏଏସ୍, ଆଇପିଏସ୍, ଆଲାଏଡ୍ ପାଇଁ ତ ଗୋଟିଏ ପରୀକ୍ଷା ହେଉଛି।

ଏବେ ସବୁ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ। ସେମାନେ ଭାରପ୍ରାପ୍ତ ହୋଇଥିବାରୁ ସେମାନଙ୍କ ନିଯୁକ୍ତି ପତ୍ରରେ ଲେଖାଯାଇଛି ସେମାନେ ଅଧ୍ୟକ୍ଷ ଦାୟିତ୍ୱ ସହ କ୍ଲାସ ନେବେ। ବଡ଼ ବିଚିତ୍ର କଥା। ସମାନ କାମ, ଦାୟିତ୍ୱ, ଚାପ ଥାଇ ଜଣେ ନିୟମିତ ଅଧ୍ୟକ୍ଷ କ୍ଲାସ ନେବେ ନାହିଁ, ଅଥଚ ଭାରପ୍ରାପ୍ତ ଅଧ୍ୟକ୍ଷ କ୍ଲାସନେବେ। ଏ କି ପ୍ରକାର ଦୋମୁହାଁ ନୀତି? ସେଥିପାଇଁ ଶିକ୍ଷାଦାନ ତଥା ପ୍ରଶାସନ ଉଭୟ କ୍ଷତିଗ୍ରସ୍ତ ହେଉଛି। ଭାରପ୍ରାପ୍ତ କହି କିଛି ଖସରା ପ୍ରକୃତିର ଅଧ୍ୟକ୍ଷ କଲେଜର ମୌଳିକ ସମସ୍ୟା ପ୍ରତି ଧ୍ୟାନ ଦେଉନାହାନ୍ତି। ଖାଲି କର୍ମଚାରୀମାନଙ୍କୁ ଦରମା ଦେଇ ଚୁପ୍ ବସିଯାଉଛନ୍ତି। କେବଳ ସେତିକି ନୁହେଁ ଭାରପ୍ରାପ୍ତ ବୋଲି ସେମାନେ ଅଧ୍ୟକ୍ଷଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ବାସଭବନ ଗ୍ରହଣ କରୁନାହାନ୍ତି, ଯାହାଫଳରେ ଅଧିକାଂଶ ସରକାରୀ କଲେଜର ଅଧ୍ୟକ୍ଷଙ୍କ ବାସଭବନ ଭୂତକୋଠିରେ ପରିଣତ ହେବା ସହ କୋଟି କୋଟି ଟଙ୍କାର ସରକାରୀ ସମ୍ପତ୍ତି ନଷ୍ଟ ହେଉଛି। ଚାକିରି କରୁଥିବା କଲେଜର ଅଧ୍ୟାପକମାନଙ୍କ ଭିତରେ ବରିଷ୍ଠତା କ୍ରମରେ (ଯାହା ସବୁବେଳେ ଠିକ୍ ନୁହେଁ, କାରଣ ଅନେକ ବରିଷ୍ଠ ଅଧ୍ୟାପକ ଭାରପ୍ରାପ୍ତ ଅଧ୍ୟକ୍ଷ ହେବାକୁ ଚାହାନ୍ତି ନାହିଁ) ଭାରପ୍ରାପ୍ତ ଅଧ୍ୟକ୍ଷ ଚୟନ ହେଉଥିବାରୁ କଲେଜ କଲେଜ ମଧ୍ୟରେ ଅଧ୍ୟକ୍ଷ ପଦବୀ ନେଇ କିଛି ସଂହତି ରହୁନାହିଁ। କେଉଁଠି ଟୋକା ଅଧ୍ୟକ୍ଷ ତ କେଉଁଠି ବୁଢ଼ା ଅଧ୍ୟକ୍ଷ। ଅଧ୍ୟକ୍ଷଙ୍କ ସମ୍ମିଳନୀବେଳେ ଅନେକେ ଅନେକଙ୍କୁ ଅଧ୍ୟକ୍ଷ ବୋଲି ମାନିବାକୁ ପ୍ରସ୍ତୁତ ନୁହନ୍ତି, କାରଣ ସେମାନେ ସେମାନଙ୍କର ଛାତ୍ର ବି ହୋଇଥିବେ। ଏ ସମସ୍ତ ବିଷୟକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ତୁରନ୍ତ ସରକାରୀ କଲେଜର ଅଧ୍ୟକ୍ଷ ପଦବୀ ପୂରଣ କରନ୍ତୁ। ମଥାଟି ଠିକ୍ ଥିଲେ ହାତଗୋଡ଼ ଆପଣ ଛାଏଁ ଭଲ କାମ କରିବ।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼,
ବାଲେଶ୍ୱର, ମୋ–୯୪୩୭୩୭୬୨୧୯,
subashbls56@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ଲାଷ୍ଟିକମୁକ୍ତ ଓଡ଼ିଶା

ମହାଶୟ,

ଧରିତ୍ରୀ ପକ୍ଷରୁ ଆୟୋଜିତ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ ଓଡ଼ିଶା ଅଭିଯାନ ଏକ ଉତ୍ତମ ପଦକ୍ଷେପ। ସଚେତନତା ଓ ସହଯୋଗ ଯୋଗୁ ହିଁ ଓଡ଼ିଶା ପ୍ଲାଷ୍ଟିକ ଓ ପଲିଥିନର ବିଷବଳୟରୁ ମୁକ୍ତ ହୋଇପାରିବ। ରାଜ୍ୟ ସରକାର ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର ସମ୍ପର୍କରେ ପ୍ରଣୟନ କରିଥିବା ନିୟମକୁ କଡାକଡି ଭାବରେ କାର୍ଯ୍ୟକାରୀ କରିବା ଆବଶ୍ୟକ। ଲୋକନୃତ୍ୟ ଓ ଲୋକଗୀତ ମାଧ୍ୟମରେ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରାଯାଇପାରିଲେ ଗ୍ରାମାଞ୍ଚଳର ଜନସାଧାରଣ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରିବାର କୁପରିଣାମ ବିଷୟରେ ବୁଝିପାରିବେ।

ପୂର୍ଣ୍ଣଚନ୍ଦ୍ର ସାହୁ, ଖଣ୍ଡାୟତପାଟଣା, ବଳଙ୍ଗା, ପୁରୀ

### ଧର୍ମକୁ ଆଖିଠାର

ବିଦେଶରୁ ଭାରତୀୟଙ୍କ କଳାଧନ ଫେରାଇ ଆଣିବା ପାଇଁ ସରକାରଙ୍କ ଉଦ୍ୟମ ଫସର ଫାଟିଯାଇଛି। ବର୍ତ୍ତମାନ ସ୍ୱିସ୍ ବ୍ୟାଙ୍କରେ ବଢିଚାଲିଛି ଭାରତୀୟଙ୍କ ଜମା। ସାରା ବିଶ୍ୱରେ ଜମା ପରିମାଣ ହିସାବରେ ୨୦୧୬ରେ ଭାରତ ୮୮ତମ ସ୍ଥାନରେ ଥିଲାବେଳେ ୨୦୧୭ ମସିହାରେ ୭୩ତମ ସ୍ଥାନରେ ଥିଲା। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ ଜମାରାଶି ବୃଦ୍ଧି ପାଉଛି। ବିମୁଦ୍ରୀକରଣ ସତ୍ତ୍ୱେ କଳାଟଙ୍କାର ଅବସାନ ହେଲା ନାହିଁ। ସ୍ୱିସ୍ ବ୍ୟାଙ୍କ ପରେ ପାନାମା କାରନାମା ପ୍ରକାଶ ପାଇଲା। ଯେଉଁମାନେ ସ୍ୱିସ୍ ବ୍ୟାଙ୍କର ଜମାକାରୀ ସେମାନେ ଦେଶ ଚଳାଉଛନ୍ତି। ସରକାରଙ୍କୁ ଋଣ ପ୍ରଦାନ କରୁଛନ୍ତି। ସମସ୍ତ ରାଜନୈତିକ ଦଳକୁ ଚାନ୍ଦା ପ୍ରଦାନପୂର୍ବକ ହାତମୁଠାରେ ରଖିଛନ୍ତି। ସେମାନଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟାନୁଷ୍ଠାନ ଧର୍ମକୁ ଆଖିଠାର ସଦୃଶ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଥାଇଲାଣ୍ଡରେ ଥିବା ଏକ ପ୍ରଜାତିର ବିଛା ବିଷର ମୂଲ୍ୟ ଲିଟର ପିଛା ୭୬ କୋଟି ଟଙ୍କା। ଏହା ନାଗସାପ ବିଷ ମୂଲ୍ୟଠାରୁ ପ୍ରାୟ ଅଢ଼େଇଗୁଣା ଅଧିକ। ଏଠାରେ ନାଗସାପର ଏକ ଲିଟର ବିଷ ମୂଲ୍ୟ ୩୦ କୋଟି ଟଙ୍କା ରହିଛି। ବିଭିନ୍ନ ଔଷଧ କମ୍ପାନୀ ଏଥିରୁ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରିଥାନ୍ତି। ଭିଡାଟକ୍ସ୍ ନାମକ ଔଷଧ ପ୍ରସ୍ତୁତିରେ ବିଛା ଏବଂ ନାଗସାପ ବିଷର ଉପଯୋଗ କରାଯାଇଥାଏ।

# କଂଗ୍ରେସରେ ଯୋଗଦେଲେ ଜର୍ଜ ତିର୍କୀ, ସୁଦର୍ଶନ



ନିରଞ୍ଜନ ପଟ୍ଟନାୟକ, ରାହୁଲ ଗାନ୍ଧୀ, ଜର୍ଜ ତିର୍କୀଙ୍କ ସହ ଜିତେନ୍ଦ୍ର ସିଂ।

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ ବୁଧବାର କଂଗ୍ରେସରେ ଯୋଗଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) କାର୍ଯ୍ୟାଳୟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ,ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ରାଜ୍ୟ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂଙ୍କ ଉପସ୍ଥିତିରେ ତିର୍କୀ କଂଗ୍ରେସରେ ସାମିଲ ହୋଇଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ପରିବେଶବିତ୍ ଲଳିତ୍ ମୋହନ ପଟ୍ଟନାୟକ ଏବଂ ସାମାଜିକ କର୍ମୀ ବିଜୟ ପ୍ରଧାନ, ମନୋଜ ଜେନା ଏବଂ ନିରଦ କରନ ଖୁଣ୍ଟିଆ ମଧ୍ୟ କଂଗ୍ରେସରେ ସାମିଲ ହୋଇଛନ୍ତି। ଆସନ୍ତା ନିର୍ବାଚନରେ ସୁନ୍ଦରଗଡ଼ ରାଜନୀତିରେ କଂଗ୍ରେସକୁ ମଜଭୂତ କରିବା ପାଇଁ ତିର୍କୀ କଂଗ୍ରେସରେ ସାମିଲ ହୋଇଥିବା କୁହାଯାଉଛି। ଏହି ମିଶ୍ରଣ ପର୍ବରେ ପିସିସି ସଭାପତି ସମସ୍ତଙ୍କୁ ସ୍ୱାଗତ କରିଛନ୍ତି । ସେ କହିଛନ୍ତି, ଜର୍ଜ ତିର୍କୀ ଓଡିଶାର ଜଣେ ବରିଷ୍ଠ ଆଦିବାସୀ ନେତା। ମୋର ବିଶ୍ୱାସ କଂଗ୍ରେସରେ ତାଙ୍କର ଯୋଗଦାନ ପରେ ବହୁ ଆଦିବାସୀ ଦଳରେ ସାମିଲ ହେବେ। ସୁଦର୍ଶନ ଦାସଙ୍କ ଯୋଗଦାନ ମଧ୍ୟ କଂଗ୍ରେସକୁ ମଜଭୂତ କରିବ। ରାଜ୍ୟର ସମସ୍ତ ଲୋକ ଏକାଠି ହୋଇ ଓଡିଶାର ବିକାଶ ପାଇଁ ଲଢିବାକୁ ସେ ଆହ୍ୱାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ରହି ରାଜ୍ୟର ବିକାଶ ଅସମ୍ଭବ। ରାଜ୍ୟର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ କଂଗ୍ରେସରେ ସାମିଲ ହେବାକୁ କହିଛି ବୋଲି ନିରଞ୍ଜନ କହିଛନ୍ତି। ଏହାସହ ଖୁବ୍ ଶୀଘ୍ର କଂଗ୍ରେସ ସ୍କ୍ରିନିଂ କମିଟି ବୈଠକ କରି ପ୍ରାର୍ଥୀମାନଙ୍କ ତାଲିକା ପ୍ରକାଶ କରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ବୀରମିତ୍ରପୁର ନିର୍ବାଚନମଣ୍ଡଳୀରୁ ଜର୍ଜ ତିର୍କୀ ୪ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ସେ ୧୯୯୫ ଏବଂ ୨୦୦୦ ମସିହାରେ ଜେଏମ୍ଏମ୍(ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା)ରୁ ବିଧାୟକଭାବେ ନିର୍ବାଚିତ ହୋଇଥିଲେ। ମାତ୍ର ୨୦୦୪ରେ ପରାଜିତ ହୋଇଥିଲେ। ଏହାପରେ ଜର୍ଜ ୨୦୦୯ରେ ସ୍ୱାଧୀନ ପ୍ରାର୍ଥୀଭାବେ ବିଧାୟକ ହୋଇଥିବା ବେଳେ ୨୦୧୪ରେ ସମତାକ୍ରାନ୍ତିଦଳର ପ୍ରାର୍ଥୀଭାବେ ବିଧାୟକ ଅଛନ୍ତି। ଆସନ୍ତା ନିର୍ବାଚନରେ ସେ କଂଗ୍ରେସ ଟିକେଟରୁ ନିର୍ବାଚନ ଲଢିବେ। ମାତ୍ର ତାଙ୍କୁ କଂଗ୍ରେସ ପକ୍ଷରୁ ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ସୁନ୍ଦରଗଡ଼ ଆଦିବାସୀ ଏବଂ ଖ୍ରୀଷ୍ଟିଆନ ବହୁଳ ଜିଲା ଅଟେ। ତେଣୁ ଜର୍ଜଙ୍କୁ ପ୍ରାର୍ଥୀ କରି କଂଗ୍ରେସ ଭୋଟ ହାସଲ କରିବାକୁ ଲକ୍ଷ୍ୟରେ ରଖିଛି । ଅନ୍ୟପଟେ ବିଜେଡି ପକ୍ଷରୁ ଯଦି ଦିଲୀପ ତିର୍କୀଙ୍କୁ ପ୍ରାର୍ଥୀ କରାଯାଏ ତେବେ ଏହା ସିଧାସଳଖ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ ସୁହାଇବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଜର୍ଜ କହିଛନ୍ତି, ମୁଁ ବିଜେଡି ଏବଂ ଭାଜପା ବିରୋଧରେ ନିର୍ବାଚନ ଲଢ଼ିବି । ରାଜ୍ୟରେ କଂଗ୍ରେସ କିପରି ସରକାର ଗଢ଼ିବ ସେଥିପାଇଁ ଚେଷ୍ଟା କରିବି। କଂଗ୍ରେସରେ ଯୋଗଦେବା ପରେ ମୋ ଲୋକମାନଙ୍କ ପାଇଁ ଅଧିକ କାମ କରିବାକୁ ସୁଯୋଗ ପାଇବି।

# କଂଗ୍ରେସ, ବିଜେଡି ବିରୋଧରେ ସବୁ ରାଜନୈତିକ ଶକ୍ତିଙ୍କୁ ଏକାଠି କରିବ ଭାଜପା: ଧର୍ମେନ୍ଦ୍ର



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଭାଜପା ନେତାମାନେ।

**ପୁରୀ ଅଫିସ, ୧୯।୯**

- ରାଜ୍ୟରେ ନୂତନ ରାଜନୈତିକ ସମୀକରଣର ଆଭାସ
- ରାଜ୍ୟ ସରକାରଙ୍କୁ ସମାଲୋଚନା
- ଓଡ଼ିଶାରେ ଅଘୋଷିତ ଜରୁରିକାଳୀନ ପରିସ୍ଥିତି
- ପୁରୀ ଏସ୍‌ପି ଔଦ୍ଧତ୍ୟ ଦେଖାଇଛନ୍ତି

ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଚିଲିକାରେ ହେଲିକପ୍ଟର ଉଡ଼ାଇବା ଏବଂ ବିଜେଡିରୁ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ବହିଷ୍କାର ହେବା ଘଟଣା ଏବେ ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଏହି ଦୁଇ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି, ଓଡ଼ିଶାରେ ବର୍ତ୍ତମାନ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଲାଗି ସାରିଲାଣି। ନିୟମ କାନୁନ୍ ଉପରେ କେହି ନୁହନ୍ତି। ଯେତେବଡ଼ ପ୍ରଭାବଶାଳୀ ବ୍ୟକ୍ତି ହୁଅନ୍ତୁ, ଆଇନ କାନୁନ ବାହାରକୁ ଯିବା ଉଚିତ ନୁହେଁ। କିନ୍ତୁ ମୁଁ ମଙ୍ଗଳବାର ଟିଭିରେ ପୁରୀ ଏସ୍‌ପିଙ୍କ ଔଦ୍ଧତ୍ୟକୁ ଦେଖୁଥିଲି। ସେ କହୁଥିଲେ ସମନ କରାଯିବ। ଏହା ପ୍ରମାଣିତ କରୁଛି ରାଜ୍ୟର ଅବସ୍ଥା କ'ଣ ହୋଇଛି।

ପୁରୀର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ ଯେ, ଏକ ନିର୍ଦ୍ଦିଷ୍ଟ ଜାତିକୁ ଆକ୍ଷେପ କରିବାରୁ ଦାମୋଦର ରାଉତଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରାଗଲା ବୋଲି ୬ରୁ ୮ମାସ ତଳେ କୁହାଯାଇଥିଲା। କିନ୍ତୁ ସେତେବେଳେ ନିର୍ଦ୍ଦିଷ୍ଟ ଖବର ମୋ ପାଖରେ ଥିଲା। ଦୁର୍ନୀତିକୁ ଘୋଡ଼ାଇବା ଲାଗି ଏସବୁ କରାଯାଉଛି। ଦାମୋଦର ରାଉତ ଏବଂ ବୈଜୟନ୍ତଙ୍କ ମିଳାମିଶା ଏକ ନୂତନ ରାଜନୈତିକ ସମୀକରଣର ଆଭାସ ଦେଉଛି। ଏହାକୁ ଭାଜପା ସମର୍ଥନ କରିବ କି ପ୍ରଶ୍ନରେ ସେ କହିଥିଲେ ଯେ, ଭାରତୀୟ ଜନତା ପାର୍ଟି(ଭାଜପା) ଓଡ଼ିଶାରେ କଂଗ୍ରେସ ଓ ବିଜେଡି ବିରୋଧରେ ସବୁ ରାଜନୈତିକ ଶକ୍ତିଙ୍କୁ ଏକାଠି କରିବ। ଭାଜପା ଏହାର ନେତୃତ୍ୱ ନେବ। ଏଥିରେ ଭାଜପା ପୂରା ସଫଳ ହେବ ଏହା ମୋର ବିଶ୍ୱାସ। କେନ୍ଦ୍ରମନ୍ତ୍ରୀ ଆହୁରି କହିଥିଲେ ଯେ, ମୃତ୍ତିକା ସଂରକ୍ଷଣ ବିଭାଗରେ ଅନିୟମିତତା, ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଅର୍ଥ ବାଟମାରଣା ଆଦି ଦୁର୍ନୀତି ବିଜେଡି ସରକାର ବିରୋଧରେ ଆସିଛି। ରାଜ୍ୟ ସରକାରଙ୍କ କୋଷାଗାର କୌଣସି ଦଳର ଦଳୀୟ କୋଷାଗାର ନୁହେଁ। ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ଅର୍ଥ ଖର୍ଚ୍ଚ ହେବା କଥା। ରାଜ୍ୟ ସରକାରଙ୍କ ୩ଟି ଯୋଜନା ଉପରେ ଦଳର ବିଧାୟକମାନେ ଏଜିଙ୍କ ନିକଟରେ ଆପତ୍ତି ଉଠାଇଥିଲେ। ଏଜି ଅଡିଟ୍ କରିବା ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। କିନ୍ତୁ ରାଜ୍ୟ ସରକାର ଅଡିଟ ପାଇଁ ରାଜି ନୁହନ୍ତି। ଆଇନକାନୁନର ପରିଧି ମଧ୍ୟରେ ରାଜ୍ୟ ସରକାର ରହିବାକୁ ଚାହୁଁନ ଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ସେ କହିଛନ୍ତି।

ଉକ୍ତ ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ଉପ ସଭାପତି ନୟନ କିଶୋର ମହାନ୍ତି, ପୃଥ୍ୱୀରାଜ ହରିଚନ୍ଦନ, ସମୀର ମହାନ୍ତି, ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟ ହାସ୍ୟାସ୍ପଦ: ପ୍ରତାପ ଦେବ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ):** ଓଡ଼ିଶାରେ ଜରୁରିକାଳୀନ ପରିସ୍ଥିତି ଚାଲିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ମନ୍ତବ୍ୟକୁ ବିଜେଡି ପକ୍ଷରୁ ବିରୋଧ କରାଯାଇଛି। ଦଳର ମୁଖପାତ୍ର ତଥା ରାଜ୍ୟସଭା ସଦସ୍ୟ ପ୍ରତାପ କେଶରୀ ଦେବ କହିଛନ୍ତି, କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟ ହାସ୍ୟାସ୍ପଦ ଏବଂ ଅତ୍ୟନ୍ତ ଶସ୍ତା। ଦେଶରେ ଗୋ-ଚାଲାଣ ନାମରେ ସଂଘବଦ୍ଧ ଆକ୍ରମଣରେ ଜନସାଧାରଣଙ୍କୁ ଯେତେବେଳେ ହତ୍ୟା କରାଯାଉଥିଲା ସେ ସମୟରେ କେନ୍ଦ୍ରମନ୍ତ୍ରୀଙ୍କୁ ଭାରତରେ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହେଲାଭଳି ଲାଗୁ ନ ଥିଲା। ଦେଶରେ ଜରୁରିକାଳୀନ ପରିସ୍ଥିତି କିଏ ସୃଷ୍ଟି କରୁଛି ଏବଂ କାହାଦ୍ୱାରା ସୃଷ୍ଟି ହେଉଛି, ସେ କଥା ଦେଶବାସୀଙ୍କୁ ଆଉ ଅଛପା ନାହିଁ ବୋଲି ପ୍ରତାପ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଏବଂ ବୈଜୟନ୍ତବାବୁ ନିଜ ଭିତରେ ସମନ୍ୱୟ ରକ୍ଷା କରି ଏଭଳି କହୁନାହାନ୍ତି ତ। ପଣ୍ଡାଙ୍କ ଚରିତ୍ର ଯେଭଳି, ସେହିଭଳି ଚରିତ୍ର ତାଙ୍କ ବନ୍ଧୁଙ୍କର ମଧ୍ୟ ହେବା ସ୍ୱାଭାବିକ। କେନ୍ଦ୍ରମନ୍ତ୍ରୀ କହୁଛନ୍ତି, ବିଜେଡିକୁ ଯିଏ ବିରୋଧ କରିବ ତାକୁ ଭାଜପା ସମର୍ଥନ କରିବ। ଓଡ଼ିଶାରେ ଗୋଟିଏ ମେଣ୍ଟ ହେବ। ତେବେ ଓଡ଼ିଶାରେ ଆଉ କେଉଁ କେଉଁ ଦଳ ଅଛି, ତାହା ସେ ସ୍ପଷ୍ଟ କରିଦିଅନ୍ତୁ। ପଛରେ ରହି ଛାୟାଯୁଦ୍ଧ କରିବାକୁ କାହିଁକି କେନ୍ଦ୍ରମନ୍ତ୍ରୀଙ୍କ ଏତେ ଇଚ୍ଛା ହେଉଛି, ତାହା ଜଣାପଡୁନାହିଁ ବୋଲି ପ୍ରତାପ କହିଛନ୍ତି।

# ଆସୁଛି ଲଘୁଚାପ, ୨ ଦିନ ପ୍ରବଳ ବର୍ଷିବ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ):** ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଲଘୁଚାପ ସୃଷ୍ଟି ହୋଇଛି। ଏହା ଅବପାତ(ଡିପ୍ରେସନ)ରେ ପରିଣତ ହୋଇଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଆହୁରି ଉଗ୍ରରୂପ ଧାରଣ କରି ଡିପ୍ ଡିପ୍ରେସନରେ ପରିଣତ ହେବ। ଏହା ପ୍ରଭାବରେ ସାରା ରାଜ୍ୟରେ ଦୁଇଦିନ ପ୍ରବଳ ବର୍ଷା ହେବ। ବୁଧବାର ମଧ୍ୟରାତ୍ରିରୁ ଉପକୂଳ ଓଡିଶାର ଗଞ୍ଜାମ, ଗଜପତି, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଏବଂ ବାଲେଶ୍ୱରର କେତେକ ସ୍ଥାନରେ ବର୍ଷା ହେବ। ୨୦ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଗଞ୍ଜାମ, ଗଜପତି, ପୁରୀ, ରାୟଗଡା, କଳାହାଣ୍ଡି, କନ୍ଧମାଳର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ ଗୋଟିଏ ଦୁଇଟି ସ୍ଥାନରେ ୧୦ ସେଣ୍ଟିମିଟରରୁ ଊର୍ଦ୍ଧ୍ୱ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ସେହିପରି ମାଲକାନଗିରି, ନବରଙ୍ଗପୁର, ନୂଆପଡା, ବଲାଙ୍ଗୀର, ବୌଦ୍ଧ, ସୋନପୁର, ଖୋର୍ଦ୍ଧା, ନୟାଗଡ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର ଜିଲାରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏଥିସହିତ ଅନ୍ୟ ଭାଗରେ ମଧ୍ୟ ଲଘୁଚାପ ଜନିତ ବର୍ଷା ଲାଗି ରହିବ। ୨୧ ତାରିଖରେ ରାୟଗଡା, କଳାହାଣ୍ଡି, କୋରାପୁଟ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାକୁ ଥିବାବେଳେ ଗଜପତି, ନବରଙ୍ଗପୁର, ନୂଆପଡା, ବଲାଙ୍ଗୀର, ବରଗଡ, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଯାଇଛି। ଏହି ସମୟରେ ଉପକୂଳରେ ୫୦ରୁ ୬୦ କି.ମି. ବେଗରେ ପବନ ବହିବ। ଆସନ୍ତା ୭୨ ଘଣ୍ଟା ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ୨୨ ତାରିଖରେ ରାଜ୍ୟରେ ବର୍ଷା ହ୍ରାସ ପରିମାଣ ପାଇବ। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ କେତେକ ସ୍ଥାନରେ ଙ୍କାଁ ଭାଁ ବର୍ଷା ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କୋରାପୁଟରେ ୧୯.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ମାଲକାନଗିରିରେ ୨୬, ଦାରିଙ୍ଗବାଡିରେ ୧୮ ଏବଂ ସମ୍ବଲପୁରରେ ୨୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

airtel

## ନିରପେକ୍ଷ ବିଜ୍ଞପ୍ତି

**ଭାରତୀ ଏୟାରଟେଲ ଲିମିଟେଡ**

ଏତଦ୍ୱାରା ଓଡ଼ିଶା ଟେଲିକମ୍ ସର୍କଲରେ ଏୟାରଟେଲ ସର୍ଭିସ୍ କ୍ଷେତ୍ରରେ ସଂପୃକ୍ତ ସମସ୍ତଙ୍କୁ ଏବଂ ପୃଷ୍ଠପୋଷକମାନଙ୍କୁ ଅବଗତ କରାଯାଉଛି ଯେ 31 ମାର୍ଚ୍ଚ, 2017 ପୂର୍ବରୁ ଜାରି କରାଯାଇଥିବା ନିମ୍ନଲିଖିତ କ୍ରମିକ ସଂଖ୍ୟା ବିଶିଷ୍ଟ ସମସ୍ତ ରିଚାର୍ଜ କୁପନର ବୈଧତା 25 ସେପ୍ଟେମ୍ବର, 2018 ତାରିଖ ପରେ ଶେଷ ହୋଇଯିବ।

ତେଣୁ, କୌଣସି ପ୍ରକାର ଅସୁବିଧା ଏଡ଼େଇବା ପାଇଁ 25 ସେପ୍ଟେମ୍ବର, 2018 ସୁଦ୍ଧା ନିମ୍ନଲିଖିତ କୁପନଗୁଡ଼ିକୁ ବ୍ୟବହାର କରିନେବା ନିମନ୍ତେ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। 25 ସେପ୍ଟେମ୍ବର, 2018 ପରେ ଭାରତୀ ଏୟାରଟେଲ ଲିମିଟେଡ ଏହି ଭଳି ରିଚାର୍ଜ କୁପନଗୁଡ଼ିକର ବିନିମୟ ଏବଂ/ବା ଏହି ସବୁ କୁପନ କ୍ଷେତ୍ରରେ କୌଣସି ଟ୍ରାଞ୍ଜାକ୍ସନ କରିବା ପାଇଁ କୌଣସି ଅନୁରୋଧ ଗ୍ରହଣ କରି ପାରିବ ନାହିଁ। ଅଧିକନ୍ତୁ, 25 ସେପ୍ଟେମ୍ବର, 2018 ପରେ ନିମ୍ନଲିଖିତ ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକ କ୍ଷେତ୍ରରେ କୌଣସି ରିଚାର୍ଜ/ଟ୍ରାଞ୍ଜାକ୍ସନ ସମ୍ବନ୍ଧୀୟ କୌଣସି ପ୍ରକାରର ବାଧ୍ୟବାଧକତା, ଦାବୀ, କ୍ଷୟକ୍ଷତି, ପ୍ରଭୃତି ଉପୁଜିଲେ, ସେଥିପାଇଁ ଭାରତୀ ଏୟାରଟେଲ ଲିମିଟେଡ ଦାୟବଦ୍ଧ ରହିବ ନାହିଁ।

ଓଡ଼ିଶା ଟେଲିକମ ସର୍କଲର ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକର କ୍ରମିକ ସଂଖ୍ୟାର ରେଞ୍ଜ୍ 1341612000000504ରୁ 1341701025533121 ।

**ଭାରତୀ ଏୟାରଟେଲ ଲିମିଟେଡ ପକ୍ଷରୁ ପ୍ରକାଶିତ**
ରେଜିଷ୍ଟର୍ଡ ଅଫିସ୍ : ଭାରତୀ କ୍ରିସେଣ୍ଟ, 1, ନେଲ୍‌ସନ ମଣ୍ଡେଲା ରୋଡ, ବସନ୍ତକୁଞ୍ଜ, ଫେଜ୍ II, ନୂଆ ଦିଲ୍ଲୀ - 110 070
ସର୍କଲ ଅଫିସ : ଭାରତୀ ହାଉସ, E-13/1, ଇନ୍‌ଫୋସିଟି, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଚନ୍ଦ୍ରଶେଖରପୁର, ପଟିଆ, ଭୁବନେଶ୍ୱର-751 024





ଗିରଫ ହେଲେ ମାଲେସିଆର ପୂର୍ବତନ ପ୍ରଧାନମନ୍ତ୍ରୀ ନଜିବ୍ ରଜାକ୍। ୬୨୮ ନିୟୁତ ଡଲାର ନିବେଶ ଅର୍ଥ ହଡ଼ପ୍ ଅଭିଯୋଗରେ ବୁଧବାର ତାଙ୍କୁ ଗିରଫ କରାଯାଇଛି। ନଜିବ୍ ଏବଂ ତାଙ୍କ ଶିଳ୍ପପତି ସହଯୋଗୀମାନେ ଏହି ଅର୍ଥକୁ ନିଜର ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିବା ଅଭିଯୋଗ ହୋଇଛି। ନୂଆ ପ୍ରଧାନମନ୍ତ୍ରୀ ମାହାଥିର ମହମ୍ମଦ କ୍ଷମତାକୁ ଆସିବା ପରେ ଦେଶରେ ଦୁର୍ନୀତି ନିରୋଧୀ ଅଭିଯାନ ଆରମ୍ଭ କରିଛନ୍ତି ଏବଂ ଏହି କ୍ରମରେ ସେ ତାଙ୍କ ପୂର୍ବସୂରୀଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ସାତକୋଶିଆ ଅଭୟାରଣ୍ୟରେ ମାଓବାଦୀ ସନ୍ଦେହ
## ଯବାନଙ୍କ କୋମ୍ବିଂ ଅପରେଶନ ଜାରି

ନରସିଂହପୁର,୧୯।୯ (ସ୍ୱ.ପ୍ର.)- ନରସିଂହପୁର ବ୍ଲକ ଜିଲିଣ୍ଡା ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ସାତକୋଶିଆ ଅଭୟାରଣ୍ୟର ବାଙ୍କଧର ଜଙ୍ଗଲରେ ମାଓବାଦୀ ଥିବା ସନ୍ଦେହ କରି ବିଏସ୍ଏଫ୍ ଯବାନଙ୍କ କୋମ୍ବିଂ ଅପରେଶନ ଜାରି ରହିଛି। ଏନେଇ ବୁଧବାର ଅନୁଗୋଳ ଟିକରପଡା ପଟୁ ଯବାନଙ୍କ ଦ୍ୱାରା କମ୍ବିଂ ଅପରେଶନ ଆରମ୍ଭ କରାଯାଇ ପୁରୁଣାକୋଟରୁ ନରସିଂହପୁର, କଟରଙ୍ଗ, କଇଁତରା, ପଞ୍ଚମା, ଚିକଣଖଣ୍ଡି, ସାନଗାଁ, ଶିଶୁପଥର, ବାରଭାୟା ଆଦି ଦେଇ ନରସିଂହପୁର ବ୍ଲକର ଜୟପୁର ଜଙ୍ଗଲ ପଟେ ବାହାରକୁ ଆସିଥିଲେ। ୩୦ ରୁ ୪୦ ଯୁବକଙ୍କ ହାତରେ ବନ୍ଧୁକ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିଲେ। ବାଙ୍କଧର ଜଙ୍ଗଲରେ ମାଓବାଦୀ ଥିବା ନେଇ ସୂଚନା ମିଳିବା ପରେ ଯବାନଙ୍କ ପକ୍ଷରୁ କୋମ୍ବିଂ ଅପରେଶନ୍ ଜାରି ରହିଛି ବୋଲି ଜିଲିଣ୍ଡା ଫାଣ୍ଡି ଅଧିକାରୀ ଅମର ପ୍ରଧାନ କହିଛନ୍ତି ।

## କ୍ଷତିରେ ୬ କେନ୍ଦ୍ର ସମବାୟ ବ୍ୟାଙ୍କ

ଭୁବନେଶ୍ୱର, ୧୯।୯(ବ୍ୟୁରୋ)-ରାଜ୍ୟରେ କାର୍ଯ୍ୟ କରୁଥିବା ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କ ମଧ୍ୟରୁ ୬ଟି କ୍ଷତିରେ ଚାଲୁଛି। ସେହି କ୍ଷତିର ପରିମାଣ ୬୯କୋଟି ୯୯ଲକ୍ଷ ୯୪ ହଜାର ଟଙ୍କା । କର୍ମଚାରୀମାନଙ୍କର ଦରମା କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକ ପାଇଁ ମାନବ ସମ୍ବଳ ନୀତି - ୨୦୧୧ର ଧାରା ୨୬ରେ ନିର୍ଦ୍ଧାରଣ କରାଯାଇଛି । ସପ୍ତମ ବେତନ କମିଶନ ଲାଗୁ କରିବା ନିମନ୍ତେ ନୟାଗଡ଼, କୋରାପୁଟ, ଆସ୍କା, ଭବାନୀପାଟଣା ଓ ଅନୁଗୋଳ କେନ୍ଦ୍ର ସମବାୟ ବ୍ୟାଙ୍କର ପ୍ରସ୍ତାବ ନିବନ୍ଧକ ସମବାୟ ସମିତି ସମୂହ, ଓଡ଼ିଶାଙ୍କ କାର୍ଯ୍ୟାଳୟରେ ହସ୍ତଗତ ହୋଇଛି । ଏହାକୁ ତର୍ଜମା କରାଯାଇ ନାବାର୍ଡର ମତାମତ ଓ ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟିର ଅନୁମୋଦନ ପରେ ସପ୍ତମ ବେତନ ଲାଗୁ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି।

# ସହରାଞ୍ଚଳରେ ଆଉ ୧୨ ହଜାର ପକ୍କାଗୃହ ନିର୍ମାଣ ହେବ

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ବିଭିନ୍ନ ସହରାଞ୍ଚଳରେ ଆଉ ୧୨୮୬୫ ପକ୍କାଘର ନିର୍ମାଣ ହେବ। ଏଥିପାଇଁ ୩୮୩.୨୯ କୋଟି ଟଙ୍କା ବ୍ୟୟ କରାଯିବ। ବୁଧବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମନିଟରିଂ କମିଟି ବୈଠକରେ ୪୭ଟି ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ(ଡିପିଆର)କୁ ଅନୁମୋଦନ କରାଯାଇଛି। ଏଥିସହିତ ରାଜ୍ୟସ୍ତରୀୟ ବୈଷୟିକ ସେଲ୍ ଗଠନ କରିବା ପ୍ରସ୍ତାବକୁ ମଧ୍ୟ କମିଟି ଅନୁମୋଦନ ଦେଇଛି। ଏହି ସେଲ୍ ଆକ୍ସନ ପ୍ଲାନ ପ୍ରସ୍ତୁତିରେ ବୈଷୟିକ ସହାୟତା ଦେବ। ଗୃହଗୁଡିକର ତୃତୀୟ ପକ୍ଷ ଦ୍ୱାରା ଯାଞ୍ଚ କରାଇବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ୩୩ ହଜାର ଗୃହ ଓଡିଶା ସହରାଞ୍ଚଳ ଆବାସ ଯୋଜନାରେ ନିର୍ମାଣ କରାଯାଉଛି। ସେଥିରୁ ୧୦ ହଜାର ଗୃହ ନିର୍ମାଣ ଶେଷ ହୋଇଥିବା ବେଳେ ୨୩ ହଜାର ଗୃହ ବିଭିନ୍ନ ପର୍ଯ୍ୟାୟରେ ରହିଛି। ୧୧୪ଟି ପୌର ସଂସ୍ଥା ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ୧୧୧ ପୌର ସଂସ୍ଥା ପାଇଁ ୨୦୪ଟି ଡିପିଆରକୁ କମିଟି ଅନୁମୋଦନ ଦେଇଥିଲା। ୫୯ ହଜାର ୧୨୧ ବାସଗୃହ ନିର୍ମାଣ କରିବାକୁ ଯୋଜନା କରାଯାଇଥିବା ବେଳେ ୪୨ ହଜାରକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି ମିଶନ ଜରିଆରେ ହିତାଧିକାରୀଙ୍କୁ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଉଛି। ସେଥିରୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ୧.୫ ଲକ୍ଷ ଟଙ୍କା ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର ପ୍ରତ୍ୟେକ ହିତାଧିକାରୀଙ୍କୁ ୫୦ ହଜାର ଟଙ୍କା ଯୋଗାଇ ଦେଉଛନ୍ତି। ଏହି ବୈଠକରେ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥି ଭାଥନନ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହ୍ୱାଟ୍ସଆପ୍ ଗ୍ରୁପରେ ଅଶ୍ଳୀଳ ଭିଡିଓ ଛାଡ଼ି ପ୍ରଧାନଶିକ୍ଷକ ନିଲମ୍ବିତ

କେନ୍ଦ୍ରାପଡା ଅଫିସ, ୧୯।୯

ତ୍ୱରିତ ମତବିନିମୟ ପାଇଁ ବିଭିନ୍ନ ବିଭାଗ ଓ ଅନୁଷ୍ଠାନ ପକ୍ଷରୁ ହ୍ୱାଟ୍ସଆପ୍ ଗ୍ରୁପ ଖୋଲା ଯାଇଛି। ତେବେ କେତେକ ସ୍ଥାନରେ ଏହାର ଅପବ୍ୟବହାର ହେଉଥିବା ଦେଖାଯାଉଛି। ଏହାର ଏକ ନମୁନା କେନ୍ଦ୍ରାପଡା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଖୋଲାଯାଇଥିବା ହ୍ୱାଟ୍ସଆପ୍ ଗ୍ରୁପରେ ଦେଖିବାକୁ ମିଳିଛି। ଏହି ଗ୍ରୁପରେ ଜନୈକ ପ୍ରଧାନ ଶିକ୍ଷକ ଅଶ୍ଳୀଳ ଭିଡିଓ ପୋଷ୍ଟ କରି ବୁଧବାର ନିଲମ୍ବିତ ହୋଇଥିବା ଜିଲା ଶିକ୍ଷା ଅଧିକାରୀ ଉଦୟନାଥ ମାଝି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜନଗର ବ୍ଲକ ଭାତପଡାସ୍ଥିତ ନୀଳକଣ୍ଠେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସ୍ୱାଇଁ ଜିଲା ଶିକ୍ଷା ଅଧିକାରୀଙ୍କ ଅଫିସିଆଲ ହ୍ୱାଟ୍ସଆପ୍ ଗ୍ରୁପରେ ଏକ ଅଶ୍ଳୀଳ ଭିଡିଓ ପୋଷ୍ଟ କରିଥିଲେ। ଏହାକୁ ନେଇ ଶିକ୍ଷା ବିଭାଗରେ ଆଲୋଚନା ଜୋର ଧରିଥିବା ବେଳେ ମାଝି ବୁଧବାର ପ୍ରଧାନଶିକ୍ଷକ ସ୍ୱାଇଁଙ୍କୁ ନିଲମ୍ବିତ କରିଥିଲେ। ଏ ସମ୍ପର୍କରେ ନିଲମ୍ବିତ ପ୍ରଧାନଶିକ୍ଷକ ସ୍ୱାଇଁଙ୍କ ସୂଚନା ଅନୁଯାୟୀ ଏହି ଭିଡିଓ ତାଙ୍କ ମୋବାଇଲରେ ନ ଥିଲା। ସମ୍ଭବତଃ ବିଦ୍ୟାଳୟ ଟେବୁଲ ଉପରେ ରଖିଥିବା ବେଳେ ଅନ୍ୟକେହି ମୋବାଇଲ ଉଠାଇ ନେଇ ଭିଡିଓ ପୋଷ୍ଟ କରିଛନ୍ତି। କେହି ଚକ୍ରାନ୍ତ କରି ଏଭଳି କରିଥିବା ସେ ସୂଚନା ଦେଇଛନ୍ତି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୨୫.୬ |
| ଚାନ୍ଦବାଲି | ୩୩.୭ | ୨୬.୪ |
| କଟକ | ୩୨.୬ | ୨୪.୪ |
| ପାରାଦ୍ୱୀପ | ୩୩.୭ | ୨୬.୯ |
| ଭୁବନେଶ୍ୱର | ୩୩.୬ | ୨୫.୧ |
| ଗୋପାଳପୁର | ୩୪.୦ | ୨୫.୭ |
| ପୁରୀ | ୩୩.୬ | ୨୫.୬ |
| ଅନୁଗୋଳ | ୩୩.୧ | ୨୧.୬ |
| ବାରିପଦା | ୩୫.୦ | ୨୭.୦ |
| ଝାରସୁଗୁଡ଼ା | ୩୪.୭ | ୨୫.୩ |
| କେନ୍ଦୁଝର | ୩୧.୫ | ୨୩.୪ |
| ସମ୍ବଲପୁର | ୩୪.୦ | ୨୨.୬ |
| ସୁନ୍ଦରଗଡ଼ | --- | ୨୧.୦ |
| ହୀରାକୁଦ | ୩୪.୦ | ୨୫.୦ |
| ତାଳଚେର | ୩୫.୧ | ୨୫.୦ |
| ଭବାନୀପାଟଣା | ୩୨.୦ | ୨୩.୫ |
| ବଲାଙ୍ଗୀର | ୩୪.୦ | ୨୪.୨ |
| କୋରାପୁଟ | ୨୮.୦ | ୧୮.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୩.୦ | ୨୨.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୩୪.୬ | ୨୩.୦ |
| ଦାରିଙ୍ଗିବାଡ଼ି | ୨୫.୦ | ୧୮.୫ |
| ଢେଙ୍କାନାଳ | ୩୩.୨ | ୨୪.୬ |

ଡିଗ୍ରୀ ସେଲ୍ସିୟସ୍

## ପ୍ରଭାତ ବିଶ୍ୱାଳଙ୍କୁ ଶ୍ରେଷ୍ଠ ବିଧାୟକ ପୁରସ୍କାର

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ବୁଧବାର ଶ୍ରେଷ୍ଠ ବିଧାୟକ ପଣ୍ଡିତ ନୀଳକଣ୍ଠ ଦାସ ପୁରସ୍କାର ପ୍ରଦାନ କରାଯାଇଛି। ବିଧାନସଭା କାର୍ଯ୍ୟାଳୟରେ ବାଚସ୍ପତି ପ୍ରଦୀପ କୁମାର ଅମାତ ବିଶ୍ୱାଳଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଅଗଷ୍ଟ ୨୪ ତାରିଖରେ ଅନୁଷ୍ଠିତ ଶ୍ରେଷ୍ଠ ବିଧାୟକ ପୁରସ୍କାର ଉତ୍ସବରେ ପ୍ରଭାତ ସ୍ୱାସ୍ଥ୍ୟଗତ କାରଣରୁ ଯୋଗ ଦେଇପାରି ନ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଏଥିପାଇଁ ସେ ବାଚସ୍ପତି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହାସହ ସେ ଚୌଦ୍ୱାର- କଟକବାସୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବା ସହ ତାଙ୍କୁ ଆହୁରି ଭଲ କାମ କରିବାକୁ ପ୍ରେରଣା ଯୋଗାଇବ ବୋଲି ପ୍ରଭାତ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜପଇ ଦାଣ୍ଡରେ ତୁଳସୀ ମାଳି,**
**ଗ୍ରାମେ ଗ୍ରାମେ ପଶି କରଇ କଳି ।**

ଆକୃତି ବା ବାହ୍ୟ ସ୍ୱରୂପ ଦେଖି ପ୍ରକୃତି ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର ହୋଇଥାଏ। ସାଧୁବେଶ ହୋଇ ହାତରେ ତୁଳସୀ ମାଳା ଧରି କିଛି କପଟୀ ସ୍ୱଭାବର ବ୍ୟକ୍ତି ଅନ୍ୟକୁ ପ୍ରଭାବିତ କରି ନିଜ ମନ୍ଦ ଉଦ୍ଦେଶ୍ୟକୁ ଚରିତାର୍ଥ କରାଇବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳତାର ସୁଯୋଗ ନେଇ ମନରେ ବିଶ୍ୱାସ ଜନ୍ମାଇ ଅନ୍ୟକୁ ଠକି ଚାଲିଥାନ୍ତି। ଭଣ୍ଡ ବା ଠକ ପ୍ରକୃତି ବ୍ୟକ୍ତିଙ୍କର ଏପରି ସ୍ୱଭାବ ହୋଇଥିବା ନେଇ ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ଜୀବନରେ ରଖି ଶତ୍ରୁକୁ ସାଧିବ,**
**ଜମିକୁ ସାଧିବ କମଣରେ,**
**ଅଭ୍ୟାସ ବଶରେ ବିଦ୍ୟାକୁ ସାଧିବ,**
**ବିଷକୁ ସାଧିବ ମାରଣରେ ।**

ଶତ୍ରୁକୁ ଜୀବନରେ ନ ମାରି ତା ଉପରେ ପ୍ରତିଶୋଧ ନେବା ହିଁ ଅସଲ ବିଜୟ ହୋଇଥାଏ। ଜମିକୁ ହଳ ଲଙ୍ଗଳରେ ଚାଷକଲେ ଜମି ଉର୍ବର ହେବା ସହ ଭଲ ଫସଲ ମିଳିଥାଏ। ସେହିପରି ଅଭ୍ୟାସ ବଳରେ ବିଦ୍ୟାକୁ ଆୟତ୍ତ କରିବା ଭଳି ବିଷକୁ ବିଷରେ କାଟିବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ଓକିଲଙ୍କ ଘରେ କଳାକନା ବୁଲାଇଲେ
# ନଗଦ ୧୦ ଲକ୍ଷ, ସୁନା ଗହଣା ଚୋରି

ଜୟପୁର,୧୯।୯(ନି.ପ୍ର./ଡି.ଏନ୍.ଏ.)

ଜୟପୁର ଟାଉନ ଥାନା ଅଞ୍ଚଳର ବାସିନ୍ଦା ଥିବା ଜଣେ ଆଇନଜୀବୀଙ୍କ ଘରୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ସେମାନେ ନଗଦ ୧୦ ଲକ୍ଷ ଟଙ୍କା ସହ ସୁନା ଗହଣା ଚୋରି କରିନେଇଛନ୍ତି।

ସୂଚନା ଅନୁଯାୟୀ, ଜୟପୁର ଦ୍ୱିତୀୟ ଲାଇନରେ ରୁହନ୍ତି ମନୋଜ କୁମାର ପଟ୍ଟନାୟକ। ପେସାରେ ସେ ଜଣେ ଆଇନଜୀବୀ। ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କ ପରିବାର ଲୋକେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶିଥିଲେ। ସେମାନେ ଆଲମିରା ଭାଙ୍ଗି ସେଥିରେ ଥିବା ନଗଦ ୧୦ ଲକ୍ଷ ଟଙ୍କା, ୩ ଭରି ସୁନା ହାର, ୬ଟି କାନଫୁଲ, ୪ ଭରି ଲେଖାଏଁ ଓଜନର ୫ଟି ସୁନା ମୁଦି, ୩ ଭରିର ସୁନା ଖଣ୍ଡ, ୪ଟି ସୁନା ଚୁଡ଼ି, ୧ଭରି ସୁନା କଏନ, ୨ଭରିର ରୁପା, ୬ ଖଣ୍ଡ ପାଟ ଶାଢ଼ି, ଏଟିଏମ କାର୍ଡ଼ ଚୋରି କରିନେଇଛନ୍ତି। ରାତିରେ ଦୁର୍ବୃତ୍ତମାନେ ଏତେ ସତର୍କତାର ସହ ଚୋରି କରିଥିଲେ ଯେ ମନୋଜଙ୍କ ପରିବାର ଲୋକେ ଏହାର ସାମାନ୍ୟତମ ଶବ୍ଦ ବାରିପାରି ନଥିଲେ। ସକାଳୁ ଉଠି ଦେଖିବା ବେଳକୁ ଆଲମିରା ଖୋଲା ପଡ଼ିଥିଲା। ନଗଦ ଟଙ୍କା ସହ ସୁନା ଗହଣା ଓ ରୁପାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ମନୋଜ କହିଛନ୍ତି। ବୁଧବାର ମନୋଜଙ୍କ ସହ ଓକିଲ ସଂଘର ସଭାପତି ବିରେଶ ପଟ୍ଟନାୟକ, ଆଇନଜୀବୀ ପ୍ରଭାକର ପଟ୍ଟନାୟକ ଟାଉନ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ଏସ୍ଆଇ ଶିବ ଶଙ୍କର ସାହୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |




Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ଯାନ୍ତ୍ରିକ ଉପକରଣ
All India Govt. (ପଞ୍ଜୀକୃତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀରୁ ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ । ଅଗ୍ରିମ ୨୦,୦୦୦,୦୦ ଭଡ଼ା 45,000, ବାଇକ୍ + ଅନ୍ୟାନ୍ୟ ସୁବିଧାସୁଯୋଗ। ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ।
7056060195
7065897645
G-72(A), Jahangir Puri, Galli No.-8, Delhi

ଇନଫ୍ରା ଟେଲିକମ୍ ନେଟୱର୍କ କମ୍ପାନୀ
ଖାଲି ଜମି, ଚାଷଜମି, ଛାତ ଯେକୌଣସି ସ୍ଥାନରେ ନେଟୱର୍କ ଉପକରଣ ସ୍ଥାପନ କରନ୍ତୁ। ଅଗ୍ରିମ 30-90 ଲକ୍ଷ । ଭଡ଼ା - 30ରୁ 90 ହଜାର। ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଏବଂ ନେଟୱର୍କ ଉପକରଣ ସ୍ଥାପନ + ମାଗଣା ମୋବାଇଲ, ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ।
ନାମ ଓ ଠିକଣା ଦିଅନ୍ତୁ ତା'ପରେ ଆମେ ଆପଣଙ୍କୁ ସର୍ଭେ ଫଳାଫଳ ଦେବୁ।
Address:- Head Office
G-79 Aadrsh Nagar Krolbagh Delhi
Contact: 8009586581, 8881393751

DOORSANCHAR YOJNA
(A GOVT. APPROVED)
ସରକାରୀ ଯୋଜନାରେ ଅନ୍ତର୍ଗତ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ଖାଇବା Free
Office No.413, Commercial Complex, Paschim Vihar, New Delhi-64
08076675193
08700152155

FINANCE
No File Charge No Guarantor
KMB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
Apply Online From Home
Lane No - 5, MG Road, Bangalore
8445013573
7895667899

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର - 9870548744
କଟକ - 7290022882
ଅନୁଗୁଳ - 7290027866
ବଲାଙ୍ଗୀର - 9870548676
ପୁରୀ - 7290022876
ବରଗଡ଼ - 7290027864
ଭଦ୍ରକ - 7290022886
ଗଞ୍ଜାମ - 7290027860
ଯାଜପୁର - 9870548373
ଖୋର୍ଦ୍ଧା - 9870549050
କୋରାପୁଟ - 9870549092
ମୟୂରଭଞ୍ଜ - 7290022884
ସମ୍ବଲପୁର - 7290022879
ସୁନ୍ଦରଗଡ଼ - 7290027868
Shop No. 108, 1st Floor, M.G. Road, Gurgaon




SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833




ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଭାରତର ସର୍ବଶ୍ରେଷ୍ଠ କମ୍ପାନୀ
BALAJI FINANCE
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଜନକଲ୍ୟାଣ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗାଡ଼ି, ବ୍ୟବସାୟ, ପଶୁପାଳନ, କୃଷି ଏବଂ ଗ୍ରୁପ୍ ଋଣ ପାଆନ୍ତୁ 1 ଲକ୍ଷରୁ ୨୫ ଲକ୍ଷ ପର୍ଯ୍ୟନ୍ତ 2% ସୁଧ 40% ରିହାତି ମାତ୍ର 12 ଘଣ୍ଟାରେ। ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ।
J/6, B Block, Jiwan Park, Delhi
********* Call Now *********
7310644383

କମ୍ପାନୀର ସମସ୍ତ ଖର୍ଚ୍ଚ ଋଣରୁ କଟିବ।
ଭାରତର ନଂ.1 କମ୍ପାନୀ
M. GROUP OF FINANCE
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି ଆଦି ସମସ୍ତ ଋଣ ଘରେ ବସି ପାଆନ୍ତୁ 2% ସୁଧ, 50% ରିହାତିରେ।
(ଠକମାନଙ୍କ ପ୍ରତି ସାବଧାନ)
9467916478
9467913850
J/6, B-Block, Jiwan Park, Delhi










L O A N
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
No File Charge No Guarantor
Apply Online From Home
7302721098
8650077892

!! LOAN LOAN LOAN !!
CAPITAL FINANCE LTD.
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନନ୍ ବଳାତ୍କାର ମାମଲାରେ ବିଶପ୍ ଫ୍ରାଙ୍କୋ ମୁଲକ୍କଲଙ୍କୁ ବୁଧବାର ୭ ଘଣ୍ଟା ମାରାଥନ୍ ଜେରା କରିଛି କେରଳ ପୋଲିସ। ଗୁରୁବାର ମଧ୍ୟ ଏହି ପଚରାଉଚୁରା ପ୍ରକ୍ରିୟା ଜାରି ରହିବ। ୫୪ ବର୍ଷୀୟ ବିଶପ୍ଙ୍କୁ କ୍ରାଇମ୍ ବ୍ରାଞ୍ଚ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ର ସଦସ୍ୟମାନେ ଜେରା କରିଥିଲେ ବୋଲି କୋଟି ଡିଏସ୍ପି କେ. ସୁଭାଷ ସୂଚନା ଦେଇଛନ୍ତି। ସେପଟେ ବିଶପ୍ଙ୍କ ବିରୋଧରେ ଆରମ୍ଭ ହୋଇଥିବା ନନ୍ମାନଙ୍କ ବିକ୍ଷୋଭ ପ୍ରଦର୍ଶନ ବୁଧବାର ୧୨ ଦିନରେ ପ୍ରବେଶ କରିଛି।

## ସଂକ୍ଷେପରେ

### ଜେଲ୍ ଗଲେ ମହିମାନନ୍ଦ

**କୁଜଙ୍ଗ,୧୯।୯(ସ୍ୱ.ପ୍ର.):** ପାରାଦୀପର ବହୁ ଚର୍ଚ୍ଚିତ ସିଓ୍ୱଜ ପରିଚାଳକ ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ୨୦୧୭ ଜୁନ୍ ୧୬ରେ ଓଡ଼ିଶା ହାଇକୋର୍ଟ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ଜାମିନ ମଞ୍ଜୁର କରିଥିଲେ। ମାତ୍ର ଏହି ଜାମିନ୍କୁ ରଦ୍ଦ କରିବା ପାଇଁ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ମଙ୍ଗଳବାର ସୁପ୍ରିମକୋର୍ଟ ମହିମାନନ୍ଦଙ୍କ ଜାମିନ୍କୁ ରଦ୍ଦ କରିଦେବା ସହ ତାଙ୍କୁ ତଳ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ମହିମାନନ୍ଦ ବୁଧବାର କୁଜଙ୍ଗ ଜେଏମ୍ଏଫ୍ସିଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଜେଏମ୍ଏଫ୍ସି ମାମି ବେହେରା ତାଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି । ଫଳରେ ସେ ପୁନର୍ବାର କୁଜଙ୍ଗ ସବ୍ଜେଲ୍କୁ ଯାଇଛନ୍ତି। ପାରାଦୀପରେ ଘଟିଥିବା ମହେନ୍ଦ୍ର ସ୍ୱାଇଁ ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ତାଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ୨୦୧୭ ଡିସେମ୍ବରରେ ତାଙ୍କୁ ବ୍ୟାଙ୍କକରୁ ଗିରଫ କରାଯାଇ କୁଜଙ୍ଗ କୋର୍ଟରେ ହାଜର କରାଯାଇଥିଲା। ସେ କୁଜଙ୍ଗ ଉପକାରାଗାରରେ ୧୫ ଦିନ ରହିବା ପରେ ଚୌଦ୍ୱାର ଜେଲ୍କୁ ସ୍ଥାନାନ୍ତର ହୋଇଥିଲେ। ବୁଧବାର ମହିମାଙ୍କ ପାଇଁ ତାଙ୍କ ଓକିଲ ଜାମିନ ଆବେଦନ ସହ ଦିଲ୍ଲୀରେ ଅସ୍ତ୍ରୋପଚାର ପାଇଁ ପରାମର୍ଶ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ । ହେଲେ କୋର୍ଟ ସେହି ଆବେଦନକୁ ଖାରଜ କରି ଦେଇଥିଲେ।

### ୮.୫ କୋଟିରେ କିଙ୍ଗଫିଶରର ୨ ହେଲିକପ୍ଟର ବିକ୍ରି

**ନୂଆଦିଲ୍ଲୀ,୧୯।୯:** ବୁଧବାର କିଙ୍ଗଫିଶର ଏୟାର ଲାଇନ୍ସର ଦୁଇଟି ହେଲିକପ୍ଟର ୮.୫ କୋଟି ଟଙ୍କାରେ ବିକ୍ରି ହୋଇଯାଇଛି। ଜଣେ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଋଣ ପ୍ରଦାନ କରିଥିବା ବ୍ୟାଙ୍କଗୁଡିକ ପକ୍ଷରୁ କିଙ୍ଗଫିଶରର ଦୁଇଟି ଏୟାରବସ ହେଲିକପ୍ଟରକୁ ବିକ୍ରି ପାଇଁ ନିଲାମ ଡାକିଥିଲେ। ବେଙ୍ଗାଲୁରୁରେ ଆୟୋଜିତ ଇ-ନିଲାମିରେ ଦୁଇଟି ହେଲିକପ୍ଟର ପାଇଁ ରିଜର୍ଭ ପ୍ରାଇସ ୩.୫ କୋଟି ଟଙ୍କା ରଖାଯାଇଥିଲା। ସ୍ଥାନୀୟ ଚୌଧୁରୀ ଏଭିଏଶନ ଫାଶିଲିଟିଜ ଏହି ନିଲାମୀରେ ସଫଳ ହୋଇଥିଲା ବୋଲି ଦାବି କରିଛି ଏବଂ ୮.୫୭ କୋଟି ଟଙ୍କା ଦେବ ବୋଲି ଘୋଷଣା କରିଛି। ଋଣରେ ବୁଡିଯିବା ପରେ କିଙ୍ଗଫିଶର ଏୟାରଲାଇନ୍ସ ବନ୍ଦ ହୋଇଯାଇଛି। ଏହାର ମାଲିକ ବିଜୟ ମାଲ୍ୟା ଋଣ ପରିଶୋଧ କରିବା ପରିବର୍ତ୍ତେ ଲଣ୍ଡନକୁ ପଳାୟନ କରିଛନ୍ତି। ତାଙ୍କର ପ୍ରତ୍ୟର୍ପଣ ପାଇଁ ଏବେ କୋର୍ଟରେ ମାମଲା ଚାଲିଛି।

### ଦିବ୍ୟାଙ୍ଗ ଭୋଟରଙ୍କ ନାମ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ):** ଯେଉଁ ଦିବ୍ୟାଙ୍ଗମାନଙ୍କ ନାମ ଭୋଟର ତାଲିକାଭୁକ୍ତ ହୋଇନାହିଁ ସେମାନଙ୍କ ନାମ ଆସନ୍ତା ଅକ୍ଟୋବର ୫ସୁଦ୍ଧା ପଞ୍ଜୀକୃତ କରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତସ୍ତରରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ସେମାନଙ୍କୁ ତାଲିକାଭୁକ୍ତ କରାଯିବ ବୋଲି ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ଅଧକ୍ଷ ତଥା ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ପ୍ରକାଶ କରିଛନ୍ତି। ବୁଧବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ବୈଠକରେ ଅଧକ୍ଷତା କରି ସୁରେନ୍ଦ୍ର କୁମାର କହିଛନ୍ତି, ଏ ସମ୍ପର୍କରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ସହ ଖବରକାଗଜ, ଟେଲିଭିଜନ ଓ ରେଡିଓରେ ବିଜ୍ଞାପନ ଦିଆଯାଇ ପ୍ରଚାର କରାଯିବ। ଏହି ପ୍ରକ୍ରିୟାରୁ ଯେପରି କୌଣସି ଦିବ୍ୟାଙ୍ଗ ଭୋଟର ବାଦ୍ ନ ପଡିବେ ତା'ଉପରେ ଗୁରୁତ୍ୱ ଦେବାକୁ ସୁରେନ୍ଦ୍ର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସବୁ ଜିଲାପାଳ ଜିଲାସ୍ତରରେ ଷ୍ଟିୟରିଂ କମିଟି ଗଠନ କରିବା ସହ ଦିବ୍ୟାଙ୍ଗ ଭୋଟରମାନଙ୍କୁ ଚିହ୍ନଟ କରି ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବା ଦିଗରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଭୋଟ ସମୟରେ ପ୍ରତ୍ୟେକ ବୁଥ୍ରେ ଦିବ୍ୟାଙ୍ଗ ଭୋଟରମାନଙ୍କ ଲାଗି ସୁଗମ ମତଦାନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଦିବ୍ୟାଙ୍ଗଙ୍କ ଲାଗି ସ୍ୱତନ୍ତ୍ର ର୍ୟାମ୍ପ, ଗାଡି ପାର୍କିଂର ବ୍ୟବସ୍ଥା ସହ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ସ୍ଥିର ହୋଇଛି।

# ଏବେବି ମୁଁ ବିଜେଡିରେ ଅଛି: ଦାମ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**





■ପାରାଦୀପରୁ ନିର୍ବାଚନ ଲଢ଼ିବେ କହିଲେ ବିଷ୍ଣୁ
■ସେ ଆଉ ବିଧାୟକ ହୋଇପାରିବେନି: ଦାମ

ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର ଧରିଛି। ବିଜେଡିରୁ ବହିଷ୍କୃତ ହେବାପରେ ମଧ୍ୟ ଦାମଙ୍କ ତୁଣ୍ଡରେ ଲଗାମ୍ ଲାଗୁନି। ବୁଧବାର ପୁନର୍ବାର ଦାମ ନୂଆ କଥା କହିଛନ୍ତି। ସେ ଏବେବି ବିଜେଡିରେ ଅଛନ୍ତି ବୋଲି କହିଛନ୍ତି । ଅନ୍ୟପଟେ ଦାମଙ୍କ ପାରମ୍ପରିକ ଶତ୍ରୁ ତଥା ପୂର୍ବତନ ବିଧାୟକ ବିଷ୍ଣୁ ଦାସ କହିଛନ୍ତି ସୁଯୋଗ ମିଳିଲେ ପାରାଦୀପରୁ ନିର୍ବାଚନ ଲଢିବି। ଏହାକୁ ନେଇ ଦାମ ଓ ବିଷ୍ଣୁ ପୁଣି ମୁହାଁମୁହିଁ ହୋଇଛନ୍ତି।

ବିଷ୍ଣୁ କହିଛନ୍ତି, ଯଦି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଦଳ ଚାହିଁବ ତେବେ ମୁଁ ପାରାଦୀପରୁ ଲଢିବାକୁ ପ୍ରସ୍ତୁତ। ଦାମଙ୍କ ପାଖରେ ଏବେ କେହି ନାହାନ୍ତି, ଆମ ପାଖରେ ସଙ୍ଗଠନ ରହିଛି। କିଛିଦିନ ତଳେ ଦାମବାବୁ ପାରାଦୀପ ଯାଇଥିଲେ ସେଠାରେ କ'ଣ ଘଟିଲା ତାହା ଆପଣମାନେ ଜାଣିଛନ୍ତି। ପାରାଦୀପକୁ ନେଇ ଦାମ ଯେଉଁ ଦମ୍ଭୋକ୍ତି ଦେଖାଉଛନ୍ତି ତାହା କେବଳ ତାଙ୍କ ବାହୁସ୍ଫୋଟ। ମୁଁ ନିର୍ବାଚନ ଲଢିଲେ ଜିତିବି କି ହାରିବି ତାହା ସମୟ ଓ ପାରାଦୀପ ଜନସାଧାରଣ କହିବେ। ଜିଲାରେ ଅନେକ କର୍ମୀ ଅଛନ୍ତି ଯେଉଁମାନେ ବିଜୁଙ୍କ ଆଦର୍ଶରେ ଅନୁପ୍ରାଣିତ, ମାତ୍ର ଦାମବାବୁ ତାଙ୍କୁ ଡରାଇ ରଖିଥିଲେ । ଏବେ ସେମାନେ ସ୍ୱେଚ୍ଛାକୃତ ଭାବେ ଆସି ଦଳକୁ ଆଗେଇ ନେବେ ବୋଲି ବିଷ୍ଣୁ କହିଛନ୍ତି।

ବିଷ୍ଣୁଙ୍କ ଏଭଳି ବୟାନ ଉପରେ ପ୍ରତିକ୍ରିୟା ରଖି ଦାମ କହିଛନ୍ତି , ପାରାଦୀପ କ'ଣ ସେ କେଉଁଠାରୁ ବି ବିଧାୟକ ହୋଇପାରିବେ ନାହିଁ। ବିଷ୍ଣୁଙ୍କ ଭଳି ଅବାଞ୍ଛିତ ଲୋକଙ୍କ ସହ ତାଙ୍କୁ ଯୋଡା ନ ଯାଉ। ବିଷ୍ଣୁଙ୍କ ସମ୍ପର୍କରେ କିଛି ପଚାରନ୍ତୁ ନାହିଁ ବୋଲି ଦାମ ସିଧାସଳଖ କହିଛନ୍ତି। ଅନ୍ୟପଟେ ବିଜେଡିରେ ଏବେ ବି ସେ ଅଛନ୍ତି ବୋଲି ଦାମ କହିଛନ୍ତି । ବିଜେଡିରୁ ବହିଷ୍କାର ନେଇ କେବଳ ଗଣମାଧ୍ୟମରୁ ଶୁଣିବାକୁ ପାଇଛି। ଦଳ ତରଫରୁ ମୋତେ ଏପର୍ଯ୍ୟନ୍ତ କିଛି କୁହାଯାଇ ନାହିଁ। ଦଳର ଗୋଟିଏ ସମ୍ବିଧାନ ଅଛି। ମୁଁ ଦଳରେ ଜଣେ ପୁରୁଖା ସଭ୍ୟ ଓ କାର୍ଯ୍ୟକାରିଣୀ କମିଟିର ନିର୍ବାଚିତ ସଦସ୍ୟ। କାର୍ଯ୍ୟକାରିଣୀ କମିଟିରେ କଥା ନ ପକାଇ ଓ ମୋତେ କୌଣସି କୈଫିୟତ ମଗା ନ ଯାଇ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। ଏପରି କି ଘଟଣା ସମ୍ପର୍କରେ ସଭାପତି ମୋତେ ଡାକି କିଛି ପଚାରି ନାହାନ୍ତି। ତେବେ ମୋତେ କିପରି ଦଳରୁ ବହିଷ୍କାର କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଖବରକାଗଜରୁ ଜାଣିବାକୁ ପାଇଲି ମୋତେ ଦଳରୁ ବହିଷ୍କାର କରାଯାଇଛି। କିଏ ଜଣେ ବିଜୟ ନାୟକ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୋତେ ଦଳରୁ ବହିଷ୍କାର କରିଛନ୍ତି ବୋଲି ଜାଣିବାକୁ ପାଇଲି। ସିଏ କିଏ, କେବେହେଲେ ବୋଲି ଦାମ କହିଛନ୍ତି । ବିଜୟ ନାୟକ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇ ନାହାନ୍ତି। ସେ କେଉଁ ଆଧାରରେ ଜଣେ କାର୍ଯ୍ୟକାରୀ ସଦସ୍ୟଙ୍କୁ ବହିଷ୍କାର କରୁଛନ୍ତି। ଯିଏ ବୋଲି ସିଏ ଚିଠିରେ ଲେଖିଦେଲେ କ'ଣ ମୁଁ ଦଳରୁ ବହିଷ୍କୃତ ହୋଇଯିବି। ତେଣୁ ବିଜେଡିର ବିଧିବ୍ୟବସ୍ଥା ଅନୁସାରେ ମୋତେ ବହିଷ୍କାର କରାଯାଉ ବୋଲି ଦାମ କହିଛନ୍ତି। ସେ ପୁଣି କହିଛନ୍ତି, ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଦୁର୍ନୀତି ହୋଇଛି ବୋଲି ମନ୍ତ୍ରୀ ସ୍ୱୀକାର କରିଥିଲେ। ଯାହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହସିକି ଉଡାଇଦେଇଥିଲେ। ଏହାକୁ ହାସ୍ୟାସ୍ପଦ ବୋଲି କହିଥିଲେ। ସରକାରଙ୍କ ସ୍ୱୀକୃତ ଦୁର୍ନୀତିକୁ ମୁଖ୍ୟମନ୍ତ୍ରୀ ହାସ୍ୟାସ୍ପଦ କହୁଛନ୍ତି। ଏଥିରୁ ଜଣାପଡୁଛି ମୁଖ୍ୟମନ୍ତ୍ରୀ ଦୁର୍ନୀତିକୁ ନୀତି କରିଦେଇଛନ୍ତି। ଆଉ ନୀତିକୁ ଦୁର୍ନୀତି କରୁଛନ୍ତି।

## ■ ଘରୋଇ ଶିକ୍ଷାନୁଷ୍ଠାନର ଶୋଷଣକୁ ବିରୋଧ

# ଲୋୟର ପିଏମ୍ଜିରେ ଅଭିଭାବକଙ୍କ ଗଣସତ୍ୟାଗ୍ରହ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**

ଅଧିକାଂଶ ଘରୋଇ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କୁ ଶୋଷଣ କରୁଛନ୍ତି। ଏଥିରୁ ମୁକ୍ତି ଲାଗି ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ସ୍ୱତନ୍ତ୍ର ନିୟମ ପ୍ରଣୟନ ଦାବି କରିଛି ଓଡ଼ିଶା ପ୍ୟାରେଣ୍ଟ୍ସ ଆସୋସିଏଶନ ଫୋରମ। ବୁଧବାର ଏ ନେଇ ଫୋରମ ପକ୍ଷରୁ ବିଧାନସଭା ସମ୍ମୁଖରେ ଗଣସତ୍ୟାଗ୍ରହ କରାଯାଇଛି। ଫୋରମ୍ର ସଭାପତି ଗଗନ ବିହାରୀ ଧଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ତା'ଙ୍କ ଯୁଗ୍ମ ସଚିବଙ୍କୁ ଭେଟି ଦାବି ସମ୍ପର୍କିତ ସ୍ମାରକପତ୍ର ପ୍ରଦାନ କରିଥିଲେ।





ଗଣ ସତ୍ୟାଗ୍ରହରେ ସାମିଲ ହୋଇଥିବା ଅଭିଭାବକମାନେ।

ଶତାଧିକ ଅଭିଭାବକ ମାଷ୍ଟରକ୍ୟାଣ୍ଟିନ ଛକରୁ ଶୋଭାଯାତ୍ରାରେ ଆସି ବିଧାନସଭା ସମ୍ମୁଖରେ ପହଞ୍ଚିଥିଲେ। ପରେ ଏକ ସଭା କରି ଘରୋଇ ଶିକ୍ଷାନୁଷ୍ଠାନର ଶୋଷଣ ଉପରେ ବକ୍ତବ୍ୟ ରଖିଥିଲେ। ଫୋରମ୍ ଅଭିଯୋଗ କରିଛି ଯେ, ଉନ୍ନତ ଶିକ୍ଷାଦାନ ଆଳରେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ଛାତ୍ର ଏବଂ ଅଭିଭାବକଙ୍କ ନିକଟରୁ ଟଙ୍କା ଶୋଷଣ କରିଚାଲିଛନ୍ତି। ଏହା ଉପରେ ରାଜ୍ୟ ସରକାର ରେଗୁଲେଶନ ଆକ୍ଟ ଆଣୁନାହାନ୍ତି। ରାଜ୍ୟ ସରକାର ତୁରନ୍ତ ଘରୋଇ ବିଦ୍ୟାଳୟଗୁଡିକ ପାଇଁ ନିୟମ ଆଣିବାକୁ ଫୋରମ ଦାବି କରିଛି। ଏଥିରେ ଫୋରମ ଉପସଭାପତି ମଧୁସୂଦନ ବିଶ୍ୱାଳ, କାର୍ଯ୍ୟକାରୀ ସଭାନେତ୍ରୀ ସଂଯୁକ୍ତା ପାଣିଗ୍ରାହୀ, ବିରୋଧୀ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି, ବରିଷ୍ଠ ସାମ୍ବାଦିକ ରବି ଦାଶ, ଜୟନ୍ତ ଦାଶ, ପୂର୍ବତନ ଏମ୍ପି ମହାମେଘବାହନ ଐର ଖାରବେଳ ସ୍ୱାଇଁ, ଏବିଭିପିର ଅଭିଳାଷ ପଣ୍ଡା, ସିଭିଲ ସୋସାଇଟିର ପ୍ରଦୀପ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।





ଗୋଟିଏ ଦିନରେ ଦୁଇ ହାତୀ ମୃତ: ବଲାଙ୍ଗୀର ବନଖଣ୍ଡ ଅଧୀନ ଦେଓଗାଁ ବ୍ଲକ ଉପରଝର ଗାଁ ନିକଟ କ୍ଷେତରେ ବୁଧବାର ମରି ପଡ଼ିଥିବା ଏକ ହାତୀ। ବିଦ୍ୟୁତ୍ ଆଘାତରେ ହାତୀଟିର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି(ବାମ)। ଝାରସୁଗୁଡ଼ା ଜିଲା କୋଲାବିରା ବନାଞ୍ଚଳରେ ଅସୁସ୍ଥ ଅବସ୍ଥାରେ ଘୁରିବୁଲୁଥିବା ହାତୀର ବୁଧବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି।

# ଜିଏସ୍ଟି ସମ୍ପର୍କିତ ବିଧେୟକ ଗୃହୀତ

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

ଓଡ଼ିଶା ଦ୍ରବ୍ୟ ଓ ସେବାକର(ଜିଏସ୍ଟି) ଅଧିନିୟମ, ୨୦୧୭ ସମ୍ପର୍କିତ ସଂଶୋଧନ ପ୍ରସ୍ତାବକୁ ବୁଧବାର ବିଧାନସଭାରେ ଅନୁମୋଦନ ମିଳିଛି। ଏତଦ୍ବ୍ୟତୀତ ଓଡ଼ିଶା ମୂଲ୍ୟଯୁକ୍ତ କର ଅଧିନିୟମ,୨୦୦୪କୁ ସଂଶୋଧିତ କରାଯିବା ନେଇ ଆଗତ ବିଧେୟକ ମଧ୍ୟ ଗୃହର ଅନୁମୋଦନ ଲାଭ କରିଛି। ଏ ସଂକ୍ରାନ୍ତରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଦ୍ୱାରା ଆଗତ ଓଡ଼ିଶା ମୂଲ୍ୟଯୁକ୍ତ କର(ସଂଶୋଧନ) ବିଧେୟକ,୨୦୧୮ ବିଧାନସଭାରେ ଗୃହୀତ ହୋଇଛି। ଉପରୋକ୍ତ ୨ ଗୁରୁତ୍ୱପୂର୍ଣ୍ଣ ବିଧେୟକ ବିରୋଧୀଙ୍କ ଅନୁପସ୍ଥିତିରେ ଗୃହୀତ ହୋଇଛି। ସରକାରୀ ଦଳର ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ସଭ୍ୟ ରମେଶ ଚ୍ୟାଉପଟ୍ଟନାୟକ ପ୍ରମୁଖ ବିଧେୟକ ଉପରେ ସଂକ୍ଷିପ୍ତ ମତ ରଖିଥିଲେ। ଏଣିକି ଦ୍ରବ୍ୟ ଓ ସେବା କର ବ୍ୟବସ୍ଥାକୁ ସହଜରେ ପରିବର୍ତ୍ତନ କରାଯାଇପାରିବ। ନୂତନ ରିଟର୍ନ ଦାଖଲ ବ୍ୟବସ୍ଥାରେ ସର୍ବନିମ୍ନ କାଗଜକାମ ସହିତ କ୍ଷୁଦ୍ର କରଦାତାଙ୍କ ପାଇଁ ତିନିମାସିଆ ରିଟର୍ନ ଦାଖଲ ଏବଂ କର ପ୍ରଦାନର ସୁବିଧା କରାଯାଇଛି। କରମୁକ୍ତ କାରବାର ସୀମା ୧୦ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଓଡ଼ିଶା ମୂଲ୍ୟ ଯୁକ୍ତ କର ଅଧିନିୟମ -୨୦୦୪ରେ ରାଜସ୍ୱକୁ ସୁରକ୍ଷିତ ରଖିବା ସହାଶେ ଓ ଟିକସ ପ୍ରଶାସନକୁ ସରଳ କରିବା ନିମିତ୍ତ ଧାରା ୭୭ର ଉପଧାରା (୭)କୁ ସଂଶୋଧନ କରାଯାଇଛି।

# ଗାନ୍ଧୀ ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ବିଧେୟକ ଗୃହୀତ

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

ଓଡ଼ିଶା ବିଧାନସଭାରେ ଗାନ୍ଧୀ ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ବିଧେୟକ-୨୦୧୮ ବୁଧବାର ଗୃହୀତ ହୋଇଛି। ବୈଷୟିକ ଶିକ୍ଷାମନ୍ତ୍ରୀ ଉଷାଦେବୀଙ୍କ ଦ୍ୱାରା ଆଗତ ହୋଇଥିବା ବିଧେୟକ ଉପରେ ଏକାଧିକ ଶାସକ ଦଳର ସଭ୍ୟ ଆଲୋଚନା କରିଥିଲେ। ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଧେୟକକୁ ସମର୍ଥନ କରିବା ସତ୍ତ୍ୱେ ଶିକ୍ଷାର କେତେକ ଦିଗ ଉପରେ ଆଲୋଚନା କରିଥିଲେ।

ସେ କହିଥିଲେ, ଘରୋଇ ସଂସ୍ଥାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ଗଠନ ହୋଇଥିବା କମିଟି କାହାକୁ ଅନୁମୋଦନ କରିଛି। ଘରୋଇ ଶିକ୍ଷାନୁଷ୍ଠାନମାନେ ଆଦିବାସୀ, ଦଳିତ ଏବଂ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କୁ ପଢାଇବାକୁ ପ୍ରତିଶ୍ରୁତି ଦେଇଥାନ୍ତି। ହେଲେ ବାସ୍ତବରେ ତାହା ହୋଇ ନ ଥାଏ। ଏବେ ଶିକ୍ଷା ବ୍ୟବସାୟର ଏକ ପ୍ରମୁଖ ମାଧ୍ୟମ ପାଲଟିଥିବା ରଣେନ୍ଦ୍ର କହିଥିଲେ। ଯେତେ ସମାଲୋଚନା କଲେ ବି ସରକାରୀ ଶିକ୍ଷାନୁଷ୍ଠାନ ଯଥା-ଏମ୍ସ, ଆଇଆଇଟି, ଆଇନ ବିଶ୍ୱବିଦ୍ୟାଳୟରୁ ହିଁ ପ୍ରଭାବୀ ଛାତ୍ରୀଛାତ୍ର ସୃଷ୍ଟି ହୋଇଛନ୍ତି। ଦେଶ ତଥା ରାଜ୍ୟର କୌଣସି ଶିକ୍ଷାନୁଷ୍ଠାନ ଦୁନିଆର ଶ୍ରେଷ୍ଠ ୨୦୦ ମଧ୍ୟରେ ସ୍ଥାନ ପାଇପାରୁ ନାହିଁ। ରାଜ୍ୟରେ ଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ରାଜ୍ୟରେ ଏସ୍ସି, ଏସ୍ଟି ଓ ଅନ୍ୟାନ୍ୟ ପଛୁଆବର୍ଗର ଛାତ୍ରୀଛାତ୍ରମାନେ ବହୁଳ ଭାବେ ବୈଷୟିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଦର୍ଶୀ ମିଶ୍ର, ପ୍ରଭାତ ବିଶ୍ୱାଳ ପ୍ରମୁଖ ଏହି ଆଲୋଚନାରେ ଭାଗ ନେଇଥିଲେ। ଏତଦ୍ ବ୍ୟତୀତ ବିହାର ଓ ଓଡ଼ିଶା ତୀର୍ଥ ସ୍ଥାନ(ଓଡ଼ିଶା ନିରସନ) ବିଧେୟକ-୨୦୧୮, ଓଡ଼ିଶା ସମବାୟ ସମିତି (ସଂଶୋଧନ) ବିଧେୟକ -୨୦୧୮, ଓଡ଼ିଶା ହିନ୍ଦୁ ଦେବୋତ୍ତର(ସଂଶୋଧନ) ବିଧେୟକ-୨୦୧୮ ବୁଧବାର ଗୃହୀତ ହୋଇଛି। ଦ୍ୱିତୀୟାର୍ଦ୍ଧରେ ବିରୋଧୀଙ୍କ ବିନା ଉପରୋକ୍ତ ବିଧେୟକ ଗୃହୀତ ହୋଇଥିଲା।

ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୨୦୧୬-୧୭ର ବାର୍ଷିକ ରିପୋର୍ଟ , ବନ ଉନ୍ନୟନ ନିଗମର ୨୦୧୬-୧୭ର ବାର୍ଷିକ ରିପୋର୍ଟ ଉପସ୍ଥାପନ କରାଯାଇଛି। ଏହାଛଡା ଓଡ଼ିଶା ପର୍ଯ୍ୟଟନ ନିଗମର ୨୦୧୬-୧୭ ଆର୍ଥିକ ବର୍ଷର ବିବରଣୀ ଗୃହରେ ଉପସ୍ଥାପିତ ହୋଇଛି। ସେହିପରି ଖଣି ବିଭାଗ ପକ୍ଷରୁ ଓଡ଼ିଶା ଖଣି ନିଗମର ୨୦୧୫-୧୬, ୨୦୧୬-୧୭ ବାର୍ଷିକ ରିପୋର୍ଟ, ଶକ୍ତି ବିଭାଗ ପକ୍ଷରୁ ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଲିଃ ବାର୍ଷିକ ରିପୋର୍ଟ ଉପସ୍ଥାପିତ ହୋଇଯାଇଛି।

# ନଦୀବନ୍ଧ ପୁନଃପ୍ରତିଷ୍ଠାକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

### ଖର୍ଚ୍ଚ ହେବ ୩୪୬୬ କୋଟି

ଦେଶରେ ନଦୀବନ୍ଧ ପୁନଃପ୍ରତିଷ୍ଠା ଏବଂ ସଂସ୍କାର ପ୍ରକଳ୍ପର ସଂଶୋଧିତ ବ୍ୟୟ ଅଟକଳକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ମିଳିଛି। ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଆର୍ଥିକ ବ୍ୟାପାର ସମ୍ପର୍କିତ ବୈଠକ ପରେ ଘୋଷଣା କରାଯାଇଛି। ପ୍ରାୟ ୩୪୬୬ କୋଟି ଟଙ୍କାର ସଂଶୋଧିତ ବ୍ୟୟରେ ଏହି କାର୍ଯ୍ୟ କରାଯିବ। ୧୯୮ଟି ନଦୀବନ୍ଧର ସୁରକ୍ଷା ଏବଂ ପରିଚାଳନା ପ୍ରଦର୍ଶନରେ ସୁଧାର ଅଣାଯିବ। ମୋଟ ପ୍ରସ୍ତାବିତ ବ୍ୟୟରୁ ବିଶ୍ୱବ୍ୟାଙ୍କ ୨୬୨୮ କୋଟିସହାୟତା ଦେବ। ଅବଶିଷ୍ଟ ୭୪୭ କୋଟି ଡ୍ୟାମ୍ ପୁନରୁଦ୍ଧାର ଓ ବିକାଶ ପ୍ରକଳ୍ପ (ଡିଆରଆଇପି) ଏବଂ ୯୧ କୋଟି କେନ୍ଦ୍ରୀୟ ଜଳ ଆୟୋଗ(ସିଡବ୍ଲୁସି) ଯୋଗାଇଦେବ। ଗତ ଜୁଲାଇରୁ ୨୦୨୦ ଜୁନ୍ ୩୦ ପର୍ଯ୍ୟନ୍ତ ୨ ବର୍ଷର ସମ୍ପ୍ରସାରଣକୁ କ୍ୟାବିନେଟ ପିଛିଲା ଭାବେ ଅନୁମୋଦନ କରିଛି। ଏହି ଯୋଜନାରେ ଓଡ଼ିଶାର ୨୬ ନଦୀବନ୍ଧ ପ୍ରକଳ୍ପର ପୁନଃପ୍ରତିଷ୍ଠା ଏବଂ ସଂସ୍କାର କରାଯିବ। ସେଥିପାଇଁ ୧୪୮କୋଟି ଟଙ୍କାର ପ୍ରାଥମିକ ବ୍ୟୟ ଅଟକଳ ରଖାଯାଇଥିଲା। ତାହାକୁ ସଂଶୋଧିତ କରାଯାଇ ବର୍ତ୍ତମାନ ୭୫୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଜରିଆରେ ନଦୀବନ୍ଧ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଭିତ୍ତିଭୂମିର ପୁନଃପ୍ରତିଷ୍ଠା କରାଯିବ।

# ୨୩ରୁ ପୁରୀରେ ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ

### ଉଦ୍ଘାଟନ କରିବେ ଅମିତ ଶାହ

**ପୁରୀ ଅଫିସ, ୧୯।୯:** ଆସନ୍ତା ୨୩ରୁ ୨୫ତାରିଖ ଯାଏ ପୁରୀରେ ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, କାର୍ଯ୍ୟକାରିଣୀକୁ ୨୪ତାରିଖରେ ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ ଶାହ ଉଦ୍ଘାଟନ କରିବେ। ଓଡ଼ିଶା ଭାଜପା ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଓ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ହେବ। ଉକ୍ତ ବୈଠକରେ ମଧ୍ୟ ରାଷ୍ଟ୍ରୀୟ ସଭାପତି ଉଦ୍ବୋଧନ ଦେବେ। ରାଷ୍ଟ୍ରୀୟ ସଭାପତିଙ୍କ ପୁରୀ ଗସ୍ତ ବେଳେ ଉତ୍ତରାଠାରୁ ପୁରୀ ପର୍ଯ୍ୟନ୍ତ ସମ୍ବର୍ଦ୍ଧନା ଦିଆଯାଇ ସ୍ୱାଗତ କରାଯିବ। ରାଷ୍ଟ୍ରୀୟ କାର୍ଯ୍ୟକାରିଣୀର ଉଦ୍ଯାପନୀ ଦିବସରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସିଥାରମଣ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଗତ ସାଢେ ୪ ବର୍ଷ ମଧ୍ୟରେ ମୋଦି ସରକାର ଅନେକ ମହିଳା କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି। ଉକ୍ତ ଯୋଜନା ସବୁକୁ ଆଗାମୀ ନିର୍ବାଚନରେ ଭାଜପା ଲୋକଙ୍କ ନିକଟକୁ ନେଇକି ଯିବ। ଏହି କାର୍ଯ୍ୟକ୍ରମରେ ମହିଳା ମୋର୍ଚ୍ଚା ସର୍ବାଗ୍ରେ ରହିବ। ନରେନ୍ଦ୍ର ମୋଦି ଯେତେବେଳେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେଲେ ସେ ତାଙ୍କର ପ୍ରଥମ ଭାଷଣରେ ମହିଳାମାନଙ୍କ ପାଇଁ ମୋ ସରକାର ସମର୍ପିତ ବୋଲି କହିଥିଲେ। ଟ୍ରିପଲ ତଲାକ ସମ୍ପର୍କରେ କେନ୍ଦ୍ର କ୍ୟାବିନେଟ ବୁଧବାର ଐତିହାସିକ ନିଷ୍ପତ୍ତି ଗ୍ରହଣ କରିଛି। ନିଷ୍ପେଷିତ ମହିଳାଙ୍କୁ ନ୍ୟାୟ ଦେବା ଲାଗି ମୋଦିଙ୍କ ସରକାର ବଦ୍ଧପରିକର। ମୋର ଯାହା ମନେ ପଡୁଛି ଟ୍ରିପଲ ତଲାକ କଥାରେ ବିଜେଡି ମୌଳବାଦୀଙ୍କ କଥାକୁ ସମର୍ଥନ କରୁଛି। ପ୍ରଗତିଶୀଳ କଥାକୁ ବିରୋଧ କରୁଛି। ଭାଜପା ପକ୍ଷରୁ ଓଡ଼ିଶା ସୁରକ୍ଷା ଯାତ୍ରା ଆୟୋଜନ କରାଯାଇଥିଲା। ସେଥିରୁ ଆମର ଯାହା ଅନୁଭବ ହେଲା ଏ ରାଜ୍ୟର ମହିଳାଙ୍କ ଅବସ୍ଥା ବହୁତ ଦୟନୀୟ। ସେମାନେ ରାଜ୍ୟ ସରକାରଙ୍କ ବିରୋଧରେ ଅଛନ୍ତି। ସଂଗଠନ ସ୍ତରରେ ମହିଳାମାନଙ୍କ ନେତୃତ୍ୱକୁ ଆହୁରି ଦୃଢ଼ୀକରଣ କରି ଲୋକଙ୍କ ପାଖକୁ ଯିବ ଭାଜପା। ଦେଶତମାମ ମହିଳା ଭୋଟ୍ ଏକତରଫା ଭାବେ ଭାଜପା ସପକ୍ଷରେ ଯିବ ବୋଲି ଆମର ବିଶ୍ୱାସ ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ୧୦ ରାଷ୍ଟ୍ରୀୟ ବ୍ୟାଙ୍କର ଏମ୍ଡି, ସିଇଓ ନିଯୁକ୍ତ

**ନୂଆଦିଲ୍ଲୀ,୧୯।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ନିଯୁକ୍ତିଦାତା କମିଟିର ବୈଠକରେ ୧୦ ରାଷ୍ଟ୍ରୀୟ ବ୍ୟାଙ୍କର ଏମ୍ଡି ଓ ସିଇଓଙ୍କୁ ନିଯୁକ୍ତ କରାଯାଇଛି। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ଥିବା ମୃତ୍ୟୁଞ୍ଜୟ ମହାପାତ୍ର ଓ ପଦ୍ମଜା ଚୁନ୍ଦୁରୁଙ୍କୁ ଯଥାକ୍ରମେ ସିଣ୍ଡିକେଟ ବ୍ୟାଙ୍କ ଓ ଇଣ୍ଡିଆନ ବ୍ୟାଙ୍କର ଏମ୍ଡି ତଥା ସିଇଓ ଭାବେ ନିଯୁକ୍ତ କରାଯାଇଛି। ଏହାଛଡା ଏସ୍ବିଆଇର ଅନ୍ୟ ୩ ଡେପୁଟି ଏମ୍ଡି ପଲ୍ଲବ ମହାପାତ୍ର, ଜେ.ପାକିରିସାମୀ, କର୍ନାମ ଶେଖରଙ୍କୁ ଯଥାକ୍ରମେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ, ଆନ୍ଧ୍ର ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କ ତଥା ଏସ.ଏସ.ମଲ୍ଲିକାର୍ଜୁନ ରାଓ ଆଲ୍ଲାହାବାଦ ବ୍ୟାଙ୍କ, ଏ.ଏସ୍. ରାଜୀବ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଅତୁଲ କୁମାର ଗୋଏଲ ୟୁକୋ ବ୍ୟାଙ୍କ, ଏସ. ହରିଶନାକର ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ ଏବଂ ଅଶୋକ କୁମାର ପ୍ରଧାନ ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏମ୍ଡି ତଥା ସିଇଓ ଭାବେ ନିଯୁକ୍ତ ହୋଇଛନ୍ତି।

# ଅଶୋକ ଗୁରୁ ରେଙ୍ଗାଲି ବ୍ଲକ ବିଜେଡି ସଭାପତି



ସମ୍ବଲପୁର ଭାଜପା ସଂଖ୍ୟାଲଘୁ ସେଲ୍ର କର୍ମକର୍ତ୍ତାମାନେ ବିଜେଡିରେ ସାମିଲ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରୁଛନ୍ତି।

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

### ଭାଜପା ଛାଡ଼ିଲେ ସମ୍ବଲପୁର ସଂଖ୍ୟାଲଘୁ ନେତା

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଶୋକ ଗୁରୁଙ୍କୁ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଭାବେ ନିଯୁକ୍ତ କରିଛନ୍ତି। ପୂର୍ବରୁ ଏହି ପଦରେ ଜୟରାମ କିଷାନ କାର୍ଯ୍ୟ କରି ଆସୁଥିଲେ। ସେହିପରି ସମ୍ବଲପୁର ଜିଲା ଭାଜପା ସଂଖ୍ୟାଲଘୁ ସେଲ୍ର ଉପସଭାପତି ବିକାଶ କୁମାର ପଶି, ଗୁରୁପ୍ରୀତ୍ ସିଂହ ରାଇନା, ସମ୍ପାଦକ ନିନ୍ଦୀପ୍ ସିଂହ ତ୍ରେହାନ, ସାଧାରଣ ସମ୍ପାଦକ ମହମ୍ମଦ ମୁସ୍ତାକ ଅନ୍ସାରୀ ପ୍ରମୁଖ ବୁଧବାର ବିଜେଡିରେ ଯୋଗଦାନ କରିଛନ୍ତି। ପୂର୍ବାହ୍ନରେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି ବିଜେଡି ଦଳୀୟ କାର୍ଯ୍ୟାଳୟରେ ମହିଳା ମୋର୍ଚ୍ଚାର ସଭାନେତ୍ରୀ ଥିବା ପ୍ରମିଳା ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ୨୦୧୪ ମସିହା ପାଇଁ ପ୍ରମିଳାଙ୍କୁ ପଣ୍ଡିତ ନୀଳକଣ୍ଠ ଦାସ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିପାଇଁ ଦଳୀୟ କାର୍ଯ୍ୟାଳୟରେ ତାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।

ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ସକାଳ ୬ଟାରୁ ଆରମ୍ଭ। ସନ୍ଧ୍ୟା ଅଧିବେଶନ, ସନ୍ଧ୍ୟା ୬ଟା।
- ଭାଜପା ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ, ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ସକାଳ ୮ଟା।
- 'ଶକ୍ତି ସଂରକ୍ଷଣ-୨୦୧୮' ଉପରେ ଆଲୋଚନା, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ପୂର୍ବାହ୍ନ ୧୦ଟା।
- ୧୦ମ କଟନଫ୍ୟାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ସିଲ୍କ ଫ୍ୟାବ୍ ପ୍ରଦର୍ଶନୀ, ହୋଟେଲ କଳିଙ୍ଗ ଅଶୋକ, ଗୌତମ ନଗର, ପୂର୍ବାହ୍ନ ୧୧ଟାରୁ ରାତି ୮ଟା।
- ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ, ଓଡ଼ିଶା ପକ୍ଷରୁ ୭ମ ଆଧ୍ୟାତ୍ମିକ ପୁସ୍ତକ ମହୋତ୍ସବ, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା। ସାଧାରଣଜ୍ଞାନ ପ୍ରତିଯୋଗିତା, ଅପରାହ୍ନ ୫ଟା। ଆଲୋଚନାଚକ୍ର, ସନ୍ଧ୍ୟା ୬ଟା। ସାଂସ୍କୃତିକ କାର୍ଯ୍ୟକ୍ରମ, ରାତି ୮ଟା ୩୦।
- ଇଣ୍ଟରନ୍ୟାଶନାଲ୍ ଜଷ୍ଟିସ୍ ମିଶନ ପକ୍ଷରୁ ଜୀବନୋତ୍ସବ କାର୍ଯ୍ୟକ୍ରମରେ 'ମାନବ ଚାଲାଣ' ଉପରେ ଗଣମାଧ୍ୟମ ସହ ମତ ବିନିମୟ, ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ମାଷ୍ଟରକ୍ୟାଣ୍ଟିନ୍ ଛକ, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା କୃଷକ ସାଥୀ ସଂଘ ପକ୍ଷରୁ ବିକ୍ଷୋଭ ଓ ଧାରଣା, ବିଧାନସଭା ସମ୍ମୁଖ, ଅପରାହ୍ନ ୧୨ଟା ୩୦।
- ଗୁରୁକୃଷ୍ଣ ଗୋସ୍ୱାମୀ ଓ ନାରାୟଣ ପ୍ରସାଦ ସିଂଙ୍କ ସ୍ମୃତିରେ ସମର୍ପିତ ସଙ୍ଗୀତ ସନ୍ଧ୍ୟା 'ରଜନୀଗନ୍ଧା', ସୂଚନା ଭବନ, ସନ୍ଧ୍ୟା ୬ଟା।
- ଅଭିନୟ ଜାଗୃତି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଥିଏଟର ପକ୍ଷରୁ ନାଟକ 'ସାହାଯ୍ୟକାରିଣୀ' ପରିବେଷଣ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

**କଟକ**

- ଭାଜପା ବାରବାଟୀ-କଟକ ପକ୍ଷରୁ ଆନ୍ଦୋଳନ, ଆର୍‌ଡିସି ଅଫିସ ସମ୍ମୁଖ, ମଧ୍ୟାହ୍ନ ୧୨ଟା।

## ଋଣ ଠକେଇ ମାମଲା, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)-** ବ୍ୟାଙ୍କରେ ଜାଲ କାଗଜପତ୍ର ଦାଖଲ କରି ଋଣ ଠକେଇ ମାମଲାରେ ଇଓଡବ୍ଲ୍ୟୁ(ଅର୍ଥନୈତିକ ଅପରାଧ ଶାଖା) ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ କଟକ ଜିଲା ଜଗତପୁର ଥାନା ଅଧୀନ ବହୁଗ୍ରାମ ଅଞ୍ଚଳର ଜଗନ୍ନାଥ ବେହେରା(୪୫)। ସୂଚନା ମୁତାବକ, କଟକ ନୟାସଡ଼କସ୍ଥିତ ଆଲ୍ଲାହାବାଦ ବ୍ୟାଙ୍କରୁ ୨୦୦୯-୧୦ରେ ସାରଳା ଲୋନ ସ୍କିମ ଜରିଆରେ ଜାଲ କାଗଜପତ୍ର ଦେଇ ୮୫ ଜଣ ୨କୋଟି ୨୬ ଲକ୍ଷ ଟଙ୍କା ଋଣ ନେଇ ପରବର୍ତ୍ତୀ ସମୟରେ ପରିଶୋଧ କରି ନ ଥିଲେ। ଅଡିଟ୍ ସମୟରେ ଋଣ ଠକେଇ ସମ୍ପର୍କରେ ଜଣାପଡ଼ିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଜଗନ୍ନାଥ ଜାଲ କାଗଜପତ୍ର ଦେଇ ୨ ଲକ୍ଷ ୨୫ ହଜାର ଟଙ୍କା ଋଣ ନେଇଥିଲେ। ଇଓଡବ୍ଲ୍ୟୁ ଗୁରୁବାର ଜଗତପୁର ଅଞ୍ଚଳରେ ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ପୂର୍ବରୁ ଏହି ଠକେଇରେ ସମ୍ପୃକ୍ତ ୨୫ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

### ଚିଲିକାରେ ହେଲିକପ୍ଟର ଉଡ଼ାଣ ପ୍ରସଙ୍ଗ

# ହାଜର ହେଲେ ନାହିଁ ବୈଜୟନ୍ତ, ଦୁଇ ସହଯାତ୍ରୀ

**ପୁରୀ ଅଫିସ, ୧୯।୯**

ଚିଲିକାରେ ହେଲିକପ୍ଟର ଉଡ଼ାଣ ଘଟଣାରେ ବୁଧବାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଏବଂ ତାଙ୍କର ଦୁଇ ସହଯାତ୍ରୀ ପୁରୀ ପୋଲିସ ନିକଟରେ ହାଜର ହୋଇନାହାନ୍ତି। ଇଣ୍ଫାର ବିମାନ ଚଳାଚଳ ବିଭାଗର ମ୍ୟାନେଜର ହିମାଂଶୁ ମହାପାତ୍ର ପୋଲିସ ନିକଟରେ ହାଜର ହୋଇ ପକ୍ଷ ରଖିଛନ୍ତି। ଆସନ୍ତା ୨୪ତାରିଖ ମଧ୍ୟାହ୍ନ ୧୨ଟା ବେଳେ ହାଜର ହେବାକୁ ବୈଜୟନ୍ତ ଓ ତାଙ୍କ ଦୁଇ ସହଯାତ୍ରୀଙ୍କୁ ପୋଲିସ ପୁଣି ନୋଟିସ ଜାରି କରିଛି।

ଗତ ୧୫ତାରିଖରେ ଚିଲିକାର ଅରଖକୁଦା ମୁହାଣ ନିକଟରେ ଇଣ୍ଫା ହେଲିକପ୍ଟର ଉଡାଣ କରିଥିବା ଅଭିଯୋଗରେ ପୂର୍ବତନ ଏମ୍‌ପି ତଥା ହେଲିକପ୍ଟର ପାଇଲଟ୍ ବୈଜୟନ୍ତ ପଣ୍ଡା ଏବଂ ଦୁଇଜଣ ଯାତ୍ରୀ ଅଭିଜିତ ଆୟର ମିତ୍ର ଏବଂ ଆରତୀ ଟିକୋଙ୍କୁ ପୋଲିସ ପକ୍ଷରୁ ମଙ୍ଗଳବାର ନୋଟିସ ଜାରି କରାଯାଇଥିଲା। ବୁଧବାର ମଧ୍ୟାହ୍ନ ୧୨ଟା ବେଳେ ଅରଖକୁଦା ସାମୁଦ୍ରିକ ଥାନା ଅଧିକାରୀଙ୍କ ନିକଟରେ ହାଜର ହେବାକୁ ନୋଟିସରେ ଦର୍ଶାଯାଇଥିଲା। କିନ୍ତୁ ପୂର୍ବାହ୍ନ ୧୧ଟା ୧୦ରେ ଇଣ୍ଫାର ବିମାନ ଚଳାଚଳ ବିଭାଗର ମ୍ୟାନେଜରଙ୍କ ସହ ୫ ଜଣିଆ ଟିମ୍ ପୁରୀ ସଦର ଥାନାରେ ପହଞ୍ଚିଥିଲେ। ଅରଖକୁଦା ଥାନା ଦାୟିତ୍ୱରେ ଥିବା ସଦରଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟିଙ୍କ ନିକଟରେ ହାଜର ହୋଇଥିଲେ।



ପୁରୀ ସଦରଥାନାରେ ପକ୍ଷ ରଖୁଛନ୍ତି ଇଣ୍ଫା ବିମାନ ଚଳାଚଳ ବିଭାଗର ମ୍ୟାନେଜର ଓ ଅନ୍ୟମାନେ।

- ପକ୍ଷ ରଖିଲେ ଇଣ୍ଫା ବିମାନ ଚଳାଚଳ ବିଭାଗ ମ୍ୟାନେଜର
- ୨୪ରେ ହାଜର ପାଇଁ ବୈଜୟନ୍ତଙ୍କୁ ପୁଣି ନୋଟିସ

ସଦର ଥାନାର ରୁଦ୍ଧଦ୍ୱାର କୋଠରିରେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅର୍ଥାତ୍ ପ୍ରାୟ ୪ଘଣ୍ଟା ଥାନା ଅଧିକାରୀ ଏବଂ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର ସେମାନଙ୍କୁ ପଚରାଉଚରା କରିଥିଲେ। ଏହି ସମୟରେ ଇଣ୍ଫା ପକ୍ଷରୁ ଘଟଣାର ଲିଖିତ ଜବାବ ଓ ସ୍ପଷ୍ଟୀକରଣ ପୋଲିସ ନିକଟରେ ଦାଖଲ କରାଯାଇଛି। ଗତ ୧୫ତାରିଖରେ ଇଣ୍ଫା ହେଲିକପ୍ଟର ଚଳାଚଳର ବିବରଣୀ, ଅନୁମତି ପତ୍ର, ହେଲିକପ୍ଟର ଲାଇସେନ୍ସ ଓ ପାଇଲଟ ଲାଇସେନ୍ସର ନକଲ ଆଦି ପ୍ରଦାନ କରାଯାଇଥିବା ଜଣାପଡିଛି।

ଇଣ୍ଫା ବିମାନ ଚଳାଚଳ ବିଭାଗ ମ୍ୟାନେଜର ମହାପାତ୍ର ଗଣମାଧ୍ୟମକୁ କହିଥିଲେ ଯେ, ଚିଲିକା ଜଳରାଶିରେ ହେଲିକପ୍ଟର ଅବତରଣ କରିନାହିଁ। ଯେଉଁ ସମୟରେ ଚିଲିକାରେ ଇଣ୍ଫା ହେଲିକପ୍ଟର ଅବତରଣ କରିଥିବା ଅଭିଯୋଗ ହୋଇଛି, ସେତେବେଳେ ହେଲିକପ୍ଟର ଅନ୍ୟ ସ୍ଥାନରେ ଥିଲା। ଇଣ୍ଫାର ସିଲ୍ ହୋଇଥିବା ହେଙ୍ଗର (ହେଲିକପ୍ଟର ରହୁଥିବା ପ୍ରକୋଷ୍ଠ)କୁ ଖୋଲିବା ଲାଗି ଅନୁରୋଧ କରିଛୁ ବୋଲି ସେ କହିଥିଲେ। ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର ଗଣମାଧ୍ୟମକୁ କହିଥିଲେ, ଇଣ୍ଫା ବିମାନ ଚଳାଚଳ ବିଭାଗ ମ୍ୟାନେଜର ଏକ ଲିଖିତ ଜବାବ ଦାଖଲ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୧୫ତାରିଖରେ ଚିଲିକାର ଅରଖକୁଦା ନୂଆ ମୁହାଣରେ ସିପ୍ଲେନ ଅବତରଣ କରିଥିବା ନେଇ ଚର୍ଚ୍ଚା ହୋଇଥିଲା। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଖୋଳତାଡ଼ ଆରମ୍ଭ ହୋଇଥିଲା। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଏତଲାକୁ ଭିତ୍ତିକରି ଅରଖକୁଦା ସାମୁଦ୍ରିକ ଥାନାରେ ଏକ କେସ୍ (ନଂ.୧୬/୧୮) ରୁଜୁ ହୋଇଥିଲା। ପୋଲିସର ଖୋଳତାଡ ପରେ ଏହି ଘଟଣା ଭିନ୍ନମୋଡ ନେଇଥିଲା। ଇଣ୍ଫା ହେଲିକପ୍ଟର ଉଡିଥିବା ଜଣାପଡିଥିଲା। ଉକ୍ତ ହେଲିକପ୍ଟରକୁ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଚଳାଉଥିବା ବେଳେ ସେଥିରେ ଅଭିଜିତ ଆୟର ମିତ୍ର ଓ ଆରତୀ ଟିକୋ ରହିଥିଲେ। ଏହି ଘଟଣାରେ ପୁରୀ ପୋଲିସ ବିଜୁ ପଟ୍ଟନାୟକ ବିମାନବନ୍ଦର ସ୍ଥିତ ଇଣ୍ଫା ହେଙ୍ଗରକୁ ସିଲ୍ କରିଥିଲା। ବୈଜୟନ୍ତଙ୍କ ହେଲିକପ୍ଟର ଚିଲିକା ଜଳରାଶିରେ ଅବତରଣ କରିଥିବା ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

## ପ୍ରତିକ୍ରିୟା ରଖିଲେ ବୈଜୟନ୍ତ

**ଭୁବନେଶ୍ୱର,୧୯।୯(ବ୍ୟୁରୋ):** ଓଡ଼ିଶାର କଳା, ସଂସ୍କୃତି ଓ ସ୍ଥାପତ୍ୟକୁ ନେଇ ଅଭିଜିତ୍ ଆୟର ମିତ୍ର ଦେଇଥିବା ମନ୍ତବ୍ୟକୁ ବୈଜୟନ୍ତ ପଣ୍ଡା ଶେଷରେ ନିନ୍ଦା କରିଛନ୍ତି। ଏ ନେଇ ବୁଧବାର ସେ କହିଛନ୍ତି ଯେ, ଆୟରଙ୍କ ମନ୍ତବ୍ୟ ଅପରିପକ୍ୱତାର ପରିଚୟ। ସେ ବୋଧହୁଏ ବ୍ୟଙ୍ଗ କରିବାକୁ ଚାହୁଁଥିଲେ, ଯାହାର ଭୁଲ୍ ବ୍ୟାଖ୍ୟା କିଛି ଲୋକ କରିଛନ୍ତି। ତେବେ ଆମର ସାଂସ୍କୃତିକ ଏବଂ ଧାର୍ମିକ ଭାବନାକୁ ନେଇ ବ୍ୟଙ୍ଗ କରିବା ଉଚିତ ନୁହେଁ। ସଂସ୍କୃତିକୁ ନେଇ ସେ ଗର୍ବିତ ବୋଲି ବୈଜୟନ୍ତ କହିଛନ୍ତି। ତାଙ୍କ ହେଲିକପ୍ଟର ନିୟମ ଉଲ୍ଲଂଘନ କରି ଚିଲିକା, କୋଣାର୍କ ଏବଂ ଜଗନ୍ନାଥ ମନ୍ଦିର ଉପରେ ବୁଲିଥିବା କାରଣରୁ ମଙ୍ଗଳବାର ବିଧାନସଭାରେ ବ୍ୟାପକ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏମିତି କି ବୈଜୟନ୍ତ ଏବଂ ତାଙ୍କ ବନ୍ଧୁଙ୍କୁ ଗିରଫ କରିବା ପାଇଁ ବିଜେଡି ଦାବି କରିଥିଲା। ଚାରିଆଡୁ ସମାଲୋଚିତ ହେବା ପରେ ବୈଜୟନ୍ତ ବୁଧବାର ଟୁଇଟର ଏବଂ ଫେସବୁକ୍ ମାଧ୍ୟମରେ ନିଜ ପକ୍ଷ ରଖିଛନ୍ତି। ସେହିପରି ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦର ଫେରିବା ପରେ ଗଣମାଧ୍ୟମ ପ୍ରତିନିଧିମାନେ ବିବାଦ ଉପରେ ପ୍ରତିକ୍ରିୟା ଚାହିଁଥିଲେ। ହେଲେ ବୈଜୟନ୍ତ ଓଡ଼ିଆ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିରାଶ କରିଥିଲେ। ବିବାଦ ସମ୍ପର୍କରେ କୌଣସି ସ୍ପଷ୍ଟୀକରଣ ରଖି ନ ଥିଲେ। ଯାହା କହିବାର ଥିଲା, ତାହା ଫେସବୁକ୍‌ରେ କହିସାରିଥିବା ବୈଜୟନ୍ତ କହିଛନ୍ତି। ସେହିପରି ଓଡ଼ିଶାର ବିଧାୟକମାନଙ୍କ ଉପରେ ଅଭିଜିତ୍ ଦେଇଥିବା ଆପତ୍ତିଜନକ ମନ୍ତବ୍ୟକୁ ବିଜେଡି ପକ୍ଷରୁ ବିରୋଧ କରାଯାଇଛି।

## ଓଲଟିଲା ଯାତ୍ରୀବାହୀ କ୍ୟାଣ୍ଟର, ୧୫ ଆହତ

**ବ୍ରହ୍ମଗିରି,୧୯।୯(ଡି.ଏନ୍.ଏ.)**

ପୁରୀ-ସାତପଡା ୩୧୬ନଂ. ଜାତୀୟ ରାଜପଥର ନାଗା ଛକ ନିକଟରେ ବୁଧବାର ଅପରାହ୍ନରେ ଏକ ଯାତ୍ରୀବାହୀ କ୍ୟାଣ୍ଟର ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଏଥିରେ ଥିବା ୧୫ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନେ ହେଲେ ଭାଗୀରଥି ବେହେରା(୭୦), ପ୍ରତିମା ପ୍ରଧାନ(୩୫), ବିରେନ୍ଦ୍ର ସାହୁ(୪୩), ସଂଜୟ ଦାସ(୨୭), କବିତା ବେହେରା, ଝୁମୁରୀ ବେହେରା(୨୩), ବନୋ ବିବି(୪୩) ଓ ଅନ୍ୟମାନେ। ସ୍ଥାନୀୟଲୋକେ ସେମାନଙ୍କୁ ଉଦ୍ଧାର କରି ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ଯାତ୍ରୀଙ୍କୁ ଧରି ସାତପଡାରୁ ପୁରୀ ଅଭିମୁଖେ ଯାଉଥିବା ଏହି ଯାତ୍ରୀବାହୀ କ୍ୟାଣ୍ଟର(ଓଆର-୧୩ଏ-୫୯୭୯)ଟିର ପଛ ଚକ ନାଗା ଛକ ନିକଟରେ ଖସି ଅଲଗା ହୋଇଯାଇଥିଲା। ଫଳରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କୋଟିପତି ଆଇଟିଡିଏ କନିଷ୍ଠ ଯନ୍ତ୍ରୀ

**କଟକ ଅଫିସ/ ବ୍ରହ୍ମପୁର ଅଫିସ ୧୯।୯**

ରାୟଗଡ଼ା ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର କନିଷ୍ଠ ଯନ୍ତ୍ରୀ ଗଗନ ବିହାରୀ ପତିଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧ କୋଟି ୬୧ ଲକ୍ଷ ୨୩ହଜାର ୮୩୮ ଟଙ୍କା। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନ ପକ୍ଷରୁ ତଲାସୀ ୱାରେଣ୍ଟ ଜାରି କରାଯାଇଥିଲା। ଏହି ଆଧାରରେ ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନ ପକ୍ଷରୁ ବୁଧବାର କନିଷ୍ଠ ଯନ୍ତ୍ରୀ ଗଗନଙ୍କ ରାୟଗଡ଼ା ମୁନିଗୁଡ଼ାଠାରେ ଥିବା ସରକାରୀ କ୍ୱାର୍ଟର, ଆଇଟିଡିଏ ଅଫିସ, ବ୍ରହ୍ମପୁର ସିଦ୍ଧାର୍ଥନଗରସ୍ଥିତ ନିଜ ଘର ଓ କୋଅପରେଟିଭ କଲୋନୀଠାରେ ଥିବା ପୈତୃକ ଘର ଏବଂ ରାଉତପେଟା ସାହିସ୍ଥିତ ଶ୍ୱଶୁର ଘରେ ଭିଜିଲାନ୍ସ ଏକକାଳୀନ ଚଢ଼ାଉ କରିଥିଲା।

ଯାଞ୍ଚ ପରେ ଠାବ ସମ୍ପତ୍ତିର ମୂଲ୍ୟ ଆକଳନ କରିଛି ଭିଜିଲାନ୍ସ। ବ୍ରହ୍ମପୁର ସିଦ୍ଧାର୍ଥନଗରଠାରେ ଥିବା ୩ ମହଲା କୋଠାର ମୂଲ୍ୟକୁ ୬୮ ଲକ୍ଷ ୪୧ହଜାର ଟଙ୍କାରେ ହିସାବ କରାଯାଇଥିବାବେଳେ ଭାବିନୀପୁର ମୌଜାରେ ୩ଟି ପ୍ଲଟ୍ ଓ ପାଲିଗୁମୁଲା ମୌଜାରେ ଗୋଟିଏ ପ୍ଲଟ୍‌ର ମୂଲ୍ୟ ୧୪ ଲକ୍ଷ ୧୪ହଜାର ୯୪୦ ଟଙ୍କା ହୋଇଥିବାବେଳେ ଏକ ଆଇ୨୦ କାର୍‌ର ମୂଲ୍ୟକୁ ୭ ଲକ୍ଷ ୮୮ହଜାର ଟଙ୍କାରେ ଭିଜିଲାନ୍ସ ହିସାବ କରିଛି। ଏହାବାଦ ଗୋଟିଏ ମୋଟରସାଇକେଲ ଓ ଗୋଟିଏ ସ୍କୁଟିର ମୂଲ୍ୟ ୧ ଲକ୍ଷ ୨୦ହଜାର ଟଙ୍କା ହୋଇଥିବାବେଳେ ତାଙ୍କର ୧୬ ଲକ୍ଷ ୩୯ହଜାର ୭୦୭ ଟଙ୍କାର ବ୍ୟାଙ୍କ ଜମା ଥିବା ଭିଜିଲାନ୍ସ ସୂଚନା ଦେଇଛି। ସେହିପରି ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ଓ ଏଲ୍‌ଆଇସିରେ ସେ ୭ ଲକ୍ଷ ୯୦ହଜାର ୯୭୮ ଟଙ୍କା ବିନିଯୋଗ କରିଥିବା ଜଣାପଡିଛି। ତାଙ୍କ ଘରୁ ନଗଦ ୩୨ ଲକ୍ଷ ୫୩ହଜାର ୮୪୦ ଟଙ୍କା ମିଳିଥିବାବେଳେ ୪ ଲକ୍ଷ ୪୯ହଜାର ୩୦୦ ଟଙ୍କାର ସୁନା, ରୁପା ଗହଣା ଓ ୮ ଲକ୍ଷ ୨୬ହଜାର ୭୩ ଟଙ୍କାର ମୂଲ୍ୟବାନ ଆସବାବପତ୍ର ଭିଜିଲାନ୍ସ ଠାବ କରିଛି।

ଗଗନ ଗତ ୨୦୦୮ରେ ଆଇଟିଡିଏ ଗୁଣପୁରରେ ଚୁକ୍ତିଭିତ୍ତିକ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ୨୦୧୫ରେ ରେଗୁଲାର ହୋଇଥିଲେ। ତେବେ ଏତେ କମ୍ ସମୟ ଭିତରେ ବିପୁଳ ସମ୍ପତ୍ତି ଠୁଳ କିପରି କରିଥିଲେ ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ କହିଛନ୍ତି। ଏହି ଚଢ଼ାଉରେ ଡିଏସ୍‌ପି ବେଣୁଧର ନାୟକ, ଇନ୍ସପେକ୍ଟର ଏନ.ସି.ନାୟକ, କେ.କେ. ପ୍ରଧାନ ପ୍ରମୁଖ ସାମିଲ ଥିଲେ।

- ୫ ସ୍ଥାନରେ ଏକକାଳୀନ ଭିଜିଲାନ୍ସ ଯାଞ୍ଚ
- ଠାବ ସମ୍ପତ୍ତିର ମୂଲ୍ୟ ୧ କୋଟି ୬୧ ଲକ୍ଷ ୨୩ ହଜାର ୮୩୮
- ଘରୁ ବାହାରିଲା ନଗଦ ୩୨ ଲକ୍ଷ ୫୩ ହଜାର ଟଙ୍କା



ୱାଶିଂ ମେଶିନ୍‌ରୁ ମିଳିଥିବା ଟଙ୍କାକୁ ଗଣାଯାଉଛି।

### ୱାଶିଂ ମେଶିନରେ ଲୁଚାଇ ଥିଲେ ୩୦ ଲକ୍ଷ

ବୁଧବାର ସକାଳେ ସିଦ୍ଧାର୍ଥନଗର ତୃତୀୟ ଲେନ୍‌ସ୍ଥିତ ଗଗନଙ୍କ ତିନି ମହଲା ବିଶିଷ୍ଟ ଘରେ ଚଢ଼ାଉ ସମୟରେ କବାଟ ନ ଖୋଲିବାରୁ ଭିଜିଲାନ୍ସ ଅଧିକାରୀମାନେ ଅନ୍ୟବାଟେ ଘରକୁ ପଶିଥିଲେ। ସେପଟେ ଭିଜିଲାନ୍ସ ଚଢ଼ାଉ ସମ୍ପର୍କରେ ଫୋନ୍ କଲ୍ ପାଇ ଗଗନଙ୍କ ସ୍ତ୍ରୀ ଘରେ ଥିବା ଟଙ୍କାକୁ ଏକ ପିଲିଥିନ ପ୍ୟାକେଟରେ ଭର୍ତ୍ତି କରି ୱାଶିଂ ମେଶିନରେ ଲୁଚାଇ ଦେଇଥିଲେ। ଭିଜିଲାନ୍ସ ଅଧିକାରୀମାନେ ଉକ୍ତ ୱାଶିଂ ମେଶିନରୁ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ଅନ୍ୟ ଏକ ସ୍ଥାନରୁ ୨୦ ହଜାର ଟଙ୍କା ଠାବ କରିଥିଲେ।

### ଝରକାରେ ଫିଙ୍ଗିଥିଲେ ୨ଲକ୍ଷ ଟଙ୍କା

ମୁନିଗୁଡାସ୍ଥିତ ସରକାରୀ କ୍ୱାର୍ଟରରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରୁଥିବାବେଳେ ଏହା ଜାଣିପାରି ଗଗନ ପାଖରେ ରଖିଥିବା ଟଙ୍କାକୁ ଝରକା ବାହାରକୁ ଫିଙ୍ଗୁଥିଲେ। ଭିଜିଲାନ୍ସ ଅଧିକାରୀମାନେ ପହଞ୍ଚି ସେଠାରୁ ୨ଲକ୍ଷ ଓ ଅନ୍ୟ ଏକ ସ୍ଥାନରୁ ୩୩ହଜାର ୮୪୦ ଟଙ୍କା ଜବତ କରିଥିଲା।

## ବିଦ୍ୟୁତ୍ ଆଘାତରେ ୨ ଯାଆଙ୍କ ମୃତ୍ୟୁ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**

ଶହୀଦନଗର ଥାନା ଅଧୀନ ୟୁନିଟ-୯ ଅଞ୍ଚଳରେ ବୁଧବାର ଅପରାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି। ତାରରେ ଲୁଗା ଶୁଖାଉଥିବାବେଳେ ବିଦ୍ୟୁତ୍ ଆଘାତରେ ୨ ଯାଆଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ମହିଳାଦ୍ୱୟ ହେଲେ ପ୍ରତିମା ବେହେରା(୩୫) ଏବଂ ଜ୍ୟୋସ୍ନାରାଣୀ ବେହେରା(୨୮)।

ସୂଚନା ମୁତାବକ, ୟୁନିଟ୍-୯ ଅଞ୍ଚଳର ୨ଆରଏଫ୧/୨ କ୍ୱାର୍ଟର୍ସରେ ପ୍ରତିମା ଏବଂ ଜ୍ୟୋସ୍ନାରାଣୀ ରୁହନ୍ତି। ବୁଧବାର ଅପରାହ୍ନରେ ପ୍ରତିମା ଓ ଜ୍ୟୋସ୍ନା ପ୍ରତିଦିନ ପରି ଘର ପଛପଟେ ଲୁଗାପଟା ସଫା କରୁଥିଲେ। ବଡ଼ ଯାଆ ପ୍ରତିମା ଲୁଗା ସଫା କରୁଥିବାବେଳେ ସାନ ଯାଆ ଜ୍ୟୋସ୍ନା ଓଦା ଲୁଗାକୁ ଜିଆଇ ତାରରେ ପକାଉଥିଲେ। ଜିଆଇ ତାରଟି କାନ୍ଥରେ ପିଟାଯାଇଥିବା ଏକ କଣ୍ଟାରେ ବନ୍ଧା ହୋଇ କିଛି ଦୂରରେ ଥିବା ଏକ ଗଛରେ ବନ୍ଧା ଯାଇଥିଲା। ଜ୍ୟୋସ୍ନା ଲୁଗା ଶୁଖାଉଥିବା ବେଳେ ହଠାତ ବିଦ୍ୟୁତ୍ ଆଘାତର ଶିକାର ହୋଇ ଚିତ୍କାର କରିଥିଲେ। ପ୍ରତିମା ତାଙ୍କ ପାଟି ଶୁଣି ଜ୍ୟୋସ୍ନାଙ୍କୁ ଉଦ୍ଧାର କରିବା ସମୟରେ ସେ ବି ବିଦ୍ୟୁତ୍ ଆଘାତ ପାଇଥିଲେ। ପରେ ଉଭୟେ ଚିତ୍କାର କରି ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ସେମାନଙ୍କ ପାଟି ଶୁଣି ପରିବାର ଲୋକେ ଆମ୍ବୁଲାନ୍ସରେ ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। କାନ୍ଥରେ ପିଟାଯାଇଥିବା କଣ୍ଟାଟି କାନ୍ଥ ଭିତରେ ଯାଇଥିବା କୌଣସି ବିଦ୍ୟୁତ୍ ତାର ସହିତ ସଂଯୋଗ ହୋଇ ଚାର୍ଜ ହୋଇଯାଇଥିବାରୁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ ଘଟଣାର ତଦନ୍ତ ଆରମ୍ଭ କରିଛି।

**ଲୁଗା ସଫା କରି ଶୁଖାଉଥିଲେ**

## ନାବାଳିକାଙ୍କୁ ବଳାତ୍କାର

**ଚୌଦ୍ୱାର,୧୯।୯ (ଡି.ଏନ.ଏ.)**

ଚୌଦ୍ୱାର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୩୦୩/୧୮) ରୁଜୁ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗତ ୧୪ ତାରିଖ ସନ୍ଧ୍ୟାରେ ନାବାଳିକା ଜଣଙ୍କ ଗ୍ରାମ ନିକଟସ୍ଥ ମଣ୍ଡପକୁ ଗଣେଶ ପୂଜା ଦେଖିବା ପାଇଁ ଯାଇଥିବାବେଳେ ଉକ୍ତ ଅଞ୍ଚଳର ଜଣେ ଯୁବକ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ଡାକି ନେଇ ବଳାତ୍କାର କରିଥିଲେ। ନାବାଳିକା ଜଣଙ୍କ କାନ୍ଦି କାନ୍ଦି ଘରକୁ ଫେରି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ପରିବାର ଲୋକେ ଗ୍ରାମ ମୁଖିଆଙ୍କୁ ଜଣାଇଥିଲେ। ଏହାର ବିଚାର ପାଇଁ ଗ୍ରାମ ମୁଖିଆ ଗ୍ରାମରେ ଏକ ବୈଠକ ଡକାଇ ସମ୍ପୃକ୍ତ ଯୁବକଙ୍କୁ ଉପସ୍ଥିତ ରହିବାକୁ କହିଥିଲେ। ହେଲେ ସମ୍ପୃକ୍ତ ଯୁବକ ବୈଠକକୁ ନ ଆସି ଫେରାର ହୋଇଯାଇଛନ୍ତି।

## କୁଆଖାଇରେ ବୁଡ଼ି ଜଣେ ମୃତ

**ବାରଙ୍ଗ,୧୯।୯(ଡି.ଏନ୍.ଏ.)**

କୁଆଖାଇ ନଦୀରେ ବୁଡ଼ି ବୁଧବାର ମଞ୍ଚେଶ୍ୱର ଥାନା ଅଧୀନ ବରିମୁଣ୍ଡ ଗ୍ରାମର ଲକ୍ଷ୍ମଣ ସାହୁ(୫୭) ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଲକ୍ଷ୍ମଣ ଭୋର୍ ସମୟରେ ନଦୀକୁ ଶୌଚ ହେବାକୁ ଯାଇଥିଲେ। ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ଗଭୀର ପାଣିରେ ବୁଡ଼ିଯାଇଥିଲେ। ଏହା ଦେଖି କିଛି ଦୂରରେ ଗାଧୋଉଥିବା ଗ୍ରାମର କେତେଜଣ ଯୁବକ ତୁରନ୍ତ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କରିଥିଲେ। ପରେ ଖବର ପାଇ ଓଡ୍ରାଫ୍ଟ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନଦୀରେ ଖୋଜାଖୋଜି କରି ଲକ୍ଷ୍ମଣଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲା। ପୋଲିସ ସହାୟତାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ଲକ୍ଷ୍ମଣଙ୍କୁ ମୃତ ଘୋଷଣା କରିଥିଲେ।

### ଶ୍ରୀମନ୍ଦିରରେ ସରିଲା କୃଷ୍ଣଲୀଳା

# ବଧ ହେଲେ କଂସ

**ପୁରୀ ଅଫିସ,୧୯।୯**

ମହାପ୍ରତାପୀ କଂସ ବଧ ସହିତ ଶ୍ରୀମନ୍ଦିରରେ ଚାଲିଥିବା କୃଷ୍ଣଲୀଳାର ବୁଧବାର ପରିସମାପ୍ତି ଘଟିଛି। କୃଷ୍ଣଲୀଳାର ଏହି ଶେଷ ନୀତି ଦେଖିବା ଲାଗି ସିଂହଦ୍ୱାର ସମ୍ମୁଖରେ ଭିଡ଼ ହୋଇଥିଲା।

**ଲବଣୀଖିଆ ନୀତି:** ବୁଧବାର ଥିଲା ପବିତ୍ର ଭାଦ୍ରବ ଶୁକ୍ଳ ଦଶମୀ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ସିଂହାସନରେ ବିଜେ କରାଇଥିଲେ। ସେଠାରେ ଆଜ୍ଞାମାଳ ଲାଗି ହେବା ପରେ ଦୁଇ ଠାକୁରଙ୍କୁ ବଟବୃକ୍ଷ ନିକଟରେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ବିମାନବଡୁମାନେ ପାଲିଙ୍କିକୁ କୁର୍ମାଇ ବେଣ୍ଟ ସାହି ନିକଟସ୍ଥ ଲବଣୀଖିଆ ଛକକୁ ନେଇଥିଲେ। ସୁନ୍ଦରା ଜାଗା ପନ୍ତି ଘରେ ଲବଣୀଖିଆ ନୀତି ସମ୍ପନ୍ନ ହୋଇଥିଲା। ସେଠାରେ ଭିତରଚ୍ଛ ମହାପାତ୍ର ଠାକୁରଙ୍କୁ ଆଳତି ବନ୍ଦାପନା କରିବା ସହିତ ମହାଭୋଇଙ୍କ ସର, ଲବଣୀ ଠାକୁରଙ୍କୁ ସମର୍ପଣ କରିଥିଲେ। ମହାଜନମାନେ ଠାକୁରଙ୍କୁ ପନ୍ତି ଘର ଖଟଶେଯ ଉପରକୁ ବିଜେ କରାଇବା ପରେ ପୂଜାପଣ୍ଡା ସାମନ୍ତ ଭୋଗ ଲାଗି କରାଇଥିଲେ। ଏହାପରେ ମହାଭୋଇ ଘରର ବୋହୂମାନେ ଠାକୁରଙ୍କୁ ଅର୍ଘ୍ୟ ବନ୍ଦାପନା କରି କ୍ଷୀର, ସର, ଲବଣୀ ଖୁଆଇଥିଲେ। ଠାକୁର ପାଲଙ୍କିରେ ବିଜେ ହୋଇ ମରିଚିକୋଟ ଛକ ନିକଟସ୍ଥ ମରିଚି ଠାକୁରାଣୀଙ୍କ ପନ୍ତି ନିମନ୍ତେ ଯାଇଥିଲେ। ଠାକୁରାଣୀଙ୍କ ସମ୍ମୁଖରେ ମାଟିମଣ୍ଡପ ସାହିର ଦୁଇଜଣ ମଲ୍ଲ ଯୁଦ୍ଧ ପ୍ରସ୍ତାବ ଆଗତ କରିଥିଲେ। ଜଗଦୀଶ ତ୍ରିପାଠୀ ଓ ସତ୍ୟନାରାୟଣ ଚଇନି ମଲ୍ଲଯୁଦ୍ଧ ନୀତି ସମ୍ପନ୍ନ କରିଥିଲେ।



**କୁବ୍‌ଜାଙ୍କୁ ଉଦ୍ଧାର କଲେ ଶ୍ରୀକୃଷ୍ଣ:** ଶ୍ରୀନଅରଠାରେ କୁବ୍‌ଜା ଉଦ୍ଧାରଣ ପ୍ରସ୍ତାବ ଆଗତ ହୋଇଥିଲା। ଇଞ୍ଜିନିୟର ଶ୍ରୀନିବାସ ଘଟୁଆରୀ କୁବ୍‌ଜା ବେଶ ହୋଇ ଏହି ନୀତି ସମ୍ପନ୍ନ କରିଥିଲେ। ସେ କୁବ୍‌ଜା ବେଶରେ ଚଳନ୍ତି ପ୍ରତିମାଙ୍କୁ ସୁବେଶ (ଚନ୍ଦନ ଚର୍ଚ୍ଚିତ) କରାଇଥିଲେ। ଏହାପରେ ଚଳନ୍ତି ପ୍ରତିମା କୃଷ୍ଣ କୁବ୍‌ଜାଙ୍କୁ ଆଜ୍ଞାମାଳ ପ୍ରଦାନ କରି ସୁନ୍ଦରୀ ନାରୀ ରୂପ ଦେଇ ଉଦ୍ଧାର କରିଥିଲେ। ପରେ ପାଲିଙ୍କି ସିଂହଦ୍ୱାର ନିକଟସ୍ଥ ବଡ଼ଛତା ସମ୍ମୁଖରେ ପହଞ୍ଚିଥିଲା।

**କଂସ ବଧ ପ୍ରସ୍ତାବ ଆଗତ:** ସିଂହଦ୍ୱାର ସମ୍ମୁଖ ବଡଛତା ମଠ ସମ୍ମୁଖରେ କଂସବଧ ନୀତି ସମ୍ପନ୍ନ ହୋଇଥିଲା। ବାଲିସାହି ଆଖଡା ପକ୍ଷରୁ କଂସ ବଧ ପ୍ରସ୍ତାବ ଆଗତ ହୋଇଥିଲା। ରାଜକିଶୋର ପ୍ରଧାନ କଂସ, ହିମାଂଶୁ ପତି ବଳରାମ ଏବଂ ନବକିଶୋର ପ୍ରଧାନ କୃଷ୍ଣ ବେଶରେ ଏହି ନୀତି ସମ୍ପନ୍ନ କରିଥିଲେ। ଏହି ନୀତିରେ ପ୍ରଥମେ କଂସ ନିଜର ରଣହୁଙ୍କାର ଦେବା ପରେ ସେଠାରେ ଠାକୁରଙ୍କୁ ଶୀତଳ ଭୋଗ ବନ୍ଦାପନା ହୋଇଥିଲା। ଶ୍ରୀକୃଷ୍ଣଙ୍କ ପରାକ୍ରମ ଦେଖି କଂସ ଭୟଭୀତ ହୋଇ ମଞ୍ଚାରୁ ପଡିଯିବା ଫଳରେ ତାଙ୍କର ନିଧନ ହୋଇଥିଲା। ଏହାପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ।



## ଦୁର୍ଘଟଣାରେ ଯୁବକ ମୃତ

**କଟକ ଅଫିସ୍, ୧୯।୯**

କ୍ୟାଣ୍ଟନମେଣ୍ଟ ଥାନା ଗଡଗଡିଆ ମନ୍ଦିର ନିକଟରେ ବୁଧବାର କାର ଦୁର୍ଘଟଣାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳି ନ ଥିବାବେଳେ ଘର କ୍ୟାଣ୍ଟନମେଣ୍ଟରେ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସନ୍ଧ୍ୟାରେ ଯୁବକ ଜଣଙ୍କ ଗଡଗଡିଆ ମନ୍ଦିର ସମ୍ମୁଖରେ ମୋବାଇଲରେ କଥା ହୋଇ ରାସ୍ତା ପାର ହେଉଥିବାବେଳେ ଯୋବ୍ରା ଆଡୁ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ






ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ଖୋର୍ଦ୍ଧା ଜିଲା ବାଲିଅନ୍ତା ଜଗନ୍ନାଥପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନେ (ବାମ)।




କଟକ ରାଜାବଗିଚାସ୍ଥିତ ସାମାଜିକ ଅନୁଷ୍ଠାନ ଉତ୍ସର୍ଗର କର୍ମକର୍ତ୍ତା ଓ ଅନ୍ୟମାନେ ପଲିଥିନ ଓ ପ୍ଲାଷ୍ଟିକମୁକ୍ତ ସଚେତନତା ବାର୍ତ୍ତା ଦେଉଛନ୍ତି।




'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନରେ ସାମିଲ ହୋଇଥିବା ପୁରୀ ମଧୁବନ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରଛାତ୍ରୀ ଓ ଗୁରୁମା ଗୁରୁଜୀମାନେ।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ପୁରୀ ଖବରକାଗଜ ବିତରକମାନେ।

# ପଲିଥିନମୁକ୍ତ କଟକ ପାଇଁ ପଥପ୍ରାନ୍ତ ନାଟକ

**କଟକ ଅଫିସ, ୧୯।୯**

ରାଜାବଗିଚାସ୍ଥିତ ସାମାଜିକ ଅନୁଷ୍ଠାନ ଉତ୍ସର୍ଗ ପକ୍ଷରୁ ପଲିଥିନ ଓ ପ୍ଲାଷ୍ଟିକମୁକ୍ତ ଏବଂ ଟ୍ରାଫିକ ନିୟମ ପାଳନ ନେଇ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୁଧବାର ଲୋକଙ୍କୁ ସଚେତନ କରିବା ନିମନ୍ତେ ଏକ ପଥପ୍ରାନ୍ତ ସଭା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରି କଟକ ସହରକୁ ପଲିଥିନ ଓ ପ୍ଲାଷ୍ଟିକମୁକ୍ତ କରାଯିବା ନିମନ୍ତେ ଉଦ୍‌ବୋଧନ ଦେଇଥିଲେ। ଉକ୍ତ ପଥପ୍ରାନ୍ତ ସଭାରେ ସହରର ବହୁ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ଯୋଗଦେଇଥିଲେ। ଅନୁଷ୍ଠାନ ତରଫରୁ ୫୦୦ ସୂତାବ୍ୟାଗ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡ. ବିଜୟ ପଟ୍ଟନାୟକ, ସମ୍ପାଦିକା ଶକୁନ୍ତଳା ପଟ୍ଟନାୟକ, ଉପସଭାପତି ହରେକୃଷ୍ଣ ଦାସ, ରାଜଲକ୍ଷ୍ମୀ ପାତ୍ର, ମଞ୍ଜୁ ଜେନା, ସୁଚିତ୍ରା ରାୟ, ଦିଲ୍ଲୀପ ସାହୁ, ସୁରେନ୍ଦ୍ରନାଥ ବେହେରା, ପୂର୍ଣ୍ଣମାସୀ ସାହୁ, ଶାଶ୍ୱତ ମହାନ୍ତିଙ୍କ ସହଯୋଗରେ ପଥପ୍ରାନ୍ତ ଯାତ୍ରା ସଫଳ ହୋଇଥିଲା। ପଥପ୍ରାନ୍ତ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ପୁରୀଘାଟ ଥାନା ନିକଟରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସେଠାରେ ସଭା କରାଯାଇ ପଥପ୍ରାନ୍ତ ଯାତ୍ରା ସମାପ୍ତ କରାଯାଇଥିଲା।

### ବଡ଼ବୋହୂ ଆଣିଲେ ନିର୍ଯାତନା ଅଭିଯୋଗ

# ପୂର୍ବତନ ବିଧାୟକ ଜିତୁ ମିତ୍ରଙ୍କ ସମେତ ୪ ଜଣଙ୍କ ନାଁରେ ମାମଲା

**ଖୋର୍ଦ୍ଧା ଅଫିସ, ୧୯।୯**

ବଡବୋହୂଙ୍କୁ ଶାରୀରିକ, ମାନସିକ ଓ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜିତୁ ମିତ୍ର, ସ୍ତ୍ରୀ ମମତା, ବଡପୁଅ ସିଦ୍ଧାର୍ଥ, ଝିଅ ସୁତାପାଙ୍କ ନାଁରେ ଖୋର୍ଦ୍ଧା ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ମାମଲା ରୁଜୁ ପରେ ଥାନା ପକ୍ଷରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ଜିତୁ ମିତ୍ରଙ୍କ ପରିବାରକୁ ନୋଟିସ୍ କରାଯାଇଛି। ଅଭିଯୋଗ ଅନୁସାରେ, ଭଦ୍ରକର ଦେବଲିନା ମଣ୍ଡଳ(୨୦) ୨୦୧୭ ଜୁନ ୧୯ରେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ମିତ୍ରଙ୍କ ବଡପୁଅ ସିଦ୍ଧାର୍ଥଙ୍କୁ ବିବାହ କରିଥିଲେ। ବିବାହ ପରେ କିଛିଦିନ ଭଲରେ ଚଳିଥିଲେ। ସ୍ୱାମୀ କର୍ମକ୍ଷେତ୍ର ବାହାରିନକୁ ଚାଲି ଯାଇଥିଲେ। ପରେ ଅଧିକ ଯୌତୁକ ଆଣିବାକୁ ବିଭିନ୍ନ ସମୟରେ ଶାଶୁ, ଶ୍ୱଶୁର, ସ୍ୱାମୀ ଓ ନଣନ୍ଦ ଶାରୀରିକ, ମାନସିକ ନିର୍ଯାତନା ଦେଉଥିଲେ। କିଛିଦିନ ଯିବା ପରେ ନିର୍ଯାତନା ନେଇ ସ୍ୱାମୀଙ୍କୁ କହିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ବରଂ ଅଧିକ ନିର୍ଯାତନା ମିଳିଥିଲା। ଜାନୁୟାରୀ ୨୯ରେ ଦେବଲିନା ବାପଘର ଭଦ୍ରକକୁ ଯାଇ ଆଇନଜୀବୀଙ୍କ ଜରିଆରେ କେସ୍ କରିବାକୁ ଉଦ୍ୟମ କରିଥିଲେ। ହେଲେ ଶ୍ୱଶୁର, ଶାଶୁଙ୍କର ପରାମର୍ଶ ଅନୁସାରେ ଓହରି ଯାଇଥିଲେ। ଏହା ପରେ ବି ନିର୍ଯାତନା ଥମି ନ ଥିଲା। ଅନ୍ୟପକ୍ଷେ ଅଗଷ୍ଟ ୨୧ରେ ଝିଅ ଜନ୍ମ ହେଲା। ଏହି ସମୟରେ ଡାକ୍ତରଖାନାରେ ଠିକ୍ ସେବା ମିଳିଲା ନାହିଁ। ଜାଣିଶୁଣି ଝିଅ ଓ ତାଙ୍କୁ ଅଣଦେଖା କରାଗଲା। ଏ ସମ୍ପର୍କରେ ସ୍ୱାମୀଙ୍କୁ ଫୋନ କରିବାରୁ ଫୋନ ଉଠାଇଲେ ନାହିଁ। ଶେଷରେ ଗତ ୧୫ ତାରିଖରେ ଅଭିଯୋଗ ପରେ ପୋଲିସ ଦଫା ୪୯୮(କ), ୫୦୬, ୩୪ ଆଇପିସି, ୪ ଡିପି ଆକ୍ଟ ନଂ. ୩୬୧/୧୮ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରଥିଲା। ଏ ନେଇ ଏସ୍‌ପି ଦୀପ୍ତି ରଞ୍ଜନ ରାୟ କୁହନ୍ତି, ଅଭିଯୋଗ ପରେ ମାମଲା ରୁଜୁ କରାଯାଇ ପୂର୍ବତନ ବିଧାୟକ ମିତ୍ରଙ୍କ ପରିବାରର ଅଭିଯୋଗ ଥିବା ସଦସ୍ୟମାନଙ୍କୁ ଅବଗତ କରାଯାଇଛି। ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇଥିବାବେଳେ ଘଟଣାର ସମାଧାନ କରିବାକୁ ଉଦ୍ୟମ ଚାଲିଥିବା ମିତ୍ରଙ୍କ ପରିବାର ପକ୍ଷରୁ କୁହାଯାଇଛି। ପୂର୍ବତନ ବିଧାୟକ ଜିତୁ ମିତ୍ର କୁହନ୍ତି, ନିର୍ଯାତନାକୁ ସେ ଓ ତାଙ୍କର ପରିବାର ଲୋକେ ବିରୋଧ କରନ୍ତି। ସେ ତାଙ୍କ ବୋହୂଙ୍କୁ ଝିଅ ପରି ଦେଖୁଥିଲେ। ଭୁବନେଶ୍ୱରର ଏକାମ୍ର କଲେଜରେ ନିଜ ଖର୍ଚ୍ଚରେ ବୋହୂଙ୍କୁ ବି ଟେକ ପଢ଼ାଉ ଥିଲେ। ତେବେ କେଉଁଠି ନା କେଉଁଠି ଭୁଲ ବୁଝାମଣା ରହିଛି। ଭୁଲ ବୁଝାମଣାକୁ ସଂଶୋଧନ କରାଯିବା ପାଇଁ ଚେଷ୍ଟା ଜାରି ରହିଛି।

# ଭ୍ରାମ୍ୟମାଣ କଳା ପ୍ରଦର୍ଶନୀ କରିବାକୁ ପଦକ୍ଷେପ ନେବି



ଭୁବନେଶ୍ୱର, ୧୯।୯(ବ୍ୟୁରୋ): କେବଳ ଦେଶ ନୁହେଁ, ଦେଶ ବାହାରେ ଜଣେ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ଭାବେ ପରିଚିତ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ଓଡ଼ିଶାର ନାମକୁ ବିଶ୍ୱ ସ୍ତରରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ଶିଳ୍ପୀ ୫୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ବାଲୁକା କଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୩୦ରୁ ଅଧିକ ପଦକ ହାସଲ କରିଛନ୍ତି। ସେହିଭଳି କେତେବେଳେ ସର୍ବାଧିକ ତ କେତେବେଳେ ବୃହତ୍ତମ ବାଲୁକା କଳା ତିଆରି କରି ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ମଧ୍ୟ ଏକାଧିକ ରେକର୍ଡକୁ ନିଜ ନାମରେ କରିଛନ୍ତି। ପୁରୀ ମରିଚିକୋଟ ସାହିରେ ଜନ୍ମଗ୍ରହଣ କରିଥିବା ୪୧ବର୍ଷୀୟ ସୁଦର୍ଶନ କେବଳ କଳା, ସଂସ୍କୃତି ନୁହେଁ, ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଚିହ୍ନା ମୁହାଁ। ସାମାଜିକ ଘଟଣାବଳୀ ଉପରେ ବାଲୁକା କଳା ତିଆରି କରି ବିଭିନ୍ନ ସମୟରେ ଚର୍ଚ୍ଚାରେ ରହୁଥିବା ଏହି ବିଶିଷ୍ଟ ବାଲୁକା ଶିଳ୍ପୀ ବୁଧବାର ଓଡ଼ିଶା ଲଳିତକଳା ଏକାଡେମୀର ସଭାପତି ପଦବୀରେ ନିଯୁକ୍ତ ହୋଇଛନ୍ତି। ଏହି ଅବସରରେ ତାଙ୍କ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଜାଣିବା ପାଇଁ ଆମର ସାକ୍ଷାତ୍‌କାର...

**ଲଳିତକଳା ଏକାଡେମୀର ସଭାପତି ପଦବୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ ହେବା ପରେ ଏହାର ଉତ୍ତରୋତ୍ତର ଉନ୍ନତି ପାଇଁ କ'ଣ କରିବେ?**

ଏକାଡେମୀ ଏହାର ନ୍ୟସ୍ତ ଦାୟିତ୍ୱ ଯେପରି ସଫଳତାର ସହ କରିବ ସେଥିପ୍ରତି ଗୁରୁତ୍ୱ ଦେବି। ମୁଖ୍ୟମନ୍ତ୍ରୀ ଏତେବଡ଼ ଗୁରୁଦାୟିତ୍ୱ ଦେଇଥିବାରୁ ଏହାକୁ କର୍ତ୍ତବ୍ୟନିଷ୍ଠ ଭାବେ ସମ୍ପନ୍ନ କରିବି। ଏକାଡେମୀକୁ ଏକ ସମ୍ମାନଜନକ ସ୍ତରକୁ ନେବା ମୋର ପ୍ରାଥମିକତା ରହିବ। ପୂର୍ବରୁ ମୁଁ ୧୦ବର୍ଷ ଲଳିତକଳା ଏକାଡେମୀ ସହ ଜଡ଼ିତ ରହିଛି, ତେଣୁ ଏକାଡେମୀର କାର୍ଯ୍ୟଧାରା ସମ୍ପର୍କରେ ଅଳ୍ପବହୁତ ଜାଣିଛି। ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରିବି ଓ ରହିଥିବା ଅସମ୍ପୂର୍ଣ୍ଣ କାମକୁ ପୂରା କରିବି।

**ପ୍ରଥମ ପଦକ୍ଷେପ ଆପଣଙ୍କର କ'ଣ ରହିବ?**

କଳାର ରାଜ୍ୟ ଓଡ଼ିଶା। ଏଠାରେ କୋଣ ଅନୁକୋଣରେ କଳା ରହିଛି। ହେଲେ ଅନେକ କଳା ଓ କଳାକାର ଲୋକଲୋଚନ ଆଢୁଆଳରେ ରହିଯାଉଛନ୍ତି। ତେଣୁ ମୋର ପ୍ରଥମ ପଦକ୍ଷେପ ହେବ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳର ଶିଳ୍ପୀଙ୍କ ନିକଟରେ ପହଞ୍ଚିବା। କଳା ପ୍ରଦର୍ଶନୀକୁ କେବଳ ଭୁବନେଶ୍ୱର, ପୁରୀ, କଟକରେ ସୀମିତ ନ ରଖି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଭ୍ରାମ୍ୟମାଣ କଳା ପ୍ରଦର୍ଶନୀ ଆୟୋଜନ କରିବାକୁ ପଦକ୍ଷେପ ନେବି। କଳାକାର, ଶିଳ୍ପୀଙ୍କର ଦକ୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଏକାଡେମୀ କାର୍ଯ୍ୟ କରିବ।

**ଏହି ପଦବୀ ପାଇବେ ବୋଲି ଆଗରୁ ଜାଣିଥିଲେ?**

ଆଗରୁ ଜାଣି ନ ଥିଲି। ହେଲେ ଓଡ଼ିଶାର କଳା, ସଂସ୍କୃତି ପାଇଁ କିଛି କରିବାକୁ ସବୁବେଳେ ଆଗ୍ରହ ଥିଲା। ଏହି ପଦବୀରେ ରହି କଳା ଓ କଳାକାରଙ୍କର ବିକାଶ କରିବାକୁ ସବୁପ୍ରକାର ଉଦ୍ୟମ କରିବି ଏବଂ ରାଜ୍ୟ ବାହାରକୁ ଯେପରି ଓଡ଼ିଶାର ସମସ୍ତ ଆର୍ଟଫର୍ମ ଯାଇପାରିବ, ସେଥିପ୍ରତି ଦୃଷ୍ଟି ଦେବି।

**ବିଭିନ୍ନ ସମସ୍ୟା ଯୋଗୁ ଏକାଡେମୀ ଏହାର ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର' ଦେଇପାରୁନି। ସମସ୍ତେ ପ୍ରତିଶ୍ରୁତି ଦେଉଛନ୍ତି, ହେଲେ ଏହାକୁ ପୂରଣ କରିପାରୁ ନ ଥିବାରୁ ଶିଳ୍ପୀଙ୍କ ନିକଟରେ ପୁରସ୍କାର ପହଞ୍ଚିପାରୁନି ଓ ଜଣଙ୍କ ପରେ ଜଣେ ଶିଳ୍ପୀ ଇହଧାମ ତ୍ୟାଗ କରୁଛନ୍ତି। ସେ ଦିଗରେ କ'ଣ ପଦକ୍ଷେପ ନେବେ?**

ହଁ, ଏହା ସତ। କେବଳ ସଭାପତି ଭାବେ ନୁହେଁ, ଜଣେ ସାଧାରଣ ନାଗରିକ ଓ ଶିଳ୍ପୀ ଭାବେ ମଧ୍ୟ ଏହା ମୋତେ ମର୍ମାହତ କରିଥିଲା। ଯେଉଁ ଶିଳ୍ପୀମାନେ ସେମାନଙ୍କ ସମ୍ପୂର୍ଣ୍ଣ ଜୀବନକୁ କଳା ପାଇଁ ଉତ୍ସର୍ଗ କରିଦେଉଛନ୍ତି, ଆମେ ସେମାନଙ୍କୁ ସାମାନ୍ୟ ପୁରସ୍କାରଟିଏ ବି ପ୍ରଦାନ କରିପାରୁନୁ। ମୁଁ ଆପ୍ରାଣ ଉଦ୍ୟମ କରିବି ଯେପରି ପୁରସ୍କାର ବାଟରେ ଥିବା ସମସ୍ତ ସମସ୍ୟାର ଯଥାଶୀଘ୍ର ସମାଧାନ ହେବ। ବ୍ୟକ୍ତିଗତ ଭାବେ ଏଥିପାଇଁ ପ୍ରଚେଷ୍ଟା କରିବି ଓ ନିଜେ ସବୁ ବୁଝିବି।

**ପାରମ୍ପରିକ ଚିତ୍ରକଳାର ଉନ୍ନତି ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବେ କି?**

କେବଳ ପାରମ୍ପରିକ ଚିତ୍ରକଳା ନୁହେଁ, ସବୁପ୍ରକାର କଳା ଉପରେ କାମ କରିବି। ବୟୋଜ୍ୟେଷ୍ଠ କଳାକାରଙ୍କୁ ସମ୍ମାନ ଦେବା ଏବଂ ନୂଆପିଢ଼ି ନିକଟରେ ଆମ ସଂସ୍କୃତି, ପରମ୍ପରା ଓ କଳାକୁ ପହଞ୍ଚାଇବା ଦିଗରେ ଏକାଡେମୀ କାର୍ଯ୍ୟ କରିବ।

**ବାଲୁକା କଳା ସଂଗ୍ରହାଳୟ କରିବାକୁ ଆପଣ ଯେଉଁ ସ୍ୱପ୍ନ ଦେଖିଛନ୍ତି, ତାହା କେବେ ପୂରଣ କରିବେ?**

ବାଲୁକା କଳା ମୋର ପ୍ରଥମ କର୍ମଭୂମି। ତେଣୁ ନିଶ୍ଚୟ ଏହାକୁ ସମ୍ପୂର୍ଣ୍ଣ କରିବି। ହେଲେ ଲଳିତ କଳା ଏକାଡେମୀର ସଭାପତି ଭାବେ ନୁହେଁ, ଜଣେ ବାଲୁକା ଶିଳ୍ପୀ ଭାବେ।

**ଏକାଡେମୀ ମାଧ୍ୟମରେ ବାଲୁକା କଳାର ବିକାଶ ପାଇଁ ପଦକ୍ଷେପ ନେବେ କି?**

ବର୍ତ୍ତମାନ ସୁଦ୍ଧା ସେଭଳି କିଛି ଭାବିନି। ପ୍ରଥମେ କାର୍ଯ୍ୟରେ ଯୋଗଦେବା ପରେ ଏ ବିଷୟରେ ଚିନ୍ତା କରିବି।

– ସାକ୍ଷାତ୍‌: ସସ୍ମିତା ପାଇକରାୟ

# ଲାଞ୍ଚ ନେଉଥିବାବେଳେ ଆର୍‌ଆଇ ଗିରଫ

**କଟକ ଅଫିସ/ ନିମାପଡ଼ା, ୧୯।୯**



ନଗେନ୍ଦ୍ରନାଥ ପଣ୍ଡା

୨୨୦୦ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ପୁରୀ ଜିଲା ନିମାପଡ଼ା ତହସିଲ ଅଧୀନସ୍ଥ ବାମନାଳ ରାଜସ୍ୱ ମଣ୍ଡଳର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ନଗେନ୍ଦ୍ରନାଥ ପଣ୍ଡା। ବୁଧବାର ସେ ଏହି ଲାଞ୍ଚ ବଳଙ୍ଗା ଥାନା ପିପାଳିଆ ଗ୍ରାମର ସନ୍ତୋଷ ବେହେରାଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ସୂଚନା ଅନୁଯାୟୀ, ସନ୍ତୋଷଙ୍କର ଫସଲ କ୍ଷତିଜନିତ ସହାୟତା ରାଶି ପାଇବାର ଥିଲା। ମାତ୍ର ଏଥିପାଇଁ ଆର୍‌ଆଇ ପଣ୍ଡା ୨୨୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ସମ୍ପର୍କରେ ସନ୍ତୋଷ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ, ଆର୍‌ଆଇ ପଣ୍ଡା ନିଜ ଅଫିସରେ ବସି ସନ୍ତୋଷଙ୍କଠାରୁ ଲାଞ୍ଚ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୪୧/୧୮ରେ ଏକ ମାମଲା ରୁଜୁ କରାଯାଇ ଆର୍‌ଆଇ ପଣ୍ଡାଙ୍କୁ ଗିରଫ କରାଯାଇଛି।

# ଏସ୍‌ସିବିରେ ଜଟିଳ ବୋନ୍ ଟ୍ୟୁମରର ସଫଳ ଅସ୍ତ୍ରୋପଚାର

**କଟକ ଅଫିସ, ୧୯।୯**

ଏସ୍‌ସିବି ମେଡିକାଲରେ ବୁଧବାର ଇଉଇଙ୍ଗ୍ ସାର୍କୋମା ବା ବୋନ୍ ଟ୍ୟୁମରର ଅସ୍ତ୍ରୋପଚାର ହୋଇଛି। ବ୍ରହ୍ମପୁର ଶ୍ରୀରାମନଗର ଅଞ୍ଚଳର ଏନ୍. ଜନାର୍ଦ୍ଦନ ରାଓ (୧୫) ନାମକ ନାବାଳକଙ୍କ କ୍ଷେତ୍ରରେ କରାଯାଇଥିବା ଏହି ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଥିବା ଡାକ୍ତରମାନେ ଦାବି କରିଛନ୍ତି। ସୂଚନାଥାଉକି, ଜନାର୍ଦ୍ଦନଙ୍କ ଡାହାଣ କାନ୍ଧକୁ ଲାଗିଥିବା ହାଡ଼ (କୋଲାର ବୋନ୍) ଉପରେ ଏହି ଟ୍ୟୁମର ହୋଇଥିଲା। ସେ ଯନ୍ତ୍ରଣା ଅନୁଭବ କରିବା ସହ ସ୍ୱାଭାବିକ ଜୀବନଯାପନରେ ଅସୁବିଧା ଭୋଗୁଥିଲେ। ଚିକିତ୍ସା ନିମନ୍ତେ ନାବାଳକଙ୍କ ପରିବାର ଏସ୍‌ସିବି ମେଡିକାଲ ଅସ୍ଥିଶଲ୍ୟ ବିଭାଗର ସହଯୋଗୀ ପ୍ରଫେସର ଡା. ମନୋରଞ୍ଜନ ମଲିକଙ୍କ ସହିତ ଯୋଗାଯୋଗ କରିଥିଲେ। ଏମ୍‌ଆର୍‌ଆଇ ରିପୋର୍ଟରୁ ହାଡ଼ ଉପରେ ଟ୍ୟୁମର ହୋଇଥିବା ଜଣାପଡ଼ିଥିଲା। ଫଳରେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ଡାକ୍ତର ମଲିକ ପ୍ରସ୍ତୁତି ଆରମ୍ଭ କରିଥିଲେ। ଏଥିପାଇଁ ବିଭାଗୀୟ ସହକାରୀ ପ୍ରଫେସର ଡା. ସରୋଜ ପରିଡ଼ା, ଡା. ନିହାର ମିଶ୍ର, ଡା. ଅମିତ ଦାସ ଓ ଡା. ଶୁଭମ ଦାସଙ୍କୁ ନେଇ ଗଠିତ ଟିମ୍ ବୁଧବାର ଅସ୍ତ୍ରୋପଚାର ଆରମ୍ଭ କରିଥିଲେ। ଏହି ଅସ୍ତ୍ରୋପଚାର ପାଇଁ ପାଖାପାଖି ଦୁଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। ତେବେ ଏହି ଟ୍ୟୁମର ବହୁ ବିରଳ ଏବଂ କ୍ୱଚିତ ରୋଗୀଙ୍କ କ୍ଷେତ୍ରରେ ଦେଖାଯାଇଥାଏ। ସମ୍ପୃକ୍ତ ରୋଗୀଙ୍କୁ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯାଇଥିଲା। ତେଣୁ ସମ୍ପୂର୍ଣ୍ଣ ମାଗଣାରେ ଏହି ଅସ୍ତ୍ରୋପଚାର ଓ ରୋଗୀଙ୍କ ଚିକିତ୍ସା କରାଯାଉଥିବା ଡା. ମଲିକ ସୂଚନା ଦେଇଛନ୍ତି।



ନିଜକୁ ଯିଏ ବିଶ୍ୱାସ କରେ ନାହିଁ, ସେ ପରମାତ୍ମାଙ୍କୁ ବା କିପରି ବିଶ୍ୱାସ କରିପାରିବ।
– ବ୍ୟାସଦେବ



## ସଂକ୍ଷେପରେ

### ଆଳିର ୩ ଗାଁରେ ମୌଳିକ ସୁବିଧା ଅପହଞ୍ଚ

### ଆରଡିସିଙ୍କୁ ରିପୋର୍ଟ ତଲବ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ଏକମାଣିଆ, ନଳପାହି ଓ ଦକ୍ଷିଣଡିହା ଗାଁର ଲୋକେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ। ଏହି ଗାଁଗୁଡିକରେ କ'ଣ ପାଇଁ ମୌଳିକ ସୁବିଧା ପହଞ୍ଚିନାହିଁ ଏବଂ ଏ ଦିଗରେ କି ପଦକ୍ଷେପ ନିଆଯାଇଛି ସେନେଇ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆରସି) କେନ୍ଦ୍ରାଞ୍ଚଳ ଆରଡିସିଙ୍କୁ ରିପୋର୍ଟ ତଲବ କରିଛନ୍ତି। ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏହି ୩ଟି ଗାଁକୁ ବ୍ରାହ୍ମଣୀ, ଖରସ୍ରୋତା, ହଂସୁଆ, ପାଟଶାଳା ନଦୀ ଘେରି ରହିଛି। ଗମନାଗମନ ଲାଗି ଗ୍ରାମବାସୀ ଡଙ୍ଗା ଉପରେ ନିର୍ଭର କରୁଛନ୍ତି। ସଞ୍ଜ ନଇଁଲେ ଡଙ୍ଗା ଚଳାଚଳ ବନ୍ଦ ରହୁଥିବାରୁ ଏହି ଗାଁଗୁଡ଼ିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଉଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ୍ ଭଳି ମୌଳିକ ସୁବିଧା ଗ୍ରାମବାସୀଙ୍କ ନିକଟରେ ପହଞ୍ଚିନାହିଁ। ଏ ନେଇ ୨୦୧୭ ଫେବୃୟାରୀ ୧୦ରେ ହ୍ୟୁମାନ ରାଇଟ୍ସ ୱାଚ୍‌ର ସମ୍ପାଦିକା ସଙ୍ଗୀତା ସ୍ୱାଇଁ ଏନ୍‌ଏଚ୍‌ଆରସିରେ ଅଭିଯୋଗ କରିଥିଲେ। ଏନ୍‌ଏଚ୍‌ଆରସି ଏହାକୁ ଓଏଚ୍‌ଆରସିକୁ ପଠାଇ ଦେଇଥିଲେ। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୨୨ରେ ହେବ।

### ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ଆଦ୍ୟ ଶୈଶବ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ):** ଶିଶୁମାନଙ୍କ ଜୀବନର ଆଦ୍ୟ ବର୍ଷଗୁଡ଼ିକ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହା ହେଉଛି ଜୀବନର ମୂଳଦୁଆ ପଡ଼ିବା ସମୟ। ଜାତୀୟ ଶିକ୍ଷା ନୀତିରେ ପ୍ରାକ୍-ବିଦ୍ୟାଳୟ ଶିକ୍ଷାକୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇଛି। କାରଣ ପରବର୍ତ୍ତୀ ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶ ଏହି ପ୍ରାକ୍-ବିଦ୍ୟାଳୟ ଶିକ୍ଷାର ଭିତ୍ତିଭୂମି ଉପରେ ନିର୍ଭର କରେ। ଓଡ଼ିଶାର ୩୩୮ଟି ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପରେ ପ୍ରାକ୍-ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସୁଥିବା ୩ରୁ ୬ବର୍ଷ ବୟସର ଶିଶୁଙ୍କ ଆବଶ୍ୟକତା, ଚାହିଦା ଓ ଆଗ୍ରହ ଅନୁସାରେ କର୍ମୀମାନେ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି। ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ପ୍ରାକ୍ ବିଦ୍ୟାଳୟ ସହାୟକ ପୁସ୍ତିକା 'ନୂଆ ଅରୁଣିମା'ର ରାଜ୍ୟସ୍ତରୀୟ ସମୀକ୍ଷା ଓ ପରାମର୍ଶ ଶିବିର ଉଦ୍‌ଘାଟନ ଉତ୍ସବରେ ଯୋଗଦେଇଥିବା ବକ୍ତାମାନେ ଏହା କହିଛନ୍ତି। ବୁଧବାର ଉତ୍କଳ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ, ସିଓଇସିଡି, ୟୁନିସେଫ୍ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଯୋଗଦେଇଥିଲେ। ସେ କହିଲେ, ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ଆଦ୍ୟ ଶୈଶବ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ। ଶିଶୁର ଜୀବନକାଳ ମଧ୍ୟରେ ପ୍ରଥମ ୬ବର୍ଷରେ ବିକାଶ ହାର ଦ୍ରୁତ ହୋଇଥାଏ। ୟୁନିସେଫ୍ ଓଡ଼ିଶା ଓଆଇସି ଲଳିତା ପଟ୍ଟନାୟକ ଏବଂ ପ୍ରଫେସର ଉଦୟନାଥ ଦାଶ ବକ୍ତବ୍ୟ ରଖିଥିଲେ। ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ଭାସ୍ୱତୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଉଥିବାବେଳେ ସିଓଇସିଡିର ଡ. ମନସ୍ୱିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ 'ନୂଆ ଅରୁଣିମା' ପୁସ୍ତିକା, ଅଙ୍ଗନୱାଡ଼ିର କାର୍ଯ୍ୟକର୍ତ୍ତା ଓ ପର୍ଯ୍ୟବେକ୍ଷିକାଙ୍କ ପାଇଁ ଉପଯୋଗୀ ପୁସ୍ତିକା 'ବାଲସୁଲଭ, ବାଲାଯୁକ୍ତ ଅଙ୍ଗନୱାଡ଼ି ବାତାବରଣ ଉପଯୋଗ' ଉନ୍ମୋଚିତ ହୋଇଥିଲା।

### ଟ୍ରେନ ଧକ୍କାରେ ଛାତ୍ର ମୃତ

**ବାରଙ୍ଗ,୧୯।୯(ଡି.ଏନ୍.ଏ.):** ମଞ୍ଚେଶ୍ୱର ଜିଆରପି ଫାଣ୍ଡି ଅନ୍ତର୍ଗତ କଳାରାହଙ୍ଗ ଗ୍ରାମମୁଣ୍ଡ ଲେବୁଲକ୍ରସିଂ ପାଖ ରେଳଧାରଣାରୁ ବୁଧବାର ସକାଳେ ପୋଲିସ ଜଣେ ଛାତ୍ରଙ୍କ ମୃତଦେହକୁ ଉଦ୍ଧାର କରିଛି। ମୃତ ଛାତ୍ର ହେଲେ ସୁନ୍ଦରଗଡ ଜିଲା ବିରମିତ୍ରପୁର ଗ୍ରାମର ସୁନିଲମାଧବ ଲୁଗୁନ(୨୮)। ସ୍ଥାନୀୟ ଏକ କଲେଜରେ ଛାତ୍ର ଜଣକ ବି ଟେକ କରିବା ସହ କଳାରାହଙ୍ଗ ଗ୍ରାମରେ ଦୁଇଜଣ ସହପାଠୀଙ୍କ ସହ ମିଶି ଭଡା ଘରେ ରହୁଥିଲେ। ବୁଧବାର ସକାଳେ ଛାତ୍ରଙ୍କ ମୃତଦେହ ରେଳଧାରଣାରେ ପଡିଥିବା ଖବର ପାଇ ଫାଣ୍ଡି ଅଧିକାରୀ ନରେନ୍ଦ୍ର ପ୍ରସାଦ ଜେନା ମୃତଦେହକୁ ଜବତ କରିଛନ୍ତି। ପୋଲିସ କହିବା ଅନୁଯାୟୀ, ମଙ୍ଗଳବାର ରାତିରେ ମୃତ ଛାତ୍ର ଜଣକ ମଦ୍ୟପାନ କରି ସହପାଠୀମାନଙ୍କ ସହ ପାଟିତୁଣ୍ଡ କରିଥିଲା। ବିଳମ୍ବିତ ରାତିରେ ନିଶା ଯୋଗୁ ସାଙ୍ଗମାନେ ବାରଣ ସତ୍ତ୍ୱେ ସେ ଭଡାଘରୁ ଆସି କଳାରାହଙ୍ଗ ଲେବୁଲକ୍ରସିଂ ପାଖକୁ ଆସିଥିଲା। ଲେବୁଲକ୍ରସିଂ ଦାୟିତ୍ୱରେ ଥିବା କର୍ମଚାରୀ ଟ୍ରେନ ଆସୁଥିବାରୁ ରେଳ ଧାରଣା ଉପରକୁ ନ ଯିବାକୁ ବାରଣ ସତ୍ତ୍ୱେ ଲୁଗୁନ ଧାରଣା ଉପରକୁ ପଳା ଯାଇଥିଲେ। ଏହି ସମୟରେ ଭୁବନେଶ୍ୱରରୁ କଟକ ଆଡେ ଯାଉଥିବା ଏକ ଟ୍ରେନ ଧକ୍କା ଦେବାରୁ ତାଙ୍କର ସେହିଠାରେ ମୃତ୍ୟୁ ଘଟିଥିଲା। ପୋଲିସ ପକ୍ଷରୁ ନଂ. ୭୧/୧୮ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠା ଯାଇଥିଲା।

# ବଡ଼ବେରଣାରେ ଅମୁନି ଡେଙ୍ଗୁ

**ବେଗୁନିଆ,୧୯।୯ (ଡି.ଏନ.ଏ.)**

**ବେଗୁନିଆ ବ୍ଲକ**
- ସଂଖ୍ୟା ଟପିଲାଣି ୫୧
- ପରୀକ୍ଷଣ ପାଇଁ ୪୦୦ ଟଙ୍କା
- ସ୍ୱାସ୍ଥ୍ୟ ବିଭାଗ ନିଦାବିଷ୍ଟୁ

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ଏବେ ମାଡି ଚାଲିଛି ଡେଙ୍ଗୁ ରୋଗ। ଦିନକୁଦିନ ଏ ଗାଁକୁ ସେ ଗାଁ ବ୍ୟାପିବାରେ ଲାଗିଛି। ବ୍ଲକରେ ଏଯାଏ ସମୁଦାୟ ୬୮ ରୋଗୀ ଆକ୍ରାନ୍ତ ହେଲେଣି। ହେଲେ ବଡବରେଣା ଗ୍ରାମରେ ୨ ମାସ ହେଲା ରୋଗୀଙ୍କୁ ଅଣାୟତ କରୁଛି ଡେଙ୍ଗୁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଗ୍ରାମରେ ଏଯାଏ ୫୧ ଜଣଙ୍କୁ ଡେଙ୍ଗୁ ପଜେଟିଭ ଚିହ୍ନଟ କରାଗଲାଣି। ସେହିପରି ବ୍ଲକର ଅନ୍ୟ ଗ୍ରାମକୁ ମଧ ମାଡି ଚାଲିଛି ଡେଙ୍ଗୁ। ସବୁଠି ଲୋକେ ଆତଙ୍କିତ ଅବସ୍ଥାରେ ରହିଲେଣି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନାମକୁମାତ୍ର ଜନ ସଚେତନତା ସୃଷ୍ଟି କରାଯାଉଛି। ଏଥିସହ ପ୍ରତିକାର ମଧ ଜାରି ରହିଛି। ହେଲେ କିଛି କାମରେ ଆସୁନି। ତେବେ ସ୍ୱାସ୍ଥ୍ୟ ବିଭାଗ ବ୍ଲକରେ ନିଦାବିଷ୍ଟୁ ପାଲଟିଛି। ଅନ୍ୟପକ୍ଷରେ ଗ୍ରାମରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ମଶାରି ବଣ୍ଟନ ପାଇଁ ଗୁରୁତର ଦାବି ହୋଇଆସୁଛି। ହେଲେ ଏହାକୁ ଅଣଦେଖା କରାଯାଉଛି। ଅନ୍ୟପକ୍ଷରେ ବିପର୍ଯ୍ୟସ୍ତ ଗାଁ ପରିବେଶକୁ ସ୍ୱାସ୍ଥ୍ୟ ବିଭାଗ ଦାୟୀ କରୁଥିବାବେଳେ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ ବୋଲି ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ଉଠୁଛି। ସେହିପରି ଖୋର୍ଦ୍ଧା ଜିଲା ଚିକିତ୍ସାଳୟରେ ଡେଙ୍ଗୁ ରୋଗୀ ଚିହ୍ନଟ କାର୍ଯ୍ୟାଳୟ ବନ୍ଦ ରହିଥିବାରୁ ଲୋକେ ପରୀକ୍ଷଣ ପାଇଁ ଅଯଥା ୫୦ କିମି ଦୂର ଭୁବନେଶ୍ୱରକୁ ଯିବାକୁ ପଡୁଛି। ଆଉ କେତେଜଣ ରୋଗୀ ମଧ ଘରୋଇ ପରୀକ୍ଷଣ କେନ୍ଦ୍ରରେ ପରୀକ୍ଷା କରୁଛନ୍ତି। ହେଲେ ୪ ଶହରୁ ୫ ଶହ ଟଙ୍କା ପରୀକ୍ଷା ଫିସ୍ ବାବଦକୁ ଦେବାକୁ ପଡୁଛି। ଏଥିଯୋଗୁ ଗରିବ ଲୋକେ ହନ୍ତସନ୍ତ ହେଉଥିବା ବେଳେ ରୋଗୀ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶଥାଉ କି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୁଧବାର ମିଳିଥିବା ରିପୋର୍ଟ ଅନୁସାରେ ଅଗଷ୍ଟ ୧୭ରୁ ବଡବେରଣା ଗ୍ରାମରେ କ୍ରମାଗତ ଭାବେ ଡେଙ୍ଗୁ ରୋଗୀ ସଂଖ୍ୟା ବୃଦ୍ଧି ପାଇ ୫୧ରେ ପହଞ୍ଚିଛି। ସେହିପରି ତଳଗଡ ଗ୍ରାମରେ ପୂର୍ବରୁ ଜଣେ ରୋଗୀ ଚିହ୍ନଟ ହୋଇଥିବାବେଳେ ପୁଣି କ୍ରମାଗତ ଭାବେ କୁରାଡିଲୋ, ପୋଡାଡିହ, କୁଶୁପଲା, ସାରୁଅ, ଅତ୍ରିଓ ଡିଙ୍ଗର ଗ୍ରାମରେ ୧୨ ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଥିଲା। କିଛିଦିନ ପାଗ ପରିବର୍ତ୍ତନ ଯୋଗୁ ରୋଗୀସଂଖ୍ୟା ହ୍ରାସ ପାଇଥିଲା। ପୁଣି ଏବେ ପାଇକସାହି, କଣ୍ଟାବାଡ, ମଳୀପଦର, ରଘୁନାଥପୁର ଆଦି ଗ୍ରାମରେ ୫ ଜଣ ରୋଗୀଙ୍କ ରକ୍ତରେ ଡେଙ୍ଗୁ ପଜିଟିଭ ବାହାରିଛି। ଏ ସମ୍ପର୍କରେ ବ୍ଲକ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ତନ୍ମୟ ତ୍ରିପାଠୀ କୁହନ୍ତି, ବଡବେରଣାରେ ଡେଙ୍ଗୁ ରୋଗୀ ସଂଖ୍ୟା ହ୍ରାସ ପାଇଁ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି। ପ୍ରତିକାର ପାଇଁ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ମଧ କିଛି କାମ ଦେଲାନି। ପୁଣି ଏବେ ଅନ୍ୟ ଗାଁକୁ ବ୍ୟାପିଲାଣି। ଭୟଭୀତ ହେବାର ଏଥିରେ କିଛିନାହିଁ। ତଥାପି ଲୋକମାନଙ୍କ ସେବାରେ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଛି।




ଭୁବନେଶ୍ୱର ବୁଦ୍ଧ ମନ୍ଦିରଠାରେ ବୁଧବାର ଭାରତୀୟ ସଙ୍ଗୀତ ସଂସ୍ଥାନ ଭୁବନେଶ୍ୱର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଡ. ଲାବଣ୍ୟଚନ୍ଦ୍ର ସାହୁଙ୍କ ସଙ୍ଗୀତ ସିଡୀ 'ଓଡ଼ିଶୀ ସଙ୍ଗୀତାମୃତ'କୁ ଉନ୍ମୋଚନ କରୁଛନ୍ତି।

## ଉନ୍ମୋଚିତ ହେଲା 'ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କୁ ମାରିଲା କିଏ ?'



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

କନ୍ଧମାଳ ହିଂସାକୁ ୧୦ବର୍ଷ ପୂରଣ ଅବସରରେ ବୁଧବାର ଲୋହିଆ ଏକାଡେମୀଠାରେ 'ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କୁ ମାରିଲା କିଏ ?' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ସାମ୍ବାଦିକ ଆଣ୍ଟୋ ଆକ୍କାରାଙ୍କ ଦ୍ୱାରା ଲିଖିତ ଅନୁସନ୍ଧାନମୂଳକ ପୁସ୍ତକ 'ହୁ କିଲ୍ଡ ସ୍ୱାମୀ ଲକ୍ଷ୍ମଣାନନ୍ଦ'ର ଏହା ଓଡ଼ିଆ ସଂସ୍କରଣ। ୨୦୦୮ ଅଗଷ୍ଟ ୨୩ତାରିଖ ରାତିରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ରହସ୍ୟଜନକ ଭାବେ ହତ୍ୟା କରାଯାଇଥିଲା। ହତ୍ୟା ଦିନ ଲକ୍ଷ୍ମଣାନନ୍ଦଙ୍କ ବିଶ୍ୱସ୍ତ ଦେହରକ୍ଷୀମାନେ ସେଠାରେ ଉପସ୍ଥିତ ନ ରହିବା, ହତ୍ୟାକାରୀମାନେ ଆଶ୍ରମକୁ ପ୍ରବେଶ କରିବା ମାତ୍ରେ ପୋଲିସ ଦୌଡ଼ି ପଳାଇବା, ସହରଠାରୁ ଦୂରରେ ଜଙ୍ଗଲ ମଧ୍ୟରେ ଥିବା ଆଶ୍ରମକୁ ଆସିଥିବା ଡାକ୍ତରମାନଙ୍କ ଦ୍ୱାରା ସେହି ଆଶ୍ରମ ପରିସରରେ ଶବ ବ୍ୟବଚ୍ଛେଦ କରିବା ଆଦି ପୁସ୍ତକରେ ବର୍ଣ୍ଣନା କରାଯାଇଛି। ସେହିପରି ଅପ୍ରତିହତ ହିଂସାରେ ଖ୍ରୀଷ୍ଟିୟାନମାନଙ୍କୁ ହତ୍ୟା କରିବା, ଚର୍ଚ୍ଚ ଭାଙ୍ଗିବା, ନିର୍ଦ୍ଦୋଷ ଖ୍ରୀଷ୍ଟିୟାନମାନଙ୍କୁ କିଭଳି ମିଛ ମାମଲାରେ ଫସାଇ ଦୀର୍ଘବର୍ଷ ଧରି ବନ୍ଦୀ କରି ରଖାଯାଇଛି, ତାହା ମଧ ଉକ୍ତ ପୁସ୍ତକରେ ଉଲ୍ଲେଖ ରହିଛି। କାର୍ଯ୍ୟକ୍ରମରେ ଗୋଲ୍ଡମ୍ୟାନ୍ ନୋବେଲ ପୁରସ୍କାରପ୍ରାପ୍ତ ପ୍ରଫୁଲ୍ଲ ସାମନ୍ତରା ଏବଂ ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ଘଟଣାରେ ୨୦୦୮ରୁ ଜେଲ୍‌ରେ ଥିବା ନିର୍ଦ୍ଦୋଷ ବନ୍ଦୀଙ୍କ ପତ୍ନୀ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ।

### ରାଜ୍ୟପାଳଙ୍କୁ ଭେଟିଲା ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ

## ଦୁଗ୍ଧର ସର୍ବନିମ୍ନ ସହାୟକ ମୂଲ୍ୟ ୩୦ ଟଙ୍କା କରିବାକୁ ଦାବି

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)**

ଓଡ଼ିଶାରେ ୩୨୫୯ଟି ପ୍ରାଥମିକ ଦୁଗ୍ଧ ସମବାୟ ସମିତି ଜରିଆରେ ଓମ୍‌ଫେଡ୍ ଦିନକୁ ହାରାହାରି ୬ଲକ୍ଷ ଲିଟର କ୍ଷୀର କିଣୁଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଦୁଗ୍ଧର ସର୍ବନିମ୍ନ ସହାୟକ ମୂଲ୍ୟ ଲିଟର ପିଛା ମାତ୍ର ୨୬ ଟଙ୍କା ୧୦ ପଇସା ରହିଛି। ଏହାକୁ ୩୦ ଟଙ୍କା ଧାର୍ଯ୍ୟ କରିବାକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଦାବି କରିଛି। ଏ ନେଇ ମହାସଂଘ ବୁଧବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ସହାୟକ ମୂଲ୍ୟ ବୃଦ୍ଧି ପାଇଲେ ରାଜ୍ୟର ଲକ୍ଷ ଲକ୍ଷ ଦୁଗ୍ଧ ଉତ୍ପାଦକ ପରିବାରର ଆର୍ଥିକ ଉନ୍ନତି ସମ୍ଭବ ହୋଇପାରିବ ବୋଲି ମହାସଂଘ କହିଛି। ଏହାବ୍ୟତୀତ ଗ୍ରାମାଞ୍ଚଳରେ ପ୍ରାଥମିକ ଦୁଗ୍ଧ ସମବାୟ ସମିତିରେ ବର୍ଷ ବର୍ଷ ଧରି କାମ କରୁଥିବା ଓମ୍‌ଫେଡ୍‌ର ସମ୍ପାଦକ ଓ ପରୀକ୍ଷକମାନଙ୍କୁ ସମବାୟ ଆଇନ ଅନୁଯାୟୀ କ୍ୟାଡରଭୁକ୍ତ କରି ସ୍ଥାୟୀ କରିବା ଏବଂ ଓମ୍‌ଫେଡ୍‌ରେ ଚାଲିଥିବା ପ୍ରିୟାପ୍ରୀତି ତୋଷଣ ଓ ୨୪ କୋଟି ଟଙ୍କା ପଲିଥିନ୍ ପ୍ୟାକିଂ ଦୁର୍ନୀତିରେ ଭିଜିଲାନ୍ସ ତଦନ୍ତ କରିବାକୁ ମହାସଂଘ ଦାବି କରିଛି। ମହାସଂଘର ଅଧ୍ୟକ୍ଷ ରବି ବେହେରା, ଉପାଧ୍ୟକ୍ଷ ଦୁଃଶାସନ ମହାପାତ୍ର, ସମ୍ପାଦକ ନାରାୟଣ ଡାଲୁଆ, କାର୍ଯ୍ୟକାରୀ କମିଟି ସଦସ୍ୟ ବିଜୟ ବେହେରା ଓ ବଳରାମ ବେହେରା ପ୍ରମୁଖ ରାଜ୍ୟପାଳଙ୍କ ସହିତ ଆଲୋଚନା କରିଥିଲେ। ଦୁଗ୍ଧଚାଷୀମାନଙ୍କ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିବା ମହାସଂଘ ପକ୍ଷରୁ କୁହାଯାଇଛି।

## ନାଲ୍‌କୋ ପକ୍ଷରୁ ସ୍ୱଚ୍ଛ ଥଣ୍ଡା ପାନୀୟଜଳ କିଓସ୍କ ଉନ୍ମୋଚିତ




ସ୍ୱଚ୍ଛ ଥଣ୍ଡା ପାନୀୟ ଜଳ କିଓସ୍କକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ସାକ୍ଷୀଗୋପାଳ,୧୯।୯(ଡି.ଏନ୍.ଏ.)**

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ନାଲ୍‌କୋ ପକ୍ଷରୁ ରାଧାଷ୍ଟମୀ ଅବସରରେ ଏକ ସ୍ୱଚ୍ଛ ଥଣ୍ଡା ପାନୀୟଜଳ କିଓସ୍କକୁ ଉନ୍ମୋଚନ କରାଯାଇଛି। ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପକୁ ନାଲ୍‌କୋ ସିଏମ୍‌ଡି ଡ. ତପନ କୁମାର ଚାନ୍ଦ ଉଦ୍‌ଘାଟନ କରିଥିଲେ। ସାକ୍ଷୀଗୋପାଳ ମନ୍ଦିରକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କ ସହିତ ସ୍ଥାନୀୟ ଲୋକେ ଏହାର ସୁବିଧା ପାଇପାରିବେ। ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଏହାର ପରିଚାଳନା ଓ ମରାମତି ଦାୟିତ୍ୱ ନାଲ୍‌କୋ ବହନ କରିବ ବୋଲି ସିଏମ୍‌ଡି ଚାନ୍ଦ କହିଛନ୍ତି। ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରିବା ସହିତ ମନ୍ଦିର ସମ୍ମୁଖରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞରେ ସିଏମ୍‌ଡି ଚାନ୍ଦଙ୍କ ସହିତ ସହଧର୍ମିଣୀ ପ୍ରୀତିରାୟ ଚାନ୍ଦ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ନାଲ୍‌କୋର ଡିଜିଏମ୍(ଜନସମ୍ପର୍କ) ଲଲାଟେନ୍ଦୁ ଦାସ, ଡିଜିଏମ୍(ସିଏସ୍‌ଆର) ଆଦିତ୍ୟ ନାରାୟଣ ମିଶ୍ର, ପରିଚାଳକ ବିଜୟ କୁମାର ପ୍ରତାପ, ପିଆରଓ ପ୍ରତାପ ପଟ୍ଟନାୟକ, ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର, ଟ୍ରଷ୍ଟି ଦିବାକର ମହାପାତ୍ର, ବିଜୟ କୁମାର ମହାପାତ୍ର, ସେବାୟତ ଜିତେନ କୁମାର ମହାପାତ୍ର, ବିଶ୍ୱନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲା ଓସିଏଲ୍ ଇଣ୍ଡିଆ



**ଭୁବନେଶ୍ୱର,୧୯।୯**

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ପ୍ରମୁଖ କମ୍ପାନୀ ଓସିଏଲ୍ ଇଣ୍ଡିଆ ଲିମିଟେଡର ଏକ ୟୁନିଟ କପିଳାସ ସିମେଣ୍ଟ ପକ୍ଷରୁ 'ପ୍ରତିଭା ସମ୍ମାନ ପୁରସ୍କାର-୨୦୧୮' ଅନୁଷ୍ଠିତ ହୋଇଯାଇଛି। ପ୍ଲାଣ୍ଟର ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ୧୭ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ଦଶମ ଏବଂ ଦ୍ୱାଦଶ ଶ୍ରେଣୀରେ କୃତିତ୍ୱ ହାସଲ କରିଥିବା ୫୬ ମେଧାବୀ ଛାତ୍ରୀଛାତ୍ରଙ୍କୁ କମ୍ପାନୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହା ମଧ୍ୟରେ କଟକ ଏବଂ ଯାଜପୁର ଜିଲାର ୯ଟି ପଞ୍ଚାୟତର ଛାତ୍ରୀଛାତ୍ର ରହିଛନ୍ତି। ସେହିଭଳି ଶିକ୍ଷା, ସଙ୍ଗୀତ, କଳା, ସମାଜ ସେବା, ପରିବେଶ, ସାହସିକତା ଓ କ୍ରୀଡା ଭଳି କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ୮ ଜଣଙ୍କୁ କମ୍ପାନୀ ସମ୍ବର୍ଦ୍ଧିତ କରିଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ବିପିୟୁଟିର ପ୍ରଥମ କୁଳପତି ଡ. ଓଁକାରନାଥ ମହାନ୍ତି ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏକ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଓସିଏଲ୍ ଇଣ୍ଡିଆ ଲିମିଟେଡ୍‌ର ଉପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋରଞ୍ଜନ ସାହୁ ସୂଚନା ଦେଇଛନ୍ତି।

## ସିଫାରେ ତାଲିମ ଶିବିର

**ବାଳକାଟୀ,୧୯।୯(ଡି.ଏନ୍.ଏ.)**

କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁରଜଳ ମତ୍ସ୍ୟ ଅନୁସନ୍ଧାନ କେନ୍ଦ୍ରଠାରେ 'ମଧୁରଜଳ କୃଷିରେ ମତ୍ସ୍ୟ ସ୍ୱାସ୍ଥ୍ୟ ଏବଂ ପରିବେଶ ପରିଚାଳନା' ସମ୍ପର୍କିତ ୫ଦିନିଆ ତାଲିମ ଶିବିର ବୁଧବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶା କୃଷକ ସମାଜ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏନ୍‌ଏଫ୍‌ଏଫ୍‌ବିବି କୌଶଲ୍ୟାଗଙ୍ଗର ବରିଷ୍ଠ ପ୍ରବନ୍ଧକ ଡ. ମାନସ ସିହ୍ନା, 'ସିଫା' ନିର୍ଦ୍ଦେଶକ ଡ. ବି.ଆର୍. ପିଲାଇ, ଆଇସିଏଆର୍-ସିଫାର କୋର୍ସ ନିର୍ଦ୍ଦେଶକ ଓ ବିଭାଗ ଅଧ୍ୟକ୍ଷ ଡ. ଏସ୍.ଏସ୍. ମିଶ୍ର ଉପସ୍ଥିତ ଥିଲେ। ଶିବିରରେ ଓଡ଼ିଶା ସମେତ ୧୦ ରାଜ୍ୟରୁ ୨୬ଜଣ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି।

## ଏଏସ୍‌ବିଏମ୍‌କୁ ଶ୍ରେଷ୍ଠ ବି-ସ୍କୁଲ ମାନ୍ୟତା




**ଭୁବନେଶ୍ୱର,୧୯।୯**

ଏସିଆନ ସ୍କୁଲ୍ ଅଫ୍ ବିଜନେଶ ମ୍ୟାନେଜମେଣ୍ଟ(ଏଏସ୍‌ବିଏମ୍)କୁ ଶ୍ରେଷ୍ଠ ବି-ସ୍କୁଲ ମାନ୍ୟତା ପ୍ରଦାନ କରାଯାଇଛି। ଏଭରଗ୍ରୀନ ଫୋରମ ଦ୍ୱାରା ଇଞ୍ଜିନିୟର୍ସ ଡେ ଉପଲକ୍ଷେ ଓଡିଶା ଟେକ୍ନୋଲୋଜି କନକ୍ଲେଭ୍ ପକ୍ଷରୁ ଏଏସ୍‌ବିଏମ୍‌କୁ ଏହି ପୁରସ୍କାର ମିଳିଛି। ଭିତ୍ତିଭୂମି, ଉନ୍ନତମାନର ଶିକ୍ଷା ପଦ୍ଧତି, ଅଭିଜ୍ଞ ଫାକଲଟି, ଉଚ୍ଚତର ଗବେଷଣା ଏବଂ ଗୁଣବତ୍ତା ଲାଗି ପ୍ରତିଷ୍ଠାନକୁ ଏଭଳି ମାନ୍ୟତା ମିଳିଥିବା ଏହା ସୂଚନା ଦେଇଛି। ରାଜ୍ୟ ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏହି ଅବସରରେ ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକଙ୍କୁ ସମ୍ମାନିତ କରିଥିଲେ। ରାଜ୍ୟର ଏକମାତ୍ର ପ୍ରତିଷ୍ଠାନ ଭାବେ ଏଏସ୍‌ବିଏମ୍ ଅନ୍ତର୍ଜାତୀୟ ଆକ୍ରିଡେଟେଶନ ଲାଭ କରିଛି। ଆମେରିକାର ଆକ୍ରିଡେଟେଶନ କାଉନସିଲ ଫର ବିଜନେଶ ସ୍କୁଲସ୍ ପ୍ରୋଗ୍ରାମ ପକ୍ଷରୁ ଏହାକୁ ମାନ୍ୟତା ମିଳିଛି। ନିକଟରେ ବିଜନେସ ଇଣ୍ଡିଆ ଜାତୀୟ ବି-ସ୍କୁଲ ସର୍ଭେରେ ଏହା ଏ ଟ୍ରିପଲ୍ ପ୍ଲସ ମାନ୍ୟତା ପାଇଛି। ଏହା କାଲିଫର୍ନିଆ ଷ୍ଟେଟ୍ ୟୁନିଭର୍ସିଟି, ଇଷ୍ଟର୍ନ ମିଚିଗାନ୍ ୟୁନିଭର୍ସିଟି, ମେଟ୍ରୋପଲିଟାନ୍ ଷ୍ଟେଟ ୟୁନିଭର୍ସିଟି, ନଟିଂହାମ ୟୁନିଭର୍ସିଟି ଇତ୍ୟାଦି ସହ ସହବନ୍ଧିତ ରହିଥିବା ପ୍ରକାଶ କରିଛି।

## ରାଜସ୍ଥାନୀ ପର୍ଯ୍ୟଟକଙ୍କଠାରୁ ୧ଲକ୍ଷ ଟଙ୍କା ଲୁଟ୍

**ପୁରୀ ଅଫିସ,୧୯।୯**

**ସନ୍ଦେହରେ ୨ ଡ୍ରାଇଭର ଅଟକ**




ପୁରୀ ବେଳାଭୂମି ମାର୍ଗରୁ ଲୁଟ୍ ହୋଇଥିବା ଗାଡ଼ି।

ଆଗକୁ ରହିଛି ପାର୍ବଣ। ଚଳଚଞ୍ଚଳ ହେଲାଣି ଶ୍ରୀକ୍ଷେତ୍ର। ଅନ୍ୟପଟେ ଅସୁରକ୍ଷିତ ହୋଇପଡିଛି ପୁରୀ ସହର। ହତ୍ୟା, ଲୁଟ୍, ରାହାଜାନି ଭଳି ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଅପରାଧ ରୋକିବାରେ ବିଫଳ ହୋଇଛି ପୋଲିସ। ଗତ କିଛିଦିନ ଧରି ଏକ ଲୁଟେରା ଗ୍ୟାଙ୍ଗ୍ ଏଠାରେ ସକ୍ରିୟ ହୋଇପଡିଛି। ଏମାନଙ୍କ ଟାର୍ଗେଟରେ ରହିଛନ୍ତି ବାହାର ରାଜ୍ୟର ପର୍ଯ୍ୟଟକ।

ବୁଧବାର ସମୁଦ୍ରକୂଳ ମହୋଦଧି ନିବାସ ନିକଟରୁ ରାଜସ୍ଥାନ ଭିଲ୍‌ୱାଡାରୁ ଆସିଥିବା ଏକ ଟ୍ୟୁରିଷ୍ଟ ବସ୍ କାଚ ଭାଙ୍ଗି କେତେଜଣ ଦୁର୍ବୃତ୍ତ ୨୦ଟି ବ୍ୟାଗ୍ ଲୁଟି ନେଇଛନ୍ତି। ସେଥିରେ ପ୍ରାୟ ୧ଲକ୍ଷ ଟଙ୍କା ରହିଥିବା ଜଣାପଡିଛି। ଜନଗହଳିପୂର୍ଣ୍ଣ ବେଳାଭୂମିରୁ ଲୁଟ୍ ହେବା ଘଟଣାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମୁଦ୍ରକୂଳ ଥାନାଠାରୁ ଅନତି ଦୂରରେ ଘଟିଛି ଏହି ଘଟଣା। ଏ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ଉଠିଛି। ଲୁଟ୍‌ର ଶିକାର କେତେଜଣ ପର୍ଯ୍ୟଟକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଦେହରେ ଟ୍ୟୁରିଷ୍ଟ ବସ୍‌ର ଦୁଇଜଣ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚୁରା କରୁଛି ବୋଲି ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

ମିଳିଥିବା ସୂଚନା ପ୍ରକାରେ, ରାଜସ୍ଥାନ ଭିଲ୍‌ୱାଡାର ଶୋହନ ଲାଲ ଶର୍ମା, ପଙ୍କଜ ଶର୍ମା, ସନ୍ଦୀପ ଶର୍ମା, ଧୀରଜ ଶର୍ମାଙ୍କ ସମେତ ୨୧ ପର୍ଯ୍ୟଟକ ଗତ ଦୁଇଦିନ ତଳେ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ମାର୍କେଟ ଛକସ୍ଥିତ ଏକ ହୋଟେଲ ରହିଥିଲେ। ବୁଧବାର ସକାଳ ୮ଟାରେ ହୋଟେଲ ଛାଡିଥିଲେ। ରାତିରେ ପୁରୀ-ହାଓଡ଼ା ଟ୍ରେନ୍‌ରେ ହାଓଡ଼ା ଯିବା ଲାଗି ଟିକଟ କରିଥିଲେ। ଏକ ଟ୍ରାଭେଲ୍ସ ସଂସ୍ଥାର ଦୁଇଟି ଟ୍ୟୁରିଷ୍ଟ ବସ୍‌ରେ ଚିଲିକା ବୁଲିବାକୁ ଯାଇଥିଲେ। ସନ୍ଧ୍ୟା ସାଢ଼େ ୮ଟାରେ ସମୁଦ୍ରକୂଳ ମହୋଦଧି ନିବାସ ନିକଟରେ ବସ୍‌କୁ ପାର୍କିଂ କରିଥିଲେ। ବସ୍‌ରେ ସମସ୍ତେ ବ୍ୟାଗ୍ ରଖି ସେଠାରୁ ଓହ୍ଲାଇ ବେଳାଭୂମିକୁ ବୁଲିବାକୁ ଯାଇଥିଲେ। ଏହାର ୨୦ମିନିଟ୍ ପରେ କେତେଜଣ ପର୍ଯ୍ୟଟକ ବସ୍ ନିକଟକୁ ଫେରିଆସିଥିଲେ। ବସ୍‌ର ଦୁଇ ପାର୍ଶ୍ୱ ଏବଂ ପଛପଟ କାଚ ଭାଙ୍ଗିଥିବା ଏବଂ ବସ୍‌ରେ କାହାର ବ୍ୟାଗ୍ ନ ଥିବା ଦେଖିବାକୁ ପାଇଥିଲେ। ସେମାନଙ୍କ ପାଟି ଶୁଣି ସେଠାରେ ଭିଡ଼ ଜମିଥିଲା। ରାସ୍ତାରେ ଡ୍ରାଇଭରଙ୍କ ସହିତ କୌଣସି କାରଣକୁ ନେଇ ସେମାନଙ୍କ ବଚସା ହୋଇଥିବା କେତେଜଣ ପର୍ଯ୍ୟଟକ କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ନିୟନ୍ତ୍ରିତ ବଜାର କମିଟି ଉପାଧ୍ୟକ୍ଷ ସଂଘ ଗଠିତ

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

ବୁଧବାର ଶହୀଦ ନଗର ଠାରେ ରାଜ୍ୟ ସମବାୟ ଭବନ ସମ୍ମିଳନୀ କକ୍ଷରେ ଓଡିଶା ନିୟନ୍ତ୍ରିତ ବଜାର କମିଟିଗୁଡିକର ଉପାଧ୍ୟକ୍ଷମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନିୟନ୍ତ୍ରିତ ବଜାର କମିଟିର ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପାଧ୍ୟକ୍ଷଙ୍କ ପାଇଁ ସ୍ୱତନ୍ତ୍ର ଅଫିସ ଗୃହ, ଅଧିକ କ୍ଷମତା ପ୍ରଦାନ, ଅଧ୍ୟକ୍ଷଙ୍କ ପାଖକୁ ଯାଉଥିବା ସମସ୍ତ ଫାଇଲ ଉପାଧ୍ୟକ୍ଷଙ୍କ ଜରିଆରେ ପାସ କରାଇବା, ସର୍ଟିଂ ଫିସ ବୃଦ୍ଧି କରିବା, ଗସ୍ତ ଖର୍ଚ୍ଚ ଅନୁମୋଦନ କରିବା ଆଦି ସମ୍ପର୍କରେ ଆଲୋଚନା କରାଯାଇ ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ କେନ୍ଦୁଝର ଉପାଧ୍ୟକ୍ଷ ଧୀରେନ୍ଦ୍ର ରାଉତଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ବିଜୟ ପରିଡା, ସମ୍ପାଦିକା ସାଗରିକା ମିଶ୍ର, ଉପସଭାପତି ଦିଲୀପ କୁମାର ସାହୁ, ସହସମ୍ପାଦକ ବାଉରିବନ୍ଧୁ ସାହୁ, କୋଷାଧ୍ୟକ୍ଷ ଭାବେ ଦୀପ୍ତି କୁମାର ଦାସଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ କମିଟିକୁ ବେତନଟୀର ଲୁନା ଦାସ, ଉଦଳାର ପ୍ରଶାନ୍ତ ତ୍ରିପାଠୀ, ତାଳଚେରର ପେସ୍କାର ଗଡନାୟକଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଛି। ଶେଷରେ ଅଭୟ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।



ଅଧିର ହୋଇପଡ଼ିବା ଦ୍ୱାରା ଯେତିକି ସମୟ ଖର୍ଚ୍ଚ ହୋଇଯାଏ, ସେତିକି ରହିଥିଲେ କାର୍ଯ୍ୟଟି ହୁଏତ ହାସଲ ହୋଇଯାଇ ପାରିଥାନ୍ତା ।
– ବେନ୍ ଜନସନ୍



## ସଂକ୍ଷେପରେ

### 'ନାରୀ ସୁରକ୍ଷା ଓ ସଚେତନତା' ଶୀର୍ଷକ କର୍ମଶାଳା

ଭୁବନେଶ୍ୱର,୧୯।୯(ବ୍ୟୁରୋ):ଭାରତୀୟ ସଂସ୍କୃତିରେ ନାରୀକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି। ମାତ୍ର ସାମାଜିକ ନିର୍ଯାତନାରେ ନାରୀ ଆଜି ଆକ୍ରାନ୍ତ। ଏକ ସର୍ବେକ୍ଷଣ ଅନୁଯାୟୀ, ଓଡ଼ିଶାରେ ପ୍ରତି ୧୦ଟି ବଳାତ୍କାର ଘଟଣାରେ ୬ଜଣ ହେଉଛନ୍ତି ଅତ୍ୟନ୍ତ ତରୁଣ ବୟସର, ଯେଉଁମାନେ ବିଦ୍ୟାଳୟରେ ଅଧ୍ୟୟନରତ ବୋଲି ସାମାଜିକ କର୍ମୀ ତଥା ଅଧାପିକା ଅମିୟବାଳା ପରିଡ଼ା କହିଛନ୍ତି। ଓଜସ୍ୱୀ ଫାଉଣ୍ଡେଶନ ପକ୍ଷରୁ ବୁଧବାର ଚନ୍ଦ୍ରଶେଖରପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ 'ନାରୀ ସୁରକ୍ଷା ଓ ସଚେତନତା' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ସଭାନେତ୍ରୀ ଅର୍ପିତା ଅପରାଜିତା ବଡ଼ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅମିୟବାଳା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରଶ୍ମିବାଳା ପରିଡ଼ାଙ୍କ ସମେତ ଫାଉଣ୍ଡେଶନର ଉପସଭାପତି ସରିତା ଭୋଇ, ସାଧାରଣ ସମ୍ପାଦିକା ପ୍ରତୀକ୍ଷା ଆଚାର୍ଯ୍ୟ, ସମ୍ପାଦିକା ପ୍ରିୟଙ୍କା ସାହା, କୋଷାଧକ୍ଷ ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଘର ଦୁଆରେ କରଦାତାଙ୍କୁ ମିଳିବ କମ୍ପ୍ୟୁଟର ରସିଦ

ଭୁବନେଶ୍ୱର,୧୯।୯(ବ୍ୟୁରୋ): ବିଏମ୍‌ସିକୁ କର ପ୍ରଦାନ କଲେ ସଙ୍ଗେ ସଙ୍ଗେ କରଦାତାଙ୍କୁ ମିଳିବ କମ୍ପ୍ୟୁଟର ରସିଦ୍। ଏହି ରସିଦ୍ ଅନ୍‌ଲାଇନ୍ ରସିଦ ସହିତ ସମାନ। କର ପ୍ରଦାନ କରିବା ପରେ କରଦାତା ନିଜ କର ବିଏମ୍‌ସିକୁ ପ୍ରଦାନ କଲେ କି ନାହିଁ ତାହା ନିଜେ ଯାଞ୍ଚ କରିପାରିବେ। ଏଥିପାଇଁ କରଦାତା www.ulbodisha.gov.inକୁ ଯାଇ ଯାଞ୍ଚ କରିପାରିବେ। ତେବେ କରଦାତାଙ୍କୁ ଏଭଳି ସୁବିଧା ଯୋଗାଇଦେବା ପାଇଁ ବିଏମ୍‌ସି ବୁଧବାର କର ଆଦାୟକାରୀ କର୍ମଚାରୀଙ୍କ ପାଇଁ ୧୩ଟି ମେଶିନ ପ୍ରଦାନ କରିଛି। ବିଏମ୍‌ସି ସଭାଗୃହରେ ମେୟର ଅନନ୍ତ ନାରାୟଣ ଜେନା ଏହି ମେଶିନଗୁଡ଼ିକୁ କର୍ମଚାରୀମାନଙ୍କୁ ପ୍ରଦାନ କରିଛନ୍ତି। କର ଆଦାୟକାରୀ କର୍ମଚାରୀ କରଦାତାଙ୍କ ନିକଟକୁ ଯାଇ କର ଆଦାୟ କରିବାବେଳେ ସେହିଠାରେ ମେଶିନରୁ ରସିଦ କାଟି ଦେବେ। ଏହି ମେଶିନରେ ଜିପିଆରଏସ୍ ବ୍ୟବସ୍ଥା ରହିଛି। ଫଳରେ କର ଆଦାୟକାରୀ କେଉଁ ଅଞ୍ଚଳରେ ରହିଛନ୍ତି ସେନେଇ ବିଏମ୍‌ସି ପାଖରେ ସୂଚନା ରହିବ। ଏହି ଅବସରରେ ଡେପୁଟି ମେୟର କେ.ଶାନ୍ତି, ଡେପୁଟି କମିଶନର(ରାଜସ୍ୱ) ଶ୍ରୀମନ୍ତ ମିଶ୍ର, ଡେପୁଟି କମିଶନର ପ୍ରମୋଦ ପୃଷ୍ଟି ଏବଂ ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପାଇପ ଚୋରି ଘଟଣା, ୫ ଗିରଫ

ଭୁବନେଶ୍ୱର, ୧୯।୯(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା କୋଣାର୍କ ପାଇପ ଆଣ୍ଡ ସନ୍ଥେଟିକ୍ସ ପ୍ରାଇଭେଟ ଲିମିଟେଡ କାରଖାନା ପରିସରରୁ ପିଭିସି ପାଇପ ଚୋରି ଘଟଣାରେ ପୋଲିସ ୫ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ହାଡବାଇ ବସ୍ତିର କାର୍ତ୍ତିକ ମଲ୍ଲ(୫୫), ଅଶୋକ ଦାସ(୨୧), ପଡିଆ ଦାସ(୫୫), ଶ୍ରୀରାମ ନଗରର ବୀରେନ ସାମନ୍ତରାଏ(୨୪) ଓ ଧିରିକୁଟି ବସ୍ତିର ରବୀନ୍ଦ୍ର ସେନାପତି(୩୪)। ସୂଚନା ମୁତାବକ, କାରଖାନାରୁ ବିପୁଳ ପରିମାଣର ପିଭିସି ପାଇପ ଚୋରି ହୋଇଥିବା ନେଇ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ମହାପାତ୍ର ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ୪୫୯/୧୮ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ବୁଧବାର ହାଡବାଇ ବସ୍ତିର କାର୍ତ୍ତିକଙ୍କ ଘରେ ଚଢ଼ାଉ କରି ୧୫୦ଟି ପାଇପ ଜବତ କରିଥିଲା। କାର୍ତ୍ତିକଙ୍କୁ ଗିରଫ କରି ପଚରାଉଚରା କରାଯିବା ପରେ ଚୋରିରେ ଅନ୍ୟ ୪ ଜଣ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ସେମାନଙ୍କୁ ଗିରଫ କରାଯିବା ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ■ କୋର୍ଟ ନିର୍ଦ୍ଦେଶକୁ ଫୁ

# ଦୟା ନଦୀରେ ପଡୁଛି ମୂର୍ତ୍ତି

■ ଅସ୍ଥାୟୀ ପୋଖରୀ କାମରେ ଆସୁନି
■ ବିଏମ୍‌ସି ପକ୍ଷରୁ ସଚେତନତାର ଅଭାବ

ପୁରୁଣା ଭୁବନେଶ୍ୱର,୧୯।୯(ଡି.ଏନ.ଏ.)



ଦୟା ବ୍ରିଜ୍ ଉପରେ ଠିଆ ହୋଇ ଲୋକେ ନଦୀରେ ମୂର୍ତ୍ତି ବିସର୍ଜନ କରୁଛନ୍ତି।

ଆରମ୍ଭ ହୋଇଛି ପାର୍ବଣ ଋତୁ। ନିକଟରେ ଗଣେଶ ଓ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଶେଷ ହୋଇଛି। ନିର୍ମିତ ମାଟି ମୂର୍ତ୍ତିରେ ରାସାୟନିକ ରଙ୍ଗ, ନଡା, କଣ୍ଟା, ବାଉଁଶ ଓ କାଠ ପଟା ବ୍ୟବହାର ହୋଇଥାଏ। ଯାହାକି ପାଣିକୁ ପ୍ରଦୂଷିତ କରି ଦେଇଥାଏ। ଏହି ପାଣିକୁ ମଣିଷ ଓ ଜୀବଜନ୍ତୁ ବ୍ୟବହାର କଲେ ଚର୍ମ ରୋଗ ସହ ଅନ୍ୟ ରୋଗ ହେଉଛି। ଏଥିଯୋଗୁ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ମୂର୍ତ୍ତିକୁ ବିସର୍ଜନ ପାଇଁ ନଦୀ ପାଖରେ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ସେଠାରେ ପକାଇବାକୁ ହେବ। ସେହି ପୋଖରୀରେ ପଲିଥିନ ଦେଇ ପାଣି ଭରାଯିବ। ବିଏମ୍‌ସି ପକ୍ଷରୁ ଦୟା ନଦୀରେ ମୂର୍ତ୍ତି ବିସର୍ଜନ ପାଇଁ ଅସ୍ଥାୟୀ ପୋଖରୀ କରାଯାଇଛି। ହେଲେ ଲୋକଙ୍କୁ ସଚେତନତା କରାଯାଉ ନ ଥିବାରୁ ସେମାନେ ଏବେ ନଦୀରେ ସିଧାସଳଖ ପୋଲ ଉପରେ ଠିଆ ହୋଇ ମୂର୍ତ୍ତି ପକାଉଛନ୍ତି। ହେଲେ ବିଏମ୍‌ସି ପକ୍ଷରୁ ଏହାକୁ ଦେଖିବାକୁ କେହି ନାହାନ୍ତି। କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ପ୍ରଶାସନିକ ଅଧିକାରୀଙ୍କ ଅଣ ଦେଖା ଯୋଗୁ ସାଧାରଣ ଲୋକେ ଫୁ କରି ଉଡାଇ ଦେଉଛନ୍ତି। ସଚେତନତା ଅଭାବରୁ ହେଉ କିମ୍ବା ପୋଲିସର ପାଟ୍ରୋଲିଂ ବ୍ୟବସ୍ଥା କୋହଳ ଯୋଗୁ ବିଭିନ୍ନ ସଙ୍ଗଠନ, ବ୍ୟବସାୟୀ ସଂସ୍ଥା, ମୋଟର ଷ୍ଟାଣ୍ଡର ଗଣେଶ ଏବଂ ବିଶ୍ୱକର୍ମାଙ୍କ ମୂର୍ତ୍ତି ସିଧା ସଳଖ ଦୟାନଦୀ ପାଣିରେ ବିସର୍ଜନ କରାଯାଉଛି। ବୁଧବାର ଅପରାହ୍ନଠାରୁ ରାତି ୧୧ଟା ଯାଏ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ କାର୍ଯ୍ୟାଳୟର କର୍ମଚାରୀ ମନଇଚ୍ଛା ଦୟା ବ୍ରିଜ୍ ରହି ନଦୀ ଭିତରକୁ କେବଳ ମୂର୍ତ୍ତି ନୁହେଁ ଡ଼ାଲା, ବାଉଁଶିଆ, ପଲିଥିନ୍, ଅନ୍ୟ ପ୍ଲାଷ୍ଟିକ ଦ୍ରବ୍ୟ ପକାଉଥିବା ନଜର ରହିଛି। ହେଲେ ବ୍ରିଜ୍‌ଠାରୁ ଅନତି ଦୂର ଧଉଳି ଥାନାର କୌଣସି ପୋଲିସ ପାଟ୍ରୋଲିଂ ଗାଡି ନ ଥିଲା କି କର୍ମଚାରୀ ନିୟୋଜିତ ହୋଇ ନ ଥିଲେ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଲୋକଙ୍କୁ ସଚେତନ କରାଇବାକୁ ବିଭିନ୍ନ ମହଲରେ ଦାବି ହେଉଛି। ପରନ୍ତୁ ନଂ. ୩୧୬ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଯାଉଥିବା କେତେଜଣ ସଚେତନ ନାଗରିକ ଘଟଣା ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯେଉଁଠି ପ୍ରଶାସନିକ ଅଧିକାରୀ କେହି ଘଟଣାକୁ ପ୍ରତିବାଦ କରି ନ ଥିଲେ ସେଠାରେ ସାଧାରଣ ଲୋକ ମାଡ଼, ଗାଳି ଭୟରେ ବିସର୍ଜନ ସ୍ଥଳକୁ ଯିବାକୁ ଭୟ କରିଥିଲେ। ଏ ନେଇ ଧଉଳି ଥାନା ଆଇଆଇସି ଜୟଦୀପ ବିଶ୍ୱଜିତ୍‌ଙ୍କ ପଚାରିବାରେ ସେ କହିଲେ, ଘଟଣା ପରେ ପୋଲିସ୍ ନିୟୋଜିତ କରାଯାଇଛି, ପାଟ୍ରୋଲିଂ ମଧ କଡ଼ାକଡ଼ି କରାଯାଇଛି। ଏବେ ମୂର୍ତ୍ତିଗୁଡ଼ିକ ବିସର୍ଜନ ସ୍ଥଳରେ ପଡୁଛି। ହେଲେ ସେ କହିବା ଅନୁସାରେ କିଛି ବି ବ୍ୟବସ୍ଥା ଗ୍ରହଣ କରି ନ ଥିଲେ। ରାତି ୧୧ଟା ରେ ବର୍ଷା ହେଉଥିବାବେଳେ ଲୋକେ ମୂର୍ତ୍ତିକୁ ବ୍ରିଜ୍ ଉପରୁ ସିଧା ନଦୀ ପାଣିକୁ ପକାଉଥିବା ଦେଖିବାକୁ ମିଳିଥିଲା।



ନୟାଗଡ଼ ସହରର କଲେଜ ରୋଡ୍‌ସ୍ଥିତ ଗଡ଼ାଣିଠାରେ ଥିବା ଏକ ଚିକେନ୍ ସେଣ୍ଟର ଉପରକୁ ବୁଧବାର ସନ୍ଧ୍ୟାରେ ପୋଲିସ କୋର୍ଟ ଭ୍ୟାନ୍ ମାଡ଼ିଯାଇଥିଲା। ଫଳରେ ଗାଡ଼ି ତଳେ ନାବାଳକଙ୍କ ସମେତ ୪ଜଣ ଫସି ରହିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ।

## ■ ୩୬ଦିନରେ ଶିକ୍ଷକଙ୍କ ଆନ୍ଦୋଳନ

# ଆଜି ମିଳିତ ମଞ୍ଚର ମହାସମାବେଶ

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଗୁରୁବାର ଲୋୟର ପିଏମ୍‌ଜିରେ ପୁଣି ଥରେ ମହାସମାବେଶ କରିବ। ହଜାର ହଜାର ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀଙ୍କ ସମେତ ବହୁ ଜନସାଧାରଣ ଏଥିରେ ସାମିଲ ହେବେ। ୩ ଦିନ ଧରି ୬୭୯୯ ପଞ୍ଚାୟତରେ ସଚେତନତା ସମାବେଶ ଶେଷ ହୋଇଛି। ମହାସମାବେଶରେ ଏହାର ପ୍ରତିଫଳନ ହେବ। ଆନ୍ଦୋଳନ ଏକ ଭିନ୍ନ ମୋଡ଼ ନେବାକୁ ଯାଉଛି। ଶିକ୍ଷକ ଅଧାପକମାନଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗି ଗଲାଣି। ଏହାର ପ୍ରଭାବ ସରକାରଙ୍କ ଉପରେ ନିଶ୍ଚିତ ପଡ଼ିବ ବୋଲି ମିଳିତ ମଞ୍ଚର ଆବାହକ ମଣ୍ଡଳୀ ସଦସ୍ୟ ପବିତ୍ର ମହାଲା, ଗୋଲକ ନାୟକ ଓ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି।

ଗତ ୩ ଦିନ ଧରି ଓଡ଼ିଶାର ସମସ୍ତ ପଞ୍ଚାୟତରେ ମିଳିତ ମଞ୍ଚ ତରଫରୁ ସଚେତନତା ରାଲି କରାଯାଇଛି। ଗାଁ ଗାଁ ବୁଲି ଶିକ୍ଷକ, ଅଧାପକମାନେ 'ଶିକ୍ଷା ବଞ୍ଚାଅ, ଓଡ଼ିଶା ବଞ୍ଚାଅ' ନାରା ଦେଇ ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି। ଗ୍ରାମାଞ୍ଚଳ ଓ ସହରତଳି ଅଞ୍ଚଳରେ ଗଢ଼ି ଉଠିଥିବା ସ୍କୁଲ, କଲେଜଗୁଡ଼ିକୁ ଭାଙ୍ଗିଦେବା ପାଇଁ ସରକାର ଯେଉଁ ଗୁପ୍ତ ଯୋଜନା ପ୍ରସ୍ତୁତ କରିଛନ୍ତି ସେ ବିଷୟରେ ଲୋକଙ୍କୁ ସଚେତନ କରାଯାଇଛି। ମିଳିତ

### ସାମିଲ ହେବେ ଜନସାଧାରଣ

ମଞ୍ଚ ତରଫରୁ ଅଭିଯୋଗ କରାଯାଇଛି ଯେ, ସମଗ୍ର ଭାରତବର୍ଷରେ ବୋଧ ହୁଏ ଏମିତି ଏକ ରାଜ୍ୟ ନାହିଁ ଯେଉଁଠି ଶିକ୍ଷକ ଓ ଅଧାପକମାନଙ୍କୁ ୩୬ ଦିନ ଧରି ରାଜରାସ୍ତାରେ ରାତ୍ରି ଯାପନ କରିବାକୁ ପଡ଼େ। ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ମାସ ମାସ ଧରି ନିଜର ହକ୍ ପାଇଁ ଶିକ୍ଷକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ଯୋଗଦେଲେ ମଧ ସରକାରଙ୍କୁ କିଛି ଫରକ ପଡ଼େ ନାହିଁ। ଲକ୍ଷ ଲକ୍ଷ ପିଲା ପାଠପଢ଼ାରୁ ଦୀର୍ଘଦିନ ଧରି ବଞ୍ଚିତ ହେଲା ପରେ ମଧ ସରକାରଙ୍କ ନିଦ୍ରା ଭାଙ୍ଗେ ନାହିଁ। ଗୁରୁବାର ମହାସମାବେଶକୁ ସମ୍ମାନ ଜଣାଇ ସରକାର ତୁରନ୍ତ ନ୍ୟାଯ୍ୟ ଦାବିକୁ ମାନି ନିଅନ୍ତୁ। ସିଧାସଳଖ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ସମସ୍ୟା ସମାଧାନ କରନ୍ତୁ। ନିଜ ବାକ୍ୟ ନିଜେ ରକ୍ଷାକର ନ୍ୟାୟରେ ପ୍ରାୟ ଏକ ବର୍ଷ ତଳେ ମୁଖ୍ୟମନ୍ତ୍ରୀ ଗଣମାଧମ ଜରିଆରେ ସାଢ଼େ ୪କୋଟି ଲୋକଙ୍କ ଆଗରେ ଯେଉଁ ବିବୃତି ଦେଇଥିଲେ ତାହାକୁ ପୂରଣ କରନ୍ତୁ। ନଚେତ୍ କେବଳ ଶିକ୍ଷକମାନଙ୍କର ନୁହେଁ, ରାଜ୍ୟବାସୀଙ୍କର ସରକାରଙ୍କ ଉପରେ ଥିବା ବିଶ୍ୱାସ ଓ ଭରସା ତୁଟିଯିବ ବୋଲି ମିଳିତମଞ୍ଚ ପକ୍ଷରୁ କୁହାଯାଇଛି।

# ଅକ୍ଟୋବର ପ୍ରଥମ ସପ୍ତାହରୁ ଯାନ୍ତ୍ରିକ ସଫେଇ



ଭୁବନେଶ୍ୱର, ୧୯।୯(ବ୍ୟୁରୋ)

ଅକ୍ଟୋବର ପ୍ରଥମ ସପ୍ତାହରୁ ଯାନ୍ତ୍ରିକ ସଫେଇ ଆରମ୍ଭ କରିବ ବିଏମ୍‌ସି। ହକି ବିଶ୍ୱ କପ୍‌କୁ ଲକ୍ଷ୍ୟ କରି ବିଏମ୍‌ସି, ବିଡିଏ ଏବଂ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ଏଭଳି ପଦକ୍ଷେପ ଗ୍ରହଣ କରିଛି। ନଭେମ୍ବର ୨୮ରୁ ଡିସେମ୍ବର ୧୬ ଯାଏ ହକି ବିଶ୍ୱ କପ୍ ଚାଲିବାକୁ ଥିବାବେଳେ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସହରର ରାସ୍ତାଘାଟକୁ ପରିଷ୍କାର କରାଯିବ। ଆଧୁନିକ ଯାନ୍ତ୍ରିକ ସଫେଇ ଦ୍ୱାରା ଧୂଳିକଣା ଭଳି କ୍ଷୁଦ୍ର କଣିକା ମଧ ସଫା ହୋଇଯିବ। ଯାନ୍ତ୍ରିକ ସଫେଇ ମେଶିନରେ ଥିବା ଭାକ୍ୟୁମ କ୍ଲିନର ସୁବିଧା ଦ୍ୱାରା ଉନ୍ନତମାନର ସଫେଇ ହୋଇପାରିବ। ସାଧାରଣ ହାତ ସଫେଇରେ ଧୂଳି ଜନିତ ସଂକ୍ରମଣ ହେବାର ଆଶଙ୍କା ରହିଛି। କିନ୍ତୁ ଯାନ୍ତ୍ରିକ ସଫେଇରେ ଏହି ଆଶଙ୍କା ବହୁତ କମ୍। ଯାନ୍ତ୍ରିକ ସଫେଇ ବ୍ୟବସ୍ଥା ଆରମ୍ଭ କରିବା ଲାଗି ବିଏମ୍‌ସି ତରଫରୁ ଟେଣ୍ଡର ପ୍ରକ୍ରିୟା କରାଯାଇଛି। ୮୦ କି.ମି. ରାସ୍ତାର ସଫେଇ ଦାୟିତ୍ୱ ୨ଟି କମ୍ପାନୀକୁ ଦିଆଯାଇଛି। ଏମ୍‌ଏସ ପ୍ରୋ ପାୱାର ସୁଇପର୍ସ ପାଇଭେଟ ଲିମିଟେଡ ୩୭ କି.ମି. ରାସ୍ତା ସଫେଇ କରିବାକୁ ଥିବାବେଳେ ୟୁନାଇଟେଡ ଏୟାର ଏକ୍ସପ୍ରେସ୍ ୪୩ କି.ମି. ରାସ୍ତା ସଫେଇ କରିବ। ନିୟମ ଅନୁସାରେ ଏହି ଦୁଇଟି ଯାନ୍ତ୍ରିକ ସଫେଇ ସଂସ୍ଥା ପ୍ରାୟ ରାତି ୧୦ଟାରୁ ସକାଳ ୬ଟା ମଧରେ ସଫେଇ କାର୍ଯ୍ୟ କରିବେ। ଆବଶ୍ୟକତା ଅନୁସାରେ ସମୟରେ କିଛିଟା ପରିବର୍ତ୍ତନ କରାଯାଇପାରିବ। ଯାନ୍ତ୍ରିକ ସଫେଇ ସାଙ୍ଗକୁ ହାତରେ ସଫେଇ କାର୍ଯ୍ୟ ମଧ ଚାଲୁ ରହିବ ବୋଲି ବିଏମସି ପକ୍ଷରୁ ସୂଚନା ଦିଆଯାଇଛି।

### ଛାତ୍ରୀଙ୍କୁ ଅସଦାଚରଣ, ଯୁବକ ଗିରଫ

ଭୁବନେଶ୍ୱର,୧୯।୯(ବ୍ୟୁରୋ): ନୟାପଲ୍ଲୀ ଥାନା ଅଞ୍ଚଳର ଜଣେ ଛାତ୍ରୀଙ୍କୁ ଅସଦାଚରଣ ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ସାଲିଆସାହି ବାଜପେୟୀ ନଗରରେ ରହୁଥିବା ସତ୍ୟ ନାୟକ। ସୂଚନା ଅନୁଯାୟୀ, ସତ୍ୟ ସ୍ଥାନୀୟ ଅଞ୍ଚଳର ଜଣେ ଛାତ୍ରୀଙ୍କୁ ଦୀର୍ଘଦିନ ଧରି ଏକତରଫା ପ୍ରେମ କରୁଥିଲେ। ଛାତ୍ରୀ ଜଣକ ତାଙ୍କୁ ସବୁବେଳେ ବିରୋଧ କରିଆସୁଥିଲେ। ଫଳରେ ସତ୍ୟ ତାଙ୍କୁ ବାରମ୍ବାର ଫୋନରେ ଧମକ ଦେଉଥିଲେ। ଗତ ସୋମବାର ଛାତ୍ରୀଙ୍କ ପରିବାର ଲୋକେ ଘରେ ନ ଥିବାର ସୁଯୋଗରେ ସତ୍ୟ ତାଙ୍କ ଘରକୁ ଯାଇ ତାଙ୍କୁ ଅସଦାଚରଣ କରିଥିଲେ।



ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶ୍ରୀଅରବିନ୍ଦ ନଗରରେ ରାଜ୍ୟସ୍ତରୀୟ ପାଠଚକ୍ର ଅବସରରେ ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସର ବାର୍ଷିକ ମୁଖପତ୍ର 'ଅରୋକିରଣ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ହିଟ୍ ହେଉଛି 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' କ୍ୟାମ୍ପେନ୍

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ପୁରୁଷ ହକି ବିଶ୍ୱକପ୍ ୨୦୧୮ ପାଇଁ ହୋଷ୍ଟ ପାର୍ଟନର ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଆରମ୍ଭ କରାଯାଇଥିବା ନୂଆ ସ୍ପୋର୍ଟସ୍ ଟୁରିଜମ୍ କ୍ୟାମ୍ପେନ୍ 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' ରାଜ୍ୟ ଏବଂ ଦେଶ ବାହାରେ ଆଦୃତ ହେଉଛି। ପର୍ଯ୍ୟଟକ ଓଡ଼ିଶା ପର୍ଯ୍ୟଟନର ଏହି ନୂଆ କନ୍‌ସେପ୍ଟକୁ ପସନ୍ଦ କରୁଛନ୍ତି। ନିକଟରେ ମାଲେସିଆରେ ଅନୁଷ୍ଠିତ ପିଏଟିଏ ୨୦୧୮ ଏବଂ ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆ ଟୁରିଜମ୍ ମାର୍ଟ ୨୦୧୮ରେ ଏହାର ଝଲକ ଦେଖିବାକୁ ମିଳିଛି। ଏଠାରେ ଖୋଲିଥିବା ଓଡ଼ିଶା ଟୁରିଜମ୍ ଷ୍ଟଲ୍‌କୁ ଦର୍ଶକ ବୁଲି ଦେଖିଛନ୍ତି। ସମଗ୍ର ବିଶ୍ୱରୁ ୨୨୫ଟି ଅନ୍ତର୍ଜାତୀୟ ସ୍ତରୀୟ ଟ୍ରାଭେଲ ଏଜେନ୍ସିକୁ ନେଇ ଆୟୋଜିତ ହୋଇଥିବା ଇଣ୍ଡିଆ ଟୁରିଜମ୍ ମାର୍ଟରେ ଦେଶର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ପ୍ରଦର୍ଶିତ କରାଯାଇଥିଲା। ପ୍ରାୟ ୬୦ ଦେଶରୁ ଆସିଥିବା ବିଦେଶୀ ଟ୍ରାଭେଲ ଓ ଟୁର୍ ଅପରେଟରମାନେ ଏଥିରେ ଭାଗନେଇଥିଲେ। ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ପର୍ଯ୍ୟଟନ ସମ୍ବଳ, ପର୍ଯ୍ୟଟକ ଉପଯୋଗୀ ବିଭିନ୍ନ ଯୋଜନା, ଆଡ୍‌ଭେଞ୍ଚର ଓ ସ୍ପୋର୍ଟସ୍ ଟୁରିଜମ୍‌ର ପ୍ରଚାର ପ୍ରସାର କରାଯାଇଥିଲା। ସେହିଭଳି ମାଲେସିଆରେ ଶେଷ ହୋଇଥିବା ପିଏଟିଏ ୨୦୧୮ରେ ଓଡ଼ିଶା ଟୁରିଜମ୍ ପ୍ୟାଭେଲିୟନ୍‌କୁ ପ୍ରଶଂସା କରାଯାଇଥିଲା। ଏଠାରେ ମଧ 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' କ୍ୟାମ୍ପେନ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

### କେନାଲ ବନ୍ଧରେ ଘଳିଆ ପଡ଼ିଲା

ବାଲିଅନ୍ତା,୧୯।୯(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଦେଓ୍ୱାନପାଟଣା ଗ୍ରାମ ସମ୍ମୁଖ ନିମାପଡ଼ା ଶାଖା କେନାଲ ବନ୍ଧରେ ବୁଧବାର ଘଳିଆ ପଡ଼ିଥିଲା। ଘଳିଆରୁ ଘାଇ ସୃଷ୍ଟି ହେବାର ଆଶଙ୍କା ଦେଖି ବେଷ୍ଟପୁର ଜଳସେଚନ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ କରାଯାଇଛି। କେନାଲରେ ୫୦୦ ଘନଫୁଟ ଜଳ ପ୍ରବାହିତ ହେବା ପରେ ଦେଓ୍ୱାନପାଟଣା ଗ୍ରାମର ଡ୍ରେନେଜ୍ ସାଇଫନରେ କେନାଲ ଭିତରପଟୁ ଚାଷଜମି ପଟୁକୁ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିଲା। ସେହିବାଟ ଦେଇ ଚାଷଜମି ପଟୁକୁ ମୋଟା ଆକାରର ପାଣି ପ୍ରବାହିତ ହୋଇଥିଲା। ଜଳସେଚନ ବିଭାଗ ପକ୍ଷରୁ ଘଳିଆ ପଡ଼ିଥିବା ସ୍ଥାନରେ ବାଲିବସ୍ତା ପକାଯାଇ ମରାମତି କରାଯାଇଥିଲା। ସୂଚନାଥାଉ କି, ଗତ ୧ମାସ ତଳେ ଏହି କେନାଲ ବନ୍ଧରେ ବେଷ୍ଟପୁର ଗ୍ରାମ ନିକଟରେ ୨୦ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇ ଚାଷଜମି କ୍ଷତିଗ୍ରସ୍ତ ହୋଇଥିଲା।

## କୋର୍ଟ ସ୍ଥାନାନ୍ତରଣକୁ ଆଇନଜୀବୀଙ୍କ ବିରୋଧ

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

ଭୁବନେଶ୍ୱରରୁ ଗୋଟିଏ ପରେ ଗୋଟିଏ କୋର୍ଟ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଅତୀତରେ ଜୁଭେନାଇଲ କୋର୍ଟ ପୋକ୍‌ସୋ କୋର୍ଟ ସ୍ଥାନାନ୍ତର କରାଯାଇଥିବା ଏହାର ଜ୍ୱଳନ୍ତ ଉଦାହରଣ। ଭୁବନେଶ୍ୱରରେ ଏତେମାତ୍ରାରେ ମକଦ୍ଦମା ଥିବା ସତ୍ତ୍ୱେ ଜିଲା ଜଜଙ୍କ ନିକଟରେ ଥିବା ସର୍କିଟ୍ କୋର୍ଟ ଓ ଇଲେକ୍ଟ୍ରିସିଟି କୋର୍ଟକୁ ଖୋର୍ଦ୍ଧା ସ୍ଥାନାନ୍ତର କରାଯିବାକୁ ଯୋଜନା ହେଉଛି। ଏହାକୁ ବିରୋଧ କରିଛି ଭୁବନେଶ୍ୱର ବାର୍ ଆସୋସିଏଶନ। ଆସୋସିଏଶନ ପକ୍ଷରୁ ବୁଧବାର ବିଭିନ୍ନ ଦାବି ନେଇ ବୁଧବାର କୋର୍ଟ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବାର୍ ଆସୋସିଏଶନ ସଭାପତି ଦୁର୍ଗାମାଧବ ମିଶ୍ର କହିଥିଲେ ଯେ, ଭୁବନେଶ୍ୱରରେ ସବୁ ଥାଇ ଜିଲା ନ ଥିବାରୁ ବିଚାର ବିଭାଗରେ ଅସମାନତା ଦେଖାଦେଉଛି। ଅର୍ଥନୈତିକେ ଅପରାଧ ଶାଖାରେ ୯୦ ପ୍ରତିଶତ ମାମଲା ରୁଜୁ ହୋଇଥିବା ବେଳେ କଟକରେ କୋର୍ଟ ପ୍ରତିଷ୍ଠାକୁ ଆସୋସିଏଶନ ନାପସନ୍ଦ କରିଛି। ଉକ୍ତ କୋର୍ଟକୁ ଭୁବନେଶ୍ୱର ସ୍ଥାନାନ୍ତର କରିବାକୁ ଦାବି କରିଛି। ସେହିପରି ତେଲେଙ୍ଗାନା ସରକାରଙ୍କ ପରି ଓଡିଶା ସରକାର ମ୍ୟାଚିଂ ଗ୍ରାଣ୍ଟ ଅନୁସାରେ ୫ଶହ କୋଟି ଅନୁଦାନ ଦେବା, କ୍ୟାପିଟାଲ ହସ୍ପିଟାଲକୁ ମେଡିକାଲ କଲେଜରେ ପରିଣତ କରାଯିବା ସହିତ ଖାଲିପଡ଼ିଥିବା ଡାକ୍ତର ଏବଂ କର୍ମଚାରୀ ପଦବୀ ପୂରଣ କରିବାକୁ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ଆସୋସିଏଶନର ଉପସଭାପତି ଅଶୋକ କୁମାର ବେହେରା, ସମ୍ପାଦକ ଅଞ୍ଜନ କୁମାର ସମାନ୍ତରାୟ, କୋଷାଧକ୍ଷ ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଫଟୋରେ ଖବର



ଶ୍ୱେତପଦ୍ମା ସାଂସ୍କୃତିକ ପରିବାରର ବାର୍ଷିକ ଉତ୍ସବ ଅବସରରେ ବୁଧବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ନାଟକ 'ଅଚିହ୍ନା ରାଜ୍ୟର ମଣିଷ'ର ଏକ ଦୃଶ୍ୟ।




ଜମିପଟ୍ଟା ପ୍ରଦାନ ଦାବିରେ ଜଟଣୀ-ଡେଲାଙ୍ଗ ଆଞ୍ଚଳିକ ଭିଟାମାଟି ସୁରକ୍ଷା ମଞ୍ଚ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ।




ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଓ ଅନ୍ୟାନ୍ୟ ଦାବିରେ ଓଡ଼ିଶା ସ୍ପେଶାଲ ଏଜୁକେଟର ଫେଡେରେଶନ ଫର୍ ଦିବ୍ୟାଙ୍ଗ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ।



ଓମାନ୍‌ର ଜଣେ ୬୨ ବର୍ଷ ବୟସ୍କ ବୃଦ୍ଧ ୨୯ ବର୍ଷ ବୟସ୍କା ଯୁବତୀଙ୍କୁ ହ୍ୱାଟସ୍‌ଆପ୍‌ରେ ଦେଇଛନ୍ତି ତିନି ତଲାକ୍ ତେଲେଙ୍ଗାନା ହାଇଦ୍ରାବାଦ୍‌ରେ ବାସ କରୁଥିବା ଯୁବତୀଙ୍କୁ ଓମାନ ସେଠ୍ ୨୦୧୭ ମେ'ରେ ବିବାହ କରିଥିଲେ। ପରେ ସେମାନଙ୍କର ଏକ ସନ୍ତାନ ଜନ୍ମ ହୋଇଥିଲା। ତେବେ ଶାରୀରିକ ଅସୁସ୍ଥତା ଯୋଗୁ ତା'ର ମୃତ୍ୟୁ ଘଟିଥିଲା। ଓମାନ ସେଠ୍ ଯୁବତୀଙ୍କୁ ୨୦୧୮ ଜୁଲାଇରେ ହାଇଦ୍ରାବାଦ୍‌କୁ ପଠାଇଥିଲେ। ପରେ ସେଠ୍ ଜଣକ ହ୍ୱାଟସ୍‌ଆପ୍‌ରେ ଯୁବତୀଙ୍କୁ ତିନି ତଲାକ୍ ଦେଇଥିଲେ।

## ସଂକ୍ଷେପରେ

### 'ପ୍ରହାର' କ୍ଷେପଣାସ୍ତ୍ରର ପରୀକ୍ଷଣ ଆଜି

ବାଲେଶ୍ୱର ଅଫିସ, ୧୯।୯: ବାଲେଶ୍ୱର ଜିଲା ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ଗୁରୁବାର ପୂର୍ବାହ୍ନରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ 'ପ୍ରହାର' କ୍ଷେପଣାସ୍ତ୍ରର ପରୀକ୍ଷଣ ହେବ ବୋଲି ସୂଚନା ମିଳିଛି। ଏଥିଲାଗି ସୁରକ୍ଷା କାରଣରୁ କ୍ଷେପଣାସ୍ତ୍ର ଘାଟି ଆଖପାଖ ଅଞ୍ଚଳର ଅଢେଇ କି.ମି. ପରିଧି ମଧ୍ୟରେ ଥିବା ୫ ଗାଁର ପ୍ରାୟ ୫ ହଜାର ଲୋକଙ୍କୁ ଅସ୍ଥାୟୀ ଭାବେ ବିସ୍ଥାପିତ କରାଯିବ। ପାଗ ଅନୁକୂଳ ରହିଲେ ସକାଳ ସାଢେ ୭ଟାରୁ ୮ଟା ମଧ୍ୟରେ ମୋଟ ୪,୯୯୪ ଜଣ ବାସିନ୍ଦାଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯିବ ବୋଲି ଜିଲାପାଳ ରମେଶ ଚନ୍ଦ୍ର ରାଉତ କହିଛନ୍ତି। ଭାରତର ନିଜସ୍ୱ ଜ୍ଞାନକୌଶଳଏବଂ ସ୍ୱଳ୍ପ ଖର୍ଚ୍ଚରେ ନିର୍ମିତ 'ପ୍ରହାର' କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସଦୃଶ। ସବୁ ଋତୁରେ ଏବଂ ଯେ କୌଣସି ପାଣିପାଗ ମଧ୍ୟରେ ଏହାକୁ ଶତ୍ରୁପକ୍ଷ ଉପରେ ପ୍ରହାର କରାଯାଇପାରିବ। କ୍ଷେପଣାସ୍ତ୍ରର ଲମ୍ବ ୭.୩ ମିଟର। ମୋଟେଇ ୦.୪୨ ମିଟର। ଓଜନ ୧୨୮୦ କିଲୋଗ୍ରାମ। ଏହା ୧୫୦ କ.ମି. ଦୂରତା ଯାଏ ଲକ୍ଷ୍ୟଭେଦ କରିପାରିବ। ୨୦୧୧ ଜୁଲାଇ ୨୧ ତାରିଖରେ ଚାନ୍ଦିପୁରରେ ଏହାର ପ୍ରଥମ ପରୀକ୍ଷଣ ହୋଇଥିଲା। ୨୫୦ ସେକେଣ୍ଡ ମଧ୍ୟରେ ଏହା ୧୫୦ କି.ମି. ଅତିକ୍ରମ କରି ଲକ୍ଷ୍ୟଭେଦ କରିଥିଲା। ୨୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଏହା ପାରମ୍ପରିକ ଯୁଦ୍ଧାସ୍ତ୍ର ବହନ କରିବା କ୍ଷମତା ରଖିଛି ବୋଲି ପରୀକ୍ଷଣ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଜିଲାପାଳ ରାଉତ ଏହି ସୂଚନା ଦେବା ଅବସରରେ କହିଛନ୍ତି ଯେ, ସୁରକ୍ଷା କାରଣରୁ ଘାଟି ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରାଯାଇ ସଦର ବ୍ଲକ ଖଡୁପାଇ ପ୍ରାଇମେରି ସ୍କୁଲ ଓ ୯ମାଇଲ, ବର୍ଦ୍ଧନପୁରରେ ଥିବା କାଳୀମନ୍ଦିର ନିକଟ ଆଶ୍ରୟସ୍ଥଳରେ ରଖାଯିବାର ବ୍ୟବସ୍ଥା ହୋଇଛି। ସାମୟିକ ବିସ୍ଥାପିତ ହେଉଥିବା ପରିବାରର ବୟସ୍କଙ୍କୁ ୩୦୦ ଓ ପିଲାଙ୍କୁ ୧୭୫ ଟଙ୍କା ଲେଖାଏ ଦିଆଯିବ। ସେହିପରି ଖାଇବା ଓ ଅନ୍ୟ ବାବଦକୁ ସହାୟତା ପ୍ରଦାନ କରାଯିବ। ଗୃହପାଳିତ ପ୍ରାଣୀ ସ୍ଥାନାନ୍ତର ବାବଦକୁ ପରିବାର ପିଛା ୧୦୦ ଟଙ୍କା ଓ ଘରେ ଚାବି ପକାଇବା ସକାଶେ ପ୍ରତି ଘରକୁ ୪୦ ଟଙ୍କା ଲେଖାଏ ଦିଆଯିବ ବୋଲି ସେ କହିଛନ୍ତି।

# ଏୟାର ଓଡ଼ିଶା ନିର୍ଦ୍ଦେଶକଙ୍କ ନାଁରେ ବଳାତ୍କାର ଅଭିଯୋଗ

**କ୍ୟାପିଟାଲ ଥାନାରେ ପୀଡିତାଙ୍କ ବୟାନ ରେକର୍ଡ**

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

ଏୟାର ଓଡିଶା ନିର୍ଦ୍ଦେଶକ ସନ୍ତୋଷ ପାଣିଙ୍କ ନାମରେ ଜଣେ ବଙ୍ଗୀୟ ଯୁବତୀ ବଳାତ୍କାର ଅଭିଯୋଗ ଆଣିଛନ୍ତି। ଏୟାର ଓଡିଶାରେ ସୁରକ୍ଷା ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ସନ୍ତୋଷ ବଳାତ୍କାର କରିଥିବା ଯୁବତୀ ଜଣକ ବୁଧବାର ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ କ୍ୟାପିଟାଲ ଥାନାରେ ତାଙ୍କର ଅଡିଓ ଭିଜୁଆଲ ବୟାନ ରେକର୍ଡ କରାଯାଇଛି।

ପୀଡିତା ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି ଯେ, ଗତ ଜୁଲାଇ ୨ରୁ ଏୟାର ଓଡିଶା ନିର୍ଦ୍ଦେଶକ ସନ୍ତୋଷ ପାଣିଙ୍କ ଅଧୀନରେ ସେ ସୁରକ୍ଷା ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ଗତ ଅଗଷ୍ଟ ୧୦ରେ ତାଙ୍କୁ ଘରେ ଛାଡିଦେବା ଲାଗି ସନ୍ତୋଷ ଜିଦ୍ କରିବା ସହିତ ନିଜ କାରରେ ନେଇଥିଲେ। ରାସ୍ତାରେ ଏକ ମଦ ଦୋକାନ ପୂର୍ବରୁ ଗାଡି ପାର୍କିଂ କରି ମଦ କିଣିଥିଲେ। ଗାଡି ଭିତରେ ନିଜେ ମଦ ପିଇବା ସହ ତାଙ୍କୁ ମଦ ପିଇବାକୁ ବାଧ୍ୟ କରିଥିଲେ। ସେ ମନା କରିବାରୁ ତାଙ୍କୁ ନିଶାଯୁକ୍ତ ଥଣ୍ଡା ପାନୀୟ ପିଇବାକୁ ଦେଇଥିଲେ। ପରେ ଉକ୍ତ ଗାଡି ଭିତରେ ତାଙ୍କୁ ଶାରୀରିକ ନିର୍ଯାତନା ଦେଇଥିଲେ। ଏହାପରେ ସନ୍ତୋଷ ତାଙ୍କୁ ତାଙ୍କ ଭଡା ଘରେ ଛାଡ଼ିବା ପରେ ସେଠାରେ ବଳାତ୍କାର କରିଥିଲେ। ପୁନର୍ବାର ଅଗଷ୍ଟ ୧୨ରେ ଖଣ୍ଡଗିରି ଅଞ୍ଚଳରେ ଥିବା ସନ୍ତୋଷଙ୍କ ସାଙ୍ଗଙ୍କ ଘରକୁ ନେଇ ତାଙ୍କୁ ପୁନର୍ବାର ବଳାତ୍କାର କରିଥିଲେ। ଏହା ପରଦିନ ସେ ଏୟାର ଓଡିଶାରୁ ଇସ୍ତଫା ଦେଇ କଲିକତା ଚାଲିଯାଇଥିଲେ। ସେପ୍ଟେମ୍ବର ୧୪ରେ ସେ କଲିକତାସ୍ଥିତ ଏକ ବିମାନ କମ୍ପାନୀରେ ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ସେଠାରେ କମ୍ପାନୀର ମୁଖ୍ୟ ସୁରକ୍ଷା ଅଧିକାରୀଙ୍କୁ ତାଙ୍କ ସମସ୍ୟା ବିଷୟରେ ଜଣାଇବା ପରେ ସମ୍ପୃକ୍ତ ଅଧିକାରୀ ତାଙ୍କୁ ନ୍ୟାୟ ପାଇଁ ସନ୍ତୋଷଙ୍କ ବିରୋଧରେ ଅଭିଯୋଗ କରିବାକୁ କହିଥିଲେ। ଏହାପରେ ସେ ଏଠାକୁ ଆସି ଅଭିଯୋଗ କରିଥିବା କହିଛନ୍ତି।

ଅଭିଯୋଗ ସମ୍ପର୍କରେ ଏୟାର ଓଡ଼ିଶା ନିର୍ଦ୍ଦେଶକ ସନ୍ତୋଷ କହିଛନ୍ତି ଯେ, ସମ୍ପୃକ୍ତ ବଙ୍ଗୀୟ ଯୁବତୀ ତାଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣିଛନ୍ତି। ସେ କାମ କରିବା ସମୟରେ ଅନ୍ୟ କର୍ମଚାରୀଙ୍କ ସହିତ ଝଗଡା ହୋଇଥିବା ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। କର୍ମଚାରୀମାନେ ମଧ୍ୟ ତାଙ୍କ ନାମରେ ପାଲଟା ଅଭିଯୋଗ କରିଥିଲେ। ତଦନ୍ତରୁ ଯୁବତୀଙ୍କ ଅଭିଯୋଗ ମିଥ୍ୟା ପ୍ରମାଣିତ ହୋଇଥିଲା। ତାଙ୍କ ଅଭିଯୋଗ ଆଧାରରେ ଅନ୍ୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବାରୁ ସେ ମୋ ବିରୋଧରେ ଏଭଳି ଅଭିଯୋଗ କରିଛନ୍ତି। ଯଦି ଯୁବତୀଙ୍କ ସହିତ ଏପରି ଅମାନୁଷିକ କାର୍ଯ୍ୟ ହୋଇଥିଲା, ତେବେ ସେ ଏତେଦିନ ପରେ ଅଭିଯୋଗ କରିବାର କାରଣ କ'ଣ ବୋଲି ସନ୍ତୋଷ ପ୍ରଶ୍ନ କରିଛନ୍ତି। କାର୍ଯ୍ୟାଳୟରେ ବିଶୃଙ୍ଖଳା କରିବାରୁ ତାଙ୍କୁ ଗତ ଅଗଷ୍ଟ ୨୨ରେ ବହିଷ୍କାର କରାଯାଇଥିବା ସନ୍ତୋଷ କହିଛନ୍ତି।

■ କୁଷ୍ଠ ନିରାକରଣ ଅଭିଯାନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା

# ୨୦୨୦ ମାର୍ଚ୍ଚ ସୁଦ୍ଧା କୁଷ୍ଠରୋଗମୁକ୍ତ ହେବ ଓଡ଼ିଶା

**୨୦୦୭ ପରଠାରୁ ରୋଗୀ ସଂଖ୍ୟା ବଢ଼ିଛି**

ଭୁବନେଶ୍ୱର, ୧୯।୯(ବ୍ୟୁରୋ)

ଆଗାମୀ ୨୦୨୦ ମାର୍ଚ୍ଚ ସୁଦ୍ଧା ରାଜ୍ୟକୁ କୁଷ୍ଠରୋଗମୁକ୍ତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ତା' ପୂର୍ବରୁ ୨୦୧୯ ଅକ୍ଟୋବର ୨ ସୁଦ୍ଧା କୁଷ୍ଠଜନିତ ଗ୍ରେଡ୍-୨ ଅକ୍ଷମତାକୁ ପ୍ରତି ୧୦ଲକ୍ଷ ଲୋକଙ୍କ କ୍ଷେତ୍ରରେ ୧ରୁ କମ୍ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଏ ଦିଗରେ କାର୍ଯ୍ୟ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ପ୍ରମୋଦ ମେହେର୍ଦ୍ଦା ବୁଧବାର ବିଭାଗୀୟ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମଓ) ଏବଂ ଡିପିଏମ୍(ଜିଲା ପ୍ରକଳ୍ପ ପରିଚାଳକ)ମାନଙ୍କୁ ନେଇ ପାନ୍ଥନିବାସରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କର୍ମଶାଳାକୁ ମେହେର୍ଦ୍ଦା ଉଦ୍‌ଘାଟନ କରି କହିଛନ୍ତି, ଅତ୍ୟଧିକ କୁଷ୍ଠରୋଗ ପ୍ରବଣ ଜିଲାଗୁଡ଼ିକରେ କୁଷ୍ଠରୋଗୀ ଚିହ୍ନଟ ପ୍ରକ୍ରିୟାକୁ ଜୋରଦାର କରାଯିବ। କମ୍ ପ୍ରବଣ ଜିଲା, ଏପରି କି ଯେଉଁଅଞ୍ଚଳରେ କୁଷ୍ଠରୋଗ ଦେଖାଦେବାର ଆଶଙ୍କା ଅଧିକ ଥିବ ସେସବୁ ସ୍ଥାନକୁ ମଧ୍ୟ ଚିହ୍ନଟ କରାଯିବ। ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ସହିତ କୁଷ୍ଠରୋଗ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ। ଏହି କାର୍ଯ୍ୟକ୍ରମରେ ୩୬,୧୬୨ ଆଶା କର୍ମୀ, ୬୨୪୦ ସ୍ୱାସ୍ଥ୍ୟକର୍ମୀ, ୧୦୯୦ ସ୍ୱାସ୍ଥ୍ୟ ସୁପରଭାଇଜର, ୧୩୮୧ ମେଡିକାଲ ଅଫିସର ଏବଂ ୨୯୧ ଅନ୍ୟାନ୍ୟ ପଦାଧିକାରୀଙ୍କୁ ନିୟୋଜିତ କରାଯିବ। ସମସ୍ତ ସିଡିଏମ୍ଓ ଏବଂ ଡିପିଏମ୍ ନିଜ ଜିଲାରେ କୁଷ୍ଠରୋଗ ନିରାକରଣ କାର୍ଯ୍ୟକ୍ରମକୁ ସଫଳ କରିବାକୁ ମେହେର୍ଦ୍ଦା ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ୧୯୮୩ରେ ଓଡିଶାର ସବୁ ଜିଲାରେ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏମ୍‌ଡିଟି ଚିକିତ୍ସା ବ୍ୟବସ୍ଥା ଲାଗୁ କରାଯାଇଥିଲା। ୧୯୮୨-୮୩ରେ ରାଜ୍ୟରେ ପ୍ରତି ୧୦ହଜାର ଲୋକଙ୍କ ମଧ୍ୟରେ ୧୨୧.୪ ଜଣ କୁଷ୍ଠରୋଗରେ ଆକ୍ରାନ୍ତ ଥିଲେ। ସଫଳତାର ସହିତ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ କରାଯିବା ପରେ ୨୦୦୬-୦୭ ବେଳକୁ ପ୍ରତି ୧୦ ହଜାର ଲୋକଙ୍କ ମଧ୍ୟରେ କୁଷ୍ଠରୋଗ ଆକ୍ରାନ୍ତଙ୍କ ସଂଖ୍ୟା ୦.୬୫କୁ ହ୍ରାସ ପାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପୁଣି ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଲା। ୨୦୧୨ ମାର୍ଚ୍ଚ ସୁଦ୍ଧା ପ୍ରତି ୧୦ହଜାର ଲୋକଙ୍କ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୦.୯୯ ଥିବାବେଳେ ୨୦୧୭ ମାର୍ଚ୍ଚ ଶେଷ ସୁଦ୍ଧା ୧.୧୮ ଏବଂ ୨୦୧୮ ଜୁଲାଇ ଶେଷ ସୁଦ୍ଧା ୧.୨୪ରେ ପହଞ୍ଚିଛି। ସେହିପରି ୨୦୧୪-୧୫ରେ ରାଜ୍ୟରେ ୮୦୦୪ ରୋଗୀ ଥିବାବେଳେ ୨୦୧୫-୧୬ରେ ୧୦,୧୭୫, ୨୦୧୬-୧୭ରେ ୧୦,୦୪୫ ଏବଂ ୨୦୧୭-୧୮ରେ ୯,୫୭୬ ନୂତନ ରୋଗୀ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ୬,୩୨୫ କୁଷ୍ଠରୋଗୀ ଚିକିତ୍ସାଧୀନ ଅଛନ୍ତି।

କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ବି.କେ.ବ୍ରହ୍ମା, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ହରପ୍ରସାଦ ପଟ୍ଟନାୟକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସ୍ୱପ୍ନେଶ୍ୱର ଗଡନାୟକ ଏବଂ ଅତିରିକ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଶକ୍ତିପ୍ରସାଦ ପାଢୀଙ୍କ ସମେତ ସବୁ ଜିଲାର ସିଡିଏମଓ ଏବଂ ଡିପିଏମ୍ ଯୋଗଦେଇଥିଲେ।

# ବାଳିକା, ମହିଳାଙ୍କ ସୁରକ୍ଷା ଓ ବିକାଶ ଉପରେ ଗୁରୁତ୍ୱ

- ୩୦ ଜିଲାରେ ଖୋଲିବ ସଖୀ କେନ୍ଦ୍ର
- ବାଳିକା ହଷ୍ଟେଲରେ ୱାର୍ଡେନ ରହିବା ବାଧ୍ୟତାମୂଳକ

ଭୁବନେଶ୍ୱର୧୯।୯(ବ୍ୟୁରୋ)

ରାଜ୍ୟର ମହିଳା ଓ ବାଳିକାମାନଙ୍କ ସୁରକ୍ଷା ଲାଗି ବୁଧବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟର ବାଳିକା ଓ ମହିଳା ସୁରକ୍ଷା ନିୟାମକ ନିମନ୍ତେ ୨୩ଟି ଅଗ୍ରାଧିକାର କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଛି। ପୀଡିତା ମହିଳା ଓ ବାଳିକାମାନଙ୍କ ବିଭିନ୍ନ ପ୍ରକାର ସହାୟତା ଲାଗି ଏକକ କେନ୍ଦ୍ର ବ୍ୟବସ୍ଥାକୁ ରାଜ୍ୟର ସବୁ ଜିଲାକୁ ସମ୍ପ୍ରସାରିତ ଲାଗି ନିଷ୍ପତ୍ତି ହୋଇଛି। ବାଳିକା ହଷ୍ଟେଲଗୁଡିକରେ ମହିଳା ୱାର୍ଡେନଙ୍କ ରହଣି ନିଶ୍ଚିତ କରାଇବା ପାଇଁ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ମହିଳାଙ୍କ ସୁରକ୍ଷା ଏବଂ ବିକାଶ ପାଇଁ ବିଭିନ୍ନ ବିଭାଗକୁ ପାଢୀ ଆଦେଶ ଦେଇଛନ୍ତି। ନିର୍ଦ୍ଧାରିତ କାର୍ଯ୍ୟସୂଚୀର କାର୍ଯ୍ୟାନ୍ୱୟନର ଅଗ୍ରଗତି ବିଷୟରେ ମହିଳା ଓ ଶିଶୁ ବିକାଶ ବିଭାଗ ନୋଡାଲ ବିଭାଗ ରୂପେ କାର୍ଯ୍ୟ କରିବ।

ବୈଠକ ଶେଷରେ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ କହିଛନ୍ତି ଯେ, ବାଳିକା ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ନିଯୋଜନ, ସୁରକ୍ଷା, ପୀଡ଼ିତା ମହିଳାଙ୍କ ପାଇଁ ସଖୀ ବ୍ୟବସ୍ଥାର ସମ୍ପ୍ରସାରଣ, ମାନବ ଚାଲାଣ ନିରୋଧ, ମହିଳା ଉଦ୍ୟୋଗ ବିକାଶ, କର୍ମଜୀବୀ ମହିଳାମାନଙ୍କ ପାଇଁ ହଷ୍ଟେଲ, ଛାତ୍ରୀମାନଙ୍କ ପାଇଁ ଛାତ୍ରୀବାସ, ସେଲ୍‌ଟର ହୋମ୍, ସୁଧାର ଗୃହ, ବିବାହ ପଞ୍ଜୀକରଣ ଆଦି କାର୍ଯ୍ୟକ୍ରମଗୁଡିକ ତ୍ୱରିତ ବେଗରେ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

ରାଜ୍ୟରେ ବର୍ତ୍ତମାନ ୩ଟି ସଖୀ କେନ୍ଦ୍ର ଅଛି। ସ୍ଥାନୀୟ କ୍ୟାପିଟାଲ ହସ୍ପିଟାଲ, ସମ୍ବଲପୁର ଜିଲା ଚିକିତ୍ସାଳୟ ଏବଂ କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଏହି ସଖୀ କେନ୍ଦ୍ରଗୁଡିକ କାର୍ଯ୍ୟ କରୁଛି। ରାଉରକେଲା, କଟକ ଓ ବ୍ରହ୍ମପୁର ମେଡିକାଲରେ ଏହି ଏକକ କେନ୍ଦ୍ର ତୁରନ୍ତ କରିବା ପାଇଁ ପାଢୀ ନିର୍ଦ୍ଦେଶ ଦେଇଛନ୍ତି।

ଚଳିତ ଆର୍ଥିକ ବର୍ଷରେ ୧୭ ଜିଲା ଏବଂ ପର୍ଯ୍ୟାୟକ୍ରମେ ସମସ୍ତ ଜିଲାରେ ଏହି ଏକକ କେନ୍ଦ୍ର କାର୍ଯ୍ୟକ୍ଷମ କରିବାକୁ ବୈଠକରେ ସ୍ଥିର କରାଯାଇଛି। ବର୍ତ୍ତମାନ ରାଜ୍ୟରେ ୫୭ଟି ସୁଧାର ଗୃହ ରହିଛି। ଏହାସହ ୧୨ଟି ଉଜ୍ଜ୍ୱଳା ଗୃହ ରହିଛି।ଏସବୁର ରକ୍ଷଣାବେକ୍ଷଣ ଉପରେ ନିୟମିତ ଗୁରୁତ୍ୱ ଦେବାକୁ ସ୍ଥାନୀୟ ଜିଲାପାଳ, ଏସ୍‌ପି ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିପଦରେ ପଡୁଥିବା ମହିଳାମାନଙ୍କ ସୁରକ୍ଷା ନିମନ୍ତେ ୨୪ଘଣ୍ଟିଆ ମାଗଣା ଟେଲିଫୋନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି।

ଯାହାର ନମ୍ବର ୧୮୧ ରହିଛି। ବର୍ତ୍ତମାନ ଭୁବନେଶ୍ୱରଠାରେ ୮ଟି କର୍ମଜୀବୀ ହଷ୍ଟେଲ ନିର୍ମାଣ କରାଯାଉଛି। ଏହାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଇଡ୍‌କୋ ଏବଂ କୋଠାବାଡି ବିଭାଗକୁ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ମହିଳା ଏବଂ ବାଳିକାମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକିବା ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡିଛି।


## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

(A Govt. of Odisha Undertaking)

OFFICE OF DGM(EL) EHT (C) DIVISION, BERHAMPUR - 760007

**NOTICE INVITING TENDER**

**TENDER CALL NOTICE No.-03/2018-19**

Advt. No.03/2018-19 Date: 19.09.2018

Sealed tenders are invited from the registered service providers / contractors having valid GST registration, EPF & ESI registration, PAN for the work **"Annual maintenance contract for cleaning, sweeping, up-keeping and sanitation works of different offices with its surroundings under EHT(C) Division, Berhampur"**. Cost of tender paper (non-refundable) - Rs.4,000/- + 12% GST = Rs. 4,480/, EMD 1% of total estimated value (EMD = Rs.5,550.00). Sale of tender documents from **22.09.2018** to **01.10.2018**. Last date of submission of tender **11.00 AM** of **03.10.2018**. Date of opening of tender **03.00 PM** of **03.10.2018**.

For details please visit our website **www.optcl.co.in** or office in official hours. Corrigendum if any will be published in the office notice board only.

**Sd./- DGM (Elect.)**



## DISTRICT RURAL DEVELOPMENT AGENCY, BARGARH

**At/PO/District-Bargarh-768028, Odisha**
**Tel. No./Fax No: 06646234499,**
**email id: ori-dbargarh@nic.in, www.bargarh.nic.in**
**MGNREGA CELL**
**Letter No.XXIII-5/2017-2797 dated 18.09.2018**

**OFFICE ORDER**

Keeping in view of the G.O No. 13404/PR & DW Dtd. 19.07.2018 of Panchayati Raj and Drinking Water Department, Odisha and due to some un-avoidable reasons, the advertisement published vide this office letter no. 1117/DRDA, dtd. 20.04.18 for contractual engagement of 6 Nos. of vacant Post of Additional Programme Officers in various Blocks of Bargarh District and the process thereof is hereby cancelled.

**Sd./- Project Director, DRDA, Bargarh**



अखिल भारतीय आयुर्विज्ञान संस्थान (एम्स), भुवनेश्वर

## ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR

Sijua, Post : Dumuduma, Bhubaneswar - 751019
www.aiimsbhubaneswar.edu.in

F.No. J-11048(086)/2018-19/S&P Date: 18.09.2018

**TENDER CALL NOTICE**

The All India Institute of Medical Sciences (AIIMS) Bhubaneswar,Odisha, GOI, inviting tender for **"Selection of Service Agencies to Outsource Housekeeping Services at AIIMS, Bhubaneswar" in Two Bid System".** The tender document along with last date of submission of the tender can be viewed and downloaded from the official website i.e. **www.aiimsbhubaneswar.edu.in.** The sealed Tender will be received through Speed post/Regd. post/Courier/by hand only on or before due date & time by office of the **Sr. Procurement-Cum Store Officer, AIIMS, Bhubaneswar** and the said tender will be opened on same day at 3.00 p.m. in presence of the bidders or their authorised representatives in the chamber of the undersigned. Incomplete tender document/ tender received after scheduled date & time shall be rejected.

Director, AIIMS, Bhubaneswar reserves the right to reject any or all the tenders without assigning any reason thereof.

| Subject | Description |
|---|---|
| Tender No | J-11048(086)/2018-19/S&P |
| Tender Issue and Publishing Date | 18-09-2018 |
| Pre-Bid Conference Date | 28-09-2018, 03.00 PM |
| Last Date & Time of Submission | 26-10-2018, 12.00 P.M |
| Tender Opening Date (Technical Bid) | 26-10-2018, 03.00 P.M |

Sd/-
Sr. Procurement-Cum Store Officer
AIIMS, Bhubaneswar



## ODISHA ADMINISTRATIVE TRIBUNAL

### BHUBANESWAR

Tel: 0674-2436154/2433165, E-mail: oatpbbbsr@gmail.com
www.oat.nic.in

**QUOTATION CALL NOTICE**

**No. 14-W:-** No. E(vi) 05/2018/**7892**/O.A.T. Dated.**18th September, 2018.** Sealed Quotations are hereby invited from the intending reputed authorized and Govt. approved Original Equipment Manufacturers (OEMs)/ Distributors/Regional Distributors/firms/agencies/service providers / dealers of Computer consumables items for supply of the following items for use in the office of OAT at Principal Bench, Bhubaneswar as well as Cuttack Bench, Cuttack.

1. Original Cartridge of P1108 model HP LaserJet Printer 50 nos. (Original HP 88A Tonner cartridge)
2. Original Cartridge of 1007model HP LaserJet Printer 50 nos. (Original HP 88A Tonner cartridge)
3. Original Cartridge of RICOH SP-6430 DN 02 nos.

The Quotationers must quote the price of the items and Goods and Service Tax if any thereon separately. They must furnish their up-to-date Goods and Service Tax clearance certificate/ authorization certificate while submitting their quotations.

The quotations should be accompanied with a brochure. The forwarding letter must be on the letter pad of the dealer/service provider and must mention the current rate. As required for the Central Payment Processing Centre (CePC) guided by the RBI vide Finance Department OM No.27444/ F dated.26.07.2012, it is mandatory to furnish the valid **GST number/O.S.T. registration number/ Beneficiary A/C No./ I.F.S. code, MICR Code of the nationalized Bank, Mobile number and Email ID.** The guarantee/warranty period shall be indicated in the quotation.

Terms of supply within 3 days from the date of receipt of the supply order failing which the entire supply order shall be rejected at the risk and responsibility of the supplier and he/she shall not be entitled for any compensation.

All the information as called for in the quotation call notice should be submitted truly, clearly legible, transparently, unambiguously and without the use of abbreviation.

All crucial figures, like rates and amount should be written in figures followed by words in bracket. Goods and Service Tax position should be clearly mentioned therein.

There should be no over writing in the quotation paper submitted or other papers submitted. All additions, alterations, deletions, cuttings, corrections etc. should be indicated and rubber stamped (or seal) by the same person who signs the quotation failing which the quotation may be rejected.

Submission of more than one competitive bid/quotation by the same firm in response to the quotation call notice is prohibited. All such bids/quotations except one will be cancelled at the discretion of the authority calling the quotations/bids.

The rates quoted shall be inclusive of all taxes, transportation and delivery charges of consumables, if any. The rate quoted should be valid for one year counted from the last date of submission of quotations/bids.

The quotations mentioning the rate of the aforementioned items along with Goods and Service Taxes, other Taxes, if any, and complying with any other Government instructions in this regard should be submitted in sealed cover to the undersigned **within 21 (Twenty one) days of the date of publication of this notice**, superscribing **"Quotation for supplying computer items i.e. Original cartridge for HP Printer of P1108/1007 model, and Original cartridge for RICOH SP-6430 DN"** on the cover.

The undersigned reserves the right to cancel any or all quotations without assigning any reason thereof.

*DEPUTY REGISTRAR*

18009/11/0001/1819



## ODISHA TOURISM DEVELOPMENT CORPORATION LIMITED

**(A GOVT. OF ODISHA UNDERTAKING)**
**PANTHANIVAS (OLD BLOCK), LEWIS ROAD, BHUBANESWAR-14**
E-mail : otdc@panthanivas.com, Tel. -(0674)- 2432477, Fax:- (0674)-2431053

Letter No.- 6053 Date: 17.09.2018

**NOTICE INVITATION FOR BIDS (NIFB)**

**e-Procurement Notice No. BP -III/13/2018-19 dt.17.09.2018**

No.CAD-849

1. Nature of Work : Construction & Finishing Works.
2. Total Nos. of Works : 03 (Three) Nos.
3. Tender cost of the works : From Rs. 48.25 to Rs. 324.68 lakhs.
4. Bid security : 1% of the amount put to tender.
5. Class of Contractor : "B" & "A" to "A" & "Special Class"
6. Period of Completion : 6 (Six) Months to 11 (Eleven) Months
7. Other details as follow

| Procurement Officer | Bid Identification No. | Availability of Bid online | | Payment Mode | Date & Time & Place of opening of Tender |
|---|---|---|---|---|---|
| Executive Engineer B.P. Divn. No.- III O.T.D.C. Ltd. | BP - III/13/2018-19 dt.17.09.2018 | From:- 25.09.2018 | To:- 09.10.2018 | Online | Dt.10.10.2018 at 11.30 A.M. in the office of the Executive Engineer, B.P. Divn. No.- III O.T.D.C. Ltd. |

Further details can be seen from the Government website: **www.etenderodisha.gov.in**.

**Sd./- Executive Engineer,**
**Building Project Division No. III,**
**O.T.D.C. Ltd, Bhubaneswar**

37002/11/0044/1819



## BHUBANESWAR MUNICIPAL CORPORATION

**No. 31113 COMPETITIVE BIDDING THROUGH e-Procurement Dt.18/09/18**

**NOTICE INVITING TENDER**
**Bid Reference No. BMC-EED-II/05 (EL)/2018-19,Dt.18.09.2018**

On behalf of the Commissioner, Bhubaneswar Municipal Corporation (BMC), on-line e-tender Percentage Rate Bids in conformity with the Detailed Tender Call Notice are invited by the Executive Engineer-II, BMC for execution of the works mentioned in the tender call notice.

Only the Bid Reference No. **(BMC-EED-II/05(EL)/2018-19)** should be written clearly over (superscribed) the envelop containing the bid documents to be submitted by each intending bidder vide Cl.4 below of "Information for the Intending Bidders" of this Notice. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. Such envelops shall be refunded on demand with proper acknowledgement. The affidavit to be submitted/furnished by the intending bidders should feature Name of the Work and/or its Sl. No. In case of any mis-match or inconsistency or contradict among different clauses/conditions/instructions/information furnished in this tender call notice or in the DTCN, then necessary clarification shall be issued by BMC on specific request without compromising the transparency and intention of BMC behind this tendering process.

In order to keep pace with the recent developments and simplifications of tendering procedures, BMC Division No-II has been pursuing through various reforms. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. Clarifications required, if any, on any matter related to this tender notice, shall be furnished by an authorized officer, Sri Ajit Kumar Behera AEE (Tel. No.9437292355) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **07** Nos.
2. Place of Execution : Different locations of Bhubaneswar Municipal Corporation
3. Estimated Cost of Individual Work : Rs. 110635/- to Rs. 481473/-
4. Eligible Class of Contractors –: Registered Contractors from **ELBO** of H.V & M.V as indicated against each work in DTCN.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11 A.M on dt.20.09.2018 to 5 P.M on dt.29.09.2018** for online bidding.
7. Bids received online will be opened at **11 A.M on dt.04.10.2018.**
8. The bidder must possess valid Compatible **Digital Signature Certificate (DSC).**
9. The DTCN and the tender call notice for **07** Nos. of work can be seen in the e-procurement portal https://www.tendersodisha.gov.in.

**On behalf of Commissioner, BMC, Bhubaneswar**
**Executive Engineer,BMC Division No.-II**

**Progress Through Partnership for a Better Bhubaneswar**



# କାହାକୁ ବାହାହେବେ ରିୟା

ଅଭିନେତ୍ରୀ ରିୟା କାହା ହାତ ଧରି ଘର ସଂସାର କରିବେ। ଏହାକୁ ନେଇ ସେ ଗୋଲକ ଧନ୍ଦାରେ ପଡିଯାଇଛନ୍ତି। ଏହାକୁ ନେଇ ସେ ଖୁସି ହେବେ କ'ଣ ତାଙ୍କର ଟେନସନ ବଢ଼ିଯାଇଛି। ଘଟଣା ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦେବା ପୂର୍ବରୁ ଅସଲ କଥା ଜଣାଇ ଦେବା ଠିକ୍ ହେବ। ଏଭଳି କଥାର ରିୟାଙ୍କ ରିୟଲ ନୁହେଁ ରିଲ୍ ଲାଇଫ ସହ ସଂଯୋଗ ରହିଛି। ହଁ, ତାଙ୍କୁ ଏଭଳି ଏକ ଭୂମିକା ମିଳିଛି ନୂଆ ଓଡ଼ିଆ ସିନେମା 'ପ୍ରେମ ପାଇଁ ମହାଭାରତ'ରେ। ଜଣେ ସୁନ୍ଦରୀକୁ ବାହା ହେବାକୁ ୫-୬ ଜଣ ଚାତକ ପରି ଚାହିଁ ବସିଛନ୍ତି। କାରଣ ଏକ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ତାକୁ ୫-୬ଜଣ ଉଦ୍ଧାର କରିଛନ୍ତି। ଧୀରେ ଧୀରେ ଜଣେ ଝିଅକୁ ସେମାନେ ବାହା ହେବାକୁ ମନସ୍ଥ କରିଛନ୍ତି। ତେବେ କିଏ ବାହା ହେବ ? ଏଭଳି ଘଟଣାର ସମାଧାନ ପାଇଁ ଯାହାକୁ ଧରି ଆଣିଛନ୍ତି ସେ ହେଉଛନ୍ତି ଉକ୍ତ ଯୁବତୀର ପ୍ରେମିକ। ବାସ୍, ତା'ପରେ ଘଟଣା କି ମୋଡ ନେଉଛି ତାହାକୁ ନେଇ ସିନେମାର କାହାଣୀ ଆଗେଇଛି। ଆଚାର୍ଯ୍ୟ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟଙ୍କ ପ୍ରଯୋଜନାରେ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ନିରଞ୍ଜନ ବେହେରା। ରିୟା, ସମ୍ବିତ, ସମରେଶ, ପିଣ୍ଟୁ ନନ୍ଦ, ଶ୍ରୀତମ ଦାସ, ପୁପିନ୍ଦର, ବବି ମିଶ୍ର, ବିଜୁ ବଡଜେନ, ଗୁଞ୍ଜୁ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।

# ଗୋଟିଏ ସିନେମା, ଦୁଇଟି ଇଣ୍ଟରଭାଲ




ସାଧାରଣତଃ ଗୋଟିଏ ସିନେମାରେ ଗୋଟିଏ ହିଁ ଇଣ୍ଟରଭାଲ ଥାଏ। କାହାଣୀ ଏକ ନିର୍ଣ୍ଣାୟକ ମୋଡରେ ଗତି କରୁଥିବା ବେଳେ ହଠାତ୍ ପରଦା ଉପରେ ଲେଖି ହୋଇଯାଏ 'ଇଣ୍ଟରଭାଲ'। ସେହି ସ୍ୱଳ୍ପ ସମୟରେ ସିନେମା ଭିତରେ ପାଖାପାଖି ଦେଢ଼ ଘଣ୍ଟା ବୁଡି ରହିଥିବା ଦର୍ଶକ ମାଇଣ୍ଡ ଫ୍ରେଶ କରିଥାଆନ୍ତି। ହେଲେ ଏପରି ଏକ ହିନ୍ଦୀ ସିନେମା ଅଛି ଯେଉଁଥିରେ ଦୁଇଟି ଇଣ୍ଟରଭାଲ ଥିଲା। ବଲିଉଡ୍‌ର ଶୋ' ମ୍ୟାନ୍ ରାଜ କପୁରଙ୍କ ପ୍ରଯୋଜିତ, ନିର୍ଦ୍ଦେଶିତ ତଥା ଅଭିନୀତ ସେହି ସିନେମାଟି ହେଲା 'ମେରା ନାମ ଜୋକର'। ୧୯୭୦ରେ ରିଲିଜ ହୋଇଥିବା ଏହି ଫିଲ୍ମର ଅବଧି ଥିଲା ୨୪୪ ମିନିଟ୍। ରାଜ କପୁରଙ୍କ ବ୍ୟତୀତ ଏଥିରେ ସିମି ଗେରେୱାଲ, ମନୋଜ କୁମାର, ଋଷି କପୁର, ଧର୍ମେନ୍ଦ୍ର, ଦାରା ସିଂ ଏବଂ ରାଜେନ୍ଦ୍ର କୁମାର ଅଭିନୟ କରିଥିଲେ। କେ.ଏ. ଆବାସ କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଶଙ୍କର ଜୟକିଶନ।

# ମୌନ ଅବତାର

ଦୀପିକା ପାଦୁକୋନଙ୍କୁ ଏବେ ନୂଆ ଅବତାରରେ ଦେଖିବାକୁ ମିଳୁଛି। କାହା ସହ ଅଧିକ କଥାବାର୍ତ୍ତା କରୁନାହାନ୍ତି। କାହା ସହ କଥା ହେଲେ ମାପିଚୁପି କଥା ହେଉଛନ୍ତି। ହେଲେ ହଠାତ୍ ତାଙ୍କର ଏଭଳି ମୌନ ଅବତାର କାହିଁକି ? କଥା କ'ଣ କି ସେ କୁଆଡେ ସଫେଇ ଦେଇ ଦେଇ ହାଲିଆ ହୋଇଗଲେଣି। ରଣବୀର ସିଂଙ୍କୁ ସେ ପତି ଭାବରେ ଗ୍ରହଣ କରିବେ ଏବଂ ଏହି ହାଇପ୍ରୋଫାଇଲ ମ୍ୟାରେଜ ଇଟାଲୀର ଏକ ଦ୍ୱୀପରେ ହେବ-ଏକଥା ତ ସମସ୍ତେ ଜାଣନ୍ତି। ହେଲେ ସେହି ଶୁଭ ଦିନ କେବେ ? ଶୁଣିବାକୁ ମିଳୁଛି ଯେ ନଭେମ୍ବର ୨୦ରେ ବଲିଉଡ୍‌ର ଏହି ଏଲିଜିବ୍‌ଲ ବ୍ୟାଚେଲରଦ୍ୱୟ ସତସିତିକା ଘର ସଂସାର କରିବେ। ନିକଟରେ ମୁମ୍ବାଇସ୍ଥିତ ଏକ ମଲ୍‌କୁ ଦୀପିକା ଶପିଂ ପାଇଁ ଯାଇଥିଲେ। ସେଠାରେ ପ୍ରଶଂସକଙ୍କ ସହ ଭେଟ ହେବା ପରେ ସେ ଏମିତି ହଟହଟା ହେବାକୁ ପଡିବ ତାହା ଜାଣି ନ ଥିଲେ। ପ୍ରିୟ ଅଭିନେତ୍ରୀଙ୍କ ସହ ସେଲ୍‌ଫି ପର୍ବ ଶେଷ ହେବା ପରେ 'କେବେ ବିବାହ କରିବେ କୁହନ୍ତୁ' ବୋଲି ପ୍ରଶ୍ନ ଶୁଣି ଶୁଣି ସେ ବିରକ୍ତ ହୋଇଯାଇଥିଲେ। ହେଲେ ବେଶ୍ ଚତୁରତାର ସହ କହିଥିଲେ, 'ବ୍ୟସ୍ତ ହୁଅନ୍ତୁ ନାହିଁ, ଖୁବ୍ ଶୀଘ୍ର ଏ ବିଷୟରେ ଜାଣିପାରିବେ।' ଆଉ ତା'ପରେ କାଳ ବିଳମ୍ବ ନ କରି କାର୍ ଆଡକୁ ମୁହାଁଇଥିଲେ। ଆଉ ଏବେ କୌଣସି ପ୍ରଶ୍ନ ପଚାରିଲେ ସେ ପ୍ରାୟ ନୀରବ ରହୁଛନ୍ତି। ତେବେ ନିଜ ମ୍ୟାରେଜ ଡେଟ୍ ପ୍ରଶ୍ନକୁ ଆଭୋଏଡ୍ କରିବାକୁ ଦୀପିକାଙ୍କର ଏହା ନୂଆ ଚାଲ୍ ନୁହେଁ ତ !


ଦୀପିକା

# ଯେତିକି ଖୁସି ସେତିକି ଦୁଃଖୀ

ଅନୁଷ୍କା ଶର୍ମାଙ୍କ ମନ ଏବେ ଭଲ ନାହିଁ। ବଲିଉଡ୍‌ରେ ଏଣ୍ଟ୍ରି କଲେ। କେତୋଟି ସିନେମାରେ ଆକ୍ଟିଂ କରିବା ପରେ ନିଜେ ପ୍ରଯୋଜିକା ସିଟ୍‌ରେ ବସିଲେ। ପୁଣି ମନର ମଣିଷ ବିରାଟ କୋହଲିଙ୍କୁ ବିବାହ କଲେ। ତଥାପି ଏବେ ସେ ଯେତିକି ଖୁସି ସେତିକି ଦୁଃଖୀ। କାରଣ କ'ଣ ? ଅସଲ କଥା ହେଲା, ମ୍ୟାଡାମ ଯେଉଁ କାହାଣୀ ଚୟନ କରି ସିନେମା ପ୍ରସ୍ତୁତ କଲେ ତାହାକୁ ଦର୍ଶକ ଗ୍ରହଣ କଲେ ନାହିଁ। ରୋମାଣ୍ଟିକ ରୋଲ୍ ନ ହେଲା ନାହିଁ, ଭୂତୁଣୀ ସାଜି ଉଭା ହେଲେ। କିନ୍ତୁ ଫଳାଫଳ ଏକା। ଫିଲ୍ମଗୁଡିକୁ ଦର୍ଶକ ଏମିତି ପ୍ରତ୍ୟାଖ୍ୟାନ କଲେ ଯେ ସେ ଦୁଃଖକୁ ଭୁଲିବାକୁ ଚାହିଁଲେ ମଧ୍ୟ ସେ ଭୁଲି ପାରୁ ନାହାନ୍ତି। ସେ କହନ୍ତି, 'ଯାହା ଘଟିଗଲା ତାକୁ ଭାବିଲା ବେଳକୁ ମନ ତ ଦୁଃଖ ହେଉଛି। କ'ଣ କରିବା ? ଏଥର ଏପରି କାହାଣୀ ଖୋଜିବି ଯାହା ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ।' ତେଣୁ ଦୈନନ୍ଦିନ କାମକୁ କାଣ୍ଟଛାଣ୍ଟ କରି ସେ କାହାଣୀ ଖୋଜିବାରେ ଲାଗିପଡିଛନ୍ତି। ଏଥର ଅନୁଷ୍କାଙ୍କର କାହାଣୀକୁ ଦର୍ଶକ ଗ୍ରହଣ କରୁଛନ୍ତି ନା ପୁଣି ଥରେ ଫ୍ଲପ ମୁହଁ ଦେଖିବାକୁ ପଡୁଛି ତାହା ସମୟ କହିବ।

# ଟାଇଗର ଶ୍ରଫ

ଅଙ୍କୁରେ

**ବଲଉଡ୍‌ର 'ଲଙ୍ଗ୍ ରେସ୍‌ର ଘୋଡା' ଭାବରେ ତାଙ୍କୁ ବିବେଚନା କରାଯାଏ। ହିନ୍ଦୀ ସିନେମାରେ କ୍ୟାରିୟର ଆରମ୍ଭ କରୁ କରୁ ସେ ଦର୍ଶକଙ୍କ ମନ ଜିଣିବାରେ ସମର୍ଥ ହୋଇଛନ୍ତି। ପ୍ରଥମ ସିନେମା 'ହେରୋପନ୍ତୀ' ବ୍ୟତୀତ ୧୦୦କୋଟି କ୍ଲବରେ ସାମିଲ ହୋଇଥିବା 'ବାଗୀ', 'ଏ ଫ୍ଲାଇଙ୍ଗ ଜ୍ୟାଟ୍', 'ବାଗୀ-୨'କୁ ତାଙ୍କ ଅଭିନୟ ଦକ୍ଷତାର ମାପକାଠି ଭାବରେ ନିଆଯାଇପାରେ। ସେ ହେଲେ ଅନ୍ୟତମ ଲୋକପ୍ରିୟ ଅଭିନେତା ଜ୍ୟାକି ଶ୍ରଫଙ୍କ ସୁପୁତ୍ର ଟାଇଗର।**

- ଟାଇଗର ୧୯୯୦ ମାର୍ଚ୍ଚ ୨ରେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ।
- ତାଙ୍କର ପ୍ରକୃତ ନାମ ହେଲା ଜୟ ହେମନ୍ତ ଶ୍ରଫ।
- ୨୦୧୪ରେ ପ୍ରଯୋଜକ-କମ୍-ନିର୍ଦ୍ଦେଶକ ସାଜିଦ ନାଦିୱାଦୱାଲା ତାଙ୍କୁ 'ହେରୋପନ୍ତୀ'ର ନାୟକ ଭାବରେ ବ୍ରେକ୍ ଦେଇଥିଲେ ଏବଂ ଫିଲ୍ମଟି ସୁପରହିଟ୍ ହୋଇଥିଲା। ଏହି ଫିଲ୍ମ ପାଇଁ ତାଙ୍କୁ ଫିଲ୍ମ ଫେୟାର ପୁରସ୍କାର (ବେଷ୍ଟ ମେଲ୍ ଡେବ୍ୟୁ) ମିଳିଥିଲା।
- ଟାଇଗର କେବଳ ଜଣେ ଅଭିନେତା ନୁହନ୍ତି ସେ ଏକାଧାରରେ ମାର୍ଶଲ ଆର୍ଟ, ଜିମ୍‌ନାଷ୍ଟିକ ଏବଂ ଡ୍ୟାନ୍ସରେ ପାରଙ୍ଗମ।
- 'ଧୁମ-୩' ସମୟରେ ସେ ଆମିର ଖାଁଙ୍କ ଫିଜିକ୍ ଗଠନରେ ସାହାଯ୍ୟ କରିଥିଲେ।
- 'ହେରୋପନ୍ତୀ'ର ଶୁଟିଂ ପୂର୍ବରୁ ଟାଇଗର ତିନିବର୍ଷ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଜିମ୍‌ନାଷ୍ଟିକ୍ ପ୍ରଶିକ୍ଷକ ଜିଲ୍ଲେମୱାନୀଙ୍କ ଅଧୀନରେ ଜିମ୍‌ନାଷ୍ଟିକ ଅଭ୍ୟାସ କରିଥିଲେ।
- ଟାଇଗର କୌଣସି ନିଶାଦ୍ରବ୍ୟ ସେବନ କରନ୍ତି ନାହିଁ।
- ଟାଏକୋଣ୍ଡୋରେ ସେ ବ୍ଲାକବେଲ୍ଟ ହାସଲ କରିଛନ୍ତି।
- ପ୍ରଥମେ ଟାଇଗର ଡ୍ୟାନ୍ସ ପ୍ରତି ଆକର୍ଷିତ ହୋଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ମାର୍ଶଲ ଆର୍ଟ ଶିଖିଥିଲେ।



## ଅପେରା ହାଲ୍‌ଚାଲ୍

# ଷ୍ଟାଇଲିଶ୍ ସିଙ୍ଗରଙ୍କ ଅକୁହା କଥା


ଦିନେଶ

ଜଲିଉଡ୍‌ର ଷ୍ଟାଇଲିଶ୍ ସିଙ୍ଗର ଦିନେଶ। ତାଙ୍କର ଷ୍ଟାଇଲ୍ ଆଉ ସିଙ୍ଗିଙ୍ଗ ନିଆରା। ତେବେ ତାଙ୍କର ଯାତ୍ରାକୁ ଆସିବାର କାହାଣୀ ଯେତିକି ନାଟକୀୟ; ସେତିକି ରୋମାଞ୍ଚକର। ସେ ସେତେବେଳେ ହିନ୍ଦୁସ୍ତାନୀ କ୍ଲାସିକାଲ୍ ଶିଖୁଥାନ୍ତି। ଆଉ ଅର୍କେଷ୍ଟ୍ରାରେ ଗୀତ ଗାଉଥାନ୍ତି। ଦିନକର କଥା। ଯେନାପୁରରେ ଶୁଭଶ୍ରୀ ଗଣନାଟ୍ୟ ପଡ଼ିଥାଏ। ସେଠାରେ ତାଙ୍କର ଭିଣୋଇ ଅଚ୍ୟୁତବାବୁ ପରିଚାଳକ ଥା'ନ୍ତି। ମାତ୍ର ଗୋଟିଏ ରାତି ଯାତ୍ରା ସରିଥାଏ। କୌଣସି କାରଣ ପାଇଁ ପାର୍ଟିର ମୁଖ୍ୟ ଗାୟକ କୁଆଡ଼େ ଗାଏବ ହୋଇଗଲେ। ପାର୍ଟିରେ ଭାଳେଣି ପଡ଼ିଲା ଗୀତ ଗାଇବ କିଏ ? ଅଚ୍ୟୁତବାବୁ ପାର୍ଟିର ମାଲିକଙ୍କୁ କହିଲେ, 'ସେମାନେ କବାଟବନ୍ଧ (ଦିନେଶଙ୍କ ଗାଁ) ଯାଆନ୍ତୁ। ସେହି ଗାଁରେ ମୋର ଜଣେ ଶାଳକ ଅଛି – ଦିନେଶ। ତାକୁ ମୋ କଥା କହି ଡାକିଆଣିବେ।' ଦିନେଶ କିନ୍ତୁ ରାଜି ନ ଥିଲେ ଯାତ୍ରାକୁ ଆସିବା ପାଇଁ। କାରଣ ସେତେବେଳେ ସେ ମ୍ୟୁଜିକ୍ ଶିଖୁଥାନ୍ତି। ସେମାନେ କିନ୍ତୁ କିଛି ନ ଶୁଣି ତାଙ୍କ ବାପାଙ୍କ ହାତରେ ଗୋଟିଏ ରାତି ପାଇଁ ତିନିହଜାର ଟଙ୍କା ଧରେଇଦେଲେ। ବାସ୍, ତାଙ୍କ ବାପାଙ୍କ କଥାକୁ ଏଡାଇ ନ ପାରି ଦିନେଶ ପାଦ ଦେଲେ ଯାତ୍ରା ଦୁନିଆରେ। ଦିନେଶ ମେଲୋଡି କାମ ସିନା ଚଲେଇ ନେଲେ ହେଲେ ନାଟକର ଟାଇଟଲ୍, ସିକ୍ୱେନ୍ସ ପୁଣି ଡୁଏଟ୍ ଗାଇବେ କେମିତି। ପାର୍ଟିର ମାଲିକ କହିଲେ- ସେସବୁ ଆମେ ବୁଝିବୁ। ସେଠାରେ ଅନି ବୋଲି ଜଣେ ଲେଡି ସିଙ୍ଗର ତାଙ୍କୁ ଖୁବ୍ ସାହାଯ୍ୟକଲେ। ଠାକୁରଙ୍କୁ ମୁଣ୍ଡିଆମାରି ଦିନେଶ ପ୍ରଥମଥର କରି ଗାଇଲେ ନାଟକ ଗୀତ। ତା'ପରେ ତାଙ୍କୁ ଛାଡ଼େ କିଏ ? ସେଇ ଯେ ଅଛନ୍ତି। ଆଉ ଏବେ ତାରିଣୀ, ତୁଳସୀ, ପାର୍ବତୀ ଆଦି ବହୁ ନାଟ୍ୟାନୁଷ୍ଠାରେ ସଫଳତାର ଗୀତ ଗାଇ ଏବେ ଧଉଳିରେ ଅଛନ୍ତି। ସ୍ତ୍ରୀ ରୀତାଞ୍ଜଳିଙ୍କ ପ୍ରେରଣାକୁ ଜୀବନରେ ସବୁଠୁ ବେଶି ଗୁରୁତ୍ୱ ଦେଉଥିବା ଦିନେଶ କହନ୍ତ, ଗୀତ ଓ ବାଦ୍ୟଶିଳ୍ପୀଙ୍କୁ ଛାଡ଼ି ନାଟକ ନାହିଁ। ହେଲେ ପାର୍ଟିରେ ସେମାନେ ହିଁ ବେଶି ଅବହେଳିତ।



# ଆଶାରେ ଏଲସା

ବଙ୍ଗୀୟ ଅଭିନେତ୍ରୀ ଏଲସା ଘୋଷ। କେବଳ ଓଡିଆ ନୁହେଁ, ଛତିଶଗଡି, ତେଲୁଗୁ ସିନେମାରେ ଅଭିନୟ କରିବା ପରେ ଏବେ ତାଙ୍କୁ ବଲିଉଡ୍‌ରେ ସୁଯୋଗ ମିଳିଛି। ଓଡ଼ିଆ ଚଳଚ୍ଚିତ୍ର 'ଦିପୁ : ଦି ଡ୍ୟାନ୍ସିଙ୍ଗ ବୟ'ରେ। ତା'ପରେ ଛତିଶଗଡି ଫିଲ୍ମ 'ମାୟାରୁ ଗଙ୍ଗା'ରେ ନିଜ ଅଭିନୟ ଦକ୍ଷତାର ପ୍ରମାଣ ଦେଇଥିଲେ ଏହି ଅଭିନେତ୍ରୀ। ଏହା ପରେ ଓଡିଆ ସିନେମା 'ଭୈରବ'ରେ ପପୁ ପମ୍‌ପମ୍‌ଙ୍କ ସହ ତାଙ୍କୁ ଦେଖିବାକୁ ମିଳିଥିଲା। ଏସ. ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ତୁ ମୋ ସୁନା ଚଢ଼େଇ'ର ନାୟିକା ଭୂମିକାରେ ଅଭିନୟ କରୁଛନ୍ତି ଏଲସା। ଆଉ ଏଥିରେ ସେ ଜ୍ୟୋତି ନାୟକଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି। ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଏଲସା। ଜ୍ୟୋତି-ଏଲସାଙ୍କ ବ୍ୟତୀତ ଏହି ଫିଲ୍ମର ଅନ୍ୟତମ ଆକର୍ଷଣ ହେଉଛନ୍ତି ରାଇମୋହନ (ଅଘୋରି) ଏବଂ ଅପେରା ଜଗତର ନାମୀ ଖଳନାୟକ ଦଇତାରି ପଣ୍ଡା। 'ସମାଜର ସବୁ ବର୍ଗର ଲୋକଙ୍କୁ ଦୃଷ୍ଟିରେ ରଖି ଫିଲ୍ମଟି ନିର୍ମାଣ କରାଯାଇଛି। ଅନ୍ୟପକ୍ଷରେ ବୈଦ୍ୟନାଥ ଦାଶଙ୍କ ସ୍ୱର ସଂଯୋଜିତ ଗୀତଗୁଡିକ ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି କହନ୍ତି ଏହାର ନିର୍ଦ୍ଦେଶକ। ଏହା ବ୍ୟତୀତ ଦୁଇଟି ତେଲୁଗୁ ଫିଲ୍ମ 'ଆଶାଦମ୍ପ' ଏବଂ 'କ୍ରିଷ୍ଣା ରାଓ ସୁପରମାର୍କେଟ'ରେ ଦେଖିବାକୁ ମିଳିଛି ଏଲସାଙ୍କୁ।

“ ବିଓବି, ଦେନା, ବିଜୟା ବ୍ୟାଙ୍କ ମିଶ୍ରଣ ପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପ ଦ୍ୱାରା ବ୍ୟାଙ୍କଗୁଡ଼ିକର ପରିଚାଳନା ଦକ୍ଷତା ବୃଦ୍ଧି ହେବ।

– କ୍ରିଷ୍ଣନ ସୀତାରମଣ, ବରିଷ୍ଠ ନିର୍ଦ୍ଦେଶକ, କ୍ରିସିଲ ରେଟିଂ



“ ସାର୍କ ରାଷ୍ଟ୍ର ସମୂହକୁ ଆପ୍ଲାଏନ୍ସ ରପ୍ତାନୀ ଲାଗି ଭାରତ ବଜାର ଗୁରୁତ୍ୱପୂର୍ଣ୍ଣ। ଏଠାରୁ ୧୦୦ କୋଟି ଟଙ୍କାର ରପ୍ତାନୀ ନେଇ ଯୋଜନା ଧାର୍ଯ୍ୟ ହୋଇଛି।

– ହିଦେନୋରୀ ଆସୋ, ପାନାସୋନିକ ଆପ୍ଲାଏନ୍ସ ଇଣ୍ଡିଆ ଏମ୍‌ଡି



## ସଂକ୍ଷେପରେ

### ୬୧ ପଇସା ସମୃଦ୍ଧ ହେଲା ଭାରତୀୟ ମୁଦ୍ରା



ମୁମ୍ବାଇ, ୧୯-୯(ପି.ଟି.): ଦୀର୍ଘ ଦେଢ଼ବର୍ଷ ପରେ ପ୍ରଥମ ଥର ପାଇଁ ଗୋଟିଏ ଦିନରେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୬୧ ପଇସା ସମୃଦ୍ଧ ହୋଇଛି। ଫଳରେ ମଙ୍ଗଳବାର ଏକ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୭୨ ଟଙ୍କା ୯୮ ପଇସା ଥିବାବେଳେ ବୁଧବାର ଏହା ୭୨ ଟଙ୍କା ୩୭ ପଇସା ହୋଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ହ୍ରାସ ପାଇବାରୁ ମୁଦ୍ରା ମୂଲ୍ୟରେ ବୃଦ୍ଧି ଘଟିଛି। ସୂଚନା ଅନୁସାରେ ଡଲାର ତୁଳନାରେ ମୁଦ୍ରାର ମୂଲ୍ୟ ଦୀର୍ଘ ଦେଢ଼ବର୍ଷ ପରେ ଗୋଟିଏ ଦିନରେ ୦.୮୪% ବୃଦ୍ଧି ପାଇଛି। ସେହିପରି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ସେନସେକ୍ସରେ ୧୬୯ ପଏଣ୍ଟ୍ ହ୍ରାସ ଘଟି କାରବାର ଶେଷରେ ୩୭,୧୨୧.୨୨ ପଏଣ୍ଟ୍‌ରେ ବନ୍ଦ ହୋଇଛି। ଦିଲ୍ଲୀ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ନିଫ୍ଟିରେ ୪୪.୫୫ ପଏଣ୍ଟ୍ ହ୍ରାସ ଘଟି ଏହା ୧୧,୨୩୪.୩୫ ପଏଣ୍ଟ୍‌ରେ ବନ୍ଦ ହୋଇଛି।

### ପିଏନ୍‌ବି ଦୁର୍ନୀତି

### ଦେଶର ସବୁଠୁ ବଡ଼ ଆଇନ ପରାମର୍ଶଦାତା କମ୍ପାନୀ ଉପରେ ସିବିଆଇ ନଜର



ନୂଆଦିଲ୍ଲୀ,୧୯-୯: ବହୁଚର୍ଚ୍ଚିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଦୁର୍ନୀତି ମାମଲାରେ ସମ୍ପୃକ୍ତି ଥିବା ନେଇ ଦେଶର ସର୍ବବୃହତ୍ ଆଇନ ପରାମର୍ଶଦାତା କମ୍ପାନୀ ସିରିଲ ଅମରଚାନ୍ଦ ମଙ୍ଗଲଦାସ ଉପରେ ଏବେ ସିବିଆଇର ନଜର ପଡିଛି। ଚଳିତ ବର୍ଷ ଫେବୃୟାରୀରେ ଏହି କମ୍ପାନୀରେ ସିବିଆଇ ଚଢ଼ାଉ କରିଥିଲା। ସେଠାରୁ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ପିଏନ୍‌ବି ଋଣ ଦୁର୍ନୀତି ସଂକ୍ରାନ୍ତୀୟ ବହୁ ଆପତ୍ତିଜନକ କାଗଜପତ୍ର ଉଦ୍ଧାର କରିଥିଲା। ଉକ୍ତ ଦୁର୍ନୀତି ମାମଲାରେ ଏଜେନ୍ସି ଏବେ ସିରିଲ ଅମରଚାନ୍ଦର ଭୂମିକା ସମ୍ପର୍କରେ ଯାଞ୍ଚ କରୁଛି ବୋଲି ମାମଲା ପରିଚାଳନା କରୁଥିବା ଜଣେ ଓକିଲ କେ.ରାଘବଆଚାର୍ଯ୍ୟୁଲୁ କହିଛନ୍ତି। ସେ କହିଛନ୍ତି ଯେ, ଉକ୍ତ ଆଇନ କମ୍ପାନୀ ନୀରବ ମୋଦିଙ୍କ ବ୍ୟକ୍ତିଗତ ମାମଲା ପରିଚାଳନା କରୁଥିଲା। ତେବେ ଏହା ନିକଟରୁ ପିଏନ୍‌ବି ଋଣ ସଂକ୍ରାନ୍ତୀୟ କାଗଜପତ୍ର ମିଳିବା ଯାଞ୍ଚ ଏଜେନ୍ସିକୁ ଚକିତ କରିଛି। ଏସମ୍ପର୍କରେ କମ୍ପାନୀ ମୁଖପାତ୍ର ମଧୁମିତା ପଲ୍ କହିଛନ୍ତି ଯେ, ଅଦାଲତରେ ମାମଲା ଚାଲିଥିବାରୁ କିଛି କହିପାରିବେ ନାହିଁ। ତେବେ ତାଙ୍କ କମ୍ପାନୀ ଆଇନକୁ କଡାକଡି ପାଳନ କରିଥାଏ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ନୀରବ ମୋଦିଙ୍କ ବିରୋଧରେ ଆଗତ ଚାର୍ଜସିଟ୍‌ରେ ଉକ୍ତ କମ୍ପାନୀଙ୍କୁ ପକ୍ଷଭୁକ୍ତ କରାଯାଇନି।

# ଜାତୀୟ ରାଜପଥ ନିର୍ମାଣରେ ବାଧକ ଏନ୍‌ପିଏ

ନୂଆଦିଲ୍ଲୀ,୧୯–୯

- ବ୍ୟାଙ୍କଗୁଡ଼ିକ ଋଣ ଦେଉନାହାନ୍ତି
- ଅର୍ଥ ଅଭାବରୁ କଣ୍ଟ୍ରାକ୍ଟର ନିର୍ମାଣ କରିପାରୁନି ସଡ଼କ
- ୨୦୨୨ ସୁଦ୍ଧା ୮୪ ହଜାର କିମି ରାସ୍ତା ନିର୍ମାଣ ଲଟକିପାରେ

ବଡ଼ ବଡ଼ କମ୍ପାନୀ ଋଣ ନେଇ ଆଉ ପରିଶୋଧ କଲେ ନାହିଁ। ଫଳରେ ଏହା ଅନାଦାୟ ଋଣ(ଏନ୍‌ପିଏ) ହେଲା। କେନ୍ଦ୍ର ସରକାର ଜାତୀୟ ରାଜପଥ ନିର୍ମାଣକୁ ଦ୍ରୁତଗତିରେ ଆଗେଇ ନେଉଥିବା ବେଳେ ଏବେ ଏହି ଏନ୍‌ପିଏ ଏଥିରେ ବାଧକ ସାଜିଛି। ଏକଥା ଆଉ କେହି ନୁହେଁ କେନ୍ଦ୍ର ସଡ଼କ ପରିବହନ, ଜାତୀୟ ରାଜପଥ ନିର୍ମାଣ ଓ ଜାହାଜ ଚଳାଚଳ ମନ୍ତ୍ରୀ ନୀତୀନ ଗଡ଼କରୀ ପ୍ରକାଶ କରିଛନ୍ତି।

ବ୍ଲୁମବର୍ଗ ଇକୋନୋମିକ୍ ଫୋରମରେ ଯୋଗ ଦେଇ ଗଡ଼କରୀ କହିଛନ୍ତି ଯେ, ଏବେ ବ୍ୟାଙ୍କଗୁଡ଼ିକ ଦେଶର ଢ଼ାଞ୍ଚାଗତ ପ୍ରକଳ୍ପ ନିର୍ମାଣ ଗତିକୁ ଧିମା କରିବା ଆରମ୍ଭ କଲେଣି। ସେ କହିଛନ୍ତି, ସଡ଼କ ନିର୍ମାଣ ଲାଗି ଠିକାଦାରଙ୍କୁ ବ୍ୟାଙ୍କ ଋଣ ଦେଉନି। ଏଥିପାଇଁ ସେମାନେ ବ୍ୟାଙ୍କ ଗ୍ୟାରେଣ୍ଟି ମଧ ଦେଉ ନାହାନ୍ତି। ଫଳରେ ୨୦୨୨ ସୁଦ୍ଧା ଦେଶରେ ୮୪ ହଜାର କିମି ସଡ଼କ ନିର୍ମାଣ ଲାଗି କେନ୍ଦ୍ର ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ତାହା ଅଧୁରା ରହିଯିବ ବୋଲି ଗଡ଼କରୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନ ବେଳେ ଏବେ ମାପିଚୁପି ନିଷ୍ପତ୍ତି ନେଉଛନ୍ତି। ଉଦ୍ୟୋଗ, ନିବେଶ, ଠିକାକାର୍ଯ୍ୟ, ରୋଜଗାର ସୃଷ୍ଟି ଓ ସର୍ବୋପରି ଅର୍ଥନୀତି ପାଇଁ ବ୍ୟାଙ୍କଗୁଡ଼ିକରୁ ସକାରାତ୍ମକ ସମର୍ଥନ ମିଳିବା ଦରକାର। ବ୍ୟାଙ୍କଗୁଡ଼ିକରୁ ସହାୟତା ମିଳୁଛି ସତ, କିନ୍ତୁ ଅତ୍ୟନ୍ତ ଧିମା ଗତିରେ ଏହା ଚାଲିଛି। ସେ କହିଛନ୍ତି, ଜାତୀୟ ରାଜପଥର ଆଧୁନିକୀକରଣ ଲାଗି ଲକ୍ଷାଧିକ କୋଟି ଟଙ୍କାର ଆବଶ୍ୟକତା ରହିଛି। କିନ୍ତୁ ଏନ୍‌ପିଏ ବୃଦ୍ଧି ଯୋଗୁ ବ୍ୟାଙ୍କଗୁଡ଼ିକ ଏବେ ଅଧିକ ସତର୍କ ହୋଇଗଲେଣି। ଋଣ ଦେବା ବେଳେ ସେମାନେ ଏବେ ଟାଳଟୁଳ ନୀତି ଆପଣାଇଲେଣି। ଉଲ୍ଲେଖଥାଉ କି, ଗତ ମେ'ରେ ଏସ୍‌ବିଆଇ ଅଧକ୍ଷ ରଜନୀଶ କୁମାର କହିଥିଲେ ଯେ, ଋଣ ପ୍ରଦାନ କରିବା ଲାଗି ଏବେ ବ୍ୟାଙ୍କ ଅଧିକାରୀ ପଛାଉଛନ୍ତି। କାରଣ ନିଷ୍ପତ୍ତି ଭୁଲ୍ ହୋଇଗଲେ ଏଥିପାଇଁ ଯାଞ୍ଚର ସମ୍ମୁଖୀନ ହେବାକୁ ପଡିବ ବୋଲି ସେମାନେ ମନେ କରୁଛନ୍ତି। ଏଭଳି ବହୁ ନଜିର ରହିଛି। ଗଡ଼କରୀ କହିଛନ୍ତି ଯେ, ଜାତୀୟ ରାଜପଥ ପ୍ରାଧିକରଣ ଗତ ମାସରେ ଏସ୍‌ବିଆଇ ଠାରୁ ୨୫ ହଜାର କୋଟି ଟଙ୍କା ଋଣ ନେଇଛି। ଏହି ଋଣ ଯେ ସୁରକ୍ଷିତ ଏହା ସମ୍ପୃକ୍ତ ବ୍ୟାଙ୍କ ଜାଣିପାରୁନି।

# ଏକାଧିକ ନୂଆ ଉତ୍ପାଦ ଆଣିଲା ବଟରଫ୍ଲାଏ

ଭୁବନେଶ୍ୱର,୧୯–୯(ବ୍ୟୁରୋ)




ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଦେଶର ପ୍ରମୁଖ କିଚେନ ଏବଂ ହୋମ୍ ଆପ୍ଲିଆନ୍ସେସ୍ ବ୍ରାଣ୍ଡ 'ବଟର୍‌ଫ୍ଲାଏ' ଏହାର ବିଭିନ୍ନ ସେଗ୍‌ମେଣ୍ଟରେ ବ୍ୟାପକ ଉତ୍ପାଦ ବଜାର ପ୍ରବେଶ କରାଇଛି। ମିକ୍ସର ଗ୍ରାଇଣ୍ଡର, ଏଲ୍‌ପିଜି ଷ୍ଟୋଭସ୍ ଏବଂ ଟେବୁଲ ଟପ୍ ୱେଟ ଗ୍ରାଇଣ୍ଡର୍ସ କ୍ଷେତ୍ରରେ ନିଜକୁ ମାର୍କେଟ୍ ଲିଡର ଭାବେ ଦାବି କରୁଥିବା ଏହି କମ୍ପାନୀ ନୂଆ ଜେନେରେଶନର ଇଲେକ୍ଟ୍ରିକ୍ ଚିମ୍‌ନିରେ ୫ଟି ମଡେଲ୍ ବଜାରକୁ ଆଣିଛି। ଦୁଇଟି ମଡେଲ୍‌ରେ ନୂଆ ମିକ୍ସର ଗ୍ରାଇଣ୍ଡର ଏବଂ ଇଲେକ୍ଟ୍ରିକ୍ ରାଇସ୍ କୁକର ବଜାର ପ୍ରବେଶ କରିଛି। ସେହିପରି ପ୍ରଥମଥର ପାଇଁ ଫୁଲ୍ ରେଞ୍ଜରେ ଫ୍ଲାସ୍କ ମଧ ଆସିଛି ବୋଲି କମ୍ପାନୀର ସେଣ୍ଟ୍ରାଲ ଜୋନ୍ ଡିଜିଏମ୍ ଅରୁଣ ସାହୁ ପ୍ରକାଶ କରିଛନ୍ତି।

ଏଠାରେ କମ୍ପାନୀ ପକ୍ଷରୁ ଆୟୋଜିତ ଡିଲର୍ସ ମିଟ୍–୨୦୧୮ରେ ବହୁ ସଂଖ୍ୟାରେ ବିକ୍ରେତା ଏବଂ ଡିଲର୍ସ ଅଂଶଗ୍ରହଣ କରିଥିଲେ। କମ୍ପାନୀର ଟ୍ରେଡ୍ ମାର୍କେଟିଂ ମ୍ୟାନେଜର ସେନ୍ଥିଲ୍ ଭାସନ ଅତିଥିଭାବେ ଯୋଗଦେଇ ନୂତନ ଉତ୍ପାଦର ଗୁଣବତ୍ତା ସମ୍ପର୍କରେ ଡିଲରମାନଙ୍କୁ ଅବଗତ କରାଇଥିଲେ। ପାର୍ବଣ ଅବସରରେ ମିକ୍ସର ଗ୍ରାଇଣ୍ଡର, ଇଲେକ୍ଟ୍ରିକ୍ ଚିମ୍‌ନି, ଏଲ୍‌ପିଜି ଗ୍ଲାସ ଷ୍ଟୋଭ୍, ଏଲ୍‌ପିଜି ଷ୍ଟେନ୍‌ଲେସ୍ ଷ୍ଟିଲ୍ କ୍ରୟରେ ଅଫର ସାଙ୍ଗକୁ ନିର୍ଦ୍ଦିଷ୍ଟ ରେଞ୍ଜ୍‌ର ଉତ୍ପାଦରେ ୨୫% ପର୍ଯ୍ୟନ୍ତ ରିହାତି ମଧ ଘୋଷଣା କରାଯାଇଛି। ସୂଚନା ଅନୁସାରେ ବଟର୍‌ଫ୍ଲାଏର ଚେନ୍ନାଇରେ ଦୁଇଟି ମାନୁଫାକ୍ଚରିଂ ୟୁନିଟ ରହିଛି। ବର୍ତ୍ତମାନ ଏହା ଦେଶରେ ବର୍ଷକୁ ବର୍ଷ ହାରାହାରି ୩୩% ହାରରେ ଅଭିବୃଦ୍ଧି କରୁଛି। ଓଡିଶାରେ ୨୦୧୩ରେ ଏହା ପ୍ରବେଶ କରିଥିବା ବେଳେ ୨୦୧୭–୧୮ ଆର୍ଥିକ ବର୍ଷରେ ଏଠାରେ କମ୍ପାନୀ ପ୍ରାୟ ୧୫ କୋଟି ଟଙ୍କା ମୂଲ୍ୟର କାରବାର କରିଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏଥିରେ ୩୦ ରୁ ୩୫% ଅଭିବୃଦ୍ଧି ଲକ୍ଷ୍ୟ ରଖିଛି ବୋଲି ସାହୁ କହିଛନ୍ତି। ସାରା ଦେଶରେ ୫୦୦ରୁ ଉର୍ଦ୍ଧ୍ୱ ଏକ୍ସକ୍ଲୁସିଭ୍ ଡିଷ୍ଟ୍ରିବ୍ୟୁଟର ରହିଥିବା ବେଳେ ଓଡିଶାରେ ୫୦୦ରୁ ଅଧିକ ରିଟେଲ୍ ଆଉଟ୍‌ଲେଟ୍ ଏବଂ ୧୫ ଜଣ ଡିଷ୍ଟ୍ରିବ୍ୟୁଟରଙ୍କ ଦ୍ୱାରା ନିଜକୁ ସକ୍ରିୟ ରଖିଛି। ବିକ୍ରି ପରବର୍ତ୍ତୀ ସେବା ପାଇଁ ପ୍ରତି ଜିଲାରେ ଏହାର ଟେକ୍ନିସିଆନ୍ ଏକ୍ସପର୍ଟ ମଧ ରହିଛନ୍ତି ବୋଲି କମ୍ପାନୀ ପକ୍ଷରୁ ପ୍ରକାଶ।

## କଟକରେ କ୍ରକୋଡାଇଲର ନୂଆ ଶୋ'ରୁମ

କଟକ,୧୯–୯




ପ୍ରମୁଖ ପୁରୁଷ ଫ୍ୟାଶନ ବ୍ରାଣ୍ଡ କ୍ରକୋଡାଇଲ ପକ୍ଷରୁ କଟକର ବକ୍ସବାଟି ରୋଡ୍‌ଠାରେ ବୁଧବାର ପୂର୍ବାହ୍ନରେ ନୂଆ ଶୋ'ରୁମ ଉଦ୍‌ଘାଟିତ ହୋଇଛି। ଏହାକୁ କମ୍ପାନୀର ଏରିଆ ସେଲସ୍ ମ୍ୟାନେଜର ଶୋଭନ ମିଶ୍ର ଉନ୍ମୋଚନ କରିଥିଲେ। ରାଜ୍ୟରେ କ୍ରକୋଡାଇଲର ଏହା ତୃତୀୟ ଫ୍ରାଞ୍ଚାଇଜ୍ ଷ୍ଟୋର ବୋଲି ମିଶ୍ର ସୂଚନା ଦେଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ଉକ୍ତ ବ୍ରାଣ୍ଡ ଏବେ ଯୁବବର୍ଗଙ୍କ ଦ୍ୱାରା ବେଶ ଆଦୃତି ଲାଭ କରିଛି। ଷ୍ଟୋରରେ କ୍ରକୋଡାଇଲର ଟି–ଶାର୍ଟ, ଟ୍ରାଉଜର, ଡେନିମ୍ସ, ଶୀତକାଳୀନ ପୋଷାକ, ପୁରୁଷଙ୍କ ପାଇଁ ଇନରୱେର, ଉପଲବ୍ଧ। ରାଜ୍ୟର ପଶ୍ଚିମାଞ୍ଚଳ ଏବଂ ଦକ୍ଷିଣାଞ୍ଚଳରେ ନୂଆ ଶୋ'ରୁମ ଖୋଲିବାକୁ କ୍ରକୋଡାଇଲ୍ ଯୋଜନା ରଖିଛି। ନିକଟରେ କମ୍ପାନୀ ବାଲେଶ୍ୱର ଏବଂ ଯାଜପୁର ରୋଡରେ ନୂଆ ଷ୍ଟୋର ଖୋଲିଛି। ଏହି ଅବସରରେ ୨୯୯୯ ଟଙ୍କା ଏବଂ ୪୯୯୯ ଟଙ୍କାର କ୍ରୟ ଉପରେ ଆକର୍ଷଣୀୟ ଉପହାର ମିଳିବ ବୋଲି ମିଶ୍ର ସୂଚନା ଦେଇଛନ୍ତି। ଏଥିରେ ଶୋ'ରୁମର ଫ୍ରାଞ୍ଚାଇଜ୍ ଦେବାଶିଷ ସାହୁ, କବିରାଜ ସାହୁ, କମ୍ପାନୀର ବିଜନେସ ଡେଭଲପମେଣ୍ଟ ମ୍ୟାନେଜର ପ୍ରକାଶ କାଞ୍ଚନ ଉପସ୍ଥିତ ଥିଲେ।

## ୨୫ରେ ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିବେ ଜେଟ୍‌ଲୀ

ନୂଆଦିଲ୍ଲୀ,୧୯–୯

କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ଆସନ୍ତା ୨୫ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟମାନଙ୍କୁ ଭେଟିବେ। ଏ ସଂକ୍ରାନ୍ତରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାଙ୍କଗୁଡ଼ିକୁ ପତ୍ର ଲେଖାଯାଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଶକ୍ତିଶାଳୀ ପିଏସ୍‌ୟୁ ବ୍ରାଣ୍ଡ ଭାବେ ପ୍ରତିଷ୍ଠିତ କରିବା ଲାଗି ବ୍ୟାଙ୍କ ମୁଖ୍ୟମାନେ ନୂତନ ଚିନ୍ତାଧାରା ଉପସ୍ଥାପନ କରିବା ପାଇଁ ପ୍ରସ୍ତୁତ ହୋଇ ଆସିବାକୁ ପତ୍ରରେ ନିର୍ଦ୍ଦେଶ ଦିଆଯାଇଛି। କେବଳ ସେତିକି ନୁହେଁ ଗତ ୬ ମାସ ମଧ୍ୟରେ ବ୍ୟାଙ୍କଗୁଡ଼ିକର ପ୍ରଦର୍ଶନ କ'ଣ ଥିଲା ସେ ସମ୍ପର୍କରେ ଅର୍ଥ ମନ୍ତ୍ରୀ ସମୀକ୍ଷା କରିବେ ବୋଲି ବ୍ୟାଙ୍କ ମୁଖ୍ୟମାନେ ପ୍ରକାଶ କରିଛନ୍ତି।

# ବଜାରରେ ଓଜି ହେଭିଡ୍ୟୁଟିର ୱାଟର ଡିସ୍‌ପେନ୍ସର




ଭୁବନେଶ୍ୱର,୧୯–୯

ପ୍ରମୁଖ କମ୍ପାନୀ ଓଜି ହେଭି ଡ୍ୟୁଟି ପକ୍ଷରୁ ନୂଆ ୱାଟର ଡିସ୍‌ପେନ୍ସରର ବଜାର ପ୍ରବେଶ ହୋଇଛି। ସ୍ଥାନୀୟ ଏକ ହୋଟେଲରେ କମ୍ପାନୀର ନିର୍ଦ୍ଦେଶକ ବୈଭବ ଜୈନ, ଅଗୋସ ଜୈନ, ସଞ୍ଜୟ ଗୋଏଲ, ଜାତୀୟ ସେଲସ ମୁଖ୍ୟ ଏସ୍.ପି ସିଂ ଓ ଶାଖା ମୁଖ୍ୟ ବାବି କର ଏହାର ବଜାର ପ୍ରବେଶ କରାଇଥିଲେ। ଏହି ଅବସରରେ କମ୍ପାନୀ ପକ୍ଷରୁ ପୂଜା ସ୍କିମ୍ 'ତ୍ୟୋହାର କା ଉପହାର' ସମ୍ପର୍କରେ ଘୋଷଣା କରାଯାଇଛି। ଏଥିରେ କମ୍ପାନୀ ପ୍ରତି ପ୍ରଡକ୍ଟ ଉପରେ ଉପହାର ପ୍ରଦାନ କରୁଛି। ୨୦ ଇଞ୍ଚର ଏଲ୍‌ଇଡି କ୍ରୟ ଉପରେ ୧ ହଜାର ଟଙ୍କା ମୂଲ୍ୟର କଡାଇ, ୩୨ ଇଞ୍ଚ ଏଲ୍‌ଇଡିରେ ୩ ଲିଟରର ପ୍ରେସରକୁକର ଏବଂ ୪୨ ଇଞ୍ଚରୁ ଅଧିକ ସାଇଜ୍‌ର ଏଲ୍‌ଇଡି କିଣିଲେ ୨,୫୦୦ ଟଙ୍କା ମୂଲ୍ୟର କୁକ୍‌ୱେର ଉପହାର ଭାବେ ପ୍ରଦାନ କରୁଛି। ଏହା ସହ କମ୍ପାନୀ ଅତିରିକ୍ତ ୱାରେଣ୍ଟି ପ୍ରଦାନ କରୁଛି। ୩୨ ଇଞ୍ଚରୁ ଅଧିକ ସାଇଜ୍ ବିଶିଷ୍ଟ ଟିଭି ଉପରେ ୪୨ ମାସ ଏବଂ ୩୨ ଇଞ୍ଚରୁ ନିମ୍ନ ସାଇଜର ଟିଭିରେ ୨ ବର୍ଷର ୱାରେଣ୍ଟି ଦିଆଯାଉଛି। ଏହାର ବିଭିନ୍ନ ପ୍ରଡକ୍ଟ ଶୃଙ୍ଖଳା ଦେଶରେ ୫୦୦୦ରୁ ଅଧିକ ରିଟେଲ କାଉଣ୍ଟରରେ ଉପଲବ୍ଧ। ସେହିଭଳି ରାଜ୍ୟରେ ୬୦୦ ରିଟେଲ ଆଉଟଲେଟରରେ ଏହାର ପ୍ରଡକ୍ଟ ଉପଲବ୍ଧ କରାଉଛି। କମ୍ପାନୀ ଫ୍ୟୁଚର ତଥା ସ୍ମାର୍ଟ ପ୍ରଡକ୍ଟ ଉପରେ ବର୍ତ୍ତମାନ ଧ୍ୟାନ କେନ୍ଦ୍ରିତ କରୁଛି। ଆଗାମୀ ଦିନରେ ପରବର୍ତ୍ତି ପିଢିର ୧ଟିବି କ୍ଷମତା ବିଶିଷ୍ଟ ଟିଭି ଏବଂ ଆଣ୍ଡ୍ରଏଡ ୭.୧ ବୈଶିଷ୍ଟ୍ୟ ଆଣିବା ଦିଗରେ ଏହା କାର୍ଯ୍ୟରତ। ଓଡିଶାରେ ଚଳିତ ବର୍ଷ ୫୦ କୋଟି ଏବଂ ଆସନ୍ତା ବର୍ଷ ୧୦୦ କୋଟି କାରବାର ଲକ୍ଷ୍ୟ ରଖିଛି। ମାର୍ଚ୍ଚ ୨୦୧୮ ଠାରୁ ଓଡିଶାରେ କମ୍ପାନୀ ଏହାର ବ୍ୟବସାୟ ବୃଦ୍ଧି ନେଇ ବିଭିନ୍ନ ପଦକ୍ଷେପ ନେଉଛି। ବଜାରକୁ ଆସିଥିବା ଏହାର ନୂଆ ୱାଟର ଡିସପେନ୍ସରର ବଜାର ଦର ୭,୫୦୦ ଟଙ୍କାରୁ ଆରମ୍ଭ। କମ୍ପାନୀ ୨୦ରୁ ୬୫ ଇଞ୍ଚ ବର୍ଗରେ ଟିଭି ଆଣିଛି। ଏଗୁଡିକର ମୂଲ୍ୟ ୧୭ ହଜାରରୁ ଆରମ୍ଭ ହେଉଛି। ଏଲ୍‌ଇଡି ଟିଭି ବର୍ଗରେ ୧୭ଟି ମଡେଲ ବଜାରକୁ ଆସିଛି। ସେହିଭଳି ବିଭିନ୍ନ ସେଗମେଣ୍ଟରେ ଏସି କମ୍ପାନୀ ବଜାରକୁ ଆଣିଛି। ଏହା ଉତ୍ତରାଖଣ୍ଡର ଡେରାଡୁନଠାରେ ମାନୁଫାକଚରିଂ ୟୁନିଟ ସ୍ଥାପନା କରିଥିବା ସୂଚନା ଦେଇଛି।

## ରାଲ୍‌କୋ ଟାୟାର ପକ୍ଷରୁ ବନ୍ଧୁମିଳନ

କଟକ,୧୯–୯




ରାଲ୍‌କୋ ଟାୟାର ପକ୍ଷରୁ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ୧୯୭୦ରେ ରାମଲୁଭାୟାଙ୍କ ଦ୍ୱାରା ସ୍ଥାପନ ହୋଇଥିବା ରାଲସନ କମ୍ପାନୀ ୪୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଛି। ଏହି ଅବସରରେ କମ୍ପାନୀ ଗ୍ରାହକଙ୍କୁ ଶୁଭେଚ୍ଛା ପ୍ରଦାନ କରିଛି। ଗୁଣବତ୍ତା ଶକ୍ତି, ବିଶ୍ୱାସ ଏବଂ ନୂତନ ଜ୍ଞାନକୌଶଳ ଆଧାରରେ କମ୍ପାନୀ ପ୍ରସ୍ତୁତ କରୁଥିବା ଟାୟାର ତଥା ଟ୍ୟୁବ୍ ଗ୍ରାହକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହୋଇପାରିଛି। ଏହା 'ରାଇଡ ଉଇଥ୍ ପ୍ରାଇଡ୍ ଆଣ୍ଡ ରାଇଡ୍ ଉଇଥ୍ ଟ୍ରଷ୍ଟ'କୁ ନେଇ ଅଗ୍ରସର ହେଉଛି। ରାଲ୍‌କୋ ବର୍ତ୍ତମାନ ୨ ଚକିଆ ଟାୟାର, ୩ ଚକିଆ, ଇ–ଯାନ, ହଲ୍‌କା ବାଣିଜ୍ୟିକ ଯାନ ଏବଂ ଟ୍ରାକ୍ଟର ଭଳି ବିଭିନ୍ନ ଯାନ ପାଇଁ ଟାୟାର ଏବଂ ଟ୍ୟୁବ ମାନୁଫାକ୍ଚରିଂ କରୁଛି। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩ ନିୟୁତ ୟୁନିଟ୍ ରହିଛି। ୨ ହଜାର ଡିଲର ଏବଂ ୪୫ ଶାଖା ଅଫିସ ଦ୍ୱାରା ରାଲ୍‌କୋ ସେବା ଯୋଗାଇ ଦେଉଛି। କାର୍ଯ୍ୟକ୍ରମ ଅବସରରେ ସିଆଣ୍ଡଏଫ୍ ଏଜେଣ୍ଟ କଟକ ଉମରଜିତ ସିଂ ଏବଂ ଅର୍ଶଦିପ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM]
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

# ସମ୍ପତ୍ତି କ୍ଷୟର କାରଣକୁ ଦୃଷ୍ଟିଦେବା ଜରୁରୀ

**ପ୍ର: ମୁଁ ୧୫ ବର୍ଷ ପରେ ମୋ ଇପିଏଫ୍ ପାଣ୍ଠିରୁ ସମସ୍ତ ଟଙ୍କା ଉଠାଣ କରିସାରିଛି। ଏହି ଉଠାଣ ଟଙ୍କା ଉପରେ ଆୟକର ଦେବାକୁ ପଡିବ କି ? ଯଦି ଦେବାକୁ ପଡିବ, ତେବେ କେଉଁ ଆୟ ହିସାବରେ ଦେଖାଇବାକୁ ପଡିବ? ଏ ବିଷୟରେ ପରାମର୍ଶ ଦେବାକୁ ଅନୁରୋଧ।**

**– ସୁଲୋଚନା ବେହେରା, ଅନୁଗୋଳ**

ଉ: ଆୟକର ନିୟମ ଅନୁଯାୟୀ ଯଦି ୫ ବର୍ଷ କ୍ରମାଗତ ଭାବେ ଚାକିରି କରିଥିବେ ଏବଂ ତା'ପରେ ଆପଣ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍)ରୁ ଟଙ୍କା ଉଠାଣ କରିଥିବେ ତେବେ ଏହି ଉଠାଣ ଟଙ୍କା ଉପରେ କର୍ମଚାରୀଙ୍କୁ କୌଣସି ଆୟକର ଦେବାକୁ ପଡିବ ନାହିଁ। ଯେହେତୁ ଆପଣ ୧୫ ବର୍ଷ ପରେ ଇପିଏଫ୍ ଆକାଉଣ୍ଟରୁ ଟଙ୍କା ଉଠାଣ କରିଛନ୍ତି ତେଣୁ ଆପଣଙ୍କୁ କୌଣସି ଆୟକର ଦେବାକୁ ପଡିବ ନାହିଁ।

**ପ୍ର: ମୋ ବୟସ ୫୫ ବର୍ଷ ଓ ଜୀବନରେ ପିଲାମାନଙ୍କର ସମସ୍ତ ସାମାଜିକ ଦାୟିତ୍ୱ ଶେଷ କରିସାରିଛି। ଧରିତ୍ରୀ 'ଅର୍ଥର ଅର୍ଥ' ସ୍ତମ୍ଭର ମୁଁ ଜଣେ ନିୟମିତ ପାଠକ। ମୋର କିଛି ସ୍ଥାବର ସମ୍ପତ୍ତି ଓ କିଛି ଆର୍ଥିକ ସମ୍ପତ୍ତି ରହିଛି। ବ୍ୟାଙ୍କ ସ୍ଥାୟୀ ଜମା, ମ୍ୟୁଚୁଆଲ ଫଣ୍ଡ ଏବଂ ବଣ୍ଡ ସବୁରେ ଏହାକୁ ନିବେଶ କରିଛି। ଏ ସବୁ ସମ୍ପତ୍ତିର ମୂଲ୍ୟ କିପରି ବଢ଼ିବ କିମ୍ବା ଆର୍ଥିକ ନିବେଶ ସମ୍ପତ୍ତି କ୍ରୟ କରିବା ଶକ୍ତି ବା ମୂଲ୍ୟ କିପରି ସୁରକ୍ଷିତ ରହିବ? ସମ୍ପତ୍ତି କ୍ଷୟ ହୋଇପାରେ କି? ଦୟାକରି ଏ ବିଷୟରେ ପରାମର୍ଶ ଲେଖିବେ?**

**– ସୋମନାଥ ସ୍ୱାଇଁ, ସମ୍ବଲପୁର**

ଉ: ପ୍ରାୟତଃ ଆମେ ସମସ୍ତେ ନିଜ ରୋଜଗାରରୁ କିଛି ଅର୍ଥ ଜୀବନର ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରିବା ପାଇଁ ସଞ୍ଚୟ କରିଥାଉ। ଏ ସବୁ ସଞ୍ଚୟ କରିବା ଭିତରେ କିଛି ଧନ ବା ସମ୍ପତ୍ତି ସୃଷ୍ଟି କରିଥାଉ। ସାଧାରଣତଃ ଆମମାନଙ୍କର ସଞ୍ଚୟ ରାଶି ୫ଟି ବିଭାଗରେ ବା ନିବେଶ ସ୍କିମ୍‌ରେ ଯଥା–ଜମି ବାଡି, ଇକ୍ୟୁଟି, ଡେବ୍ଟ, ବହୁମୂଲ୍ୟ ଧାତୁ–ସୁନା ଏବଂ ନଗଦ ଟଙ୍କାରେ ନିବେଶ କରିଥାଉ। ଜୀବନର ଆର୍ଥିକ ଲକ୍ଷ୍ୟ ହାସଲ କରିବା ପାଇଁ ଜୀବନକାଳ ଭିତରେ ଆମେ ସଞ୍ଚୟ କରିଥାଉ। କିନ୍ତୁ ସମସ୍ତ ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରି ସାରିବା ପରେ ଆପଣଙ୍କ ପାଖରେ ସ୍ଥାବର ସମ୍ପତ୍ତି କିମ୍ବା ଅସ୍ଥାବର ସମ୍ପତ୍ତି(ଆର୍ଥିକ ସମ୍ପତ୍ତି) ଅଛି, ତେବେ ଏ କ୍ଷେତ୍ରରେ ପ୍ରଶ୍ନ ଆସେ ଯେ, ନିଜ ସମ୍ପତ୍ତିର ସୁରକ୍ଷା କିପରି କରିବେ ? ଆର୍ଥିକ ନିବେଶ ବା ସମ୍ପତ୍ତି ଉପରେ ମୁଦ୍ରାସ୍ଫୀତିର ପ୍ରଭାବ କାରଣରୁ ଏହାର କ୍ରୟ କରିବା ଶକ୍ତି ହ୍ରାସ ପାଇଥାଏ। ଆୟକର ପ୍ରଭାବ କିପରି ପଡିବ ?

ସମ୍ପତ୍ତି ସୃଷ୍ଟିକୁ ଯେତିକି ପ୍ରାଧାନ୍ୟ ଦେଉଛନ୍ତି ବା ନିବେଶ କରିବା କ୍ଷେତ୍ରରେ ରଣନୀତି ପ୍ରସ୍ତୁତ କରୁଛନ୍ତି ସେହିପରି ସମ୍ପତ୍ତି କ୍ଷୟ ପ୍ରତି ସେତିକି ପ୍ରାଧାନ୍ୟ ଓ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ନିହାତି ଜରୁରୀ। ସମ୍ପତ୍ତି କ୍ଷୟ ହେଉଛି ଏକ ଧୀର ଧ୍ୱଂସ ସାଧକ କାର୍ଯ୍ୟଧାରା। ଏହା ଏକ ମନ୍ଥର ଧ୍ୱଂସ ସାଧନ କାର୍ଯ୍ୟଧାରା ହୋଇଥିବାରୁ ଦୀର୍ଘକାଳୀନ ସମୟ ଭିତରେ କାର୍ଯ୍ୟ କରିଥାଏ। ଏଣୁ ଏହାର କୁପ୍ରଭାବ ଆପଣ ତତ୍‌କ୍ଷଣାତ ଅନୁଭବ କରିପାରନ୍ତି ନାହିଁ। ଏହି କ୍ଷୟପ୍ରାପ୍ତ ଉତ୍ପାଦକ ଶକ୍ତିର ଫଳାଫଳ ଅତ୍ୟନ୍ତ ଗଭୀର। ଏହା ଦ୍ୱାରା ଅପୂରଣୀୟ କ୍ଷତି ହୋଇଥାଏ। ଏହାକୁ ପୁନର୍ଲାଭ ବା ଭରଣା କରିବା କ୍ଷେତ୍ରରେ ଆପଣଙ୍କ ପାଖରେ ଆଉ ସମୟ ନ ଥାଏ। ଏଥିପାଇଁ ଆପଣଙ୍କୁ ସତର୍କସତାର ସହ ପଦକ୍ଷେପ ନେବାକୁ ପଡିବ। ଏହା ଉପରେ କାର୍ଯ୍ୟ କରିବା ସମୟରେ କେତେକ ବିଶେଷ ଦିଗକୁ ଧ୍ୟାନ ଦେବାକୁ ପଡିବ ?

ଏକ ଉଦାହରଣ ସ୍ୱରୂପ, ଯଦି ଜଣେ ନିବେଶକାରୀ ୧୦ ଲକ୍ଷ ଟଙ୍କା ବ୍ୟାଙ୍କରେ ସ୍ଥାୟୀ ଜମା କରନ୍ତି ଏବଂ ମୁଦ୍ରାସ୍ଫୀତିର ବାର୍ଷିକ ହାର ୬% ଧରି ନେବା ତେବେ ୧୨ ବର୍ଷ ପରେ ଏହି ୧୦ ଲକ୍ଷ ଟଙ୍କା ମୂଲ୍ୟ ଅଧା ହୋଇଯିବ। ଅର୍ଥାତ୍ ୫ ଲକ୍ଷ ଟଙ୍କା। ଏହି ପରି ଅନେକ କାରଣ ଅଛି। ଏସବୁକୁ ଦୃଷ୍ଟି ଦେବା ନିହାତି ଜରୁରୀ।

### ସମ୍ପତ୍ତି କ୍ଷୟର କାରଣ

- କ୍ରମାଗତ ଭାବରେ ଅର୍ଥର ମୂଲ୍ୟ ହ୍ରାସ ହୋଇଯାଏ।
- ପ୍ରତ୍ୟେକ ଟଙ୍କାର କ୍ରୟ କରିବା ଶକ୍ତି କମି କମି ଯାଇଥାଏ।
- ପ୍ରତ୍ୟେକ ବର୍ଷ ଦୈନନ୍ଦିନ ଜୀବନଶୈଳୀ ଖର୍ଚ୍ଚର ଧାରା ବଢ଼ି ଚାଲିଛି।
- ବର୍ତ୍ତମାନର ସଞ୍ଚିତ ଅର୍ଥ ବା ପାଣ୍ଠିରୁ ଉଠାଣ କରି ଦୈନନ୍ଦିନ ଜୀବନଶୈଳୀ ଖର୍ଚ୍ଚ କରିବା।
- ଆକସ୍ମିକ ଖର୍ଚ୍ଚ ବା ଜରୁରିକାଳୀନ ଖର୍ଚ୍ଚ ପାଇଁ ବର୍ତ୍ତମାନର ସମ୍ପତ୍ତି ବା ନିବେଶକୁ ନଗଦ କରିବା।
- ଯେକୌଣସି ଋଣ ପରିଶୋଧ ପାଇଁ ନିଜର ସ୍ଥାବର ସମ୍ପତ୍ତି ବିକ୍ରି କରିବା କିମ୍ବା ନିବେଶ ଅର୍ଥ ଉଠାଣ କରି ପରିଶୋଧ କରିବା।
- ନିବେଶ ରାଶି ଉପରେ କିମ୍ବା ଲାଭ ବା ସୁଧରାଶି ଉପରେ ଆୟକର ପ୍ରଭାବ।
- ବ୍ୟାଙ୍କ ସୁଧହାର କମିଯିବା।
- ଅକାଳ ମୃତ୍ୟୁ, ଶାରୀରିକ ଅସମର୍ଥ କିମ୍ବା ଚାକିରିରୁ ଛଟେଇ ଯୋଗୁ ପରିବାରର ରୋଜଗାର କରୁଥିବା ବ୍ୟକ୍ତିର ମାସିକ ରୋଜଗାର ହଠାତ୍ ବନ୍ଦ ହୋଇଯିବା।
- ଜୀବନରେ ଯଥେଷ୍ଟ ପରିମାଣ ଜୀବନ ବୀମା ସୁରକ୍ଷା ନ କିଣିବା। ପ୍ରାୟତଃ ଅଧିକାଂଶ ଲୋକ ଭାବନ୍ତି ମୋର ଯଥେଷ୍ଟ ପରିମାଣର ଜୀବନ ସୁରକ୍ଷା ଅଛି। ଏହା ଏକ ଭ୍ରାନ୍ତ ଧାରଣା।
- ଅଧିକ ବର୍ଷ ଧରି ଜଟିଳ ରୋଗରେ ପୀଡ଼ିତ ହେବା ସହ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ପରିବାର ସଦସ୍ୟଙ୍କ ପାଇଁ ନ କିଣିବା।
- ସ୍ଥାବର ସମ୍ପତ୍ତି ଉପରେ ଦିନକୁ ଦିନ ଅଧିକ କର ଲାଗୁ ହେବା।
- ଆପଣଙ୍କ ସ୍ଥାବର ସମ୍ପତ୍ତି ଉପରେ ସ୍ଥାନୀୟ ବଜାରର ପରିସ୍ଥିତି ପ୍ରଭାବ ପଡ଼ିଥାଏ।

ଆପଣଙ୍କ ପାଇଁ ସମ୍ପତ୍ତି ସୃଷ୍ଟି କରିବା ଯେତିକି ପ୍ରାଧାନ୍ୟ ରଖୁଛି ତା ଠାରୁ ସମ୍ପତ୍ତି କ୍ଷୟ ରୋକିବା ବା ସୁରକ୍ଷିତ କରିବା ସେତିକି ଗୁରୁତ୍ୱପୂର୍ଣ୍ଣ ଓ ତାଠାରୁ ଅଧିକ ପ୍ରାଧାନ୍ୟ ରଖୁଛି। ଆପଣଙ୍କ ସମ୍ପତ୍ତିକୁ ନିବେଶ କରି ସୁପରିଚାଳନା କରିବା ପାଇଁ ଜଣେ 'ସାର୍ଟିଫାଏଡ ଫାଇନାନସିଆଲ ପ୍ଲାନର' କିମ୍ବା ଚାର୍ଟାର୍ଡ ୱେଲ୍‌ଥ ମ୍ୟାନେଜରଙ୍କୁ ସାକ୍ଷାତ କରି ପରାମର୍ଶ ନିଅନ୍ତୁ।

**ପ୍ର: ମୋର ସ୍ୱଳ୍ପ ରୋଜଗାର ଓ ପରିବାରରେ ୮ ଜଣ ସଦସ୍ୟ। ବାର୍ଦ୍ଧକ୍ୟ ସମୟ ପାଇଁ ଏ ପର୍ଯ୍ୟନ୍ତ କିଛି ସଞ୍ଚୟ କରିନାହିଁ। ଏକ ସୁରକ୍ଷିତ ଓ ଛୋଟ ସ୍କିମ୍ ବିଷୟରେ ପରାମର୍ଶ ଦେବେ।**

**– ଆଦର୍ଶ ନାୟକ, ଛତ୍ରପୁର**

ଉ: ଆପଣ 'ଅଟଳ ପେନ୍‌ସନ ଯୋଜନା'ରେ ଏବେଠାରୁ ସଞ୍ଚୟ ଆରମ୍ଭ କରନ୍ତୁ। ଏହି ସ୍କିମ୍ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି।

**ଆମ ଠିକଣା**

ବିଜ୍‌ନେସ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ସେପ୍ଟେମ୍ବର, ୨୦୧୮





> ନିଜ ଅଞ୍ଚଳରେ ବ୍ୟାଡ୍‌ମିଣ୍ଟନ ଖେଳର ପ୍ରଚାର ଓ ଉନ୍ନତି ପାଇଁ ପ୍ରତ୍ୟେକ ରାଜ୍ୟକୁ ସହାୟତା ରାଶି ପ୍ରଦାନ କରିବା ଆମର ଲକ୍ଷ୍ୟ ଥିଲା ।
>
> –ହିମନ୍ତ୍ ବିଶ୍ୱ ଶର୍ମା, ବାଇ ସଭାପତି



> ମୋ ଫର୍ମକୁ ନେଇ ପ୍ରଶ୍ନ ଉଠିନି, ମୁଁ ଭଲ ବ୍ୟାଟିଂ କରୁଥିଲି କିନ୍ତୁ ରନ ସଂଗ୍ରହ କରିବାରେ ବିଫଳ ହେଉଥିଲି ।
>
> –ଶିଖର ଧାୱନ, ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ଦ୍ରୋଣାଚାର୍ଯ୍ୟ ପୁରସ୍କାରରୁ ତେଜାଙ୍କ ନାମ ବାଦ୍

ନୂଆଦିଲ୍ଲୀ, ୧୯।୯(ପି.ଟି.)- ଏକ ଆଶ୍ଚର୍ଯ୍ୟଜନକ ଘଟଣାକ୍ରମେ ବୁଧବାର ଆର୍ଚେରୀ କୋଚ୍ ଜିୱନ ସିଂ ତେଜାଙ୍କ ନାମ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ମନୋନୀତ ତାଲିକାରୁ ବାଦ୍ ଦିଆଯାଇଛି। ଖେଳରତ୍ନ, ଅର୍ଜୁନ ଓ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ଚୟନ କମିଟି ସୁପାରିସ କରିଥିବା ସମସ୍ତ ଖେଳାଳିଙ୍କ ନାମକୁ କ୍ରୀଡ଼ା ବିଭାଗ ସବୁଜ ସଙ୍କେତ ପ୍ରଦାନ କରିଥିଲା। ସମ୍ମାନଜନକ ଦ୍ରୋଣାଚାର୍ଯ୍ୟ ପୁରସ୍କାର ଲାଗି ରବିବାର ଚୟନ କମିଟି ତେଜାଙ୍କ ସମେତ ୫ଜଣଙ୍କ ନାମ ମନୋନୀତ କରିଥିଲା। କିନ୍ତୁ ଏକ ପୁରୁଣା ବିଶୃଙ୍ଖଳିତ ଆଚରଣ ଲାଗି ତେଜାଙ୍କ ନାମକୁ ତାଲିକାରୁ ବାଦ୍ ଦିଆଯାଇଥିବା ଜଣାପଡ଼ିଛି। ୨୦୧୫ରେ କୋରିଆରେ ଅନୁଷ୍ଠିତ ବିଶ୍ୱ ବିଶ୍ୱବିଦ୍ୟାଳୟ ଗେମ୍ସ ଅବସରରେ ତେଜା ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିଲେ। ଏଥିଲାଗି ତାଙ୍କୁ ଏକବର୍ଷ ଲାଗି ବାସନ୍ଦ କରାଯାଇଥିଲା।

### ଦୃଷ୍ଟିହୀନ କ୍ରିକେଟ ଭାରତୀୟ ଦଳରେ ପଙ୍କଜ, ନକୁଳ

ଭୁବନେଶ୍ୱର, ୧୯।୯(ସ୍ପୋର୍ଟ୍ସ ବ୍ୟୁରୋ)- ଘରୋଇ ଭାରତ ଓ ଇଂଲଣ୍ଡ ଦୃଷ୍ଟିହୀନ କ୍ରିକେଟ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଅକ୍ଟୋବର ୨ରୁ ବାଙ୍ଗାଲୋରରେ ଆରମ୍ଭ ହେବ। ଏଥିଲାଗି ଓଡ଼ିଶାର ପଙ୍କଜ ଭୁଏ ଓ ନକୁଳ ବଡ଼ନାୟକଙ୍କୁ ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳରେ ସ୍ଥାନ ମିଳିଛି। ଏଥିସହ କୋରାପୁଟର ନକୁଳ ୫ମ ଓଡ଼ିଆ ଖେଳାଳି ଭାବେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବାର ସୁଯୋଗ ପାଇଛନ୍ତି। ଏଥିପୂର୍ବରୁ ଓଡ଼ିଶାର ମହମ୍ମଦ ଜାଫର ଇକବାଲ, ସୁଖରାମ ମାଝି, ଲିଙ୍ଗରାଜ ରାଉତରାୟ ଓ ପଙ୍କଜ ଭୁଏ ଅନ୍ତର୍ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିସାରିଛନ୍ତି। ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ଆସୋସିଏଶନ ପକ୍ଷରୁ ଏହି ଅବସରରେ ସଭାପତି ମହମ୍ମଦ ଜାଫର ଇକବାଲ, ଉପସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ସନ୍ନ୍ୟାସ କୁମାର ବେହେରା, ଯୁଗ୍ମ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଟ୍ରେଜର ପ୍ରଜ୍ଞା ପରିମିତା, ପରାମର୍ଶଦାତା ପ୍ରକାଶ କୁମାର ରଥ ପ୍ରମୁଖ ଉଭୟ ନକୁଳ ଓ ପଙ୍କଜଙ୍କୁ ଶୁଭେଚ୍ଛା ଜଣାଯାଇଛି। ଅକ୍ଟୋବର ୨, ୩ ଓ ୪ ତାରିଖରେ ଏହି ୩ଟି ଟି୨୦ ମ୍ୟାଚ୍ ଖେଳାଯିବ। ଏହାପରେ ଇଂଲଣ୍ଡ, ଶ୍ରୀଲଙ୍କା ଓ ଆୟୋଜକ ଭାରତକୁ ନେଇ ଏକ ତ୍ରିରାଷ୍ଟ୍ରୀୟ ସିରିଜ ଖେଳାଯିବ। ଏଥିଲାଗି କାର୍ଯ୍ୟସୂଚୀ ପ୍ରକାଶ ପାଇନାହିଁ।

# କ୍ୟାମ୍ପରେ ଅମିତ, ଚାପ ନା ବାସ୍ତବତା

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଓ ବିଶ୍ୱକପକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ପକ୍ଷରୁ ସେପ୍ଟେମ୍ବର ୧୨ରେ ଘୋଷିତ ୨୫ ଜଣିଆ କୋର ଗ୍ରୁପ ଖେଳାଳି ତାଲିକାରେ ଜଣେ ହେଲେ ଓଡ଼ିଶା ଖେଳାଳି ସାମିଲ ନ ଥିଲେ। ବୀରେନ୍ଦ୍ର ଲାକ୍ରା ଆହତ ସମସ୍ୟାରେ ଥିବା ପ୍ରକାଶ କରାଯାଇଥିଲା। ଏହାକୁ ନେଇ ଧରିତ୍ରୀ ସମେତ ଓଡ଼ିଶା ଗଣମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କୋର ଗ୍ରୁପର କ୍ୟାମ୍ପ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବାବେଳେ କ୍ୟାମ୍ପରେ ଅମିତ ରୋହି ଦାସ ଅଛନ୍ତି ବୋଲି ବୁଧବାର ଗଣମାଧ୍ୟମ ସହିତ କଥା ହେବାବେଳେ ଦାବି କରିଛନ୍ତି ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ। ହକି ଇଣ୍ଡିଆ ତାଲିକା ସମ୍ପର୍କରେ ମୁଁ କହି ପାରିବିନି, ମାତ୍ର ମୁଁ ଏତିକି ଜାଣିଛି ଯେ ଅମିତ ରୋହି ଦାସ କ୍ୟାମ୍ପରେ ଅଛନ୍ତି ବୋଲି ହରେନ୍ଦ୍ର କହିଛନ୍ତି। ମାତ୍ର ଏଠାରେ ପ୍ରଶ୍ନ ଉଠୁଛି ଯେ, ଯଦି ଅମିତଙ୍କୁ କ୍ୟାମ୍ପରେ ନିଆଗଲା ତେବେ ପରିବର୍ତ୍ତିତ ତାଲିକା କାହିଁକି ପ୍ରକାଶ କରାଗଲାନାହିଁ। ଫଳରେ ଗଣମାଧ୍ୟମ ଚାପରେ ଅମିତଙ୍କୁ କ୍ୟାମ୍ପକୁ ଡକା ଯାଇଛି ବୋଲି ଆଲୋଚନା ଜୋର୍ ଧରିଛି। ବୁଧବାର କଳିଙ୍ଗ ଷ୍ଟାଡିୟମରେ ହରେନ୍ଦ୍ରଙ୍କ ସହ ସାକ୍ଷାତକାର।**



ହରେନ୍ଦ୍ର ସିଂ

**ଏହି କ୍ୟାମ୍ପ ଟିମ୍ ସିଲେକ୍ସନରେ କିପରି ଭୂମିକା ନେବ ?**

ଆମେ ବର୍ତ୍ତମାନ ଏଠାକାର ପିଚ୍ ଓ ପରିବେଶ ସହିତ ପ୍ରଥମେ ପରିଚିତ ହେବୁ। ପିଚ୍ କିପରି ବ୍ୟବହାର କରୁଛି, ଏଥିରୁ ଆମକୁ କେତେ ଫାଇଦା ମିଳିବ ତାହାକୁ ଆମେ ଦେଖିବୁ। ଏହା ବ୍ୟତୀତ ଡେ ଟୁ ଡେ ପ୍ରଦର୍ଶନକୁ ମଧ୍ୟ ବିଚାରକୁ ନିଆଯିବ। ଗତ ତିନୋଟି ଟୁର୍ନାମେଣ୍ଟ ଚାମ୍ପିୟନ୍ସ ଟ୍ରଫି, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସର ପ୍ରଦର୍ଶନ ଏବଂ ଆଗାମୀ ଏସିଆନ ଚାମ୍ପିୟନ୍ସ ଟ୍ରଫିର ପ୍ରଦର୍ଶନକୁ ଦେଖି ଆମେ କେଉଁ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ ଦେଇପାରୁଛି ତାହା ଦେଖିବୁ।

**କୋର ଗ୍ରୁପରୁ କେତେ ଖେଳାଳି ବିଶ୍ୱକପ ଟିମ୍‌ରେ ଆସିପାରିବେ**

ଏବେ ସେ କଥା କହି ହେବନି। କାରଣ ଏହା କେବଳ ଏକ କ୍ୟାମ୍ପ। ପୂର୍ବ ପ୍ରଦର୍ଶନ, କ୍ୟାମ୍ପରେ ପ୍ରଦର୍ଶନ, ଏହି ପିଚ୍ ସହିତ କେଉଁ ଖେଳାଳି କେତେ ଅଭ୍ୟସ୍ତ ହୋଇପାରୁଛି ଏବଂ ସର୍ବୋପରି ଟିମ୍ କମ୍ବିନେଶନକୁ ଦେଖି ଦଳ ନିର୍ଣ୍ଣୟ କରାଯିବ।

**କୋର ଗ୍ରୁପ ବାହାରୁ ଖେଳାଳି ଟିମ୍‌କୁ ଆସିପାରିବେ କି ?**

ପ୍ରକୃତରେ ହକି ଇଣ୍ଡିଆ ୪୮ ଜଣ ଖେଳାଳିଙ୍କୁ ନେଇ କୋର ଗ୍ରୁପ କରିଛି। ତା' ଭିତରୁ ଖେଳାଳି ଚୟନ ହେବ। କେତେବେଳେ କେଉଁ ଖେଳାଳି ବାହାରିବେ, କେଉଁ ଖେଳାଳି ଟିମ୍‌କୁ ଆସିବେ ତାହା ଚୟନକର୍ତ୍ତାଙ୍କ ଉପରେ ନିର୍ଭର କରେ।

**ଜୁନିୟର ଓ ସିନିୟରଙ୍କୁ ମିଶାଇ ୭-୮ ଜଣ ଓଡ଼ିଶା ଖେଳାଳି ଏବେ ହକିରେ ସକ୍ରିୟ ଅଛନ୍ତି, ମାତ୍ର କେହି କ୍ୟାମ୍ପରେ ନାହାନ୍ତି ?**

ଅମିତ ରୋହି ଦାସ ଏଠାରେ ଆମ ସହିତ ଟ୍ରେନିଂ ନେଉଛନ୍ତି। ହକି ଇଣ୍ଡିଆ ତାଲିକା ସମ୍ପର୍କରେ ମୁଁ କହି ପାରିବିନି, ମାତ୍ର ମୁଁ ଏତିକି ଜାଣିଛି ଯେ ଅମିତ କ୍ୟାମ୍ପରେ ଅଛନ୍ତି। ଚୟନକର୍ତ୍ତା ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଖେଳାଳି ମନୋନୟନ କରିଥାନ୍ତି। ଏଥିରେ ଓଡ଼ିଶା, ପଞ୍ଜାବ କିମ୍ବା ହରିୟାଣା ପ୍ରସଙ୍ଗ ନୁହେଁ। ଆମ ପାଇଁ ଦେଶ ସବୁଠାରୁ ବଡ଼।

**ବୀରେନ୍ଦ୍ରଙ୍କ ଆହତ ସମସ୍ୟା କିପରି ଅଛି ?**

ଏବେ ସେ ରିହାବିଲିଟେଶନରେ ଅଛନ୍ତି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଡାକ୍ତର ତାଙ୍କୁ ୩ ସପ୍ତାହ ପାଇଁ ବିଶ୍ରାମ ପରାମର୍ଶ ଦେଇଛନ୍ତି। ଫିଜିଓ ଓ ଟ୍ରେନର ମଧ୍ୟ ତାଙ୍କ ଉପରେ ନଜର ରଖିଛନ୍ତି। ମେଡିକାଲ କ୍ୟାମ୍ପର ପରାମର୍ଶ ଉପରେ ତାଙ୍କର ଦଳକୁ ଫେରିବା ନିର୍ଭର କରିବ।

**ଏହି କ୍ୟାମ୍ପ କେବଳ ଏସିଆନ ଚାମ୍ପିୟନ୍ସ ଟ୍ରଫି ପାଇଁ ନା ବିଶ୍ୱକପ ପାଇଁ ମଧ୍ୟ ?**

ଏହି କ୍ୟାମ୍ପ ବିଶ୍ୱକପ ପର୍ଯ୍ୟନ୍ତ କ୍ରମାଗତ ଚାଲୁ ରହିବ। ଏସିଆନ ଚାମ୍ପିୟନ୍ସ ଟ୍ରଫି ପରେ ଏହି କ୍ୟାମ୍ପ ପୁଣି ଜାରି ରହିବ।

**ଅମିତଙ୍କୁ ଯଦି କ୍ୟାମ୍ପକୁ ଡକାଯାଇଛି, ତାଙ୍କ ନାମ ଚୂଡ଼ାନ୍ତ ଦଳ ମନୋନୟନ ବେଳେ ବିଚାରକୁ ନିଆଯିବ କି ନାହିଁ ?**

ଯେଉଁ ଖେଳାଳି କ୍ୟାମ୍ପରେ ଅଛନ୍ତି ସମସ୍ତଙ୍କ ନାମ ବିଚାରକୁ ନିଆଯିବ। ମୋଟ ୪୮ ଖେଳାଳିଙ୍କ ପ୍ରଦର୍ଶନକୁ ଦେଖାଯିବ। ତା ବାହାରେ କୌଣସି ଖେଳାଳିଙ୍କୁ ନିଆଯିବନାହିଁ।

**ଏସିଆନ ଗେମ୍ସରେ ଆମ ପିଲା ଆଶାନୁରୂପ ଖେଳିପାରି ନ ଥିଲେ ?**

ପୂରା ମ୍ୟାଚରେ ନୁହେଁ। ବଲ୍ ପୋଜେଶନ ୫୬% ଥିଲା। ଆମେ ୫୬-୫୭ ମିନିଟ ଯଦି ଭଲ ଖେଳୁଛୁ ତେବେ ଅବଶିଷ୍ଟ ୩-୪ ମିନିଟ କାହିଁକି ନୁହେଁ। ଶେଷ ହ୍ୱିସିଲ ନ ବାଜିବା ପର୍ଯ୍ୟନ୍ତ ମ୍ୟାଚ ଶେଷ ହୋଇଗଲା ବୋଲି କେବେ ଭାବିବା କଥା ନୁହେଁ। ମୁଁ, ସିନିୟର ଖେଳାଳି ଏବଂ ଅନ୍ୟ ସହକାରୀମାନେ ବସି ଏ ସମ୍ପର୍କରେ ବିଶଦ ଆଲୋଚନା କରିଛୁ। ଚାପ ତ ରହିବ। ମାତ୍ର ଚାପରେ ପ୍ରଦର୍ଶନ କରିବାର ଅଛି। ଆମେ ବଲ୍ ନ ଦେବା ପର୍ଯ୍ୟନ୍ତ ପ୍ରତିପକ୍ଷ ଦଳ ଗୋଲ କରି ପାରିବ ନାହିଁ। ମୁଁ ବଲ୍ ଛାଡ଼ିଲେ ଯାଇ ସେମାନେ ଗୋଲ ଦେବେ। ଏହାକୁ ଆମକୁ ଶିଖିବାକୁ ପଡ଼ିବ।

**ପେନାଲ୍ଟି କର୍ନର କନଭର୍ସନରେ ବିଫଳତା ଏବଂ ଶେଷ ମୁହୂର୍ତ୍ତ ଗୋଲ ବରଣ ଦୁର୍ବଳତା ଦୂର ହୋଇପାରିନାହିଁ, କାରଣ କ'ଣ ?**

ଏସିଆନ ଗେମ୍ସରେ ଆମର କନଭର୍ସନ ରେଟ ଥିଲା ୩୬.୨। ଯେଉଁ ଟିମ୍ ୨୮-୨୯ % କନଭର୍ସନ କରିପାରେ ତାକୁ ଭଲ ଦଳ ବୋଲି କୁହା ଯାଇଥାଏ। ତୁଳନାତ୍ମକଭାବେ ଦେଖିଲେ ଆମର ପ୍ରଦର୍ଶନ ସେତେ ଖରାପ ନୁହେଁ। ମାତ୍ର ତାହାକୁ ବଜାୟ ରଖିବାକୁ ପଡ଼ିବ।

**ବିଶ୍ୱକପ ପୂର୍ବରୁ କେଉଁ ବିଭାଗକୁ ଆମକୁ ସୁଧାରିବାକୁ ପଡ଼ିବ ?**

କେବେ ଓ କେତେବେଳେ ବଲ୍‌କୁ ଆମ ପାଖରେ ରଖିବା ଆବଶ୍ୟକ ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ବଲ୍ ପୋଜିଶନ ଉପରେ ମଧ୍ୟ ନଜର ରଖିବାକୁ ପଡ଼ିବ।

**ଏସିଆନ ଗେମ୍ସରେ ଚାମ୍ପିୟନ ନ ହେବାରୁ ଭାରତ ଅଲିମ୍ପିକ୍ସ ଯୋଗ୍ୟତା ପାଇ ପାରିଲାନି। ସୂଚନା ଅନୁସାରେ ଆମେ ପ୍ରୋ-ଲିଗ୍ ଖେଳିବାକୁ ଯିବୁନାହିଁ। ଏହା ଦ୍ୱାରା ଅଲିମ୍ପିକ୍ସ ଯୋଗ୍ୟତା କଷ୍ଟସାଧ୍ୟ ହେବ କି?**

ପ୍ରୋ ଲିଗ୍‌ରେ କିଏ ଖେଳିବ କିମ୍ବା ନ ଖେଳିବ ତାହା ଏଫଆଇଏଚ୍ ଉପରେ ନିର୍ଭର କରେ। ଆମକୁ ଏବେ ର୍‌ୟାଙ୍କିଙ୍ଗ ମେଣ୍ଟେନ କରିବାକୁ ପଡ଼ିବ। ତେଣୁ ଆମପାଇଁ ବିଶ୍ୱକପରେ ଶ୍ରେଷ୍ଠ ପ୍ରଦର୍ଶନ କରିବା ମୁଖ୍ୟ ଲକ୍ଷ୍ୟ। ଅଲିମ୍ପିକ୍ସ ସମ୍ପର୍କରେ ଏବେଠାରୁ ଆଲୋଚନା କରିବା ଠିକ୍ ହେବନି। ଏବେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଏବଂ ବିଶ୍ୱକପକୁ ଆମେ ପ୍ରାଥମିକତା ଦେଉଛୁ।

**ଏବେ ଅନେକ ନୂଆ ଦଳ ବହୁତ ଭଲ ପ୍ରଦର୍ଶନ କରୁଛନ୍ତି। ସେ ସମ୍ପର୍କରେ କ'ଣ କହିବେ ?**

ଏହା ହକି ପାଇଁ ବହୁତ ଭଲ। ଫୁଟବଲରେ କ୍ରୋଏସିଆ ଫାଇନାଲ ଖେଳିବ ବୋଲି କେହି ଚିନ୍ତା ମଧ୍ୟ କରି ନ ଥିଲେ। ଏବେ ସାରା ବିଶ୍ୱ କ୍ରୀଡ଼ା ସହିତ ଆଗକୁ ବଢ଼ୁଥିବା ଏହାର ପ୍ରମାଣ।

**ଆପଣ ପୂର୍ବରୁ ମହିଳା ଦଳର ମୁଖ୍ୟ କୋଚ୍ ଥିଲେ, ଏବେ ପୁରୁଷ ଦଳର। ଏହା ମଧ୍ୟରେ କ'ଣ ଭିନ୍ନ ଚ୍ୟାଲେଞ୍ଜ ରହିଛି ?**

ଭିନ୍ନତା ବେଶି ନୁହେଁ। କାରଣ କୋଚିଂ ଫିଲୋସୋଫିରେ ପରିବର୍ତ୍ତନ ହୁଏନାହିଁ। ହଁ ମହିଳା ଟିମ୍ ଅଧିକ ସେନ୍‌ସିଟିଭ୍। ସେ ଟିମ୍ ଦାୟିତ୍ୱରେ ରହିଲେ ଅଧିକ ଦାୟିତ୍ୱ ବଢ଼ିଯାଇଥାଏ। ସେଠାରେ ଆଗ୍ରେସିଭ୍ କୋଚିଂ ହୋଇପାରି ନ ଥାଏ। ବୁଝାଇବାର ତରିକା ଭିନ୍ନ କରିବାକୁ ପଡ଼ିଥାଏ। ବଡି ଲାଙ୍ଗୁଏଜ ମଧ୍ୟ ଭିନ୍ନ ହୋଇଥାଏ। ହକି କୋଚିଂର ବେସିକ୍ ହେଲା ଏନର୍ଜି, ଏକାଗ୍ରତା, ଉତ୍ସର୍ଗୀକୃତ ମନୋଭାବ, ଶିକ୍ଷା, ଫିଟ୍‌ନେସ ଓ ଟାକ୍ଟିସ। ଏହି ୫ଟି ଜିନିଷ ଉପରେ ଗୁରୁତ୍ୱ ଦେବାକୁ ପଡ଼ିଥାଏ।

**କଳିଙ୍ଗ ଷ୍ଟାଡିୟମର ନୂଆ ଟର୍ଫ ସମ୍ପର୍କରେ କ'ଣ କହିବେ?**

ଆମେ ଏହି ନୂଆ ଟର୍ଫକୁ ନେଇ ବହୁତ ଖୁସି। ଏଥିରେ ଆମେ ଦେଢ଼ଘଣ୍ଟା ଟ୍ରେନିଂ କରିଛୁ। ପୂର୍ବପରି କେଉଁଠି ପାଣି ଜମି ରହୁନାହିଁ। ସବୁ ସ୍ଥାନରେ ପାଣି ସମାନ ଥିବା ଅନୁଭବ କରିଛୁ। ତେଣୁ ଏହି ଟର୍ଫ ଯିଏ ପକାଇଛନ୍ତି ତାଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ। କଳିଙ୍ଗ ଷ୍ଟାଡିୟମ ବିଶ୍ୱସ୍ତରର। ବିଶ୍ୱର ଯେ କୌଣସି ଖେଳାଳିଙ୍କୁ ପଚାରିଲେ ସେହି ଗୋଟିଏ ଉତ୍ତର ମିଳିବ। ମୁଁ ଭାବୁଛି ସେମାନେ ଏପରି ଏକ ପରିବେଶରେ ପୂର୍ବରୁ କେବେ ହକି ଖେଳି ନ ଥିବେ। ଓଡ଼ିଶା ସମସ୍ତଙ୍କୁ ଏକ ଭିନ୍ନ ଅନୁଭବ ଦେବାକୁ ଯାଉଛି ବୋଲି ମୁଁ ଭାବୁଛି।

**ଏସିଆନ ଗେମ୍ସର ଦୁଃଖ ମନରେ ଅଛି କି?**

ଏହା ରହିବା ଆବଶ୍ୟକ। ସେଥିରୁ ଦୂରେଇ ଯିବାକୁ ଚାହିଁଲେ ଆଗକୁ ବଢ଼ିବା ସମ୍ଭବ ନୁହେଁ। ତ୍ରୁଟିରୁ ଆମକୁ ଶିଖିବାର ଅଛି।

**ଏକମାତ୍ର ରାଜ୍ୟଭାବେ ଓଡ଼ିଶା ସରକାର ଗ୍ଲୋବାଲ ହକିକୁ ପ୍ରମୋଟ କରୁଛନ୍ତି। ଏ ସମ୍ପର୍କରେ କ'ଣ କହିବେ?**

ଏଥିରୁ ହକିକୁ ବହୁତ ଫାଇଦା ମିଳିଛି। ଏହି ରାଜ୍ୟ ଉପରେ ମଧ୍ୟ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି। ସମସ୍ତଙ୍କ ମନରେ ଏବେ ଏକମାତ୍ର ଇଚ୍ଛା ଆମେ ଭୁବନେଶ୍ୱର ଯିବୁ। ମୋତେ ହଜାରେରୁ ଊର୍ଦ୍ଧ୍ୱ ଏସଏମଏସ ମିଳିଛି ଯେ ଆମେ କିପରି ଯିବୁ, ଟିକେଟ ମିଳିବ କି ନାହିଁ, ସେଠାରେ କେଉଁଠି ରହିବୁ ଇତ୍ୟାଦି ଇତ୍ୟାଦି। ସରକାରଙ୍କ ଉଦ୍ୟମ ଓଡ଼ିଶା ଓ ଭୁବନେଶ୍ୱର ପ୍ରତି ଲୋକଙ୍କ ମନୋଭାବରେ ପରିବର୍ତ୍ତନ ଆଣିଛି। ବିଶ୍ୱକପ ପାଇଁ ଯେତେ ସଂଖ୍ୟାରେ ଲୋକ ଆସିବାକୁ ଚାହୁଁଛନ୍ତି ସେମାନଙ୍କୁ ଟିକେଟ ମିଳିବ କି ନାହିଁ, ରହିବାକୁ ସ୍ଥାନ ମିଳିବ କି ନାହିଁ ତାହାକୁ ନେଇ ମୁଁ ସନ୍ଦେହରେ ଅଛି।

### ହକି ଇଣ୍ଡିଆ ପକ୍ଷରୁ ୧୨ ତାରିଖରେ ପ୍ରକାଶିତ କୋର୍ ଗ୍ରୁପ୍ ଖେଳାଳି ତାଲିକା

- **ଗୋଲକିପର:** ପି.ଆର୍. ଶ୍ରୀଜେଶ, ସୂରଜ କେର୍‌କେରା, କ୍ରିଷ୍ଣା ପାଠକ।
- **ଡିଫେଣ୍ଡର:** ହର୍‌ମନପ୍ରୀତ୍ ସିଂ, ରୁପିନ୍ଦର ପାଲ୍ ସିଂ, ଗୁରିନ୍ଦର ସିଂ, ବରୁଣ କୁମାର, କୋଠଜିତ୍ ସିଂ ଖଡଙ୍ଗବାମ୍, ସୁରେନ୍ଦ୍ର କୁମାର, ଜର୍‌ମନପ୍ରୀତ୍ ସିଂ, ପ୍ରଦୀପ ସିଂ।
- **ମିଡ୍‌ଫିଲ୍ଡର:** ମନ୍‌ପ୍ରୀତ୍ ସିଂ, ଚିଙ୍ଗଲେନସାନ ସିଂ କାଙ୍ଗୁଜାମ, ସୁମିତ୍, ସିମରନଜିତ୍ ସିଂ, ନୀଳକଣ୍ଠ ଶର୍ମା, ହାର୍ଦ୍ଦିକ ସିଂ, ଲଳିତ କୁମାର ଉପାଧ୍ୟାୟ, ବିବେକ ସାଗର ପ୍ରସାଦ।
- **ଫରୱାର୍ଡ:** ଏସ୍.ଭି. ସୁନୀଲ, ଆକାଶଦୀପ୍ ସିଂ, ଗୁର୍‌ଜାନ୍ତ ସିଂ, ମନ୍‌ଦୀପ୍ ସିଂ, ଦିଲପ୍ରୀତ୍ ସିଂ ଓ ସୁମିତ୍ କୁମାର।

# ଓଡ଼ିଶା ମହିଳା ଦଳର କ୍ରମାଗତ ଦ୍ୱିତୀୟ ବିଜୟ





ଓଡ଼ିଶା ଓ ତାମିଲନାଡୁ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ହକି ଇଣ୍ଡିଆ ୫-ଏ- ସାଇଡ୍ ଜାତୀୟ ଚାମ୍ପିୟନଶିପ୍**

ବେଙ୍ଗାଲୁରୁ, ୧୯।୯ (ପି.ଟି.)

ଏଠାରେ ଚାଲିଥିବା ତୃତୀୟ ହକି ଇଣ୍ଡିଆ ୫-ଏ- ସାଇଡ୍ ଜାତୀୟ ସିନିୟର ମହିଳା ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ୬-୩ ଗୋଲରେ ପଞ୍ଜାବକୁ ହରାଇବା ପରେ ଓଡ଼ିଶା ବୁଧବାର ପୁଲ୍-ଏ' ମ୍ୟାଚ୍‌ରେ ତାମିଲନାଡୁକୁ ୯-୧ ଗୋଲରେ ପରାସ୍ତ କରି ଏକ ବୃହତ୍ ବିଜୟ ହାସଲ କରିଛି। ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚ୍‌ର ପ୍ରଥମ ପିରିୟଡରେ ଓଡ଼ିଶା ଖେଳାଳିମାନେ ୫ଟି ଓ ଦ୍ୱିତୀୟ ପିରିୟଡ୍‌ରେ ୪ଟି ଗୋଲ ସ୍କୋର କରିଥିଲେ। ଓଡ଼ିଶା ତରଫରୁ ମାରିଆନା କୁଜୁର ଦ୍ୱିତୀୟ, ଦଶମ ଓ ୧୭ତମ ମିନିଟ୍‌ରେ ଗୋଲ ଦେଇଥିଲେ। ସେହିପରି ଏଲିମା ମିଞ୍ଜ୍ ଷଷ୍ଠ ଓ ୧୧ତମ ମିନିଟରେ ଗୋଲ ସ୍କୋର କରିଥିଲେ। ଏହା ପରେ ପ୍ରିୟଙ୍କା ଏକ୍କା ସପ୍ତମ ଓ ୨୦ତମ, ମଞ୍ଜୁ ଲାକ୍ରା ନବମ ଓ ଅସ୍ମିତା ବାର୍ଲା ୧୫ତମ ମିନିଟରେ ଗୋଲ ଦେଇଥିଲେ। ଅପରପକ୍ଷରେ ତାମିଲନାଡୁ ତରଫରୁ ଇ. ପୋନମାଥି ୧୬ତମ ମିନିଟରେ ଦଳ ତରଫରୁ ଏକ ମାତ୍ର ଗୋଲ ସ୍କୋର କରିଥିଲେ।

ଦ୍ୱିତୀୟ ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍ ଗୁଡିକରେ ହରିୟାଣା, ମହାରାଷ୍ଟ୍ର ବୃହତ୍ ବିଜୟ ହାସଲ କରିଥିବା ବେଳେ କର୍ଣ୍ଣାଟକ ଓ ଝାଡଖଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୩-୩ ଗୋଲରେ ଅମୀମାଂସିତ ରହିଥିଲା। ପୁଲ୍-ଏ'ର ପ୍ରଥମ ମ୍ୟାଚ୍‌ରେ ହରିୟାଣା ୫-୧ ଗୋଲରେ ପଞ୍ଜାବକୁ ପରାସ୍ତ କରିଛି। ସେହିପରି ପୁଲ୍ ବି'ରେ ମହାରାଷ୍ଟ୍ର ୬-୨ ଗୋଲରେ ଉତ୍ତରପ୍ରଦେଶକୁ ହରାଇଛି। ପୁଲ୍ ବି'ର ଦ୍ୱିତୀୟ ମ୍ୟାଚ୍‌ରେ କର୍ଣ୍ଣାଟକ ଓ ଝାଡଖଣ୍ଡ ପରସ୍ପରକୁ ଭେଟିଥିଲେ ଓ ଏହି ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଫଳରେ ୩-୩ ଗୋଲରେ ଅମୀମାଂସିତ ରହିଥିଲା।

### ମଣିପୁରର ବୃହତ୍ ବିଜୟ

କଟକ ଅଫିସ,୧୯।୯

କଟକରେ ଚାଲିଥିବା ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପରେ ବୁଧବାର ୫ଟି ମ୍ୟାଚ୍ ଖେଳାଯାଇଛି। ୫ଟି ଯାକ ମ୍ୟାଚ୍ ଏକତରଫା ଭାବେ ଶେଷ ହୋଇଛି। ଦିଲ୍ଲୀ ୫-୦ ଗୋଲରେ ମଧ୍ୟପ୍ରଦେଶକୁ, ମଣିପୁର ୯-୦ ଗୋଲରେ ଉତ୍ତରାଖଣ୍ଡକୁ, ପଞ୍ଜାବ ୬-୦ ଗୋଲରେ ବିହାରକୁ, ତାମିଲନାଡୁ ୭-୦ ଗୋଲରେ ମିଜୋରାମକୁ ଓ ମହାରାଷ୍ଟ୍ର ୬-୦ ଗୋଲରେ ଚଣ୍ଡିଗଡ଼କୁ ପରାସ୍ତ କରିଛି।

### ରାଜ୍ୟ କାୟାକିଂ, କାନୋଇଂ ଚାମ୍ପିୟନଶିପ ୨୯ରେ

କଟକ ଅଫିସ,୧୯।୯

ଓଡ଼ିଶା କାୟାକିଂ, କାନୋଇଂ ଆସୋସିଏଶନ ଆନୁକୂଲ୍ୟରେ ୨୯ ଓ ୩୦ ତାରିଖ ଦୁଇ ଦିନ ଧରି ଜଗତପୁର ଜଳକ୍ରୀଡ଼ା କେନ୍ଦ୍ରରେ ୧୪ତମ ରାଜ୍ୟସ୍ତରୀୟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଉଭୟ ବାଳିକା ଓ ବାଳକ ବର୍ଗର ସବ୍‌ଜୁନିୟର, ଜୁନିୟର ଓ ସିନିୟର ପ୍ରତିଯୋଗୀ ଏଥିରେ ଭାଗ ନେବେ।

**■ ସୁଲତାନ ଅଫ୍ ଜୋହର କପ୍ ଜୁନିୟର ହକି**

# ଭାରତୀୟ ଦଳରେ ଓଡ଼ିଶାର ୩

ନୂଆଦିଲ୍ଲୀ,୧୯।୯(ପି.ଟି.)

ମାଲେସିଆରେ ଆସନ୍ତା ଅକ୍ଟୋବର ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ୮ମ ସୁଲତାନ ଅଫ୍ ଜୋହର କପ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିଲାଗି ବୁଧବାର ୧୮ ଜଣିଆ ଭାରତୀୟ ଜୁନିୟର ହକି ଦଳ ଘୋଷଣା କରାଯାଇଛି। ମନ୍‌ଦୀପ ମୋର୍ ଦଳର ଅଧିନାୟକ ଏବଂ ଓଡ଼ିଶାର ଶିଳାନନ୍ଦ ଲାକ୍ରା ଉପ ଅଧିନାୟକ ମନୋନୀତ ହୋଇଛନ୍ତି। ତାଙ୍କ ବ୍ୟତୀତ ଆଉ ଦୁଇ ଜଣ ଓଡ଼ିଆ ଖେଳାଳି ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୁମନ ବେକ (ଡିଫେଣ୍ଡର) ଓ ପଙ୍କଜ କୁମାର ରଜାକ (ଗୋଲକିପର)। ଝାଡ଼ଖଣ୍ଡର ପଙ୍କଜ ୨୦୧୨ରୁ ସେଲ୍ ଏକାଡେମୀରେ ଟ୍ରେନିଂ ନେଇ ଆସୁଛନ୍ତି। ଏହା ବ୍ୟତୀତ ସେ ଜାତୀୟ ଜୁନିୟର ଓ ସିନିୟର ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ରାଉଣ୍ଡ ରବିନ ଭିତ୍ତିରେ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟରେ ଭାରତୀୟ ଦଳ ନ୍ୟୁଜିଲାଣ୍ଡ, ଜାପାନ, ଅଷ୍ଟ୍ରେଲିଆ, ଗ୍ରେଟ ବ୍ରିଟେନ ଓ ଆୟୋଜକ ମାଲେସିଆ ସହ ମୁକାବିଲା କରିବ। ପ୍ରତ୍ୟେକ ଦଳ ପରସ୍ପରକୁ ଥରେ ଲେଖାଏ ଭେଟିବା ପରେ ଶୀର୍ଷରେ ଥିବା ଦୁଇ ଦଳ ମଧ୍ୟରେ ଫାଇନାଲ ଖେଳାଯିବ। "୮ମ ଜୋହର କପ୍‌କୁ ଦୃଷ୍ଟିରେ ରଖି ଆମେ ଖେଳାଳି ଚୟନ କରିଛୁ। ଏଥିରେ ଯୁବ ବର୍ଗର କେତେକ ଭଲ ଦଳକୁ ଆମେ ଭେଟିବୁ। ଜୋହର ବାହରୁଠାରେ ଖେଳାଯିବାକୁ ଥିବା ଫାଇନାଲରେ ଆମ ଦଳ ଯେ କୌଣସି ଯୁବ ଦଳକୁ ଚ୍ୟାଲେଞ୍ଜ ଦେଇପାରିବ ବୋଲି ବିଶ୍ୱାସ ରହିଛି। କୋଚ୍ ଜୁଡ୍ ଫେଲିକ୍ସ ଚଳିତ ବର୍ଷ ବେଲଜିୟମ ଗସ୍ତ ଓ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ଜାତୀୟ କ୍ୟାମ୍ପବେଳେ ଜୁନିୟର ବର୍ଗର ଖେଳାଳିଙ୍କୁ ବିଭିନ୍ନ କମ୍ବିନେଶନରେ ଖେଳାଇଥିଲେ। ଏଥିରେ ସେମାନେ ଭଲ ପ୍ରଦର୍ଶନ କରିଥିଲେ। ଭାରତୀୟ ଖେଳାଳିଙ୍କ ଲାଗି ଏହା ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। ଏହା ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବ" ବୋଲି ହକି ଇଣ୍ଡିଆ ହାଇ ପରଫରମାନ୍ସ ନିର୍ଦ୍ଦେଶକ ଡେଭିଡ ଜନ କହିଛନ୍ତି।



ଶିଳାନନ୍ଦ ଲାକ୍ରା



ସୁମନ ବେକ



ପଙ୍କଜ କୁମାର ରଜାକ

**ଶିଳାନନ୍ଦ ଉପ ଅଧିନାୟକ**

**ଭାରତୀୟ ଦଳ**

**ଗୋଲକିପର:** କାମଲବୀର ସିଂ ଓ ପଙ୍କଜ କୁମାର ରଜାକ। **ଡିଫେଣ୍ଡର:** ସୁମନ ବେକ୍, ମହମ୍ମଦ ଫରାଜ, ସୋମଜିତ, ମନଦୀପ ମୋର (ଅଧିନାୟକ), ପ୍ରିନ୍ସ ଓ ବରିନ୍ଦର ସିଂ। **ମିଡ୍‌ଫିଲ୍ଡର:** ଯଶଦୀପ ସିୱାଚ, ହରମନଜିତ ସିଂ, ବିଷ୍ଣୁକାନ୍ତ ସିଂ, ଗୋପୀ କୁମାର ସୋନକାର, ବିଶାଲ ଆଣ୍ଟିଲ ଓ ହଶପ୍ରୀତ ସିଂ। **ଫରୱାର୍ଡ:** ଗୁରୁସାହାବଜିତ ସିଂ, ଅଭିଷେକ, ପ୍ରଭଜୋତ ସିଂ ଓ ଶିଳାନନ୍ଦ ଲାକ୍ରା (ଉପ ଅଧିନାୟକ)।

# ଜଗମୋହନ ସଭାପତି, ଆଶୀର୍ବାଦ ସମ୍ପାଦକ

**ଓଏଏର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା**

କଟକ ଅଫିସ,୧୯।୯

ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ (ଓଏଏ)ର ନୂତନ କର୍ମକର୍ତ୍ତାଙ୍କ ନାମ ବୁଧବାର ଘୋଷଣା କରାଯାଇଛି। ପ୍ରତ୍ୟେକ ପଦବୀ ନିମନ୍ତେ ଥିବା ନିର୍ଦ୍ଦିଷ୍ଟ ସିଟ ସଂଖ୍ୟା ତୁଳନାରେ ଅଧିକ ଆବେଦନକାରୀ ନ ଥିବାରୁ ନିର୍ବାଚନର ଆବଶ୍ୟକତା ପଡ଼ିନାହିଁ। ନିର୍ଦ୍ୱନ୍ଦ୍ୱରେ ସମସ୍ତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । କଳାହାଣ୍ଡି ଜିଲା ଆଥ୍‌ଲେଟିକ ଆସୋସିଏଶନର ଜଗମୋହନ ପଟ୍ଟନାୟକ ସଭାପତି ଓ କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନର ଆଶୀର୍ବାଦ ବେହେରା ସମ୍ପାଦକ ପଦବୀ ବଜାୟ ରଖିଛନ୍ତି। ଜଗମୋହନ ଲଗାତର ୩ଥର ଏହି ପଦବୀରେ ରହିଥିବା ବେଳେ ୧୯୯୦ ମସିହାରୁ ଆଶୀର୍ବାଦ ଓଏଏର ସମ୍ପାଦକ ରହି ଆସିଛନ୍ତି। ଏହାକୁ ମିଶାଇ ଆଶୀର୍ବାଦ ୮ମ ଥର ନିମନ୍ତେ ଓଏଏର ସମ୍ପାଦକ ହେଲେ। ଆସନ୍ତା ୨୩ ତାରିଖରେ ଓଏଏର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବା ସହ ଆଥ୍‌ଲେଟିକ ଫେଡେରେଶନ୍ ଅଫ ଇଣ୍ଡିଆର ଅଧିକାରୀଙ୍କ ଉପସ୍ଥିତିରେ ନବନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ପ୍ରତାପ ଶତପଥୀ ସୂଚନା ଦେଇଛନ୍ତି।

ଚଳିତବର୍ଷ ନିର୍ବାଚନରେ ଆଥ୍‌ଲେଟିକ ଫେଡେରେଶନ୍ ଅଫ ଇଣ୍ଡିଆର ଅନୁମୋଦନ କ୍ରମେ କେତେକ ପଦବୀରେ ସିଟ୍ ସଂଖ୍ୟାରେ ସଂଶୋଧନ କରାଯାଇଛି। ପୂର୍ବରୁ ଉପସଭାପତି ପଦବୀରେ ୮ଜଣ ରହୁଥିବା ବେଳେ ଚଳିତଥର ଏହାକୁ ୫ରେ ସୀମିତ ରଖାଯାଇଛି। ସେହିପରି ଯୁଗ୍ମ ସମ୍ପାଦକ ପଦବୀରେ ପୂର୍ବରୁ ୩ଜଣ ରହୁଥିବାବେଳେ ଏବେ ଏହା ୨ କରାଯାଇଛି। କାଉନସିଲ ମେମ୍ବରକୁ ଉଠାଇ ଦିଆଯାଇ ୧୧ଜଣିଆ କାର୍ଯ୍ୟନିର୍ବାହୀ କମିଟି ଭାବେ ଏକ ନୂତନ ସଦସ୍ୟ ତାଲିକା କରାଯାଇଛି। ଉପସଭାପତି ଭାବେ ଢେଙ୍କାନାଳର ନଳିନୀ କୁମାର ଦାସ, କେନ୍ଦୁଝରର ଜନାର୍ଦ୍ଦନ ଦାସ, ସମ୍ବଲପୁରର ଦୁଲାଲ ଚନ୍ଦ୍ର ପ୍ରଧାନ, ଝାରସୁଗୁଡ଼ାର ତାପସ କୁମାର ରାୟ ଚୌଧୁରୀ, ସୁନ୍ଦରଗଡ଼ର ଦୁର୍ଗାମାଧବ ନାୟକ ଏବଂ ଯୁଗ୍ମ ସମ୍ପାଦକ ଭାବେ ଗଞ୍ଜାମର ଅଶୋକ କୁମାର ସାହୁ, କୋରାପୁଟର ରବି ନାୟକ, ସହକାରୀ ସମ୍ପାଦକ ଭାବେ ବଲାଙ୍ଗୀରର ବିଭୂତି ଭୂଷଣ ପରିଡ଼ା, କୋଷାଧ୍ୟକ୍ଷ ଭାବେ ପୁରୀର ରବିଶଙ୍କର ପ୍ରତିହାରୀ ବିଜୟଲାଭ କରିଛନ୍ତି। କାର୍ଯ୍ୟନିର୍ବାହୀ କମିଟିରେ ବାଲେଶ୍ୱରର ଅଧିପ ଦାସ, ଭୁବନେଶ୍ୱରର ମନୋରଞ୍ଜନ ମହାନ୍ତି, ବରଗଡ଼ର ଯୁଗଳ ପ୍ରସାଦ ସିଂ, ଭଦ୍ରକର ଧୀରେନ ପଲାଇ, କେନ୍ଦ୍ରାପଡ଼ାର ସାୟଦ ଅକ୍ରମ ଅଲ୍ଲୀ, ରାୟଗଡ଼ାର ମନୋଜ କୁମାର ଗନ୍ତାୟତ, ଖୋର୍ଦ୍ଧାର ଉପେନ୍ଦ୍ର ନାଥ ଦାସ, କଟକର ବିପିନ ବିହାରୀ ମହାନ୍ତି, ଯାଜପୁରର ଚିତ୍ତରଞ୍ଜନ ମହାପାତ୍ର, ଗଞ୍ଜାମର ସୁରେନ୍ଦ୍ର କୁମାର ପଟ୍ଟନାୟକ, ନବରଙ୍ଗପୁରର ଏମ୍. ବାଲକୃଷ୍ଣ ରାଓ ରହିଛନ୍ତି।



“ପାକିସ୍ତାନ ବିପକ୍ଷ ନୈରାଶ୍ୟଜନକ ପ୍ରଦର୍ଶନ ପରେ ଭାରତ ସହ ଆମ ଖେଳାଳିମାନେ ଯେଉଁଭଳି ଲଢୁଆ ପ୍ରଦର୍ଶନ ଦେଖାଇଲେ ତାହାକୁ ନେଇ ଗର୍ବିତ ।

–ଅଂଶୁମାନ ରଥ, ହଂକଂ ଅଧିନାୟକ



“ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ଧୈର୍ଯ୍ୟ ରଖନ୍ତୁ। ଆଗାମୀ ଦୁଇବର୍ଷ ମଧ୍ୟରେ ସେ ବେନ୍ ଷ୍ଟୋକ୍ସଙ୍କ ନିକଟତର ହୋଇପାରିବେ।

–ଲାନ୍ସ କ୍ଲୁଜନର, ପ୍ରାକ୍ତନ ଦକ୍ଷିଣ ଆଫ୍ରିକା ଅଲ୍‌ରାଉଣ୍ଡର

## ସଂକ୍ଷେପରେ

### ପ୍ରଥମ ଟି୨୦ରେ ମହିଳା ଦଳ ବିଜୟୀ

କଲମ୍ବୋ,୧୯।୯- ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ୍ ଜିତିବା ପରେ ଟି୨୦ ସିରିଜରେ ଭାରତୀୟ ମହିଳା ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ବୁଧବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌କୁ ଭାରତ ୧୩ ରନ୍‌ରେ ଜିତି ନେଇଛି। ବିଜୟୀ ଭାରତ ଲାଗି ସ୍ପିନର ପୁନମ ଯାଦବ ୪ ଉଇକେଟ ନେଇ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏଥିସହ ନିକଟରେ ଅବସର ନେଇଥିବା ପେସର ଝୁଲନ ଗୋସ୍ୱାମୀଙ୍କୁ ଅତିକ୍ରମ କରି ଟି୨୦ ଫର୍ମାଟରେ ସେ ଭାରତର ସର୍ବାଧିକ ଉଇକେଟ ନେଇଥିବା ବୋଲର ହୋଇଯାଇଛନ୍ତି। **ସଂକ୍ଷିପ୍ତ ସ୍କୋର:** ଭାରତ ୨୦ ଓଭରରେ ୧୬୮/୮(ତାନିୟା ଭାଟିୟା ୪୬, ଜେମିମା ରୋଡ୍ରିଗୁଏଜ ୩୬ ଓ ଅନୁଜା ପାଟିଲ ୩୬, ଉଦେଶିକା ପ୍ରବୋଧିନୀ ୨/୧୮)। ଶ୍ରୀଲଙ୍କା ଇନିଂସ: ୧୯.୩ ଓଭରରେ ୧୫୫/ଅଲଆଉଟ୍।

### ପାକିସ୍ତାନକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୧୯।୯(ପି.ଟି.): ମଙ୍ଗୋଲିଆର ଉଲାନ ବାତୋରରେ ଚାଲିଥିବା ୧୬ ବର୍ଷରୁ କମ୍ ଏସିଆନ ଫୁଟବଲ କନଫେଡେରେଶନ (ଏଏଫ୍‌ସି) ମହିଳା ଚାମ୍ପିୟନଶିପ୍ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୪-୦ ଗୋଲରେ ହରାଇଛି। ଭାରତ ପକ୍ଷରୁ ଅଭିକା ସିଂ, ସୁନୀତା ମୁଣ୍ଡା, ଶିଲକି ଦେବୀ ଗୋଲ ସ୍କୋର କରିଥିଲେ। ପାକିସ୍ତାନ ଏକ ଆତ୍ମଘାତୀ ଗୋଲ ଦେଇଥିଲା।

### ଫାଓ ଲିଗ୍: ଚାନ୍ଦ, ରାଧାରମଣ ବିଜୟୀ

କଟକ ଅଫିସ,୧୯।୯: ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗରେ ବୁଧବାର ଖେଳାଯାଇଥିବା ୨ଟି ମ୍ୟାଚ୍‌ରେ ଚାନ୍ଦ କ୍ଲବ ଓ ରାଧାରମଣ କ୍ଲବ ବିଜୟୀ ହୋଇଛନ୍ତି। ଚାନ୍ଦ କ୍ଲବ ୨-୦ ଗୋଲରେ ଆଜାଦ ହିନ୍ଦ କ୍ଲବକୁ ପରାସ୍ତ କରିଥିଲା। ଶଶିକାନ୍ତ ସନ୍ଦେଲ ଓ ସୁନୀଲ ମୁର୍ମୁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ରାଧାରମଣ କ୍ଲବ ୨-୦ ଗୋଲରେ ବିଡ଼ାନାସୀ କ୍ଲବକୁ ହରାଇଛି। ବଦା ହେମ୍ବ୍ରମ ଓ ସୁମନ୍ତ ଛେତ୍ରୀ ଗୋଲ ଦେଇଥିଲେ।

# ଭାରତର ସହଜ ବିଜୟ

**ଏସିଆ କପ୍ କ୍ରିକେଟ**

ଦୁବାଇ, ୧୯।୯ (ପି.ଟି.)

ଏସିଆ କପ୍‌ରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୨୧ ଓଭର ବାକିଥାଇ ୮ ଉଇକେଟରେ ଅତି ସହଜରେ ପରାସ୍ତ କରି ସୁପର-୪ ପର୍ଯ୍ୟାୟରେ ପ୍ରବେଶ କରିଛି। ବୁଧବାର ସ୍ଥାନୀୟ ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ଅନୁଷ୍ଠିତ ଟୁର୍ନାମେଣ୍ଟର ପଞ୍ଚମ ମ୍ୟାଚ୍‌ରେ ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୪୩.୧ ଓଭରରେ ୧୬୨ ରନ କରି ଅଲଆଉଟ୍ ହୋଇଥିଲା। ଜବାବରେ ଭାରତ ୨୯ ଓଭରରେ ୨ ଉଇକେଟ ହରାଇ ୧୬୪ ରନ କରି ବିଜୟୀ ହୋଇଥିଲା। ମାତ୍ର ୧୫ ରନ ବ୍ୟୟ କରି ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିବା ଭାରତୀୟ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୬୩ ରନ ଟାର୍ଗେଟ୍‌ର ପିଛା କରି ଭାରତ ଦୁଇ ଓପନର ରୋହିତ ଶର୍ମା ଓ ଶିଖର ଧାୱନ ପ୍ରଥମ ଉଇକେଟ ଯୋଡ଼ିରେ ୮୬ ରନ କରି ଭଲ ଆରମ୍ଭ କରିଥିଲେ। ରୋହିତ ୩୯ ବଲରୁ ୬ ଚୌକା, ୩ ଛକା ସହ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହେବା ପରେ ଧାୱନ ୪୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଦୀନେଶ କାର୍ତ୍ତିକ ଓ ଅମ୍ବାତି ରାୟୁଡୁ ଉଭୟ ୩୧ରନ ଲେଖାଏ କରି ଅପରାଜିତ ରହିବା ସହ ତୃତୀୟ ଉଇକେଟ ଯୋଡ଼ିରେ ଅପରାଜିତ ୬୦ ରନ କରି ଦଳକୁ ଜିତାଇଥିଲେ। ପାକିସ୍ତାନ ତରଫରୁ ଫହିମ ଆଶ୍ରଫ୍ ଓ ଶଦାବ ଖାଁ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ ନେଇଥିବା ପାକିସ୍ତାନ ଦେଖିଚାହିଁ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ମାତ୍ର ୩ ରନରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦୁଇ ଓପନର ଇମାମ- ଉଲ ହକ ଓ ଫକର ଜମାନ ଯଥାକ୍ରମେ ୨ ଓ ବିନା ସ୍କୋରରେ ଭୁବନେଶ୍ୱର କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ବଡ଼ ଶଟ୍ ଖେଳିବାକୁ ଯାଇ ଇମାମ ଉଇକେଟ କିପର ମହେନ୍ଦ୍ର ସିଂ ଧୋନୀ ଓ ଜମାନ ୟୁଜବେନ୍ଦ୍ର ଚହଲଙ୍କ ହାତରେ ଧରାପଡିଥିଲେ। ଏହାପରେ ତୃତୀୟ ଉଇକେଟ ଯୋଡ଼ିରେ ଅଭିଜ୍ଞ ସୋଏବ ମଲିକ ଓ ବାବର ଆଜମ ୮୨ ରନ କରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ତେବେ ୪୭ ରନ କରି ବାବର ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହେବା ପରେ ସୋଏବ ୪୩ ରନ କରିଥିବା ବେଳେ ରାୟୁଡୁଙ୍କ ଡାଇରେକ୍ଟ ଥ୍ରୋରେ ରନ୍ ଆଉଟ୍ ହୋଇଥିଲେ। ଏହା ପରେ ପାକିସ୍ତାନ ଇନିଂସ ତାସ୍ ଘର ପରି ଭୁଶୁଡି ପଡିଥିଲା। ଫହିମ ଆଶ୍ରଫ୍ ୨୧ ଓ ମହମ୍ମଦ ଅମୀର ଅପରାଜିତ ୧୮ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଭାରତ ତରଫରୁ ଭୁବନେଶ୍ୱର ଓ କେଦାର ଯାଦବ ୩ଟି ଲେଖାଏ, ଯଶପ୍ରୀତ ବୁମରା ୨ ଏବଂ କୁଲଦୀପ ଯାଦବ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୪୩.୧ ଓଭରରେ ୧୬୨ ଅଲଆଉଟ୍ (ବାବର- ୪୭, ସୋଏବ- ୪୩, ଆଶ୍ରଫ୍- ୨୧, ଅମୀର- ୧୮*, ଭୁବନେଶ୍ୱର-୩/୧୫,କେଦାର-୩/୨୩, ବୁମରା- ୨/୨୩, କୁଲଦୀପ- ୧/୩୭)। ଭାରତ ୨୯ ଓଭରରେ ୧୬୪/୨ (ରୋହିତ- ୫୨, ଧାୱନ- ୪୬, ରାୟୁଡୁ- ୩୧*, କାର୍ତ୍ତିକ- ୩୧*)।



ଭୁବନେଶ୍ୱର କୁମାର

### ଷ୍ଟ୍ରେଚରରେ ବାହାରକୁ ଗଲେ ପାଣ୍ଡ୍ୟା



ବୁଧବାର ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ମ୍ୟାଚରେ ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆହତ ହୋଇଥିଲେ ଓ ତାଙ୍କୁ ଷ୍ଟ୍ରେଚର ଯୋଗେ ପଡିଆ ବାହାରକୁ ନିଆଯାଇଥିଲା। ଆକ୍ୟୁଟ ଲୋୟର ବ୍ୟାକ୍ ଇଞ୍ଜୁରି ବା ପିଠିର ନିମ୍ନ ଭାଗରେ ଆଘାତ ସମସ୍ୟା ଯୋଗୁ ପାଣ୍ଡ୍ୟାଙ୍କୁ ବାହାରକୁ ଯିବାକୁ ହୋଇଥିଲା। ପାକିସ୍ତାନ ଇନିଂସର ୧୮ତମ ଓଭରରେ ଏହି ଘଟଣା ଘଟିଥିଲା। ପାଣ୍ଡ୍ୟା ତାଙ୍କ ପଞ୍ଚମ ଓଭରର ପଞ୍ଚମ ବଲ୍ ପକାଇବା ପରେ ଫଲୋଥ୍ରୁରେ ବଲ ସଂଗ୍ରହ କରିବା ବେଳେ ଯନ୍ତ୍ରଣା ଅନୁଭବ କରି ତଳେ ପଡିଯାଇଥିଲେ। ଏପରି କି ସେ ଉଠିବାକୁ ସକ୍ଷମ ହୋଇ ନ ଥିଲେ। ତାଙ୍କର ମେଡିକାଲ ଚେକ୍‌ଅପ୍ କରାଯାଇଥିଲା। ସେ ଏବେ ଠିଆହେବାକୁ ସକ୍ଷମ ବୋଲି ମେଡିକାଲ ଟିମ୍ ତରଫରୁ କୁହାଯାଇଥିଲା। ତାଙ୍କ ବଦଳ ଖେଳାଳିଭାବେ ମନୀଷ ପାଣ୍ଡେ ପଡିଆରେ ପ୍ରବେଶ କରିଥିଲେ।

### ଆଜିର ମ୍ୟାଚ୍

**ବାଂଲାଦେଶ** ବନାମ **ଆଫଗାନିସ୍ତାନ**

ସମୟ: **ସନ୍ଧ୍ୟା ୫ଟା**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ-୧**

# ସାଜନଙ୍କୁ ଐତିହାସିକ ପଦକ

ନୂଆଦିଲ୍ଲୀ,୧୯।୯(ପି.ଟି.)

ସାଜନ ଭାନୱାଲ ପ୍ରଥମ ଭାରତୀୟ ଯୋଦ୍ଧା ଭାବେ ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ କ୍ରମାଗତ ପଦକ ଜିତିଛନ୍ତି। ସ୍ଲୋଭାକିଆର ଟ୍ରନାଭାଠାରେ ଚାଲିଥିବା ଇଭେଣ୍ଟର ୭୭ କିଗ୍ରା ଗ୍ରୀକୋ ରୋମାନ ବର୍ଗରେ ରୌପ୍ୟ ପଦକ ଜିତିଛନ୍ତି। ରୁଷିଆ ଯୋଦ୍ଧା ଇସ୍‌ଲାମ ଓପିଭ ୨୦ ବର୍ଷୀୟ ଭାରତୀୟ ଯୋଦ୍ଧାଙ୍କୁ ୮-୦ ବ୍ୟବଧାନରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲ ମୁକାବିଲାର ପ୍ରଥମ ଦେଢ଼ ମିନିଟ୍ ପର୍ଯ୍ୟନ୍ତ ସାଜନ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। କିନ୍ତୁ ପଏଣ୍ଟ ହାସଲ କରିବାରେ ସକ୍ଷମ ହୋଇ ନ ଥିଲେ। ମାତ୍ର ପ୍ରତିପକ୍ଷ ବକ୍ସର ସାଜନଙ୍କୁ ତଳେ ପକାଇ ୬ ପଏଣ୍ଟ ହାସଲ କରିନେଇଥିଲେ। ଏହାପରେ ସାଜନ ମ୍ୟାଚ୍‌କୁ ଫେରିବାକୁ ସକ୍ଷମ ହୋଇ ନ ଥିଲେ। ଜୁନିୟର ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ହରିୟାଣା କୁସ୍ତିଯୋଦ୍ଧା ଚଳିତ ପ୍ରତିଯୋଗିତାର ସେମିଫାଇନାଲରେ ୟୁକ୍ରେନ୍‌ର ଡିମିଟ୍ରିଓ ଗାର୍ଡୁବେଇଙ୍କୁ ହରାଇଥିଲେ। ଗତବର୍ଷ ଫିନ୍‌ଲାଣ୍ଡରେ ଅନୁଷ୍ଠିତ ଜୁନିୟର ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ତାଙ୍କ ବ୍ୟତୀତ ବିଜୟ ପୂର୍ବରୁ ୫୫ କିଗ୍ରାରେ ଗ୍ରୀକୋ ରୋମାନ୍ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

■ ସମ୍ବିଧାନ ସଂଶୋଧନ ରିପୋର୍ଟ ପଠାଇଲା ଓସିଏ

# ସାଧାରଣ ପରିଷଦ ବୈଠକ ଡକାଗଲାନି

କଟକ ଅଫିସ, ୧୯।୯

ଗତ ଅଗଷ୍ଟ ୨୧ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)କୁ ସମ୍ବିଧାନ ସଂଶୋଧନ କରାଯିବା ନେଇ ନିର୍ଦ୍ଦେଶ ଆସିଥିଲା। ଏକ ମାସ ମଧ୍ୟରେ ସମ୍ବିଧାନ ସଂଶୋଧନ ସମ୍ପର୍କୀତ ରିପୋର୍ଟ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ଏ ନେଇ ଓସିଏ ପକ୍ଷରୁ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଡକାଯିବା ପରେ ସମସ୍ତଙ୍କ ମତ ଲୋଡ଼ି ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ଓସିଏ କାର୍ଯ୍ୟକାରୀ କମିଟି ପକ୍ଷରୁ କୁହାଯାଇଥିଲା। ମାତ୍ର ବୈଠକ ଡାକିବା ତ ଦୂରର କଥା ତରବରିଆ ଭାବେ ସମ୍ବିଧାନ ସଂଶୋଧନ ରିପାର୍ଟ ପ୍ରସ୍ତୁତ କରାଯାଇ ପଠାସରିଛି ବୋଲି ଜଣାପଡ଼ିଛି। ସାଧାରଣ ପରିଷଦ ବୈଠକ ଡକାଯାଇଥିଲେ ବିଭିନ୍ନ କର୍ମକର୍ତ୍ତାଙ୍କ ମତ ନିଆଯାଇ ପାରିଥାନ୍ତା। ସୁପ୍ରିମକୋର୍ଟ ଦ୍ୱାରା ପ୍ରସ୍ତାବିତ ରିପୋର୍ଟକୁ ଗ୍ରହଣ କରାଯିବାର ବିଭିନ୍ନ ଦିଗ ନେଇ ଆଲୋଚନା ହୋଇଥାନ୍ତା। ହେଲେ ଏକଚାଟିଆ ଭାବେ ଏହି କାର୍ଯ୍ୟ ହୋଇଛି ବୋଲି ଅଭିଯୋଗ ଉଠିଛି। ପରବର୍ତ୍ତୀ ସମୟରେ ବିଭିନ୍ନ ବର୍ଗରୁ ପ୍ରତିବାଦର ସ୍ୱର ଉଠିବା ନିଃଶ୍ଚିତ ବୋଲି କେତେକ କ୍ରୀଡ଼ା ସଙ୍ଗଠକ ମତ ଦେଇଛନ୍ତି। ଓସିଏ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ ଏ ସମ୍ପର୍କରେ କୁହନ୍ତି, ନିୟମ ମୁତାବକ ସମସ୍ତ କାର୍ଯ୍ୟ କରାଯାଇଛି। ଗତ ମଙ୍ଗଳବାର ସିଓଏ, ବିସିସିଆଇ ସିଇଓ ଓ ସୁପ୍ରିମକୋର୍ଟକୁ ନକଲ ପଠାଯାଇଛି। ସମ୍ବିଧାନ ସଂଶୋଧନ କରାଯିବା ନେଇ ଆସିଥିବା ସମସ୍ତ ପ୍ରସ୍ତାବକୁ ମାନି ନିଆଯାଇଛି ବୋଲି ସେ କହିଥିଲେ।




Regd Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For more information, contact nearest Hero MotoCorp's authorised outlet or call Toll Free No.: 1800-266-0018 or visit heromotocorp.com. Always wear a helmet while riding a two-wheeler. Accessories and features shown may not be part of standard fitment. #Finance available at the sole discretion of the financiers. For more details please contact the nearest Hero MotoCorp dealership. *Terms and Condition apply. Offers valid in select states only. Limited period offers.

FINANCE PARTNER HeroFinCorp. HDFC BANK We understand your world IndusInd Bank TWO WHEELER LOANS
HeroMotoCorpIndia HeroMotoCorpLimited TheHeroMotoCorp HeroMotoCorp.com HeroMotoCorp

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍‌ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ଏସେନ ହୀରୋ - 7799766425. ସନୀ ହୀରୋ - 7799766401. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ: ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍‌ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍‌ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଳା ଅଟୋମୋବାଇଲ୍‌ସ - 248001, 248002. ରାଇରଙ୍ଗପୁର: ମା ସାକମ୍ବରୀ ମୋଟର୍ସ - 7008906387. ସୋରୋ: ଟୁଇଙ୍କିଲ ମୋଟର୍ସ - 221711, 9337375571. ହୀରୋ ସିଓର! ସାର୍ଟିଫାଏଡ ପ୍ରି-ଓନ୍‌ଡ- ଟୁ ହୁଇଲର୍ - ବିଦ୍ୟାଧରପୁର, କଟକ - 8093080012.

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୦/୨୦୧୮ Bhubaneswar, Thursday, September 20/ 2018




ଶ୍ରୀମନ୍ଦିର ସଂସ୍କାର ମାମଲା

# ଆଜି ଆସିବେ ଆମିକସ୍‌କ୍ୟୁରି

**ପୁରୀ ଅଫିସ,୧୯।୯**

ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା ନେଇ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଗୁରୁବାର ପୁରୀ ଗସ୍ତରେ ଆସିବେ। ୨୧ ଓ ୨୨ ଦୁଇଦିନ ଧରି ଶ୍ରୀମନ୍ଦିର ସଂସ୍କାର ମାମଲା ନେଇ ବିଭିନ୍ନ ପକ୍ଷଙ୍କ ମତ ସଂଗ୍ରହ କରିବେ। ବିଶେଷକରି ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ଗଜପତି ମହାରାଜା ଦିବ୍ୟସିଂହ ଦେବ, ଜଷ୍ଟିସ୍ ବି.ପି. ଦାସ, ପୁରୀ ଜିଲା ଜଜ୍, ଶ୍ରୀମନ୍ଦିର ଛତିଶା ନିଯୋଗ, ପରିଚାଳନା କମିଟି ଏବଂ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସେ ସୁପ୍ରିମ୍‌କୋର୍ଟଙ୍କ ୧୨ଟି ପ୍ରସ୍ତାବ ଏବଂ ଆଦେଶର କାର୍ଯ୍ୟକାରିତା ଉପରେ ମୁଖ୍ୟତଃ ଆଲୋଚନା କରିବେ।

ଅନ୍ୟପକ୍ଷରେ ସେବକମାନେ ମଧ୍ୟ ଆମିକସ୍‌କ୍ୟୁରିଙ୍କ ସମ୍ମୁଖରେ ସେମାନଙ୍କ ପକ୍ଷ ରଖିବା ଲାଗି ପ୍ରସ୍ତୁତ ରହିଛନ୍ତି। ଏଥିଲାଗି ସେବକମାନଙ୍କ ମଧ୍ୟରେ ଏକ ଲିଗାଲ ସେଲ୍ କମିଟି ଗଠନ କରାଯାଇଛି। କମିଟି ସମସ୍ତ ପ୍ରସ୍ତାବ ସମ୍ପର୍କରେ ଆମିକସ୍‌କ୍ୟୁରିଙ୍କୁ ଅବଗତ କରିବ ବୋଲି ସୂଚନା ମିଳିଛି। ବିଶେଷକରି ଶ୍ରୀମନ୍ଦିରର ସେବାପୂଜା, ପରମ୍ପରା, ସଂସ୍କୃତି, ରୀତିନୀତି, ଶ୍ରୀମନ୍ଦିର ପରିଚାଳନାର ବିଧି ବ୍ୟବସ୍ଥା ନେଇ ଅବଗତ କରାଯିବ। ସେହିପରି ଆମିକସ୍‌କ୍ୟୁରିଙ୍କୁ ଶ୍ରୀମନ୍ଦିର ସେବା ଓ ପରମ୍ପରା ସଂକ୍ରାନ୍ତରେ ପ୍ରଥମେ ଜଣାଯିବ ବୋଲି ସୂଚନା ମିଳିଛି।

# ଟ୍ରକ୍‌ରେ ପିଟି ହୋଇ ବାଇକ୍ ଆରୋହୀ ଜୀବନ୍ତ ଦଗ୍ଧ

**ଖୁଣ୍ଟୁଣୀ,୧୯।୯ (ଡି.ଏନ.ଏ.)**



ବୁଧବାର ସନ୍ଧ୍ୟା ସାଢେ ୭ଟାରେ ଖୁଣ୍ଟୁଣୀ ଥାନାଠାରୁ ୨୦୦ ମିଟର ଦୂର ରାସ୍ତାରେ ଏକ ଟ୍ରକ ପଛରେ ପିଟି ହୋଇ ଜଣେ ବାଇକ୍‌ଆରୋହୀ ଜଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ରାଧାଶ୍ୟାମପୁର ଗ୍ରାମର ଭାଗବତ ନାଏକ। ମିଳିଥିବା ସୂଚନା ଅନୁଯାୟୀ, ତାଳଚେରରୁ କୋଇଲା ବୋଝେଇ କରି ଟ୍ରକ୍(ଓଆର୧୯ଜେ-୯୮୬୬)ଟି ଆରତୀ ଷ୍ଟିଲ୍ କାରଖାନା ଆଡକୁ ଯାଉଥିବାବେଳେ ଚାଳକ ହଠାତ୍ ବ୍ରେକ୍ ମାରିଥିଲେ। ସେହି ସମୟରେ ପଛରୁ ବାଇକ୍‌ରେ ଆସୁଥିବା ଭାଗବତ ଟ୍ରକ୍ ପଛରେ ପିଟି ହୋଇଯାଇଥିଲେ। ବାଇକ୍‌ର ଟାଙ୍କି ଟ୍ରକ୍‌ରେ ପିଟି ହୋଇ ଫାଟିଯିବାରୁ ଏଥିରେ ନିଆଁ ଲାଗି ଭାଗବତ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏହାପରେ ସ୍ଥାନୀୟ ଲୋକେ ଓ ଥାନାଧିକାରୀ ସତ୍ୟବ୍ରତ ଲେଙ୍କା ପହଞ୍ଚି ଆରତୀ ଷ୍ଟିଲ୍ କାରଖାନାରୁ ଦମକଳ ମଗାଇ ନିଆଁକୁ ଆୟତ୍ତ କରିଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ରାସ୍ତାରୋକୋ କରିଥିଲେ। ପରେ ଆଠଗଡ଼ ଉପଜିଲାପାଳଙ୍କ ପକ୍ଷରୁ ରେଡ୍‌କ୍ରସ ପାଣ୍ଠିରୁ ୧୦,୦୦୦ ଟଙ୍କା ଓ ଟ୍ରକ୍ ମାଲିକଙ୍କ ପକ୍ଷରୁ ୫୦,୦୦୦ ଟଙ୍କା ଦେବାକୁ ଆଇଆଇସି ଲେଙ୍କା ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ସେପ୍ଟେମ୍ବର, ୨୦୧୮



ନିଜକୁ ଯିଏ ବିଶ୍ୱାସ କରେ ନାହିଁ, ସେ ପରମାତ୍ମାଙ୍କୁ ବା କିପରି ବିଶ୍ୱାସ କରିପାରିବ।

– ବ୍ୟାସଦେବ



## ସଂକ୍ଷେପରେ

### ବିକଳାନନ୍ଦ କର ରସଗୋଲା ଦୋକାନରୁ ୧୧ ନାବାଳକ ଉଦ୍ଧାର

**ସାଲେପୁର, ୧୯।୯ (ଡି.ଏନ୍.ଏ) :** ସାଲେପୁର ବଜାରସ୍ଥିତ ବିକଳାନନ୍ଦକର ରସଗୋଲା ଦୋକାନରେ ବୁଧବାର ରାତି ୮ଟାରେ ଚଢ଼ାଉ କରାଯାଇ ୧୧ ଜଣ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ଜିଲା ଶିଶୁମଙ୍ଗଳ ସମିତିର ଅଧକ୍ଷ ମନ୍ଦାକିନୀ ଜେନାଙ୍କ ନିର୍ଦ୍ଦେଶକ୍ରମେ ସାଲେପୁର ପୋଲିସ୍ ସହାୟତାରେ କଟକ ଚାଇଲ୍ଡଲାଇନ୍ର କର୍ମକର୍ତ୍ତାମାନେ ଏହି ଚଢ଼ାଉ କରିଥିଲେ। ନବରଙ୍ଗପୁର, ଫୁଲବାଣୀ, ସମ୍ବଲପୁର, କନ୍ଧମାଳ ଜିଲାରୁ ନାବାଳକମାନେ ଏଠାକୁ ଆସି କାମ କରୁଥିବା ନେଇ ଚାଇଲ୍ଡଲାଇନ୍ ପକ୍ଷରୁ ସୂଚନା ଦିଆଯାଇଛି। ନାବାଳକମାନଙ୍କୁ ଉଦ୍ଧାର କରାଯାଇ ପୋଲିସ ଜିମାରେ ଦିଆଯାଇଛି ବୋଲି ଚାଇଲ୍ଡ ଲାଇନ୍ କୋଅଡିନେଟର୍ ନାରାୟଣ ଶୁକ୍ଳା କହିଛନ୍ତି। ଏହି ଉଦ୍ଧାର କାର୍ଯ୍ୟରେ ଚାଇଲ୍ଡଲାଇନ୍ ସଭ୍ୟ ଅମୂଲ୍ୟରତ୍ନ ମିଶ୍ର, ଓଡ଼ିଶା ସୂଚନା ଅଧିକାରୀ ଅଭିଯାନର କଟକ ଜିଲା ସଂଯୋଜକ ଜିତେନ୍ଦ୍ର ସାହୁ, ସୂଚନା ଅଧିକାରୀ ଟାଙ୍ଗୀ ବ୍ଲକ୍ ଆବାହକ ନବକିଶୋର ଦାସ ପ୍ରମୁଖ ସାମିଲ୍ ହୋଇଥିଲେ।

### ବଜ୍ରପାତରେ ୪ ଗୋରୁ ମୃତ, ୪ ଆହତ

**ନରସିଂହପୁର, ୧୯।୯(ସ୍ୱ.ପ୍ର):** ନରସିଂହପୁର ବ୍ଲକ ଅନ୍ତର୍ଗତ ଦେବଭୂମି ଗ୍ରାମରେ ବୁଧବାର ବଜ୍ରପାତ ହେବାରୁ ୪ ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ଦ୍ୱିପ୍ରହର ସମୟରେ ଗାଁ ନିକଟ ଆମ୍ବ ତୋଟାରେ ଗୋରୁପଲ ରହିଥିବାବେଳେ ହଠାତ ବଜ୍ରପାତ ହୋଇଥିଲା। ଫଳରେ ଗ୍ରାମର ରବି ଅମାନ୍ତ,ସଞ୍ଜୟ ଖଟୁଆ, ରବି ଜେନା ଓ କାଳିଆ ଜେନାଙ୍କ ଗୋଟିଏ ଲେଖାଏଁ ବଳଦର ମୃତ୍ୟୁ ଘଟିଛି। ସେହିପରି ସେଠାରେ ଥିବା ଅନ୍ୟ ୪ ଜଣ ଗୋରୁ ଆହତ ହୋଇଛନ୍ତି। ଖବରପାଇ ନରସିଂହପୁର ପ୍ରାଣୀଧନ ଚିକିତ୍ସା ଅଧିକାରୀ ବିଜୟ କୁମାର ସେନାପତି ଘଟଣାସ୍ଥଳରେ ପହଞ୍ଚି ଆହତ ଗୋରୁଙ୍କ ଚିକିତ୍ସା କରିଛନ୍ତି।

### କଲେଜରେ ଆଇନ ସଚେତନତା ଶିବିର

**ଆଠଗଡ ୧୯।୯ (ସ୍ୱ.ପ୍ର.) :** ଆଠଗଡ ତାଲୁକ ଆଇନସେବା କମିଟି ପକ୍ଷରୁ ବୁଧବାର ଆଠଗଡ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନସେବା କମିଟି ଅଧକ୍ଷ ଅତିରିକ୍ତ ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଏହି ଶିବିରକୁ ଉଦ୍‌ଘାଟନ କରିବା ସହିତ ଏଥିରେ ସଭାପତିତ୍ୱ କରିଥିଲେ। ଶିବିରରେ ଏସିଡ୍ ଆକ୍ରମଣ ଓ ଏଥିରେ ଆହତ ବ୍ୟକ୍ତିଙ୍କୁ କ୍ଷତିପୂରଣ ଦେବା ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସିଭିଲ ଜଜ୍ ସିନିୟର ଡିଭିଜନ ଶରତ କୁମାର ଜେନା, ବରିଷ୍ଠ ଆଇନଜବୀବୀ ପ୍ରାଣକୃଷ୍ଣ ଦାଶ, ପ୍ରଶାନ୍ତ କୁମାର ମିଶ୍ର, ଶୁଶାନ୍ତ କୁମାର ମିଶ୍ର ଓ ପ୍ରତାପ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅଧାପକ ଅନିରୁଦ୍ଧ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଆଇନ ସେବା କମିଟି ସହାୟିକା ରାଜଶ୍ରୀ ମହଲା ଏହାକୁ ସଂଯୋଜନା କରିଥିଲେ।

### ଅବକାରୀ ଚଢ଼ାଉ, ୨ଗିରଫ

#### ୮ହଜାର ୪ଶହ ୭୫ଲିଟର ପୋଚ ନଷ୍ଟ, ୪ଶହ ୫୦ ଲିଟର ମଦ ଜବତ,

**ଆଠଗଡ ୧୯।୯ (ସ୍ୱ.ପ୍ର.) :** କଟକ ଜିଲା ପ୍ରଶାସନ ପକ୍ଷରୁ ଚୋରା ନିଶା କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ଉଦ୍ୟମ ଜାରି ରହିଛି। ଏନେଇ ଜିଲା ଅବକାରୀ ବିଭାଗ ତରଫରୁ ବୁଧବାର ଆଠଗଡ ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଦାଲତରେ ହାଜର କରାଯାଇଛି। ସେମାନେ ହେଲେ ଆଠଗଡ ଏନ.ଏ.ସି ଅଞ୍ଚଳର ଜଳଧର ଦାସ ଓ ଗୌରାଙ୍ଗ ରାଉତ। ସେମାନଙ୍କ ନିକଟରୁ ୪ଶହ ୫୦ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିସହ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ତାଳୁଆ ଜଙ୍ଗଲ, ଆଠଗଡ ଥାନା ଅନ୍ତର୍ଗତ କୋରଙ୍ଗା ଜଙ୍ଗଲରେ ମଦ ପ୍ରସ୍ତୁତ ପାଇଁ ଗଚ୍ଛିତ ଥିବା ୮ହଜାର ୪୭୫ଲିଟର ପୋଚକୁ ନଷ୍ଟ କରିଦିଆଯାଇଛି। ଅବକାରୀ କମିଶନର ଦେବେନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ ଅବକାରୀ ବିଭାଗ ଓ କଟକ ଭ୍ରାମ୍ୟମାଣ ଦଳ ପକ୍ଷରୁ ବ୍ଲକର ବିଭିନ୍ନ ସ୍ଥାନରେ ଅଚାନକ ଚଢ଼ାଉ କରାଯାଇଥିଲା। ଅବକାରୀ ଉପ ଅଧିକ୍ଷକ ସାନ୍ତନୁ ଦାସଙ୍କ ନେତୃତ୍ୱରେ ନିରୀକ୍ଷକ ଶରତ ଭଞ୍ଜ, ଦିଲୀପ କୁମାର ପଲେଇ, କ୍ରିଷ୍ଣା ନାୟକ, ବୈଜୟନ୍ତୀ ପଣ୍ଡା, ସହ ନିରୀକ୍ଷକ ସମୀର କୁମାର ମହାନ୍ତି ଓ ଅନ୍ୟ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

■ ସିଡିଏ ସେକ୍ଟର-୧୩ର ବିକାଶ ସରୁନି

# ଜମି ପାଇ ଲୋକେ ଘର କରିପାରୁନାହାନ୍ତି

**କଟକ ଅଫିସ, ୧୯।୯**

୨୦୦୧ରେ ଜମି ପାଇବା ପାଇଁ ଲୋକେ ଆବେଦନ କଲେ। ୨୦୦୪ରେ ଜମି ମିଳିଲା। ହେଲେ ଜମିକୁ ଦଖଲକୁ ନେବା ପାଇଁ ୨୦୧୭ ମସିହା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଲା। ଜମି ଦଖଲକୁ ନେବା ପାଇଁ ପୁଣି ଲୋକଙ୍କୁ ଅନଶନ, ଧାରଣା ଓ ବିକ୍ଷୋଭ ଆଦି କରିବାକୁ ପଡ଼ିଲା। ତଥାପି ଅଦ୍ୟାବଧି ଲୋକ ରହିଲା ଭଳି ବ୍ୟବସ୍ଥା କରାଯାଇ ନାହିଁ। କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ଙ୍କ ଅଧୀନରେ ଥିବା ସେକ୍ଟର-୧୩କୁ ନେଇ ବଡ଼ଧରଣର ଦୁର୍ନୀତି ଓ ଅନିୟମିତତା ଏବେ ସାମ୍ନାକୁ ଆସିଛି। ଯଦିଓ ସେକ୍ଟର-୧୩ ବିକାଶ ବାବଦରେ ଦୁର୍ନୀତି ହୋଇଥିବା ନେଇ ଭିଜିଲାନ୍ସ ସେଲ୍‌ରେ ୨୦୧୨ରୁ ମାମଲା ରୁଜୁ ହୋଇଛି କିନ୍ତୁ ମାମଲା ସମ୍ପର୍କିତ ଚାର୍ଜଶିଟ ଅଦ୍ୟାବଧି ଦାଖଲ କରାଯାଇ ନାହିଁ। ଫଳରେ ଭିଜିଲାନ୍ସ ଯେଉଁମାନଙ୍କୁ ମାମଲାରେ ପକ୍ଷଭୁକ୍ତ କରିଥିଲା ସେମାନେ ଏବେ ସିଡିଏର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଛନ୍ତି। ବିଶେଷକରି ଏହି ଅଧିକାରୀମାନେ ସେକ୍ଟର-୧୩ରେ ହେଉଥିବା କାର୍ଯ୍ୟର ତଦାରଖ କରିବା ଅଧିକ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି।

୧୮୪ ଏକର ୪୨୦ ଡେସିମିଲ ଅଞ୍ଚଳକୁ ନେଇ ସିଡିଏ ସେକ୍ଟର-୧୩ ଗଠନ କରାଯାଇଥିଲା। ସେଥିରୁ ୯୧ ଏକର ୪୮୦ ଡେସିମିଲ ରାଜସ୍ୱ ବିଭାଗର ଜମି ହୋଇଥିବା ବେଳେ ୯୨ ଏକର ୯୪୦ ଡେସିମିଲ ଲୋକଙ୍କଠାରୁ ଅଧିଗ୍ରହଣ କରାଯାଇଥିଲା। ୨୦୦୧ ଅଗଷ୍ଟ ୨୫ରେ ହୋଇଥିବା ସିଡିଏର ୬୭ତମ ଅଥରିଟି ବୈଠକରେ ସେକ୍ଟର-୧୩ର ବିକାଶ ପାଇଁ ଲେଆଉଟ୍ ପ୍ରସ୍ତୁତ କରାଯାଇଥିଲା। ଏହି ଅନୁଯାୟୀ ସମୁଦାୟ ଅଞ୍ଚଳରୁ ୧୭.୬୩ କିଲୋମିଟର ରାସ୍ତା ପାଇଁ ଉଦ୍ଦିଷ୍ଟ ରହିଥିଲା। ତେବେ ଏହି ଅଞ୍ଚଳର ଭିତ୍ତିଭୂମିର ବିକାଶ ଯଥା ସ୍ୱେରେଜ୍, ଡ୍ରେନେଜ, ଜଳଯୋଗାଣ, ବିଦ୍ୟୁତୀକରଣ ଓ ରାସ୍ତା ଆଦି ନିର୍ମାଣ ନିମନ୍ତେ ୨୨ କୋଟି ୩୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଥିଲା। ମାତ୍ର କାର୍ଯ୍ୟରେ ବିଳମ୍ବ ଯୋଗୁ ୨୦୦୪ ମସିହାରେ ଏହି ବଜେଟ୍‌କୁ ବୃଦ୍ଧି କରାଯାଇ ୨୪ କୋଟି ୬୪ ଲକ୍ଷ ଟଙ୍କା କରାଯାଇଥିଲା। ୨୦୧୮ ଏପ୍ରିଲ ୩ରେ ହୋଇଥିବା ବୈଠକରେ ସେକ୍ଟର-୧୩ ରାସ୍ତା ଓ ସାଇଟ୍ ଡେଭେଲପମେଣ୍ଟ ପାଇଁ ଆଉ ଅତିରିକ୍ତ ୪ କୋଟି ୮୫ ଲକ୍ଷ ୯୩ହଜାର ଟଙ୍କା ମଞ୍ଜୁର କରାଯାଇଛି। ଏହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି।

**ଭିଜିଲାନ୍ସରେ ପକ୍ଷଭୁକ୍ତଙ୍କୁ ସିଡିଏର ଗୁରୁଦାୟିତ୍ୱ**

ସୂଚନାଥାଉ କି, ପୂର୍ବରୁ ରାସ୍ତା ଓ ସାଇଟ୍ ଡେଭେଲପମେଣ୍ଟ ପାଇଁ ୧୦ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ମାତ୍ର ଏ ବାବଦରେ ୧୧ କୋଟି ୭୪ ଲକ୍ଷ ଅର୍ଥାତ୍ ବ୍ୟୟ ଅଟକଳର ୧୪ ପ୍ରତିଶତ ଅଧିକ ଖର୍ଚ୍ଚ କରାଯାଇଥିଲା। ବ୍ୟୟ ଅଟକଳଠାରୁ ଅତିରିକ୍ତ ୧୪ ପ୍ରତିଶତ ଟଙ୍କା ଖର୍ଚ୍ଚ ହେବା ପରେ ମଧ୍ୟ ପୁନର୍ବାର ଆଉ ୪ କୋଟି ୮୫ ଲକ୍ଷ ୯୩ହଜାର ଟଙ୍କା ମଞ୍ଜୁର କରାଯିବା ପଛରେ ରହସ୍ୟ ସୃଷ୍ଟି ହୋଇଛି। ମୋଟାମୋଟି ଭାବେ ଅଦ୍ୟାବଧି ସେକ୍ଟର-୧୩ରେ ୧୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବା ସିଡିଏ ପକ୍ଷରୁ ତଥ୍ୟ ଦିଆଯାଇଛି। ମାତ୍ର ଉକ୍ତ ଅଞ୍ଚଳ ଅନୁଧ୍ୟାନ କରିବା ପରେ ୧୮ କୋଟି ଟଙ୍କା କେଉଁ ବାଟରେ ସିଡିଏ ଖର୍ଚ୍ଚ କରିଛି ସେ ନେଇ ନାନା ପ୍ରଶ୍ନ ସାଧାରଣରେ ଉଙ୍କିମାରୁଛି। ମୁଖ୍ୟତଃ ୨୦୧୨ ମସିହାରେ ସେକ୍ଟର-୧୩ ବିକାଶ ପାଇଁ ଖର୍ଚ୍ଚ କରାଯାଇଥିବା ଟଙ୍କାରେ ବ୍ୟାପକ ଅନିୟମିତତା ହୋଇଥିବା ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ସେଲ୍ ପକ୍ଷରୁ ବୈଷୟିକ ଅଧିକାରୀମାନେ ସେଠାକୁ ଯାଇ କ୍ଷେତ୍ର ଅନୁଧ୍ୟାନ କରିବା ପରେ କାର୍ଯ୍ୟଗୁଡ଼ିକ ଅତ୍ୟନ୍ତ ନିମ୍ନମାନର ହୋଇଥିବା ରିପୋର୍ଟ ଦେଇଥିଲେ। ଏହି ରିପୋର୍ଟକୁ ଆଧାର କରି ଭିଜିଲାନ୍ସ ସେଲ୍‌ରେ ଏକ ମାମଲା ରୁଜୁ କରାଯାଇଥିଲା। ମାମଲାରେ ସିଡିଏର ତତ୍କାଳୀନ ଉପାଧ୍ୟକ୍ଷଙ୍କ ସମେତ ୬ ଜଣଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ମାମଲାକୁ ୬ ବର୍ଷ ବିତିଥିଲେ ମଧ୍ୟ ଅଦ୍ୟାବଧି ଚାର୍ଜଶିଟ ଦାଖଲ କରାଯାଇ ନାହିଁ କିମ୍ବା କାହାରିକୁ ଗିରଫ କରାଯାଇ ନାହିଁ। ସିଡିଏର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଯେହେତୁ ପକ୍ଷଭୁକ୍ତମାନେ ପ୍ରଥମ ଶ୍ରେଣୀର ଅଧିକାରୀ ତେଣୁ ଏଥିପାଇଁ ସରକାରଙ୍କ ଅନୁମତି ଆବଶ୍ୟକ ପଡୁଛି। ଫଳରେ ଭିଜିଲାନ୍ସ ଚାର୍ଜଶିଟ ଦାଖଲ କରିବା କିମ୍ବା ଗିରଫ କରିବାକୁ ପଛଘୁଞ୍ଚା ଦେଉଛି। ଏ ସମ୍ପର୍କରେ ସିଡିଏ ଉପାଧ୍ୟକ୍ଷ ରବୀନ୍ଦ୍ର ନାଥ ମିଶ୍ର କୁହନ୍ତି, ମୁଁ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛି। ଏ ବାବଦରେ ସବିଶେଷ ଅନୁଧ୍ୟାନ କରିବା ପରେ ମତାମତ ଦେବି। ଭିଜିଲାନ୍ସ ସେଲ୍ ଏସ୍‌ପି ଏମ୍. ରାଧାକ୍ରିଷ୍ଣଙ୍କୁ ପଚାରିବାରୁ ସେ ମଧ୍ୟ ସମାନ ଢଙ୍ଗରେ ଦେଖିବା ପରେ ମାମଲାର ଷ୍ଟାଟ୍‌ସ କହିବି ବୋଲି କହିଥିଲେ। ତେବେ ସିଡିଏ ଓ ଭିଜିଲାନ୍ସର ଅଧିକାରୀମାନେ ଏଭଳି ମତ ଦେଉଥିବା ବେଳେ ଅନ୍ୟପଟରେ ସରକାରୀ ଅର୍ଥ ବାଟମାରଣା ହେବାରେ ଲାଗିଛି। ପୂର୍ବରୁ ଏକ ଠିକା ସଂସ୍ଥା ସେକ୍ଟର-୧୩ ବିକାଶ କାର୍ଯ୍ୟ ହାତକୁ ନେଇ ଅଧାରୁ ଛାଡ଼ି ଚାଲି ଯାଇଥିଲା। ଏ କ୍ଷେତ୍ରରେ ମଧ୍ୟ ସିଡିଏ ନୀରବଦ୍ରଷ୍ଟା ହୋଇ ବସିଥିଲା। ସେକ୍ଟର-୧୩ ଆବାସିକ ସଂଘର ସମ୍ପାଦକ ସୋମରଞ୍ଜନ ପଟ୍ଟନାୟକ କୁହନ୍ତି, ଦୀର୍ଘଦିନ ହେବ ଜମି ପାଇଁ ଆବେଦନ କରିବା ପରେ ଗତ ବର୍ଷ ଜମି ପାଇଲୁ। ଏବେ ଆମେ ସେଠାରେ ଗୃହ ନିର୍ମାଣ ଆରମ୍ଭ କରିଛୁ। ମାତ୍ର ରହିବା ଭଳି ଅବସ୍ଥା ସେଠାରେ ସୃଷ୍ଟି କରାଯାଇ ନାହିଁ। ଅଦ୍ୟାବଧି ସେଠାରେ ବିଦ୍ୟୁତୀକରଣ, ଜଳ ଯୋଗାଣ ଓ ଡ୍ରେନେଜ ଆଦି କାର୍ଯ୍ୟ ଶେଷ ହୋଇ ନ ଥିବା ପଟ୍ଟନାୟକ ସୂଚନା ଦେଇଛନ୍ତି।

### ବସ୍ ସହ ବାଇକ୍ ଧକ୍କା:ଜଣେ ଗୁରୁତର

**ନିଶ୍ଚିନ୍ତକୋଇଲି, ୧୯।୯(ସ୍ୱ.ପ୍ର)**

କଟକ-ଚାନ୍ଦବାଲି ରାସ୍ତାର ଗାନ୍ଧୀ ଛକ ନିକଟରେ ବୁଧବାର ବସ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ ଚାଳକ ମାହାଙ୍ଗା ଥାନା ଝାଡେଶ୍ୱରପୁର ଗ୍ରାମର ମଥୁରି ନାୟକଙ୍କ ପୁଅ ମଧୁସୂଦନ(୩୪) ଗୁରୁତର ହୋଇଛନ୍ତି। ଚିକିତ୍ସା ନିମନ୍ତେ ତାଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ବସ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ବସ୍ ଓ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି।

ମିଳିଥିବା ସୁଚନାଅନୁଯାୟୀ, ମଧୁସୂଦନ ଶୁକରପଡାରୁ ଏକବାଇକରେ ନିଶ୍ଚିନ୍ତକୋଇଲି ଆସୁଥିଲେ। ଏହି ସମୟରେ କଟକରୁ କେନ୍ଦ୍ରାପଡା ଅଭିମୁଖେ ଯାଉଥିବା ଚନ୍ଦ୍ରମଉଳି ବସ ସହ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ମଧୁସୂଦନ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ମଧୁସୁଦନକୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଖବର ଲେଖା ହେବା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

## ବିଧାୟକଙ୍କ ଦୁଇପଦ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ସାଲେପୁର ବିଧାୟକ ଓ ଅନ୍ୟମାନେ।

**ସାଲେପୁର, ୧୯।୯ (ଡି.ଏନ୍.ଏ)**

କିଛିଦିନ ହେବ ସାଲେପୁର ବଜାରର ବିଭିନ୍ନ ସମସ୍ୟାକୁ ନେଇ ଭିନ୍ନ ଭିନ୍ନ ସଂଗଠନ ପକ୍ଷରୁ ପ୍ରଶାସନ ନିକଟରେ ଦାବି ହୋଇଆସୁଥିଲା। ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ସାଲେପୁର ସହରାଞ୍ଚଳ ବିକାଶ ପରିଷଦ ଏବଂ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ଗତ ସପ୍ତାହରେ ସାଲେପୁର ବନ୍ଦ କରାଯାଇଥିଲା। ଏହାର ଜବାବ ଦେବାକୁ ଯାଇ ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଦୁଇପଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସେ ଯୋଗଦେଇ ସାଲେପୁରର ଉନ୍ନତି ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ବିଧାୟକଭାବେ ନିର୍ବାଚିତ ହେବଠାରୁ ସାଲେପୁର ନିର୍ବାଚନ ମଣ୍ଡଳୀରେ ସାତଶହ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିବା ନେଇ ସେ ପ୍ରକାଶ କରିଥିଲେ। ଅପରପକ୍ଷେ ସାଲେପୁରର ସଚେତନ ଜନସାଧାରଣ ନାମରେ ଏକ ଲିଫ୍‌ଲେଟ୍ ବିଭିନ୍ନ ସ୍ଥାନରେ ବଣ୍ଟାଯାଇଥିଲା। ସେଥିରେ ବିଧାୟକ ଆଜିର କାର୍ଯ୍ୟକ୍ରମ ଓ ସାଲେପୁରରେ ଥିବା ବିଭିନ୍ନ ସମସ୍ୟାର ଉତ୍ତର ଦେବାକୁ କୁହାଯାଇଥିଲା। ବେହେରା ଏହି ଲିଫ୍‌ଲେଟ୍‌କୁ ଦେଖାଇ ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଉତ୍ତର ରଖିବା ସହ ଲୁଚିଛପି ଏଭଳି ଲିଫ୍‌ଲେଟ୍ ନବାଣ୍ଟି ସିଧାସଳଖ ମୋ ସହ ଆଲୋଚନା କରିବାକୁ ସଭାରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଧାୟକ ବେହେରାଙ୍କୁ ଦଳୀୟ କର୍ମୀମାନେ ଶିଶୁଆ ବଜାରଠାରୁ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ତରିତୋ ସରପଞ୍ଚ ଅରବିନ୍ଦ ବିଶ୍ୱାଳ ଏଥିରେ ପୌରୋହିତ୍ୟ କରିଥିବା ବେଳେ ବରିଷ୍ଠ ନାଗରିକ ରାଧାନାଥ ଭୂୟାଁ, ସାଲେପୁର ବଜାର କମିଟି ମହାସଂଘ ସଭାପତି କୃଷ୍ଣଚନ୍ଦ୍ର ଜେନା, ଯୁବନେତା ଶୁକଦେବ ଭୂୟାଁ, କଣ୍ଟ୍ରାକ୍ଟର ଚିତ୍ତରଞ୍ଜନ ଶତପଥୀ, ଖବରଦାତା ଅକ୍ଷୟ କୁମାର ଦାଶ, ମନୋଜ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଚନ୍ଦ୍ରାଦେଈପୁର ସରପଞ୍ଚ ଅନିଲ୍ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଏହାକୁ ଯୁବନେତା ଆଶୁତୋଷ ପଟ୍ଟନାୟକ, ମୁତାରିଫା ସରପଞ୍ଚ ପ୍ରିୟରଞ୍ଜନ ମହାପାତ୍ର, କମଳାକାନ୍ତ ଜେନା, ସରୋଜ କର ଓ ଅଜିତ୍ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

### ଯକ୍ଷ୍ମା ଚିହ୍ନଟ ଶିବିର

**ବାଙ୍କୀ, ୧୯।୯ (ବି.ପ୍ର)**

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନାରେ ମାଳବିହାରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୁଧବାର ଯକ୍ଷ୍ମା ନିଦାନ ଓ ଚିକିତ୍ସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସକ ଡ. ରଞ୍ଜନ ମିତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏଠାରେ ମଳ,କଫ ଓ ରକ୍ତ ନମୁନା ମଧ୍ୟ ପରୀକ୍ଷା କରିବା ନିମନ୍ତେ ବ୍ୟବସ୍ଥା ହୋଇଥିଲା। ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପିଏଚଇଓ ପ୍ରଦୀପ କୁମାର ସାହୁ,ଏଲଟି ଆର୍ତ୍ତତ୍ରାଣ ସେଠୀ, ନୀହାର ମହାପାତ୍ର, ଶିବଶଙ୍କର ଦୁଆରି, ସୁରେଶ ଚନ୍ଦ୍ର ଦାସ ଓ ହେଲ୍‌ଥ ଇନ୍‌ସପେକ୍ଟର ମାନଭଞ୍ଜନ ଦଳାଇ ପ୍ରମୁଖ ଏହି ଶିବିରକୁ ପରିଚାଳନା କରିଥିଲେ । ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କଳାପଥରରେ ଯକ୍ଷ୍ମା ନିଦାନ(ଚିହ୍ନଟ)ଶିବିର ଅନୁଷ୍ଠିତ ହୋଇଯାଇଛି। ଉଭୟ ଶିବିରରେ ୪୩ ଜଣ ରୋଗୀଙ୍କ କଫ ଓ ରକ୍ତ ନମୁନା ପରୀକ୍ଷା କରାଯାଇଛି।

## ଯୌତୁକଜନିତ ବଧୂହତ୍ୟା ଅଭିଯୋଗ

**ମାହାଙ୍ଗା/ଲଳିତଗିରି ୧୯।୯(ସ୍ୱ.ପ୍ର)**

ବାପଘରୁ ଅଧିକ ଯୌତୁକ ନ ଆଣିବାରୁ ବିବାହର ୫ ବର୍ଷ ପରେ ବଧୂ ହତ୍ୟା କରାଯାଇଛି। ଏନେଇ ତାଙ୍କ ବାପା ମାହାଙ୍ଗା ଥାନାରେ ବୁଧବାର ଅଭିଯୋଗ କରିଛନ୍ତି। ଏଥିସହ ଶଶୁର ଘର ପକ୍ଷରୁ ବଧୂଙ୍କ ବାପାକୁ ମରଣାନ୍ତକ ଆକ୍ରମଣ କରାଯାଇଛି ବୋଲି ସେଥିରେ ଦର୍ଶାଯାଇଛି। ମୃତକ ଜଣକ ହେଲେ ଯାଜପୁର ଜିଲା ବଡଚଣା ଥାନା ଅନ୍ତର୍ଗତ କଙ୍କିରା ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁଙ୍କ କନ୍ୟା ମିନାରାଣୀ ସ୍ୱାଇଁ(୨୮)। ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା(ନଂ ୧୮୬/୧୮) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ୫ ବର୍ଷ ପୂର୍ବେ ମାହାଙ୍ଗା ଥାନା ମୂଳବସନ୍ତ ପଞ୍ଚାୟତ ଅନ୍ତର୍ଗତ ସିପୁରା ଗ୍ରାମର ମହେନ୍ଦ୍ର ରାଉତରାୟଙ୍କ ବଡପୁଅ ବିଶ୍ୱରଞ୍ଜନ ରାଉତରାୟଙ୍କ ସହ ବୈଦିକ ରିତିରେ ମିନାରାଣୀଙ୍କ ବିବାହ ହୋଇଥିଲା। ବିବାହ ସମୟରେ ବରପକ୍ଷ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ।ମାତ୍ର ବିବାହ ପରେ ଅଧିକ ଲକ୍ଷେ ଟଙ୍କା ଯୌତୁକ ଦାବି କରି ଶାଶୁଘର ଲୋକେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ଲକ୍ଷ୍ମୀଧର ଝିଅ ଶଶୁର ଘରକୁ ଯାଇ ଏହି ଘଟଣାର ଆପୋସ ବୁଝାମଣା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ମଙ୍ଗଳବାର ରାତିରେ ମିନାରାଣୀଙ୍କ ଦେହ ଅସୁସ୍ଥ ରହିଥିବା ନେଇ ଶାଶୁଘର ପକ୍ଷରୁ ବାପ ଘରକୁ ଖବର ଦିଆଯାଇଥିଲା। ଏନେଇ ଲକ୍ଷ୍ମୀଧର ସିପୁରାରେ ପହଞ୍ଚିବା ପରେ ଝିଅର ମୃତ୍ୟୁ ଖବର ପାଇଥିଲେ। ମିନାରାଣୀ ସିଲିଙ୍ଗ ଫ୍ୟାନରେ ପିନ୍ଧା ଲୁଗା ସାହାଯ୍ୟରେ ରଶି ଦେଇ ଆତ୍ମହତ୍ୟା କରିଛନ୍ତି ବୋଲି ଶଶୁର ଘର ପକ୍ଷରୁ ସଫେଇ ଦିଆଯାଇଥିଲା। ମାତ୍ର ଶଶୁର ଘର ଲୋକେ ଝିଅର ହତ୍ୟା କରିଥିବା ନେଇ ଲକ୍ଷ୍ମୀଧର ଥାନାରେ ଅଭିଯୋଗ କରିଛନ୍ତି। ମାହାଙ୍ଗା ପୋଲିସ ଅତିରିକ୍ତ ତହସିଲଦାର ଦିଲୀପ ନାୟକଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି। ଏହି ଘଟଣାରେ ପୋଲିସ ଶଶ୍ୱର ମହେନ୍ଦ୍ରକୁ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି।

## ସମୂହ ଛୁଟିରେ ଡିପ୍ଲୋମା ଇଞ୍ଜିନିୟର

**ବାଙ୍କୀ,୧୯।୯(ବି.ପ୍ର)**

ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ଡାକରାରେ ବାଙ୍କୀ ଉପଖଣ୍ଡରେ ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟରମାନେ ବୁଧବାରଠାରୁ ସମୂହ ଛୁଟିରେ ରହିଛନ୍ତି। ଫଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ବାଙ୍କୀ ବ୍ଲକ ପାନୀୟ ଜଳ ଓ ପରିମଳ ବିଭାଗ, ପୂର୍ତ୍ତ ବିଭାଗ,ଗ୍ରାମ୍ୟ ରାସ୍ତା ବିଭାଗ, ଇରିଗେସନ, ପଞ୍ଚାୟତିରାଜ ବିଭାଗ, ମାଇନର ଇରିଗେଶନ ଏବଂ ଉଠାଜଳସେଚନ ବିଭାଗର ମୋଟ ୩୦ଜଣ ଯନ୍ତ୍ରୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଡିପ୍ଲୋମା ଇଞ୍ଜିନିୟରମାନଙ୍କ ମୂଳ ନିଯୁକ୍ତି ପଦବୀ, ପଦୋନ୍ନତି ହାର ଶତକଡା ୫୦ଭାଗକୁ ବୃଦ୍ଧି,ପଞ୍ଚାୟତିରାଜ ବିଭାଗରେ ଜିପିଟିଏ, କନିଷ୍ଠ ଯନ୍ତ୍ରୀ-୨ଙ୍କୁ ନିୟମିତ କନିଷ୍ଠ ଯନ୍ତ୍ରୀ ଭାବେ ନିଯୁକ୍ତି ପ୍ରଦାନ, କନିଷ୍ଠ ଯନ୍ତ୍ରୀଙ୍କୁ ସହକାରୀ ଯନ୍ତ୍ରୀ ପଦବୀକୁ ଉନ୍ନୀତ କରିବା, ଡିପ୍ଲୋମା ଇଞ୍ଜିନିୟରମାନଙ୍କ ଉପଯୁକ୍ତ ହାରରେ ଆରଏସପି ପ୍ରଦାନ ଆଦି ଦାବିନେଇ ଯନ୍ତ୍ରୀମାନେ ସମୂହ ଛୁଟିରେ ରହିଛନ୍ତି। ବାଙ୍କୀ ଉପଖଣ୍ଡ କମିଟି ସଭାପତି ଇଞ୍ଜିନିୟର ସତ୍ୟନାରାୟଣ ରଥ, ସମ୍ପାଦକ ପ୍ରଭାତ କୁମାର ରାଉତଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ବଳବତ୍ତର ରହିଛି। ବାଙ୍କୀ ବ୍ଲକ ସହକାରୀ ଯନ୍ତ୍ରୀ ହେମନ୍ତ କୁମାର ମିଶ୍ରଙ୍କ ସମେତ ବାଙ୍କୀ ବ୍ଲକର କନିଷ୍ଠ ଯନ୍ତ୍ରୀ,ଡମପଡା ବ୍ଲକର କନିଷ୍ଠଯନ୍ତ୍ରୀ,ସହକାରୀ ଯନ୍ତ୍ରୀ ଅଶୋକ କୁମାର ତ୍ରିପାଠୀ, ଏସଡିଓ ବିଜୟ କୁମାର ସାହୁ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି।

### ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ପଞ୍ଚାୟତ ପରିକ୍ରମା

**ତିଗିରିଆ,୧୯।୯(ଡି.ଏନ୍.ଏ.)**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ତିଗିରିଆ ଶାଖା ତରଫରୁ ବୁଧବାର ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରତି ପଞ୍ଚାୟତର ସରପଞ୍ଚଙ୍କୁ ୭ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ଅନ୍ତର୍ଗତ ୩ କଲେଜ ଓ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ନୂଆପାଟଣାସ୍ଥିତ ମା' କଳାପାଟଙ୍କ ମନ୍ଦିରରେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିଥିଲେ। ପରେ ଓସ୍ତା ତିଗିରିଆ ବ୍ଲକ ଶାଖା ସମ୍ପାଦକ କାମରାଜ ସାହୁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇ ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଥିଲେ।

## ଗଜାନନ ମହୋତ୍ସବ, ଗୃହ ଉଦ୍‌ଘାଟନ ଉତ୍ସବ



ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ନେମାଳ,୧୯।୯(ଡି.ଏନ.ଏ)**

ନେମାଳସ୍ଥିତ ଫ୍ରେଣ୍ଡସ ୟୁନିୟନ କ୍ଲବର ଗଜାନନ ମହୋତ୍ସବ ଓ ନୂତନ ଗୃହର ଉଦ୍‌ଘାଟନୀ ଉତ୍ସବ ବୁଧବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅଧାପକ ବିନୟ କୁମାର ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ଏମପି ଭର୍ତ୍ତୃହରି ମହତାବ,ମୁଖ୍ୟ ବକ୍ତା ଭାବେ ରାଜ୍ୟସଭା ସାଂସଦ ନରେନ୍ଦ୍ର କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଜିଲାପରିଷଦ ସଭ୍ୟା ସୁଭଦ୍ରା ଦାସ, ରୁଚି କମ୍ପାନୀର ଅଧକ୍ଷ ଶରତ ଚନ୍ଦ୍ର ସାହୁ, ନେମାଳ ବ୍ୟବସାୟୀ ସଂଘର ସଭାପତି ସୁଧାଂଶୁ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କ୍ଲବର ନୂତନ ଗୃହକୁ ଉଦ୍‌ଘାଟନ କରାଯାଇଥିଲା। ଉତ୍ସବରେ କ୍ଲବର ସଭାପତି ରାଜକିଶୋର ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ଆଲୋକ କୁମାର ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହାକୁ ସ୍ୱାଧୀନ ଭୂୟାଁ, ହରପ୍ରସାଦ ପୃଷ୍ଟି, ପ୍ରଶାନ୍ତ ପୂଝାରୀ, ସ୍ପନ୍ଦନ ପୂଝାରୀ, ଦେବାଶିଷ ପୂଝାରୀ, ଦେବେନ୍ଦ୍ର ଦାସ, ଗୁରୁଚରଣ ବାରିକ ଓ ଟିଙ୍କିନା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସରୋଜ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ସତ୍ୟନିଷ୍ଠ ଖବରଦାତା ତ୍ୟାଗ, ସେବାର ପ୍ରତୀକ'

**ମାହାଙ୍ଗା,୧୯।୯(ଡି.ଏନ୍.ଏ.)**

ମାହାଙ୍ଗା ଅଞ୍ଚଳରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ବୁଧବାର ଏକ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ସୁମନ୍ତ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବାରଆସୋସିଏଶନର ସଭାପତି ଆଇନଜୀବୀ ବିଜୟ କେତନ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସୁସ୍ଥ ସମାଜ ଗଠନରେ ଖବରଦାତାଙ୍କ ଅବଦାନ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ସତ୍ୟନିଷ୍ଠ ଖବରଦାତା ତ୍ୟାଗ ଓ ସେବାର ପ୍ରତୀକ ବୋଲି ଏହି ଅବସରରେ ନାୟକ କହିଥିଲେ। ଏଥିରେ ସଙ୍ଗଠନ ସମ୍ପାଦକ ଆଇନଜୀବୀ କ୍ଷୀରୋଦ କୁମାର ବେହେରା ମୁଖ୍ୟବକ୍ତା, ଆଇନଜୀବୀ ରବୀନ୍ଦ୍ର କୁମାର ପଣ୍ଡା,ଦୀପକ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ସାମାଜିକ କର୍ମୀ ସସ୍ମିତା ମହାନ୍ତି ଓ ସୁସ୍ମିତା ଦାସ ଓ ଖବରଦାତା ସୁମନ୍ତ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅଂଶୁପାରେ ପଲିଥିନ ମୁକ୍ତ ଅଭିଯାନ

**ବାଙ୍କୀ,୧୯।୯(ସ୍ୱ.ପ୍ର)**

କଟକ ଜିଲା ବାଙ୍କୀ ଉପଖଣ୍ଡ ଅଂଶୁପା ହ୍ରଦ ତଟ ଦେଶରେ ବୁଧବାର ପଲିଥିନ ମୁକ୍ତ ଅଭିଯାନ ଏବଂ ଅଂଶୁପା ମତ୍ସ୍ୟଜୀବୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଭୁବନେଶ୍ୱରଙ୍କ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଂଶୁପା ଉନ୍ନୟନ ଦାୟିତ୍ୱରେ ଥିବା ସହକାରୀ ବନ ସଂରକ୍ଷକ ଡ.ଫଣୀନ୍ଦ୍ର ଭୂଷଣ ନନ୍ଦ ଏହାକୁ ସଞ୍ଚାଳନ କରିଥିଲେ। ମତ୍ସ୍ୟ ବିଶେଷଜ୍ଞ ସୂର୍ଯ୍ୟ କୁମାର ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ । ସଚେତନତା ଶିବିରରେ ମୁଖ୍ୟ ଅତିଥିଭାବେ ଚିଲିକା ଉନ୍ନୟନ ପରିଷଦର ଅତିରିକ୍ତ ମୁଖ୍ୟକାର୍ଯ୍ୟ ନିର୍ବାହୀ ସସ୍ମିତା ଲେଙ୍କା ଯୋଗଦେଇ ଅଂଶୁପାକୁ ପଲିଥିନ ମୁକ୍ତ କରିବାକୁ ମତ୍ସ୍ୟଜୀବୀ ଓ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କଟକ ଜିଲା ସହକାରୀ ମତ୍ସ୍ୟ ଅଧିକାରୀ ଭକ୍ତ ଚରଣ ବୋଷ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ମତ୍ସ୍ୟ ବିଶାରଦ ପ୍ରଦୀପ କୁମାର ମହାପାତ୍ର, ଜଳ ଜୈବବିଜ୍ଞାନୀ ଡ.କୃପାସିନ୍ଧୁ ଭଞ୍ଜ, ବିଶ୍ୱ ବନ୍ୟପ୍ରାଣୀ ଫଣ୍ଡର ପ୍ରତିନିଧି ମାଇକେଲ୍ ପିଟର୍, କବି କୌଶିକ ନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଅନ୍ୟତମ ଅତିଥିଭାବେ ଅଂଶୁପା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ସମ୍ପାଦକ ବନ୍ଧୁ ଦଳେଇ, ସଭ୍ୟ ପୂର୍ଣ୍ଣଚନ୍ଦ୍ର ଦଳେଇ ପ୍ରମୁଖ ଯୋଗଦେଇ ପଲିଥିନ ମୁକ୍ତ ଅଂଶୁପା ସମ୍ପର୍କରେ ପରାମର୍ଶ ଦେଇଥିଲେ। ପଲିଥିନ ବଦଳରେ କପଡା ଓ କାଗଜ ମୁଣା ବ୍ୟବହାର ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭି.ଏସ୍.ଏସ୍ ଏବଂ ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟାମାନେ ଯୋଗଦେଇ ଅଂଶୁପା ସନ୍ନିକଟ ମୁଖ୍ୟ ରାସ୍ତାରୁ ପଲିଥିନ ସଫା କରିଥିଲେ। ଶେଷରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ତରଫରୁ ମିହିର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

**■ପଲିଥିନ୍ ବଦଳରେ କପଡ଼ା ଓ କାଗଜ ମୁଣା ଉପରେ ଗୁରୁତ୍ୱ**
**■ମତ୍ସ୍ୟଜୀବିଙ୍କ ମଧ୍ୟରେ କରାଯାଇଥିଲା ସଚେତନତା**



ନିଜକୁ ଯିଏ ବିଶ୍ୱାସ କରେ ନାହିଁ, ସେ ପରମାତ୍ମାଙ୍କୁ ବା କିପରି ବିଶ୍ୱାସ କରିପାରିବ।

- ବ୍ୟାସଦେବ



## ସଂକ୍ଷେପରେ

### ରକ୍ତଦାନ ଶିବିର

**କଣ୍ଟାପଡ଼ା,୧୯।୯(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମସ୍ଥିତ ଦଧିଚି ଶିକ୍ଷାନୁଷ୍ଠାନ ସମୂହ ଓ କମିଶନରେଟ ପୋଲିସର ମିଳିତ ସହଯୋଗରେ ମଙ୍ଗଳବାର ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୦୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି ଶିବିରରେ ଡିସିପି ଅଖିଳେଶ୍ୱର ସିଂ, ଏସିପି ଲଳିତେନ୍ଦୁ ମହାନ୍ତି, ଦଧିଚିର ଅଧକ୍ଷ ଡ. ମନୋଜ କୁମାର ଦାଶ ଓ ବବିତା ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦଧିଚି ଅଡିଟୋରିୟମରେ ଅନୁଷ୍ଠିତ ସଭାରେ ଯୋଗଦେଇ ରକ୍ତାଭାବ ଯୋଗୁ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବ୍ୟକ୍ତିମାନଙ୍କ ପାଇଁ ଏହି ରକ୍ତ ଉତ୍ସର୍ଗୀକୃତ ହେବ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଦଧିଚିର କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ପରିଚାଳନା କରିଥିଲେ।

### ଇଣ୍ଟରନ୍ୟାଶନାଲ ପରିବାରର ଶୋକସଭା

**କଟକ ଅଫିସ, ୧୯।୯-** ଇଣ୍ଟରନ୍ୟାଶନାଲ କ୍ଲବ ପକ୍ଷରୁ ସ୍ଥାନୀୟ ନୀଳକଣ୍ଠେଶ୍ୱର ବିଦ୍ୟାଳୟଠାରେ କଟକର ବର୍ଷୀୟାନ କଳାକାର ତଥା ସାମାଜିକ କର୍ମୀ ନିମାଇଁ ଚରଣ ସାମଲ ଓ କ୍ଲବର ଉପଦେଷ୍ଟା ତଥା ସାହି ମୁରବି ପ୍ରଦୀପ କୁମାର ମହାରଣାଙ୍କ ବିୟୋଗରେ ଏକ ଶୋକସଭା ସାମାଜିକ କର୍ମୀ ଅଶ୍ୱିନୀ କୁମାର ମହାରଣାଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ପରିସରରେ ଅନୁଷ୍ଠିତ ଉକ୍ତ ଶୋକସଭାରେ ଦିଂବଗତ ଆତ୍ମାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ବିନୋଦ ଚନ୍ଦ୍ର ଦାଶ, ମହେନ୍ଦ୍ର ମହାପାତ୍ର, ବଳଦେବ ପ୍ରସାଦ ଲେଙ୍କା, କର୍ପୋରେଟର ଜୟଦେବ ପୃଷ୍ଟି ଓ କ୍ଲବର ଆବାହକ ସୁବାସ ଦାସ ପ୍ରମୁଖ ଯୋଗଦେଇଥିଲେ।

### ଷ୍ଟିୱାର୍ଟ ବିଜ୍ଞାନ କଲେଜରେ ନାକ୍ ଟିମ୍

**କଟକ ଅଫିସ,୧୯।୯-** ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ବୁଧବାର ୩ ଜଣିଆ ନାକ୍ ଟିମ୍ ଆସି ପହଞ୍ଚିଛି। ଟିମ୍‌ରେ ପ୍ରଫେସର ଡ. ରମେଶ ପାଣ୍ଡେ, ଡ. ସୁଭାଷ ଚନ୍ଦ୍ର ଆର୍ଯ୍ୟ ଓ ଡ. କ୍ରୀଷ୍ଣକାନ୍ତ ରହିଛନ୍ତି। ପୂର୍ବାହ୍ନରେ ସେମାନେ ଅଧକ୍ଷ ଡ. ଦେବାଶିଷ ଆଚାର୍ଯ୍ୟଙ୍କ କାର୍ଯ୍ୟାଳୟରେ ପହଞ୍ଚି ସୌଜନ୍ୟମୂଳକ ଭାବେ ସାକ୍ଷାତ କରିବା ପରେ ମହାବିଦ୍ୟାଳୟର ସମସ୍ତ ବିଭାଗ, ଲାବରେଟୋରୀ ବୁଲି ଦେଖିଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ସହ ନାକଟିମ୍ ଆଲୋଚନା ମଧ କରିଛି। ଗୁରୁବାର ଖେଳ ପଡ଼ିଆ, କ୍ୟାଣ୍ଟିନ ଓ ବିଭିନ୍ନ ପ୍ରଶାସନିକ କାର୍ଯ୍ୟର ତନଖି ଶେଷ କରି ଅପରାହ୍ନରେ ଏକ୍‌ଜିଟ ବୈଠକ ଡାକି ନାକ୍ ଟିମ ଫେରିବ ବୋଲି ଜଣାପଡ଼ିଛି।

### ବିପ୍ଳବୀ ସାରଙ୍ଗଧର ଦାସଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ ଅଫିସ, ୧୯।୯-** ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ ସମାଜବାଦୀ ନେତା ଗଡ଼ଜାତଗାନ୍ଧି ସ୍ୱର୍ଗତ ସାରଙ୍ଗଧର ଦାସଙ୍କ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି। ସାରଙ୍ଗଧର ସ୍ମୃତି କମିଟି ଆନୁକୂଲ୍ୟରେ ସତୀଚଉରାସ୍ଥ ସମାଧିପୀଠରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ଡାକ୍ତର ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅଧାପିକା ବିଦ୍ୟୁତ୍ ଲାଲା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏଥିରେ ସାମାଜିକ କର୍ମୀ ପ୍ରଶାନ୍ତ ଦାସ, ଡ. ମହେଶ୍ୱର ମହାନ୍ତି, ଜ୍ୟୋତିପ୍ରକାଶ ପାତ୍ରଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ। ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

### ସଚେତନତା କାର୍ଯ୍ୟକ୍ରମ

**କଟକ ଅଫିସ, ୧୯।୯-** ରାଜ୍ୟ ସରକାରଙ୍କ ପକ୍ଷରୁ କିଶୋରୀ କନ୍ୟାମାନଙ୍କ ପାଇଁ ଉଦ୍ଦିଷ୍ଟ (ଖୁସି) ଯୋଜନା ତଥା ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଅଭିଯାନକୁ ସକ୍ରିୟ କରିବା ପାଇଁ ରଘୁନାଥଜୀଉ ଜୁନିୟର ମହାବିଦ୍ୟାଳୟ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଅନିମା ଜେନା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜର ପ୍ରାକ୍ତନ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର ଡା. ସିନ୍ଧୁ ନନ୍ଦିନୀ ତ୍ରିପାଠୀ ଯୋଗଦେଇ ସ୍ୱଚ୍ଛତା ଦ୍ୱାରା କିପରି ବିଭିନ୍ନ ରୋଗରୁ ମୁକ୍ତ ହେବ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଅଧାପକ ପ୍ରଶାନ୍ତ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବହୁ ଛାତ୍ରୀ ଅଂଶଗ୍ରହଣ କରି ନିଜ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପ୍ରଶ୍ନ ପଚାରି ତା'ର ନିରାକରଣ ସମ୍ପର୍କରେ ଡା. ତ୍ରିପାଠୀଙ୍କଠାରୁ ପଚାରି ବୁଝିଥିଲେ। ଅଧାପିକା ତନୁଜା ରାଉତ, ସସ୍ମିତା ରଥ, ସସ୍ମିତା ବିଶ୍ୱାଳ, ନବନିତା ଦାସ, ସୁଦିପ୍ତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଧାପିକା ଡା. ସ୍ନେହଲତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ■ ସିଡିଏ ସେକ୍ଟର-୧୩ର ବିକାଶ ସରୁନି

# ଜମି ପାଇ ଲୋକେ ଘର କରିପାରୁନାହାନ୍ତି

**କଟକ ଅଫିସ, ୧୯।୯**

୨୦୦୧ରେ ଜମି ପାଇବା ପାଇଁ ଲୋକେ ଆବେଦନ କଲେ। ୨୦୦୪ରେ ଜମି ମିଳିଲା। ହେଲେ ଜମିକୁ ଦଖଲକୁ ନେବା ପାଇଁ ୨୦୧୭ ମସିହା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଲା। ଜମି ଦଖଲକୁ ନେବା ପାଇଁ ପୁଣି ଲୋକଙ୍କୁ ଅନଶନ, ଧାରଣା ଓ ବିକ୍ଷୋଭ ଆଦି କରିବାକୁ ପଡ଼ିଲା। ତଥାପି ଅଦ୍ୟାବଧି ଲୋକ ରହିଲା ଭଳି ବ୍ୟବସ୍ଥା କରାଯାଇ ନାହିଁ। କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ଙ୍କ ଅଧୀନରେ ଥିବା ସେକ୍ଟର-୧୩କୁ ନେଇ ବଡ଼ଧରଣର ଦୁର୍ନୀତି ଓ ଅନିୟମିତତା ଏବେ ସାମ୍ନାକୁ ଆସିଛି। ଯଦିଓ ସେକ୍ଟର-୧୩ ବିକାଶ ବାବଦରେ ଦୁର୍ନୀତି ହୋଇଥିବା ନେଇ ଭିଜିଲାନ୍ସ ସେଲ୍‌ରେ ୨୦୧୨ରୁ ମାମଲା ରୁଜୁ ହୋଇଛି କିନ୍ତୁ ମାମଲା ସମ୍ପର୍କିତ ଚାର୍ଜଶିଟ ଅଦ୍ୟାବଧି ଦାଖଲ କରାଯାଇ ନାହିଁ। ଫଳରେ ଭିଜିଲାନ୍ସ ଯେଉଁମାନଙ୍କୁ ମାମଲାରେ ପକ୍ଷଭୁକ୍ତ କରିଥିଲା ସେମାନେ ଏବେ ସିଡିଏର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଛନ୍ତି। ବିଶେଷକରି ଏହି ଅଧିକାରୀମାନେ ସେକ୍ଟର-୧୩ରେ ହେଉଥିବା କାର୍ଯ୍ୟର ତଦାରଖ କରିବା ଅଧିକ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି।

୧୮୪ ଏକର ୪୨୦ ଡେସିମିଲ ଅଞ୍ଚଳକୁ ନେଇ ସିଡିଏ ସେକ୍ଟର-୧୩ ଗଠନ କରାଯାଇଥିଲା। ସେଥିରୁ ୯୧ ଏକର ୪୮୦ ଡେସିମିଲ ରାଜସ୍ୱ ବିଭାଗର ଜମି ହୋଇଥିବା ବେଳେ ୯୨ ଏକର ୯୪୦ ଡେସିମିଲ ଲୋକଙ୍କଠାରୁ ଅଧିଗ୍ରହଣ କରାଯାଇଥିଲା। ୨୦୦୧ ଅଗଷ୍ଟ ୨୫ରେ ହୋଇଥିବା ସିଡିଏର ୬୭ତମ ଅଥରିଟି ବୈଠକରେ ସେକ୍ଟର-୧୩ର ବିକାଶ ପାଇଁ ଲେଆଉଟ୍ ପ୍ରସ୍ତୁତ କରାଯାଇଥିଲା। ଏହି ଅନୁଯାୟୀ ସମୁଦାୟ ଅଞ୍ଚଳରୁ ୧୭.୬୩ କିଲୋମିଟର ରାସ୍ତା ପାଇଁ ଉଦ୍ଦିଷ୍ଟ ରହିଥିଲା। ତେବେ ଏହି ଅଞ୍ଚଳର ଭିତ୍ତିଭୂମିର ବିକାଶ ଯଥା ସ୍ୱେରେଜ୍, ଡ୍ରେନେଜ, ଜଳଯୋଗାଣ, ବିଦ୍ୟୁତୀକରଣ ଓ ରାସ୍ତା ଆଦି ନିର୍ମାଣ ନିମନ୍ତେ ୨୨ କୋଟି ୩୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଥିଲା। ମାତ୍ର କାର୍ଯ୍ୟରେ ବିଳମ୍ବ ଯୋଗୁ ୨୦୦୪ ମସିହାରେ ଏହି ବଜେଟ୍‌କୁ ବୃଦ୍ଧି କରାଯାଇ ୨୪ କୋଟି ୬୪ ଲକ୍ଷ ଟଙ୍କା କରାଯାଇଥିଲା। ୨୦୧୮ ଏପ୍ରିଲ ୩ରେ ହୋଇଥିବା ବୈଠକରେ ସେକ୍ଟର-୧୩ ରାସ୍ତା ଓ ସାଇଟ୍ ଡେଭେଲପମେଣ୍ଟ ପାଇଁ ଆଉ ଅତିରିକ୍ତ ୪ କୋଟି ୮୫ ଲକ୍ଷ

**ଭିଜିଲାନ୍ସରେ ପକ୍ଷଭୁକ୍ତଙ୍କୁ ସିଡିଏର ଗୁରୁଦାୟିତ୍ୱ**

୯୩ହଜାର ଟଙ୍କା ମଞ୍ଜୁର କରାଯାଇଛି। ଏହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି।

ସୂଚନାଥାଉ କି, ପୂର୍ବରୁ ରାସ୍ତା ଓ ସାଇଟ୍ ଡେଭେଲପମେଣ୍ଟ ପାଇଁ ୧୦ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ମାତ୍ର ଏ ବାବଦରେ ୧୧ କୋଟି ୭୪ ଲକ୍ଷ ଅର୍ଥାତ୍ ବ୍ୟୟ ଅଟକଳର ୧୪ ପ୍ରତିଶତ ଅଧିକ ଖର୍ଚ୍ଚ କରାଯାଇଥିଲା। ବ୍ୟୟ ଅଟକଳଠାରୁ ଅତିରିକ୍ତ ୧୪ ପ୍ରତିଶତ ଟଙ୍କା ଖର୍ଚ୍ଚ ହେବା ପରେ ମଧ ପୁନର୍ବାର ଆଉ ୪ କୋଟି ୮୫ ଲକ୍ଷ ୯୩ହଜାର ଟଙ୍କା ମଞ୍ଜୁର କରାଯିବା ପଛରେ ରହସ୍ୟ ସୃଷ୍ଟି ହୋଇଛି। ମୋଟାମୋଟି ଭାବେ ଅଦ୍ୟାବଧି ସେକ୍ଟର-୧୩ରେ ୧୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବା ସିଡିଏ ପକ୍ଷରୁ ତଥ୍ୟ ଦିଆଯାଇଛି। ମାତ୍ର ଉକ୍ତ ଅଞ୍ଚଳ ଅନୁଧ୍ୟାନ କରିବା ପରେ ୧୮ କୋଟି ଟଙ୍କା କେଉଁ ବାଟରେ ସିଡିଏ ଖର୍ଚ୍ଚ କରିଛି ସେ ନେଇ ନାନା ପ୍ରଶ୍ନ ସାଧାରଣରେ ଉଙ୍କିମାରୁଛି। ମୁଖ୍ୟତଃ ୨୦୧୨ ମସିହାରେ ସେକ୍ଟର-୧୩ ବିକାଶ ପାଇଁ ଖର୍ଚ୍ଚ କରାଯାଇଥିବା ଟଙ୍କାରେ ବ୍ୟାପକ ଅନିୟମିତତା ହୋଇଥିବା ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ସେଲ୍ ପକ୍ଷରୁ ବୈଷୟିକ ଅଧିକାରୀମାନେ ସେଠାକୁ ଯାଇ କ୍ଷେତ୍ର ଅନୁଧ୍ୟାନ କରିବା ପରେ କାର୍ଯ୍ୟଗୁଡ଼ିକ ଅତ୍ୟନ୍ତ ନିମ୍ନମାନର ହୋଇଥିବା ରିପୋର୍ଟ ଦେଇଥିଲେ। ଏହି ରିପୋର୍ଟକୁ ଆଧାର କରି ଭିଜିଲାନ୍ସ ସେଲ୍‌ରେ ଏକ ମାମଲା ରୁଜୁ କରାଯାଇଥିଲା। ମାମଲାରେ ସିଡିଏର ତତ୍କାଳୀନ ଉପାଧ୍ୟକ୍ଷଙ୍କ ସମେତ ୬ ଜଣଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ମାମଲାକୁ ୬ ବର୍ଷ ବିତିଥିଲେ ମଧ ଅଦ୍ୟାବଧି ଚାର୍ଜଶିଟ ଦାଖଲ କରାଯାଇ ନାହିଁ କିମ୍ବା କାହାରିକୁ ଗିରଫ କରାଯାଇ ନାହିଁ। ସିଡିଏର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଯେହେତୁ ପକ୍ଷଭୁକ୍ତମାନେ ପ୍ରଥମ ଶ୍ରେଣୀର ଅଧିକାରୀ ତେଣୁ ଏଥିପାଇଁ ସରକାରଙ୍କ ଅନୁମତି ଆବଶ୍ୟକ ପଡୁଛି। ଫଳରେ ଭିଜିଲାନ୍ସ ଚାର୍ଜଶିଟ ଦାଖଲ କରିବା କିମ୍ବା ଗିରଫ କରିବାକୁ ପଛଘୁଞ୍ଚା ଦେଉଛି। ଏ ସମ୍ପର୍କରେ ସିଡିଏ ଉପାଧ୍ୟକ୍ଷ ରବୀନ୍ଦ୍ର ନାଥ ମିଶ୍ର କୁହନ୍ତି, ମୁଁ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛି। ଏ ବାବଦରେ ସବିଶେଷ ଅନୁଧ୍ୟାନ କରିବା ପରେ ମତାମତ ଦେବି। ଭିଜିଲାନ୍ସ ସେଲ୍ ଏସ୍‌ପି ଏମ୍. ରାଧାକ୍ରିଷ୍ଣଙ୍କୁ ପଚାରିବାରୁ ସେ ମଧ ସମାନ ଢଙ୍ଗରେ ଦେଖିବା ପରେ ମାମଲାର ଷ୍ଟାଟ୍‌ସ କହିବି ବୋଲି କହିଥିଲେ। ତେବେ ସିଡିଏ ଓ ଭିଜିଲାନ୍ସର ଅଧିକାରୀମାନେ ଏଭଳି ମତ ଦେଉଥିବା ବେଳେ ଅନ୍ୟପଟରେ ସରକାରୀ ଅର୍ଥ ବାଟମାରଣା ହେବାରେ ଲାଗିଛି। ପୂର୍ବରୁ ଏକ ଠିକା ସଂସ୍ଥା ସେକ୍ଟର-୧୩ ବିକାଶ କାର୍ଯ୍ୟ ହାତକୁ ନେଇ ଅଧାରୁ ଛାଡ଼ି ଚାଲି ଯାଇଥିଲା। ଏ କ୍ଷେତ୍ରରେ ମଧ ସିଡିଏ ନୀରବଦ୍ରଷ୍ଟା ହୋଇ ବସିଥିଲା। ସେକ୍ଟର-୧୩ ଆବାସିକ ସଂଘର ସମ୍ପାଦକ ସୋମରଞ୍ଜନ ପଟ୍ଟନାୟକ କୁହନ୍ତି, ଦୀର୍ଘଦିନ ହେବ ଜମି ପାଇଁ ଆବେଦନ କରିବା ପରେ ଗତ ବର୍ଷ ଜମି ପାଇଲୁ। ଏବେ ଆମେ ସେଠାରେ ଗୃହ ନିର୍ମାଣ ଆରମ୍ଭ କରିଛୁ। ମାତ୍ର ରହିବା ଭଳି ଅବସ୍ଥା ସେଠାରେ ସୃଷ୍ଟି କରାଯାଇ ନାହିଁ। ଅଦ୍ୟାବଧି ସେଠାରେ ବିଦ୍ୟୁତୀକରଣ, ଜଳ ଯୋଗାଣ ଓ ଡ୍ରେନେଜ ଆଦି କାର୍ଯ୍ୟ ଶେଷ ହୋଇ ନ ଥିବା ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଶିଖରପୁର ଭିୟୁପି ନିର୍ମାଣରେ ବିଳମ୍ବ

### କେନ୍ଦ୍ର ପରିବହନ ମନ୍ତ୍ରୀଙ୍କୁ ଚିଠି ଲେଖିଲେ କଟକ ଏମ୍‌ପି

**କଟକ ଅଫିସ, ୧୯।୯**

ଶିଖରପୁର ନିକଟରେ ଭେଇକୁଲାର ଅଣ୍ଡର ପାସ୍ (ଭିୟୁପି) ନିର୍ମାଣରେ ବିଳମ୍ବ ଘଟୁଛି। ଏପରିକି କେନ୍ଦ୍ର ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲେ ମଧ ଏହି ନିର୍ମାଣ ଆରମ୍ଭ କରାଯାଇ ନାହିଁ। ଫଳରେ ଏହାକୁ ନେଇ କଟକ ଏମ୍‌ପି ଭର୍ତ୍ତୃହରି ମହତାବ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଏ ସମ୍ପର୍କରେ ଏକ ଚିଠି ଲେଖିଛନ୍ତି।

ଏମ୍‌ପି ମହତାବ ଚିଠିରେ ଦର୍ଶାଇଛନ୍ତି ଯେ, ପାର୍ଲାମେଣ୍ଟ ପିଟିଶନ କମିଟି ନିକଟରେ ସେ ଭିୟୁପି ନିର୍ମାଣ ନେଇ ନିଜ ମତ ରଖିଥିଲେ। ୨୦୧୭ ଡିସେମ୍ବର ୨୨ରେ ପିଟିଶନ କମିଟି ପକ୍ଷରୁ ପାର୍ଲାମେଣ୍ଟରେ ଏହି ମତକୁ ଉପସ୍ଥାପନ କରାଯାଇଥିଲା। ତୁରନ୍ତ ଭିୟୁପି ନିର୍ମାଣ କରାଯିବ ବୋଲି ସେତେବେଳେ କୁହାଯାଇଥିଲା। ଏହା ପରେ ମନ୍ତ୍ରଣାଳୟ ପକ୍ଷରୁ ୨୦୧୮ ଫେବୃୟାରୀ ୨୨ରେ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ଭିୟୁପି ନିର୍ମାଣ ପାଇଁ ଚିଠି କରାଯାଇଥିଲା। ଏସବୁ ସତ୍ତ୍ୱେ ମଧ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ନାହିଁ। ତେଣୁ ତୁରନ୍ତ କାର୍ଯ୍ୟାରମ୍ଭ କରିବାକୁ ଏମ୍‌ପି ମହତାବ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ମାଧମରେ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଜେଏନ୍‌ୟୁ ଛାତ୍ର ସଂସଦ ସଭାପତିଙ୍କୁ ଆକ୍ରମଣର ପ୍ରତିବାଦ




କଟକ କଲେଜ ଛକଠାରେ ଏଆଇଡିଏସ୍‌ଓ ପକ୍ଷରୁ ପ୍ରତିବାଦ ଦିବସ ପାଳନ କରାଯାଉଛି।

**କଟକ ଅଫିସ, ୧୯।୯**

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଛାତ୍ର ସଂସଦ ନିର୍ବାଚନରେ ବାମପନ୍ଥୀ ଛାତ୍ର ସଂଗଠନର ପ୍ରାର୍ଥୀମାନେ ବିପୁଳ ଭୋଟ୍‌ରେ ବିଜୟଲାଭ କରିଛନ୍ତି। ନିର୍ବାଚନରେ ପରାଜୟ ପରେ ଏବିଭିପି କ୍ୟାମ୍ପସ୍‌ରେ ଛାତ୍ର ସଂସଦ ସଭାପତି ଓ ଅନ୍ୟମାନଙ୍କୁ ଆକ୍ରମଣ କରିବା ସହ ଗୁଣ୍ଡାଗର୍ଦ୍ଦି କରୁଥିବା ବାମପନ୍ଥୀ ଛାତ୍ର ସଂଗଠନ ପକ୍ଷରୁ ଅଭିଯୋଗ ହେଉଛି। ଏହାକୁ ବୁଧବାର ଏହି ଛାତ୍ର ସଂଗଠନଗୁଡ଼ିକ ନିନ୍ଦା କରିବା ସହ ବୁଧବାର ସାରା ଦେଶରେ ପ୍ରତିବାଦ ଦିବସ ପାଳନ କରିଛି। ଏହି ଉପଲକ୍ଷେ ଏଆଇଡିଏସ୍‌ଓ କଟକ ଜିଲା କମିଟି ପକ୍ଷରୁ ସ୍ଥାନୀୟ କଲେଜ ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ଭାଗ୍ୟରବି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଛାତ୍ରନେତା ଶିବାନୀ ସାହୁ, ଅମରେନ୍ଦ୍ର ନାୟକ, ଜ୍ୟୋସ୍ନାରାଣୀ ଦାସ, ସରୋଜ କୁମାର ମାନସିଂ, ସିଦ୍ଧେଶ୍ୱର ଜେଠୀ, ରଞ୍ଜନ କୁମାର ସାମଲ ଓ ଆରତୀ ମେହେର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଚକ୍ଷୁ ଚିକିତ୍ସା ଶିବିର

**କଟକସଦର,୧୯।୯(ଡି.ଏନ୍.ଏ.)**

କଟକସଦର ବ୍ଲକ ୪୨ମୌଜା ସୁଦର୍ଶନ ମହାବିଦ୍ୟାଳୟ ଯୁକ୍ତ୨ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ମୋତିଆବିନ୍ଦୁ ଚିହ୍ନଟ ଶିବିର ସୋମବାର କୂଳସରିଚୁଆଁ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ କଟକସଦର ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡା ଓ ମହାବିଦ୍ୟାଳୟ ଅଧକ୍ଷ ଡ. ରବୀନ୍ଦ୍ର ନାଥ ପରିଡା ଉଦ୍‌ଘାଟନ କରିଥିଲେ। ରୋଟାରୀ କ୍ଲବ, କଟକର ଅଭିଜ୍ଞ ଚକ୍ଷୁ ଚିକିତ୍ସକମାନେ ୨୩ଜଣ ରୋଗୀଙ୍କୁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ମନୋନୀତ କରିଥିଲେ। ରୋଟାରୀ ଚିକିତ୍ସାଳୟର ପରିଚାଳକ ସଞ୍ଜୀବ କୁମାର ମହାପାତ୍ର, ଉଦୟନାଥ ରାଉତ, ଅଧାପକ ସ୍ୱାଧୀନ ଶେଖର ଷଡଙ୍ଗୀ, ସେକ କଲିମୁଲ୍ଲା, ଶୁଭାଶିଷ ଦେବତା ସମେତ ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## କ୍ଲାପ୍ ଅଭିଯାନରେ ସାମିଲ୍ ହେଲେ ଏସିଡ୍ ପୀଡ଼ିତା ପ୍ରମୋଦିନୀ

**କଟକ ଅଫିସ, ୧୯।୯**

ଓଡ଼ିଶାରେ ଏସିଡ୍ ପୀଡ଼ିତାମାନଙ୍କୁ ଅଦାଲତ ପ୍ରକ୍ରିୟାରେ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ଆଇନ ସେବା ସଂସ୍ଥା କ୍ଲାପ ପକ୍ଷରୁ ଅଭିଯାନ ଆରମ୍ଭ କରାଯାଇଛି। ଆରମ୍ଭ ହୋଇଥିବା ଏହି ଅଭିଯାନରେ ସାମିଲ ହୋଇଛନ୍ତି ଜଗତ୍‌ସିଂହପୁର ତିର୍ତ୍ତୋଲ ଅଞ୍ଚଳର ବହୁଚର୍ଚ୍ଚିତ ଏସିଡ୍ ପୀଡ଼ିତା ପ୍ରମୋଦିନୀ ରାଉଳ। ବୁଧବାର କ୍ଲାପ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରମୋଦିନୀଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। କ୍ଲାପରେ ଯୋଗଦେବା ଅବସରରେ ପ୍ରମୋଦିନୀ କହିଛନ୍ତି ଯେ, ଏସିଡ୍ ଆକ୍ରମଣ ବିରୋଧରେ ଲୋକଙ୍କୁ ସଚେତନ କରିବେ। ଏସିଡ୍ ପୀଡ଼ିତାମାନେ କିଭଳି ତ୍ୱରିତ ନ୍ୟାୟ ପାଇବେ ସେଥିପାଇଁ ସେ ପ୍ରୟାସ କରିବେ। କ୍ଲାପ ସଭାପତି ଡ. ବିକାଶ ଦାସ କହିଛନ୍ତି, ଏବେ ରାଜ୍ୟରେ ବିଭିନ୍ନ ଅଦାଲତରେ ପ୍ରାୟ ୫୯ ଏସିଡ୍ ଆକ୍ରମଣ ମାମଲା ପଡ଼ିରହିଛି। ଏଭଳି ମାମଲାର ତ୍ୱରିତ ବିଚାର ପାଇଁ ରାଜ୍ୟ ସରକାର ସବୁବେଳେ କହୁଥିବାବେଳେ ବାସ୍ତବରେ ବିଚାର ପ୍ରକ୍ରିୟା ଖୁବ୍ ମନ୍ଥର ଗତିରେ ଚାଲିଛି। ଏହାସହ ଏସିଡ୍ ଆକ୍ରମଣର ଶିକାର ଯୁବତୀମାନଙ୍କୁ ସରକାର ୩ ଲକ୍ଷ ଟଙ୍କା ଲେଖାଏ ଦେବାର ବ୍ୟବସ୍ଥା ରହିଥିଲେ ବି ଅନେକ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଯାଉଛି। ଏବେ ଅଦାଲତରେ ପଡ଼ିରହିଥିବା ଏସିଡ୍ ଆକ୍ରମଣ ମାମଲାଗୁଡ଼ିକର କିପରି ଶୀଘ୍ର ଶୁଣାଣି ହୋଇପାରିବ ସେ ନେଇ ପ୍ରମୋଦିନୀ କାମ କରିବେ। ଏହା ବ୍ୟତୀତ କ୍ଲାପ ପକ୍ଷରୁ ଏସିଡ୍ ବିକ୍ରି କଟକଣା ଠିକ୍ ଭାବେ ଲାଗୁ କରିବା ପାଇଁ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରାଯିବ ବୋଲି ଦାସ ସୂଚନା ଦିଆଯାଇଛି।

## ନିଖୋଜ ଛାତ୍ରୀ ଉଦ୍ଧାର

**କଟକ ଅଫିସ, ୧୯।୯**

ପୁରୀଘାଟ ଥାନା ଅନ୍ତର୍ଗତ ଭଗତପୁର ଅଞ୍ଚଳରୁ ଜଣେ ଛାତ୍ରୀ ଗତ ସେପ୍ଟେମ୍ବର ୧୦ ତାରିଖରେ ନିଖୋଜ ହୋଇଯାଇଥିଲେ। ବୁଧବାର ତାଙ୍କୁ ପୁରୀଘାଟ ଅଞ୍ଚଳରେ ଥିବା ତାଙ୍କର ଜଣେ ସହପାଠୀଙ୍କ ଘରୁ ଉଦ୍ଧାର କରିଛି ପୋଲିସ। ପରେ ଧାରା ୧୬୪ରେ ଛାତ୍ରୀଙ୍କ ବୟାନ ରେକର୍ଡ କରିବା ସହ ଶିଶୁ ସୁରକ୍ଷା ସମିତିର ଜିମା ଦେଇଛି। ଏଥିସହ ପୋଲିସ ଛାତ୍ରୀଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଛି। ତେବେ ପରିବାର ଲୋକେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିବା ଯୋଗୁ ସେ ଘର ଛାଡି ପଳାଇ ଥିବା କହିଛନ୍ତି। ସୂଚନାଯୋଗ୍ୟ, ଛାତ୍ରୀ ଜଣଙ୍କ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ଘରୋଇ ସ୍କୁଲରେ ଦ୍ୱାଦଶ ଶ୍ରେଣୀରେ ପଢନ୍ତି। ସେପ୍ଟେମ୍ବର ୧୦ ତାରିଖ ସନ୍ଧ୍ୟାରେ କିଛି ଜିନିଷପତ୍ର କିଣିବାକୁ ଛାତ୍ରୀ ଜଣଙ୍କ ବଜାରକୁ ଯାଇଥିବାବେଳେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକ ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(୧୪୮/୧୮) ରୁଜୁ କରି ତଦନ୍ତ ଚଳାଇଥିଲା।



କଟକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବୁଧବାର ଜିଲା ରୋଡ୍ ସେଫ୍ଟି କମିଟି ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ବକ୍ତବ୍ୟ ଦେଉଛନ୍ତି।

## ନିର୍ବାଚନରେ ଗ୍ରାମାଞ୍ଚଳ ବ୍ୟାଙ୍କ ସେବା ବ୍ୟାହତ ଆଶଙ୍କା

**କଟକସଦର,୧୯।୯(ଡି.ଏନ୍.ଏ.)**

ଆଗାମୀ ସାଧାରଣ ନିର୍ବାଚନ ପାଇଁ କଟକ ଜିଲା ପ୍ରଶାସନ ଜୋରସୋରରେ ପ୍ରସ୍ତୁତି ଚାଲିଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପାଇଁ ଆବଶ୍ୟକ କର୍ମଚାରୀ ଯୋଗାଡ ଲାଗି ଜିଲାରେ ଥିବା ସରକାରୀ କାର୍ଯ୍ୟାଳୟଗୁଡିକୁ ଷ୍ଟାଫ ତାଲିକା ନେବା ପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପତ୍ର ଲେଖାଯାଇଛି। ଏଥିରେ କାର୍ଯ୍ୟରତ ସମସ୍ତ ଷ୍ଟାଫଙ୍କ ନାମ, ପଦବୀ, ଦରମା ହାର ଲେଖି ତାଲିକା ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କଟକସଦର ବ୍ଲକର ଗ୍ରାମାଞ୍ଚଳରେ ଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମେତ ୨/୩ଜଣ ଷ୍ଟାଫ ଥିବା ବ୍ୟାଙ୍କ ଶାଖାକୁ ମଧ ଏହି ଚିଠି ପଠାଯାଇଛି। ଯଦି ଏହି କର୍ମଚାରୀମାନେ ୪ଦିନ ଲାଗି ନିର୍ବାଚନ କାର୍ଯ୍ୟରେ ରୁହନ୍ତି, ତେବେ ସମ୍ପୃକ୍ତ ବ୍ୟାଙ୍କଗୁଡିକ ତାଲା ପଡିଯିବାର ଆଶଙ୍କା ରହିଛି। ଏଭଳି ଦାୟିତ୍ୱହୀନ କାର୍ଯ୍ୟ ନ କରିବା ପାଇଁ କେନ୍ଦ୍ର ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶନାମା ଥିବା ସତ୍ତ୍ୱେ କଟକଜିଲା ନିର୍ବାଚନ ଅଧିକାରୀ ଏହାକୁ ଅଣଦେଖା କରୁଥିବା ନେଇ ବ୍ୟାଙ୍କ କର୍ମଚାରୀ ୟୁନିୟନ ପକ୍ଷରୁ କୁହାଯାଇଛି। ବିଭିନ୍ନ ହାଇକୋର୍ଟର ଟିପ୍ପଣୀ ଓ ନିର୍ଦ୍ଦେଶନାମାକୁ ଭିତ୍ତିକରି ଭାରତୀୟ ଜନପ୍ରତିନିଧି ଆଇନ ୧୯୫୧ ଧାରା ୧୫୯(୨)ରେ କେନ୍ଦ୍ର ନିର୍ବାଚନ କମିଶନର ସଂଶୋଧନ ଆଣି କର୍ମଚାରୀ ମନୋନୟନ ସମ୍ପର୍କରେ ବିସ୍ତୃତ ଗାଇଡ୍‌ଲାଇନ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ନିର୍ବାଚନ ଅଧିକାରଙ୍କ ଅବଗତ ନିମନ୍ତେ ପତ୍ରସଂଖ୍ୟା ୪୬୪/ ଆଇଏନଏସ୍‌ଟି/ ୨୦୦୯/ ଇପିଏସ୍ ୧୮/୨/୨୦୧୧ରେ ପ୍ରେରଣା କରିଥିଲେ। ଏଥିରେ ବ୍ୟାଙ୍କ ଓ ବୀମା ସଂସ୍ଥାର ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରି ସହମତି ଭିତ୍ତିରେ କର୍ମଚାରୀ ନେବାପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ କଟକ ଜିଲା ପ୍ରଶାସନ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ କଟକ ଜିଲା ନିର୍ବାଚନ ଅଧିକାରୀ ରଞ୍ଜିତା ସାହୁ କୁହନ୍ତି, ବର୍ତ୍ତମାନ କେବଳ ଡାଟାବେସ ପ୍ରସ୍ତୁତ ପାଇଁ ତାଲିକା ମଗାଯାଇଛି। ଯଦି ବ୍ୟାଙ୍କ ଓ ବୀମା ଅଧିକାରୀମାନେ କାହାକୁ ଛାଡ଼ିପାରିବେନି ତେବେ ଲିଖିତ ଆକାରରେ ଦିଅନ୍ତୁ ବୋଲି ନିର୍ବାଚନ ଅଧିକାରୀ ସାହୁ କହିଛନ୍ତି।

## ■ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

# ଅଧାପକଙ୍କ ବହିଷ୍କାର ଦାବିରେ ବିକ୍ଷୋଭ

**କଟକ ଅଫିସ, ୧୯।୯**

କଟକ ଦେଉଳସାହି ଅଞ୍ଚଳରେ ଥିବା ରଘୁନାଥଜୀଉ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ କଲେଜର ଜଣେ ଅଧାପକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଛାତ୍ରୀଛାତ୍ରମାନେ ଜଣାଇଥିଲେ ମଧ ଉକ୍ତ ଅଧାପକଙ୍କ ବିରୋଧରେ କଲେଜ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏହାକୁ ନେଇ ସେମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ବୁଧବାର ଶତାଧିକ ଛାତ୍ରୀଛାତ୍ର କଲେଜ ମୁଖ୍ୟଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଉକ୍ତ ଅଧାପକଙ୍କୁ ବହିଷ୍କାର କରାଯିବା ପାଇଁ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ କଲେଜର ବିଜ୍ଞାନ ବିଭାଗରେ ଛାତ୍ରୀଛାତ୍ରମାନଙ୍କୁ ଜଣେ ଅଧାପକ ଦୁଇବର୍ଷ ହେବ ପାଠ ପଢାଉଛନ୍ତି। ଜଣେ ଛାତ୍ରୀ ପାଠ ସମ୍ପର୍କରେ କିଛି ବୁଝିବା ପାଇଁ ଅଧାପକଙ୍କୁ ପଚାରିଥିଲେ। ହେଲେ ସେ ତାଙ୍କୁ ସମସ୍ତ ବିଷୟ ବୁଝାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଛାତ୍ରୀ ଜଣଙ୍କ ଅଧାପକଙ୍କ ପାଖକୁ ପାଠ ବୁଝିବାକୁ ଯାଇଥିଲେ ମଧ ସେ କିଛି ପଢାଇ ନ ଥିଲେ। ଓଲଟା ତାଙ୍କୁ ପରୀକ୍ଷାରେ ଅଧିକ ନମ୍ବର ପ୍ରଦାନ କରିବାକୁ କହିବା ସହ ତାଙ୍କ କଥା ବୁଝିବାକୁ କହିଥିଲେ। ଅଧାପକ ଜଣଙ୍କ ଖରାପ ନଜରରେ ଏଭଳି କହୁଥିବା ଜାଣିବା ପରେ ଜଣେ ଛାତ୍ରୀ ଏହାକୁ ବିରୋଧ କରିଥିଲେ। ଏଥିସହ ଅଧାପକ ଜଣଙ୍କ ତାଙ୍କୁ ଅସଦାଚରଣ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ଏହି ଗୋଟିଏ ଘଟଣା ନୁହେଁ ବହୁ ଛାତ୍ରୀଙ୍କୁ ଉକ୍ତ ଅଧାପକ ଦୁର୍ବ୍ୟବହାର କରିବା ସହ ଖରାପ ନଜରରେ ଦେଖୁଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଯଦି କଲେଜ କର୍ତ୍ତୃପକ୍ଷ ଉକ୍ତ ଅଧାପକଙ୍କୁ ବହିଷ୍କାର ନ କରନ୍ତି ତେବେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।



କଲେଜ ଫାଟକ ସମ୍ମୁଖରେ ଛାତ୍ରମାନେ ବିକ୍ଷୋଭ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ସେପ୍ଟେମ୍ବର, ୨୦୧୮



ଅଧୀର ହୋଇପଡ଼ିବା ଦ୍ୱାରା ଯେତିକି ସମୟ ଖର୍ଚ୍ଚ ହୋଇଯାଏ,
ସେତିକି ରହିଥିଲେ କାର୍ଯ୍ୟଟି ହୁଏତ ହାସଲ ହୋଇଯାଇ ପାରିଥାନ୍ତା।
- ବେନ୍ ଜନସନ୍



## ସଂକ୍ଷେପରେ

### ୟୁନାଇଟେଡ୍ ଚର୍ଚ୍ଚର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ଚୌଦ୍ୱାର,୧୯।୯(ଡି.ଏନ.ଏ.): ଚୌଦ୍ୱାର ଚାରବାଟିଆସ୍ଥିତ ୟୁନାଇଟେଡ୍ ଚର୍ଚ୍ଚର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ରେଭରେଣ୍ଡ ପି. ନିରଞ୍ଜନ ଜେମ୍ସଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ୟୁନାଇଟେଡ ଚର୍ଚ୍ଚର ସଭାପତି ୱିଲିୟମ୍ ମନ୍ତ୍ରୀ, ସାଧାରଣ ସମ୍ପାଦକ ପି.ଏ. ବିଦ୍ୟାସାଗର ବିବରଣୀ ପାଠ କରିଥିବାବେଳେ ଅତିଥିମାନେ ଚର୍ଚ୍ଚର ସ୍ମରଣିକା ଉନ୍ମୋଚନ କରିଥିଲେ। ଓଡିଆ ବାପ୍ଟିଷ୍ଟ କଂଗ୍ରେସେସନର ସଭାପତି ବିଶ୍ୱଜିତ ଜୀ ଯାଚକ, ଶୁଭେନ୍ଦୁ ବିଶୋଇ, ରବୀନ୍ଦ୍ର କୁମାର ମହାପାତ୍ର ଓ ନରେନ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଚର୍ଚ୍ଚ ପ୍ରତିଷ୍ଠାରେ ମୁଖ୍ୟ ଅବଦାନ ପାଇଁ ରେଭରେଣ୍ଡ ପ୍ରତାପ ଚନ୍ଦ୍ର ଜେନା, ଯୁଗଳ କିଶୋର ଜେନା, ଏ.ଧନରାଜ ଓ ଜନ ଏସ.ଜେଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିବେଦିତା ଆଡମସ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପରିବେଶ ସଚେତନତା କାର୍ଯ୍ୟକ୍ରମ

ଚୌଦ୍ୱାର, ୧୯।୯ (ଡି.ଏନ.ଏ.): ସ୍ଥାନୀୟ ଶିଶୁ ସଦନରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇମ୍ଫା ମ୍ୟାନେଜର ମାନସ ରଞ୍ଜନ ପ୍ରଧାନ, ରାମଚନ୍ଦ୍ର ନାୟକ, ମହେନ୍ଦ୍ର ସାହୁ, ନେତ୍ରାନନ୍ଦ ରଥ, ସମ୍ଭ୍ରାନ୍ତ ଲେଙ୍କା, ହିନ୍ଦ୍ ସେବକ ସଂଘର ସଦସ୍ୟ ଗଙ୍ଗାଧର ସାହୁ ପ୍ରମୁଖ ଯୋଗଦେଇ ପରିବେଶ ସଚେତନତାର ଲକ୍ଷ୍ୟ ସମ୍ପର୍କରେ ଉପସ୍ଥିତ ପିଲାମାନଙ୍କୁ ବୁଝାଇଥିଲେ। ଶିଶୁ ସଦନର ମୁଖ୍ୟ ଦାମୋଦର ସାହୁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସ୍ୱଚ୍ଛ ପରିବେଶର ଉପଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁସଦନ ପରିସରରେ ଶୌଚାଳୟ ଓ ପରିବେଶ ସଫେଇ କାର୍ଯ୍ୟକ୍ରମରେ ବହୁ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।

### ୩ ବଖରା ଜଳିଗଲା

ଖୁଣ୍ଟୁଣୀ, ୧୯।୯ (ଡ଼ି.ଏନ୍.ଏ.): ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଆଠଗଡ ବ୍ଲକ ବାଳୀ ଗ୍ରାମର ପ୍ରମିଳା ବେଓ୍ୱା ଓ ପ୍ରଭାତ ନାଏକଙ୍କ ୩ ବଖରା ଜଳିଯାଇଛି। ଏଥିରେ ପ୍ରାୟ ୫୦ ହଜାର ଟଙ୍କାର ସମ୍ପତ୍ତି ପୋଡିଯାଇଛି। ପରିବାର ଲୋକେ ଶୋଇଥିବାବେଳେ ପ୍ରମିଳାଙ୍କ ଘରେ ହଠାତ୍ ନିଆଁ ଲାଗିଯାଇଥିଲା। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ ବିପନ୍ନ ପରିବାରକୁ ୨ଟି ପଲିଥିନ, ୭୦୦୦ ଟଙ୍କା, କମ୍ବଳ, ଶାଢୀ ଓ ଡ୍ରେସ୍ ପ୍ରଦାନ କରାଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିଲେ ମଧ୍ୟ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ପ୍ରଭାତ କହିଛନ୍ତି। ଖବରପାଇ ଗୁରୁଡିଝାଟିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ବିପନ୍ନଙ୍କୁ ବିଜୁ ପକ୍କାଘର ଯୋଗାଇ ଦେବାକୁ ଦାବି ହେଉଛି।

### ଦ୍ୱିତୀୟ ଦିନରେ ଏବିଭିପିର ଆମରଣ ଅନଶନ

କଟକ ଅଫିସ,୧୯।୯: ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଦ୍ୱାରା ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଆମରଣ ଅନଶନ ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଖାଲି ପଡ଼ିଥିବା ଅଧାପକ ପଦବୀ ପୂରଣ କରିବା, କନିକା ଲାଇବ୍ରେରିର ପୁନରୁଦ୍ଧାର, ସିସିଟିଭି ବ୍ୟବସ୍ଥା ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ୱାଇଫାଇ ବ୍ୟବସ୍ଥା ପ୍ରଦାନ କରିବା, ରେଭେନ୍ସା ରେଡ଼ିଓ ଓ ଆର୍ଟଗ୍ୟାଲେରି ଚାଲୁ ରଖିବା ଆଦି ଦାବି ନେଇ ଅନଶନ ଜାରି ରହିଛି। ଦାବି ପୂରଣ ନ ହେଲେ ଏହାକୁ ବ୍ୟାପକ କରାଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

■ପୂଜା ପାଇଁ ସିଏମ୍‌ସିର ସ୍ୱତନ୍ତ୍ର କାଉନସିଲ ବୈଠକ

# ଆରମ୍ଭରୁ ହୋହଲ୍ଲା, ଜାଇକା ଉପରେ ଗର୍ଜିଲେ

■ୱାର୍ଡ ପିଛା ୧୦ଲକ୍ଷ ଘୋଷଣା
■ଅନୁପସ୍ଥିତ ରହିଲେ ଜାଇକା କର୍ତ୍ତୃପକ୍ଷ
■କବିତାରେ ସିଏମ୍‌ସିର ଅପାରଗତା ବଖାଣିଲେ କର୍ପୋରେଟର

କଟକ ଅଫିସ,୧୯।୯



ସିଏମ୍‌ସି କାଉନସିଲ ବୈଠକରେ ମେୟରଙ୍କ ସହ ଅନ୍ୟମାନେ।

ଆସନ୍ତା ଦୁର୍ଗା ପୂଜା ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସ୍ୱତନ୍ତ୍ର କାଉନସିଲ ବୈଠକ ବୁଧବାର ବିଜୁ ଭବନରେ ଅନୁଷ୍ଠିତ ହୋଇଥିଲା। ତେବେ ଆରମ୍ଭରୁ ସହରର ପରିମଳ ସମସ୍ୟାକୁ ଉଭୟ ଶାସକ-ବିରୋଧୀ କର୍ପୋରେଟରମାନେ ଏକାଠି ହୋଇ ହୋହଲ୍ଲା କରିଥିଲେ। ସହରରେ ସଫେଇ କର୍ମଚାରୀ ଓ ଡଷ୍ଟବିନର ଅଭାବ ଦର୍ଶାଇ କମିଶନର ଓ ମେୟରଙ୍କୁ ବିଭିନ୍ନ ପ୍ରଶ୍ନ କରିବା ସହ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ବୈଠକର ୪୫ ମିନିଟ ପର୍ଯ୍ୟନ୍ତ କମିଶନରଙ୍କୁ କିଛି କୁହାଇ ଦେଇ ନ ଥିଲେ। ଦଶହରା ପର୍ଯ୍ୟନ୍ତ ସହରର ବିଭିନ୍ନ ୱାର୍ଡରେ ଅଳିଆ ଉଠାଇବାକୁ ଗାଡିର ଅଭାବ ରହିଛି ବୋଲି ହେଲ୍‌ଥ ଅଫିସର ଉମେଶ ପାଣିଗ୍ରାହୀ କହିବାମାତ୍ରେ କେତେଜଣ ବିଜେଡି କର୍ପୋରେଟର ଖୁବ୍ ବର୍ଷିଥିଲେ। ଯଦି ଦାୟିତ୍ୱ ଠିକ୍ ଭାବେ ସମ୍ଭାଳି ପାରୁନାହାନ୍ତି ତେବେ ଚାକିରି ଛାଡ଼ି ପଳାନ୍ତୁ ବୋଲି କଡା ଭାଷାରେ କହୁଥିବା ଶୁଣିବାକୁ ମିଳିଥିଲା। ଏପରି କି କେତେଜଣ କର୍ପୋରେଟର କବିତା ମାଧ୍ୟମରେ ସିଏମ୍‌ସିର ଅପାରଗତାକୁ ବଖାଣିଥିଲେ। ପରିସ୍ଥିତି ଆହୁରି ବିଗିଡି ଯାଉଥିବାବେଳେ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ ଉଠିପଡି ପୂଜା ପାଇଁ ୱାର୍ଡ ପିଛା ୧୦ ଲକ୍ଷ ଟଙ୍କା ଦିଆଯିବାକୁ ଘୋଷଣା କରିଥିଲେ। ଏହି ଟଙ୍କା ସହରର ରାସ୍ତା ଓ ଆଲୋକ ଆଦି କ୍ଷେତ୍ରରେ ମରାମତିରେ ଖର୍ଚ୍ଚ ହେବ। ପୂଜାକୁ ଆଉ ମାତ୍ର ମାସେ ବାକି ଥିବାରୁ କର୍ପୋରେଟରଙ୍କ ଜରିଆରେ ବିନା ଟେଣ୍ଡରରେ ଏହା ଖର୍ଚ୍ଚ କରାଯିବ ବୋଲି ବୈଠକରେ ଗୃହୀତ ହୋଇଥିଲା। କିନ୍ତୁ କର୍ପୋରେଟରମାନେ ଜାଇକାର ବେପରୁଆ କାର୍ଯ୍ୟକୁ ନେଇ ଗର୍ଜିଥିଲେ। ଖରାପ କରିଥିବା ରାସ୍ତାକୁ ଜାଇକା ମରାମତି କରୁ, ଏଥିରେ ଟଙ୍କାଟିଏ ୱାର୍ଡ ଖର୍ଚ୍ଚ କରିବ ନାହିଁ ବୋଲି କର୍ପୋରେଟରମାନେ କହିଥିଲେ। ସହରର ଅଧିକାଂଶ ରାସ୍ତାଘାଟ ଜାଇକା ଏବଂ ଅମୃତ ଯୋଜନାରେ ହେଉଥିବା କାମ ଯୋଗୁ ଅବସ୍ଥା ଶୋଚନୀୟ। ତେଣୁ ଆଜିଭଳି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜାଇକା ଓ ଅମୃତ ଯୋଜନାର ଅଧିକାରୀମାନେ ଅନୁପସ୍ଥିତ ଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

ଏଥିସହ ଅକ୍ଟୋବର ଦୁଇ ପୂର୍ବରୁ ପ୍ଲାଷ୍ଟିକ ବର୍ଜନ ସଚେତନତା କ୍ୟାମ୍ପେନ ଜୋରଦାର କରାଯିବ। ଉଲ୍ଲଂଘନ କଲେ ୫୦୦ରୁ ଆରମ୍ଭ କରି ୧୦ ହଜାର ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ ବୋଲି ପ୍ରସ୍ତାବ ରହିଥିଲା। ଲୋକଙ୍କୁ ପଲିଥିନ ବଦଳରେ ବିକଳ୍ପ ବ୍ୟବସ୍ଥା ମଧ୍ୟ ଯୋଗାଇଦେବା ଆବଶ୍ୟକ ବୋଲି ହେଲ୍‌ଥ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରଞ୍ଜନ ବିଶ୍ୱାଳ କହିଥିଲେ। କର୍ପୋରେଟର ଗିରିବାଳା ବେହେରା କହିଥିଲେ ଯେ, ନୂଆ କମିଶନର ଆଉ ଥରେ ମହାନଗର ନିଗମ ଅଞ୍ଚଳର ବିଭିନ୍ନ ୱାର୍ଡ ବୁଲି ଅବସ୍ଥା ଦେଖିବା ଦରକାର। ତେବେ କର୍ପୋରେଟରଙ୍କୁ ୱାର୍ଡର ସମସ୍ୟା ସୁଧାରିବା ପାଇଁ ମିଳିଥିବା ଟଙ୍କା ଠିକ୍ ବାଟେ ମଧ୍ୟ ଖର୍ଚ୍ଚ ହେବା ଦରକାର ବୋଲି ସେ କହିଛନ୍ତି। ତେବେ ବୈଠକ ଶେଷରେ କମିଶନର ନାୟକ କହିଥିଲେ, ବୈଠକରେ ଦଳମତ ନିର୍ବିଶେଷରେ ସମସ୍ତ କର୍ପୋରେଟର ନିଜ ଅଞ୍ଚଳରେ ଦୀର୍ଘଦିନ ଧରି ଲାଗି ରହିଥିବା ନାନା ସମସ୍ୟାକୁ ନେଇ ବେଶ୍ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆଗକୁ ପୂଜା ଥିବାରୁ ପ୍ରାଥମିକତା ଦୃଷ୍ଟିରୁ ସେମାନେ ପ୍ରଥମେ ସମସ୍ୟାକୁ ସୁଧାରିବାକୁ ଚେଷ୍ଟା କରନ୍ତୁ। ଅନ୍ୟ ସମସ୍ୟାଗୁଡିକୁ ମଧ୍ୟ ଆମେ ନିଶ୍ଚୟ ଗୁରୁତ୍ୱ ଦେଇ ସ୍ଥାୟୀ ସମାଧାନ ବାହାର କରିବୁ।

## ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲା ଓସିଏଲ୍ ଇଣ୍ଡିଆ



ଭୁବନେଶ୍ୱର,୧୯।୯

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ପ୍ରମୁଖ କମ୍ପାନୀ ଓସିଏଲ୍ ଇଣ୍ଡିଆ ଲିମିଟେଡର ଏକ ୟୁନିଟ କପିଳାସ ସିମେଣ୍ଟ ପକ୍ଷରୁ 'ପ୍ରତିଭା ସମ୍ମାନ ପୁରସ୍କାର-୨୦୧୮' ଅନୁଷ୍ଠିତ ହୋଇଯାଇଛି। ପ୍ଲାଣ୍ଟର ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ୧୭ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ଦଶମ ଏବଂ ଦ୍ୱାଦଶ ଶ୍ରେଣୀରେ କୃତିତ୍ୱ ହାସଲ କରିଥିବା ୫୬ ମେଧାବୀ ଛାତ୍ରୀଛାତ୍ରଙ୍କୁ କମ୍ପାନୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହା ମଧ୍ୟରେ କଟକ ଏବଂ ଯାଜପୁର ଜିଲାର ୯ଟି ପଞ୍ଚାୟତର ଛାତ୍ରୀଛାତ୍ର ରହିଛନ୍ତି। ସେହିଭଳି ଶିକ୍ଷା, ସଙ୍ଗୀତ, କଳା, ସମାଜ ସେବା, ପରିବେଶ, ସାହସିକତା ଓ କ୍ରୀଡା ଭଳି କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ୮ ଜଣଙ୍କୁ କମ୍ପାନୀ ସମ୍ବର୍ଦ୍ଧିତ କରିଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ବିପିୟୁଟିର ପ୍ରଥମ କୁଳପତି ଡ. ଓଁକାରନାଥ ମହାନ୍ତି ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏକ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଓସିଏଲ୍ ଇଣ୍ଡିଆ ଲିମିଟେଡ୍‌ର ଉପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋରଞ୍ଜନ ସାହୁ ସୂଚନା ଦେଇଛନ୍ତି।




ଚଳଚ୍ଚିତ୍ର ଶୁଭ ମହୁରତ କାର୍ଯ୍ୟକ୍ରମରେ ଅଭିନେତା ଓ ଅନ୍ୟମାନେ।

## ଓଡିଆ ଚଳଚ୍ଚିତ୍ର '୧୦୦% ଲଭ୍'ର ଶୁଭ ମହୁରତ

କଟକ ଅଫିସ,୧୯।୯

କଟକର ଏକ ହୋଟେଲରେ ବୁଧବାର ଓଡିଆ ଚଳଚ୍ଚିତ୍ର ୧୦୦% ଲଭ୍‌ର ଶୁଭ ମହୁରତ ହୋଇଛି। ଏଥିରେ ନୂଆ ନାୟକ ଓମ୍ ଏବଂ ନବାଗତା ନାୟିକା ସମତା ରହିଥିବାବେଳେ ଫିଲ୍ମରେ ପ୍ରେମ ସହ କମେଡି ରହିଛି। ଏକ କାହାଣୀକୁ ନେଇ ଏସ ଏସ ଫିଲ୍ମ ଏଣ୍ଟରଟେନ୍‌ମେଣ୍ଟ ଭେଟି ଦେବାକୁ ଯାଉଛି ତାହାର ପ୍ରଥମ ଅବଦାନ। ଏହି ଫିଲ୍ମରେ କୋରିଓଗ୍ରାଫର ଲୁବୁନଟୁବୁନଙ୍କ ଜବରଦସ୍ତ ଡ୍ୟାନ୍ସ ଥିବା କିଛି ଗୀତ ଦର୍ଶକେ ଦେଖିବାକୁ ପାଇବେ। ଫିଲ୍ମରେ ଅନ୍ୟାନ୍ୟ ଭୂମିକାରେ ଅଭିନେତା କୁନା ତ୍ରିପାଠୀ, ବ୍ରଜ ସିଂ, ପ୍ରଜ୍ଞା, ଗୁଡୁ ଅଭିନୟ କରିବାକୁ ସ୍ଥିର ହୋଇଥିବାବେଳେ କଣ୍ଠଶିଳ୍ପୀ ହ୍ୟୁମାନ ସାଗର, ଦୀପ୍ତିରେଖା ଓ ଅନ୍ୟମାନେ କଣ୍ଠଦାନ କରିବେ ବୋଲି ଜଣାପଡିଛି।

## ୱାରେଣ୍ଟ ବଳରେ ଅଭିଯୁକ୍ତ ଗିରଫ

କଟକ ଅଫିସ୍, ୧୯।୯: ୱାରେଣ୍ଟ ବଳରେ ବାଦାମବାଡି ପୋଲିସ ସ୍ଥାନୀୟ ଖାନ୍ ନଗର ଗଉଡସାହି ଅଞ୍ଚଳର କୃଷ୍ଣଚନ୍ଦ୍ର ବେହେରା(୩୮)ଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ୨୦୧୬ ମସିହାରେ ଖାନ୍‌ନଗର ଅଞ୍ଚଳରେ ହୋଇଥିବା ଏକ ଗଣ୍ଡଗୋଳ ମାମଲାରେ ଅଭିଯୁକ୍ତ ଥିଲେ କୃଷ୍ଣଚନ୍ଦ୍ର। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। କୋର୍ଟରେ ହାଜର ହେବାକୁ କୃଷ୍ଣଚନ୍ଦ୍ରଙ୍କୁ ନୋଟିସ୍ ଜାରି ହୋଇଥିଲେ ମଧ୍ୟ ସେ ହାଜର ହୋଇ ନ ଥିଲେ। କୋର୍ଟ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିବା ସହ ତାଙ୍କୁ ଗିରଫ କରିବାକୁ ବାଦାମବାଡି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

## ଓଡ଼ିଶା ପୋଲିସର ସଚେତନତା ବାର୍ତ୍ତାରେ ଅନୁଷ୍କାଙ୍କ ଫଟୋ

କଟକ ଅଫିସ୍, ୧୯।୯




ରିଲିଜ ଅପେକ୍ଷାରେ ଥିବା ଫିଲ୍ମ 'ସୁଇ ଧାଗା'କୁ ନେଇ ଏହାର ନାୟିକା ଅନୁଷ୍କା ଶର୍ମା ଏବେ ଇଣ୍ଟରନେଟ୍ ଟ୍ରୋଲ୍‌ର ଶିକାର ହୋଇ ଚର୍ଚ୍ଚାକୁ ଆସିଛନ୍ତି। ଅନୁଷ୍କାଙ୍କ ଶାଢ଼ି ପିନ୍ଧା ଫଟୋକୁ ସୋସିଆଲ୍ ମିଡିଆରେ ଛାଡ଼ି ଟ୍ରୋଲ୍ କରାଯାଉଛି। ଏପରିସ୍ଥଳେ ଏହି ଫଟୋ ଏବେ ଓଡ଼ିଶା ପୋଲିସର ସଚେତନତା କାର୍ଯ୍ୟକ୍ରମରେ ସ୍ଥାନ ପାଇଛି। ବୁଧବାର ଠକେଇ ସଂକ୍ରାନ୍ତରେ ଏକ ସଚେତନତା ବାର୍ତ୍ତା ଦେଇ ଓଡ଼ିଶା ପୋଲିସ ତା'ର ଟୁଇଟର୍ ଆକାଉଣ୍ଟରେ ଉକ୍ତ ଫଟୋକୁ ସ୍ଥାନିତ କରିଛି। ଏଥିରେ ପୁରସ୍କାର ଜିତିବା ଲୋଭରେ କାହାକୁ ଓଟିପି ନମ୍ବର ନ ଦେବା ପାଇଁ କୁହାଯିବା ସହ ଲୋକଙ୍କୁ ସ୍ମାର୍ଟ ହେବାକୁ ପରାମର୍ଶ ଦିଆଯାଇଛି। ଓଡ଼ିଶା ପୋଲିସର ଏହି ଟୁଇଟ୍‌କୁ ନେଇ ଆଲୋଚନା ଚାଲିଛି।

## ଶହୀଦ୍ ପାର୍କ ଉଦ୍‌ଘାଟିତ

କଟକ ଅଫିସ,୧୯।୯

କଟକ ନୂଆପାଟଣାସ୍ଥିତ ଶହୀଦ ପାର୍କ ବୁଧବାର ଉଦ୍‌ଘାଟିତ ହୋଇଛି। ଏଥିରେ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସିଏମ୍‌ସି ମେୟର ମିନାକ୍ଷୀ ବେହେରା, ୩୪ନଂ. ୱାର୍ଡ କର୍ପୋରେଟର ନମିତା ମଞ୍ଜରୀ ସାହୁ, ସିଏମ୍‌ସି ହେଲ୍‌ଥ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଗାଜିବୋ ଏବଂ ଷ୍ଟୋନ କ୍ଲେଡିଂ ୱାଲ ଏହି ପାର୍କର ମୁଖ୍ୟ ଆକର୍ଷଣ ରହିଛି। ପ୍ରାତଃ ଭ୍ରମଣ ଏବଂ ବ୍ୟାୟାମ କରିବାକୁ ପସନ୍ଦ କରୁଥିବା ଲୋକଙ୍କ ପାଇଁ ଏହି ପାର୍କରେ ସୁବିଧା ରହିଛି। ୩୮ଲକ୍ଷ ଟଙ୍କା ବ୍ୟୟରେ ଏହି ପାର୍କର ଆଧୁନିକୀକରଣ କରାଯାଇଛି। କଟକ ସହରରେ ଶହୀଦମାନଙ୍କ ପ୍ରତିମୂର୍ତ୍ତି ଥିବା ଏହି ପାର୍କ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ବହନ କରୁଛି ଏବଂ କଟକିଆଙ୍କ ପାଇଁ ଅବସର ବିନୋଦନର ଏହା ଏକ ଭଲ ସ୍ଥାନ ହେବ ବୋଲି ଏମ୍‌ପି ମହତାବ କହିଛନ୍ତି।



ପାର୍କ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକଙ୍କ ସହ ଅନ୍ୟମାନେ।

■ଡାଟା ଏଣ୍ଟ୍ରି ଅପରେଟରଙ୍କୁ ମିଳୁନି ଉଚିତ ଦରମା

## ସିଏମ୍‌ସି କମିଶନରଙ୍କୁ ରିପୋର୍ଟ ମାଗିଲେ ଜିଲାପାଳ

କଟକ ଅଫିସ, ୧୯।୯

ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଠିକା ଭାବେ କଟକ ମହାନଗର ନିଗମ (ସିଏମ୍‌ସି)ରେ କାର୍ଯ୍ୟ କରୁଥିବା ଡାଟା ଏଣ୍ଟ୍ରି ଅପରେଟର (ଡିଇଓ)ମାନଙ୍କୁ ଦରମା କିମ୍ବା ଗ୍ରେଡ୍ ପେ ମିଳୁନାହିଁ। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ୨୦୧୬ ଡିସେମ୍ବର ୨୭ର ଚିଠି (୩୪୫୫୫/ଏଫ୍) ଅନୁଯାୟୀ, ଯେଉଁ କର୍ମଚାରୀମାନେ (ଚୁକ୍ତିଭିତ୍ତିକ ହେଉ କିମ୍ବା ଠିକା) ଭାବେ କାର୍ଯ୍ୟ କରୁଥିବେ ସେମାନଙ୍କ ନିମନ୍ତେ ମାର୍କେଟ ଦରକୁ ଦୃଷ୍ଟିରେ ରଖାଯାଇ ଗ୍ରେଡ୍ ପେ ବ୍ୟବସ୍ଥା କରାଯିବ । କିନ୍ତୁ ସିଏମ୍‌ସିରେ ମୋଟ୍ ୧୦ ଜଣ ଡିଇଓଙ୍କ ମଧ୍ୟରୁ ୪ ଜଣ ନିଗମ ଅଧୀନରେ ଏବଂ ୬ ଜଣ ଠିକା ଭାବେ କାର୍ଯ୍ୟ କରୁଛନ୍ତି। ନିଗମର ପକ୍ଷପାତିତା ନୀତି ଯୋଗୁ ୨ ଜଣ ଡିଇଓଙ୍କୁ ଏହି ସୁବିଧା ପ୍ରଦାନ କରାଯାଉଥିବାବେଳେ ଅନ୍ୟ ଦୁଇଜଣ ଏବଂ ଠିକା ଭାବେ ନିଯୁକ୍ତି ପାଇଥିବା ୬ଜଣ ଡିଇଓଙ୍କୁ ଏଥିରୁ ବଞ୍ଚିତ କରାଯାଉଛି। ସିଏମ୍‌ସିରେ କାର୍ଯ୍ୟରତ ଡିଇଓମାନଙ୍କ କ୍ଷେତ୍ରରେ ସରକାରଙ୍କ ନିର୍ଦ୍ଦେଶକୁ କାହିଁକି କାର୍ଯ୍ୟକାରୀ କରାଯାଉନାହିଁ ବୋଲି କଟକ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ସାମାଜିକ କର୍ମୀ ସୁକାନ୍ତ ସେଠୀ, ଆଇନଜୀବୀ ବିଭୂତି ଭୂଷଣ ବେହେରା, ବିଶ୍ୱନାଥ ଦାସ, ଶିବ ଚରଣ ଦାସ, ନାରାୟଣ ବେହେରା, ରାମକୃଷ୍ଣ ନାୟକ, ସୌମେନ୍ଦ୍ର ସେଠୀ, ସୁକାନ୍ତ ସାହୁ ପ୍ରମୁଖ ଗତ ୧୨ ତାରିଖରେ ଜିଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ପରିଷଦର ଅଭିଯୋଗକୁ ବିଚାରକରି ପତ୍ର ସଂଖ୍ୟା-୭୦୪/୨୦୧୮ରେ ଜିଲାପାଳ ସିଏମ୍‌ସି କମିଶନରଙ୍କୁ ରିପୋର୍ଟ ତଲବ କରିଛନ୍ତି।

## ରେଭେନ୍ସା ବିଶ୍ୱବିଦ୍ୟାଳୟରେ କର୍ମଶାଳା

କଟକ ଅଫିସ,୧୯।୯

ରେଭେନ୍ସା ବିଶ୍ୱବିଦ୍ୟାଳୟ ସେଭେନ୍ ପିଲାର ଅଫ ୱିଜଡମ ଆନେକ୍ସ-୧ ଠାରେ ଦି ୟୁନାଇଟେଡ ଷ୍ଟେଟ୍ସ-ଇଣ୍ଡିଆ ଏଜୁକେଶନାଲ ଫାଉଣ୍ଡେସନ (ୟୁଏସ୍‌ଆଇଇଏଫ୍)ର ଫୁଲବ୍ରାଇଟ୍ କମିଶନ ଅଫ ଇଣ୍ଡିଆ ଦ୍ୱାରା ଏକ ସ୍ୱତନ୍ତ୍ର କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଫୁଲବ୍ରାଇଟ୍ ଫେଲୋଶିପ୍ ହାସଲ କରିବାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୟୁଏସ୍‌ଆଇଇଏଫ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଡାମ ଜେ. ଗ୍ରୋଟ୍‌ସ୍କି ଓ ସିନିୟର ପ୍ରୋଗାମ ଅଫିସର ଡ. ସୁଦର୍ଶନ ଦାସ ଉପସ୍ଥିତ ରହି ଏ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. ଅସୀମା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କର୍ମଶାଳାରେ ୟୁଏସ୍‌ଆଇଇଏଫ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଡାମ ଜେ. ଗ୍ରୋଟ୍‌ସ୍କି ବକ୍ତବ୍ୟ ଦେଉଛନ୍ତି।

## କଟକ ଜିଲାର ୪୧୦୦ ପ୍ରଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି

କଟକ ଅଫିସ, ୧୯।୯

ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ଓର୍‌ମାସ ପରିଚାଳନାରେ ରାଜ୍ୟରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡିଡିୟୁଜିକେୱାଇ) କାର୍ଯ୍ୟକାରୀ କରୁଛି। ଏହି ଯୋଜନାରେ ଗ୍ରାମୀଣ ଗରିବ ଯୁବତୀ ଯୁବକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ସହିତ ବିଭିନ୍ନ ଉଦ୍ୟୋଗରେ କର୍ମନିଯୁକ୍ତି ପାଇଁ ସମସ୍ତ ସହାୟତା ଓ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ବୁଧବାର ଓର୍‌ମାସ କଟକ ଜିଲା ଶାଖା ତରଫରୁ ଏହି ଯୋଜନାରେ ତାଲିମ ନେଇଥିବା ଓ ତାଲିମ ନେବାକୁ ଥିବା ପ୍ରାର୍ଥୀଙ୍କ ଅଭିଭାବକଙ୍କୁ ନେଇ ସ୍ଥାନୀୟ ରେଡ୍‌କ୍ରସ୍ ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

### ଡିଡିୟୁଜିକେୱାଇ ବୈଠକ

ଓରମାସ ଉପନିର୍ଦ୍ଦେଶକ ବିପିନ ରାଉତ କହିଲେ ଯେ, ଭାରତ ସରକାରଙ୍କର ଏହା ଏକ ପ୍ରମୁଖ ଯୋଜନା। ଗ୍ରାମୀଣ ଯୁବତୀଯୁବକମାନଙ୍କୁ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ ହେଉଛି ଏହାର ଲକ୍ଷ୍ୟ। ବିଭିନ୍ନ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ସହଯୋଗରେ ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ଜିଲାରେ ସ୍ୱାସ୍ଥ୍ୟ, ବିୟୁଟି ଏଣ୍ଡ୍ ୱେଲ୍ ନେସ୍ (ସୌନ୍ଦର୍ଯ୍ୟ ଓ ସୁସ୍ଥତା), ବିପିଓ (ବ୍ୟବସାୟଭିତ୍ତିକ), ହସ୍ପିଟାଲିଟି, ଇଲେକ୍ଟ୍ରିସିଆନ, ଶିଳ୍ପଭିତ୍ତିକ ସିଲେଇ ମେଶିନ୍ ଅପରେଟର ଆଦି ୪୧ଟି କ୍ଷେତ୍ରରେ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ୫ମ ଶ୍ରେଣୀରୁ ଊର୍ଦ୍ଧ୍ୱ ଶିକ୍ଷାଲାଭ କରିଥିବା ୧୮ରୁ ୩୫ ବର୍ଷ ବୟସର ଯୁବକ ବା ଯୁବତୀଙ୍କୁ ୩ ମାସରୁ ଏକ ବର୍ଷ ମଧ୍ୟରେ ପ୍ରଶିକ୍ଷଣ ପରେ ସେମାନଙ୍କର ଦକ୍ଷତା ଅନୁସାରେ ବିଭିନ୍ନ ଉଦ୍ୟୋଗରେ ନିଯୁକ୍ତି ଦିଆଯାଉଛି। ମାଗଣାରେ ପ୍ରଶିକ୍ଷଣ ସାଙ୍ଗକୁ ଦେୟମୁକ୍ତ ରହଣି ଓ ଖାଇବା ସୁବିଧା ରହିଛି । ୨୦୧୮-୧୯ ଆର୍ଥିକବର୍ଷରେ କଟକ ଜିଲାରେ ୮୪୦୦ ପ୍ରଶିକ୍ଷିତ ଯୁବତୀଯୁବକଙ୍କୁ କର୍ମନିଯୁକ୍ତି ପାଇଁ ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ୪୧୦୦ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଦିଆଯାଇଛି । ଏହାର ସୁବିଧା ସୁଯୋଗ କିପରି ଅନ୍ୟମାନେ ପାଇବେ ସେଥିପ୍ରତି ଧ୍ୟାନ ଦେବାକୁ ଅଭିଭାବକମାନଙ୍କୁ କହିଥିଲେ। ଏହି ଯୋଜନାରେ ପ୍ରଶିକ୍ଷଣ ନେଇ ନିଯୁକ୍ତି ପାଇଥିବା ନିଶ୍ଚିନ୍ତକୋଇଲି ବ୍ଲକର ପ୍ରତାପ କୁମାର ମଲ୍ଲିକଙ୍କ ପିତା ଅକ୍ଷୟ ମଲ୍ଲିକ ନିଜର ଅନୁଭବକୁ ବଖାଣିବା ସହ ଯୋଜନାରେ ରହିଥିବା କର୍ମନିଯୁକ୍ତି ବ୍ୟବସ୍ଥା ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିଥିଲେ। ତାଙ୍କ ପୁଅ କାତାରରେ ମାସିକ ୩୫,୦୦୦ ଟଙ୍କା ରୋଜଗାର କରିପାରୁଥିବା ଜଣାଇଥିଲେ। ସେହିପରି ମାହାଙ୍ଗା ବ୍ଲକର ମହମ୍ମଦ ନାଜିମ୍ କହିଥିଲେ, ତାଙ୍କ ପୁଅ ଏବେ ଗିନି ଓ ଜନି କମ୍ପାନୀରେ ଚାକିରି କରି ମାସିକ ୧୦ ହଜାର ଟଙ୍କା ଦରମା ପାଉଛି । ଜିଲାର ୧୪ଟି ବ୍ଲକରୁ ମୋଟ ୭୦ ଜଣ ଅଭିଭାବକ ଓ ତାଲିମରେ ଅଂଶଗ୍ରହଣ କରିବାକୁ ଥିବା ପ୍ରାର୍ଥୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ନିଜକୁ ଯିଏ ବିଶ୍ୱାସ କରେ ନାହିଁ, ସେ ପରମାତ୍ମାଙ୍କୁ ବା କିପରି ବିଶ୍ୱାସ କରିପାରିବ।

**- ବ୍ୟାସଦେବ**



## ସଂକ୍ଷେପରେ

### କୁହୁଳୁଛି ଗୋଷ୍ଠୀ ବିବାଦ

**ଖୋର୍ଦ୍ଧା ଅଫିସ,୧୯।୯:** ଖୋର୍ଦ୍ଧା ନିକଟସ୍ଥ ଜାଗୁଲେଇପାଟଣାରେ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ମନ୍ଦିରର ପରିଚାଳନା କମିଟି ବଦଳିଥିଲେ ମଧ୍ୟ ପୁରୁଣା କମିଟି ସମୟରେ ହୋଇଥିବା ଦୁର୍ନୀତିର ତଦନ୍ତ ହେଉନି। ଯାହାଦ୍ୱାରା ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଘନଉଛି। କିଛିଦିନ ତଳେ ମାରପିଟ୍ ହୋଇ ସାରିଲାଣି। ଆଗକୁ ଏହାର ସମାଧାନ କରା ନ ଗଲେ ପୁଣି ବିବାଦ ବଢ଼ିପାରେ। ବିବାଦ ସମାଧାନ ଉଦ୍ଦେଶ୍ୟରେ ଦୁର୍ନୀତିର ତଦନ୍ତ କରି ପଦକ୍ଷେପ ନେବାକୁ ବୁଧବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ମନ୍ଦିରର ପରିଚାଳନାରେ ବିବାଦ ଦେଖା ଦେବାରୁ ସମାଧାନ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଅବଗତ କରାଯାଇଥିଲା। ପରେ ଉପଜିଲାପାଳ ନୂଆ କମିଟି ଗଠନ କରାଇଥିଲେ। ତେବେ ପୁରୁଣା କମିଟିର କେତେଜଣ ସଦସ୍ୟଙ୍କ ଦୁର୍ନୀତି ପଦାକୁ ଆସିବା ପରେ ଏ ନେଇ ସଦସ୍ୟମାନେ ଉପଜିଲାପାଳଙ୍କୁ ଅବଗତ କରାଇଥିଲେ।

### ଜଙ୍କିଆ ଥାନା କନଷ୍ଟେବଲ ନିଲମ୍ବିତ, ଆଇଆଇସିଙ୍କ ବଦଳି

**ଖୋର୍ଦ୍ଧା ଅଫିସ,୧୯।୯:** ଖୋର୍ଦ୍ଧା ଜିଲାର ଜଙ୍କିଆ ଥାନା କନଷ୍ଟେବଲ ସିଦ୍ଧେଶ୍ୱର ମହାପାତ୍ର ନିଲମ୍ବନ ହୋଇଥିବାବେଳେ ଆଇଆଇସି ମୃଣ୍ମୟ ସେନାପତି ଆଡମିନିଷ୍ଟ୍ରେଟିଭ ଗ୍ରାଉଣ୍ଡରେ ମୁଖ୍ୟାଳୟକୁ ବଦଳି ହୋଇଛନ୍ତି। କର୍ତ୍ତବ୍ୟରେ ଅବହେଳା କରି ଅପରାଧୀଙ୍କ ସହ ସମ୍ପର୍କ ରକ୍ଷା କରିବାରୁ ଉଭୟଙ୍କ କ୍ଷେତ୍ରରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଏସ୍‌ପି ନେଇଛନ୍ତି। ଅନ୍ୟପକ୍ଷେ ଜଙ୍କିଆ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାର ଅଭିଯୋଗ ହୋଇଥିଲା। ସାଧାରଣ ଲୋକଟିଏ ଗଲେ ଆଇଆଇସି ବିଭିନ୍ନ କ୍ଷେତ୍ରରେ ଅଣଦେଖା କରୁଥିବା ଅଭିଯୋଗ ହୋଇ ଆସୁଥିଲା।

### ବିଜେଡିର କର୍ମୀ ସମ୍ମିଳନୀ

**ଖୋର୍ଦ୍ଧା ଅଫିସ,୧୯।୯:** ଚିଲିକା ପଞ୍ଚାୟତ ବାଣପୁର ବ୍ଲକ ଦେଓଗାଁ ପଞ୍ଚାୟତର ଓଡଗାଁସ୍ଥିତ ଶୁଳିଆଦେବୀ ମନ୍ଦିର ପରିସରରେ ବୁଧବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ଅଧ୍ୟକ୍ଷତା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। କେନ୍ଦ୍ରର ଓଡ଼ିଶା ପ୍ରତି ବୈମାତୃକ ଭାବର ନିନ୍ଦା କରିଥିଲେ। ଅନ୍ୟପକ୍ଷେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଣପୁର ବ୍ଲକ ଅଧ୍ୟକ୍ଷ ରଞ୍ଜିତା ସେଠୀ, ଜିଲା ପରିଷଦ ସଭ୍ୟ ଉମ୍ଵରୁଧର ନାୟକ, ବିଜେଡି ପର୍ଯ୍ୟବେକ୍ଷକ ଭରତ ଚନ୍ଦ୍ର ସାହୁ, ସତ୍ୟନାରାୟଣ ପ୍ରଧାନ, ବ୍ଲକ ସଭାପତି ଭବାନୀ ଶଙ୍କର ବଲିୟାରସିଂହ ପ୍ରମୁଖ ଯୋଗ ଦେଇଥିଲେ।

# ବଡ଼ବେରଣାରେ ଥମୁନି ଡେଙ୍ଗୁ

**ବେଗୁନିଆ ବ୍ଲକ**
- ସଂଖ୍ୟା ଟପିଲାଣି ୫୧
- ପରୀକ୍ଷଣ ପାଇଁ ୪୦୦ ଟଙ୍କା
- ସ୍ୱାସ୍ଥ୍ୟ ବିଭାଗ ନିଦାବିଷ୍ଟ

**ବେଗୁନିଆ,୧୯।୯ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ଏବେ ମାଡି ଚାଲିଛି ଡେଙ୍ଗୁ ରୋଗ। ଦିନକୁଦିନ ଏ ଗାଁକୁ ସେ ଗାଁ ବ୍ୟାପିବାରେ ଲାଗିଛି। ବ୍ଲକରେ ଏଯାଏ ସମୁଦାୟ ୬୮ ରୋଗୀ ଆକ୍ରାନ୍ତ ହେଲେଣି। ହେଲେ ବଡବରେଣା ଗ୍ରାମରେ ୨ ମାସ ହେଲା ରୋଗୀଙ୍କୁ ଅଣାୟତ କରୁଛି ଡେଙ୍ଗୁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଗ୍ରାମରେ ଏଯାଏ ୫୧ ଜଣଙ୍କୁ ଡେଙ୍ଗୁ ପଜେଟିଭ ଚିହ୍ନଟ କରାଗଲାଣି। ସେହିପରି ବ୍ଲକର ଅନ୍ୟ ଗ୍ରାମକୁ ମଧ୍ୟ ମାଡି ଚାଲିଛି ଡେଙ୍ଗୁ। ସବୁଠି ଲୋକେ ଆତଙ୍କିତ ଅବସ୍ଥାରେ ରହିଲେଣି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନାମକୁମାତ୍ର ଜନ ସଚେତନତା ସୃଷ୍ଟି କରାଯାଉଛି। ଏଥିସହ ପ୍ରତିକାର ମଧ୍ୟ ଜାରି ରହିଛି। ହେଲେ କିଛି କାମରେ ଆସୁନି। ତେବେ ସ୍ୱାସ୍ଥ୍ୟ ବିଭାଗ ବ୍ଲକରେ ନିଦାବିଷ୍ଟ ପାଲଟିଛି। ଅନ୍ୟପକ୍ଷରେ ଗ୍ରାମରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ମଶାରି ବଣ୍ଟନ ପାଇଁ ଗୁରୁତର ଦାବି ହୋଇଆସୁଛି। ହେଲେ ଏହାକୁ ଅଣଦେଖା କରାଯାଉଛି। ଅନ୍ୟପକ୍ଷରେ ବିପର୍ଯ୍ୟସ୍ତ ଗାଁ ପରିବେଶକୁ ସ୍ୱାସ୍ଥ୍ୟ ବିଭାଗ ଦାୟୀ କରୁଥିବାବେଳେ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ ବୋଲି ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ଉଠୁଛି। ସେହିପରି ଖୋର୍ଦ୍ଧା ଜିଲା ଚିକିତ୍ସାଳୟରେ ଡେଙ୍ଗୁ ରୋଗୀ ଚିହ୍ନଟ କାର୍ଯ୍ୟାଳୟ ବନ୍ଦ ରହିଥିବାରୁ ଲୋକେ ପରୀକ୍ଷଣ ପାଇଁ ଅଯଥା ୫୦ କିମି ଦୂର ଭୁବନେଶ୍ୱରକୁ ଯିବାକୁ ପଡୁଛି। ଆଉ କେତେଜଣ ରୋଗୀ ମଧ୍ୟ ଘରୋଇ ପରୀକ୍ଷଣ କେନ୍ଦ୍ରରେ ପରୀକ୍ଷା କରୁଛନ୍ତି। ହେଲେ ୪ ଶହରୁ ୫ ଶହ ଟଙ୍କା ପରୀକ୍ଷା ଫିସ୍ ବାବଦକୁ ଦେବାକୁ ପଡୁଛି। ଏଥିଯୋଗୁ ଗରିବ ଲୋକେ ହନ୍ତସନ୍ତ ହେଉଥିବା ବେଳେ ରୋଗୀ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶଥାଉ କି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୁଧବାର ମିଳିଥିବା ରିପୋର୍ଟ ଅନୁସାରେ ଅଗଷ୍ଟ ୧୭ରୁ ବଡବେରଣା ଗ୍ରାମରେ କ୍ରମାଗତ ଭାବେ ଡେଙ୍ଗୁ ରୋଗୀ ସଂଖ୍ୟା ବୃଦ୍ଧି ପାଇ ୫୧ରେ ପହଞ୍ଚିଛି। ସେହିପରି ତଳଗଡ ଗ୍ରାମରେ ପୂର୍ବରୁ ଜଣେ ରୋଗୀ ଚିହ୍ନଟ ହୋଇଥିବାବେଳେ ପୁଣି କ୍ରମାଗତ ଭାବେ କୁରାଡିଲୋ, ପୋଡାଡିହ, କୁଶୁପଲା, ସାରୁଅ, ଅଟ୍ରି ଓ ଡିଙ୍ଗର ଗ୍ରାମରେ ୧୨ ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଥିଲା। କିଛିଦିନ ପାଗ ପରିବର୍ତ୍ତନ ଯୋଗୁ ରୋଗୀସଂଖ୍ୟା ହ୍ରାସ ପାଇଥିଲା। ପୁଣି ଏବେ ପାଇକସାହି, କଣ୍ଟାବାଡ, ମଲୀପଦର, ରଘୁନାଥପୁର ଆଦି ଗ୍ରାମରେ ୫ ଜଣ ରୋଗୀଙ୍କ ରକ୍ତରେ ଡେଙ୍ଗୁ ପଜିଟିଭ ବାହାରିଛି। ଏ ସମ୍ପର୍କରେ ବ୍ଲକ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ତନ୍ମୟ ତ୍ରିପାଠୀ କୁହନ୍ତି, ବଡବେରଣାରେ ଡେଙ୍ଗୁ ରୋଗୀ ସଂଖ୍ୟା ହ୍ରାସ ପାଇଁ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି। ପ୍ରତିକାର ପାଇଁ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ମଧ୍ୟ କିଛି କାମ ଦେଲାନି। ପୁଣି ଏବେ ଅନ୍ୟ ଗାଁକୁ ବ୍ୟାପିଲାଣି। ଭୟଭୀତ ହେବାର ଏଥିରେ କିଛିନାହିଁ। ତଥାପି ଲୋକମାନଙ୍କ ସେବାରେ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଛି।

# ମ୍ୟୁନିସିପାଲିଟି କର୍ମଚାରୀଙ୍କ ଧାରଣା



ଇପିଏଫ୍ ଅର୍ଥ ଲାଗି ଜଟଣୀ ମ୍ୟୁନିସିପାଲିଟି ଆଗରେ କର୍ମଚାରୀଙ୍କ ଧାରଣା।

**ଜଟଣୀ, ୧୯।୯(ଡ଼ି.ଏନ.ଏ.)**

ଇପିଏଫ୍ ବାବଦ ଅର୍ଥ ସେମାନଙ୍କ ବେତନରୁ କଟାଯାଉଛି। ହେଲେ ସମ୍ପୃକ୍ତ କାର୍ଯ୍ୟାଳୟରେ ତାଙ୍କ ନାମରେ ପୈଠ ହେଉ ନ ଥିବା ପ୍ରତିବାଦରେ ଜଟଣୀ ମ୍ୟୁନିସିପାଲିଟି କର୍ମଚାରୀମାନେ ବୁଧବାର ଧାରଣା ଦେଇଥିଲେ। ଏପରି ହେବାଦ୍ୱାରା ୪୭ ଜଣ କର୍ମଚାରୀ ଇପିଏଫ୍ ବାବଦ ସୁବିଧାରୁ ବଞ୍ଚିତ ହୋଇ ଆସୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଏ ନେଇ ବାରମ୍ବାର ଆପତ୍ତି ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିବା ରବୀନ୍ଦ୍ର ପ୍ରଧାନ, ଶ୍ୟାମସୁନ୍ଦର ସାହୁ, ବିଦେଶୀ ନାୟକ, ନିର୍ମଳ ମହାରଣା ପ୍ରମୁଖ କର୍ମଚାରୀ କହିଛନ୍ତି। ଏ ନେଇ ନିର୍ବାହୀ ଅଧିକାରୀ ଲଳିତା କାପୁର କୁହନ୍ତି, ୨୦୦୯ରୁ ୨୦୧୨ ପର୍ଯ୍ୟନ୍ତ ୧୧ ଲକ୍ଷ ୧୭ ହଜାର ଟଙ୍କା ଇପିଏଫ୍ କାର୍ଯ୍ୟାଳୟରେ ପୈଠ ହୋଇଛି। ଏହାଛଡ଼ା ୨୦୧୨ରୁ ୨୦୧୭ପର୍ଯ୍ୟନ୍ତ ଏ ବାବଦ ଅର୍ଥ ମଧ୍ୟ ପୈଠ କରାଯାଇଛି। ଧାରଣା ଦେଇଥିବା କର୍ମଚାରୀଙ୍କ ସମସ୍ୟା ନେଇ ସେ ଅନୁଧ୍ୟାନ କରି ସମାଧାନ କରାଯିବ ବୋଲି ସେ କହିଥିଲେ।

# ଶିକ୍ଷକଙ୍କ ଗାଁକୁ ଚାଲ ଅଭିଯାନ ଶେଷ



ବୋଲଗଡ଼ ଦେଉଳିଠାରେ ମିଳିତ ମଞ୍ଚର ପଦଯାତ୍ରା।

**ଖୋର୍ଦ୍ଧା ଅଫିସ,୧୯।୯**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ ଅଧ୍ୟାପକ ମିଳିତ ମଞ୍ଚର ଖୋର୍ଦ୍ଧା, ବାଣପୁର, ଚିଲିକା ବ୍ଲକ ଶାଖା ପକ୍ଷରୁ ବିଭିନ୍ନ ଗାଁରେ ବୁଧବାର ପଦଯାତ୍ରା କରାଯାଇ ଗାଁକୁ ଚାଲ ଅଭିଯାନ ଶେଷ ହୋଇଛି। ଖୋର୍ଦ୍ଧା ବ୍ଲକ ଶାଖା ପକ୍ଷରୁ କଁପୁର, ଗୋଡିପଡା, କାଇପଦର ପଞ୍ଚାୟତରେ ପଦଯାତ୍ରା ଓ ପଥପ୍ରାନ୍ତ ସଭା ହୋଇଥିଲା। ଜିଲା ଆବାହକ ସୁଧାକର ମହାପାତ୍ରଙ୍କ ସମେତ ମଳିପଡା କଲେଜର ଅଧ୍ୟକ୍ଷ ଚିତ୍ତ ରଞ୍ଜନ ସାମନ୍ତରାୟ ପ୍ରମୁଖ ସାମିଲ ହୋଇଥିଲେ। ବାଣପୁର ବ୍ଲକରେ ନରେନ୍ଦ୍ରପୁର, ଅଲାଇଡିହ, ଅନ୍ତରକିଆରୀ, ମାଣିକପୁର, ଓଡଗାଁ, ତେରସିଂହ ଗାଁରେ ଅଧ୍ୟାପକ ପ୍ରହ୍ଲାଦ ଜେନା, ଶିକ୍ଷକ ଜାନକୀ ବଲ୍ଲଭ ବିଶ୍ୱାଳ ପ୍ରମୁଖ ଯୋଗଥିଲେ। ଚିଲିକା ବ୍ଲକରେ ଶୋଭାଯାତ୍ରା ଆଙ୍ଗୁଲା, ଶିଙ୍ଗେଶ୍ୱର, ନଇରୀ, ବଉଳାବନ୍ଧ, ଚଣ୍ଡେଶ୍ୱର ଓ ବିଚିବାଡି ପଞ୍ଚାୟତ ପରିକ୍ରମା କରିଥିଲା। ମଞ୍ଚ ପକ୍ଷରୁ ଆଶିଷ ପତି, ରବିନାରାୟଣ ନନ୍ଦ ପ୍ରମୁଖ ନେତୃତ୍ୱ ନେଇଥିଲେ। **ବେଗୁନିଆ, (ଡି.ଏନ.ଏ.) :** ମିଳିତ ମଞ୍ଚ ପକ୍ଷର ପଞ୍ଚାୟତ ସ୍ତରୀୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମଞ୍ଚ ପକ୍ଷରୁ ୩ଟି ଜୋନରେ ବିଭକ୍ତ କରାଯାଇ କେନ୍ଦ୍ର ବେଗୁନିଆ, ପଙ୍ଗାରସିଂହ ଓ ହଜ ଅଞ୍ଚଳରେ ଏହି ଶୋଭାଯାତ୍ରା ଗାଁକୁ ଗାଁ ବୁଲିଥିଲା। ବଡବେରଣାସ୍ଥିତ ଡିକେଏସଏନ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ଆନ୍ଦୋଳନରେ କଣ୍ଟାବଡ ରମାମଣି ମହାବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ଭୋଗଡା ଉଚ୍ଚ ବିଦ୍ୟାଳୟ, ଗଁପୁର ବାଳିକା ଉଚ୍ଚ ବିଦ୍ୟାଳୟର କର୍ମଚାରୀମାନେ ସାମିଲ ଥିଲେ। **କୃଷ୍ଣପ୍ରସାଦ, (ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକରେ ଆୟୋଜିତ ପଦଯାତ୍ରା ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ବୁଦ୍ଧିବର ପଞ୍ଚାୟତଠାରୁ ପଦଯାତ୍ରା ବାହାରି ଲୋକମାନଙ୍କ ସମର୍ଥନ ଲୋଡ଼ିଥିଲା। ବ୍ଲକ ଓଷ୍ଟା ସଂଘ ସମ୍ପାଦକ ସନାତନ ତରେଇ, ପୂର୍ଣ୍ଣଚନ୍ଦ୍ର ଦଳାଇ ପ୍ରମୁଖ ପଦଯାତ୍ରାର ନେତୃତ୍ୱ ନେଇଥିଲେ। **ବୋଲଗଡ଼, (ଡି.ଏନ.ଏ.):** ମିଳିତ ମଞ୍ଚର ପଦଯାତ୍ରା ବୋଲଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ପିଚୁକୁଳି, ସାନପଦର, ରାସାଳ, ବାୟାପଲ୍ଲୀ, ଜାମୁସାହି ଆଦି ଗ୍ରାମଦେଇ ଦେଉଳିସ୍ଥିତ ରଘୁନାଥ ମହାବିଦ୍ୟାଳୟଠାରେ ଶିକ୍ଷକ ଓ କର୍ମଚାରୀମାନେ ପହଞ୍ଚିଥିଲେ। ଶିକ୍ଷାବିତ୍ ଅଇଁଠୁ ରଣସିଂହ, ଅଧ୍ୟକ୍ଷ ତପନ ଜେନା, ଶିକ୍ଷାବିତ୍ ରାଜକିଶୋର ବ୍ରହ୍ମା ପ୍ରମୁଖ ସଭାରେ ଭାଷଣ ଦେଇଥିଲେ।

### ଖସିଗଲେ ଶିକାରୀ, ଫସିଲେ ୨ ଅନନ୍ତମୂଳ ଚେର ବ୍ୟବସାୟୀ

**ଖୋର୍ଦ୍ଧା ଅଫିସ,୧୯।୯:** ବାଲୁଗାଁ ରେଞ୍ଜ ବାଣପୁର ଫରେଷ୍ଟର କର୍ମଚାରୀଙ୍କୁ ଚକମା ଦେଖାଇ ବାର୍ହା ଶିକାରୀ ଖସି ଯାଇଛନ୍ତି। ହେଲେ ପାରିକୁଂସାରି ଗ୍ରାମର କିଶୋର ପାଇକରାୟ ଓ ପ୍ରଦୀପ ଦାସ ଅନନ୍ତମୂଳ ଚେର ବ୍ୟବସାୟୀ ଧରା ପଡିଛନ୍ତି। ମିଳିଥିବା ସୂଚନା ଅନୁସାରେ, କିଛିଦିନ ହେବ ସୋଲରୀ ପାହାଡରୁ ଏକ ବାର୍ହା ଦଳ ଆସି ଦୀକ୍ଷିତପଡା ପାରିକୁଂସାରି ଅଞ୍ଚଳର ଧାନ କ୍ଷେତରେ ଫସଲ ନଷ୍ଟ କରୁଛନ୍ତି। ବାର୍ହା ପଲ ଆସୁଥିବା ଦେଖି କେତେଜଣ ଶିକାରୀ ବାର୍ହା ଶିକାର କରି ଆସୁଥିଲେ। ବୁଧବାର ବି ଶିକାର କରିଥିଲେ। ଖବରପାଇ ବନବିଭାଗର କମଚାରୀମାନେ ଚଢ଼ାଉ କରି ବାର୍ହା ରକ୍ତ ଭିଜା କାଠଗଣ୍ଡିକୁ ଜବତ କରିବାରେ ସକ୍ଷମ ହୋଇଥିଲା। ତେବେ ଶିକାରୀମାନଙ୍କୁ ବନବିଭାଗର କର୍ମଚାରୀମାନେ କାବୁ କରିବାରେ ସକ୍ଷମ ହୋଇ ପାରି ନାହାନ୍ତି। ଚଢ଼ାଉ ସାରି କାର୍ଯ୍ୟାଳୟକୁ ବନବିଭାଗର କର୍ମଚାରୀ ଫେରୁଥିବାବେଳେ ଖୁଣ୍ଟପଲ୍ଲୀ ମହାକାଳ ସାହି ନିକଟରେ ୬ଜଣ ବ୍ୟବସାୟୀ ମୂଲ୍ୟବାନ ଔଷଧୀୟ ଚେରମୂଳି ଅନନ୍ତମୂଳ ନେଇ ଯାଉଥିଲେ। ପୋଲିସ ୪ଜଣ ଔଷଧୀୟ ଚେର ନେଇ ଖସି ଯାଇଥିବାବେଳେ ୩ କାତି ଓ ଗଇନ୍ତି ସହ ୨ ବ୍ୟବସାୟୀଙ୍କୁ କାବୁ କରି ନେଇଥିଲେ।

### ବିଧାୟକଙ୍କ ପିତୃ ବିୟୋଗ

**ଖୋର୍ଦ୍ଧା ଅଫିସ,୧୯।୯:** ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁଙ୍କ ପିତା ଫଗୁ ସାହୁଙ୍କର ବୁଧବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ୮୨ ବର୍ଷ ହୋଇଥିଲା। ସେ କିଛି ଦିନ ଧରି ଅସୁସ୍ଥ ଥିଲେ। ଖୋର୍ଦ୍ଧା ଶ୍ମଶାନରେ ଶବ ସଂସ୍କାର ହୋଇଛି। ମୃତ୍ୟୁ ବେଳକୁ ୩ ପୁଅ ରାଜେନ୍ଦ୍ର, ରବୀନ୍ଦ୍ର, କାଳୁ ଓ ବୋହୂ ଉପସ୍ଥିତ ଥିଲେ।

### ଏନ୍‌ଜିଓରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଘଟଣା

# ଶିଶୁ ସୁରକ୍ଷା ୟୁନିଟ୍‌ର ତଦନ୍ତ ଆରମ୍ଭ

**ଖୋର୍ଦ୍ଧା ଅଫିସ, ୧୯।୯:** କଟକ ଜିଲା ଫୁଲନଖରା ନିକଟ ଖୋର୍ଦ୍ଧା ଜିଲା ଅଞ୍ଚଳରେ ଥିବା ଏକ ଏନ୍‌ଜିଓରେ ଚାଲିଥିବା ଏନଜୟ କାର୍ଯ୍ୟର ତଦନ୍ତ ବୁଧବାର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆରମ୍ଭ କରିଛି। ଏ ସମ୍ପର୍କିତ ଖବର କେବଳ ଧରିତ୍ରୀରେ ବୁଧବାର ପ୍ରକାଶ ପାଇବା ପରେ ଏହି ତତ୍ପରତା ପ୍ରକାଶ ପାଇଛି। ଏହି ଏନଜିଓରେ ନାବାଳିକାମାନଙ୍କୁ ଶାରୀରିକ ଓ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ରହିଛି। ପଶ୍ଚିମବଙ୍ଗର ଜଣେ ନାବାଳିକାଙ୍କୁ କିଛିଦିନ ତଳେ ସଂସ୍ଥା ପକ୍ଷରୁ ଟୁରିଷ୍ଟ ଭିଜାରେ ଆମେରିକା ପଠାଯାଇଥିଲା। ସମ୍ପୃକ୍ତ ନାବାଳିକା ଏ ଯାବତ ଭାରତ ଫେରିନାହାନ୍ତି। ଏଣୁ ସଂସ୍ଥା ବିରୋଧରେ ଯୁବତୀ ଚାଲାଣ ଅଭିଯୋଗ ବି ରହିଛି। ସଂସ୍ଥାର କୁକର୍ମ, ଅନୀତି ବିରୋଧରେ କେତେଜଣ ବ୍ୟକ୍ତି ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଫେରାଦ ହୋଇଥିଲେ। ଅନ୍ୟପକ୍ଷେ ସଂସ୍ଥାର ମୁଖିଆଙ୍କ କାର୍ଯ୍ୟଧାରା ନେଇ ଏକ ସିଡୀ ଦେଇ ଘଟଣାର ତୁରନ୍ତ ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ।

# ରାସ୍ତା ପୁନରୁଦ୍ଧାର ପାଇଁ ଜିଲାପାଳଙ୍କୁ ଫେରାଦ




ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ନିଜିଗଡ଼ ତାପଙ୍ଗ ଅଞ୍ଚଳବାସୀ।

**ଖୋର୍ଦ୍ଧା ଅଫିସ,୧୯।୯:** ତାପଙ୍ଗ ମନ୍ଦାରବସ୍ତ ରାସ୍ତାର ପୁନରୁଦ୍ଧାର ପାଇଁ ଖୋର୍ଦ୍ଧା ବ୍ଲକ ନିଜଗଡ ତାପଙ୍ଗ ଅଞ୍ଚଳବାସୀ ବୁଧବାର ଜିଲାପାଳଙ୍କୁ ଭେଟି ସେମାନଙ୍କର ସମସ୍ୟା ଜଣାଇଛନ୍ତି। ଅଭିଯୋଗ ଅନୁସାରେ, ମରାମତି ଅଭାବରୁ ତାପଙ୍ଗ ମନ୍ଦାରବସ୍ତ ରାସ୍ତା ମରଣଯନ୍ତା ପାଲଟିଛି। ବର୍ଷାଦିନେ ରାସ୍ତା କର୍ଦ୍ଦମାକ୍ତ ହୋଇପଡିବାରୁ ଯାତାୟାତରେ ବାଧକ ସାଜୁଛି। ବର୍ଷର ଅନ୍ୟ ଋତୁରେ ମଧ୍ୟ ରାସ୍ତାରେ ଯିବା ଆସିବା ଅସୁବିଧା ହୋଇଥାଏ। ଗର୍ଭବତୀ ମହିଳା ଓ ରୋଗୀମାନେ ଡାକ୍ତରଖାନା ଆସି ପାରନ୍ତି ନାହିଁ। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବିଭିନ୍ନ ଦିବସରେ ବ୍ୟାଘାତ ସୃଷ୍ଟି ହୁଏ। ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ରାସ୍ତା ଉପରେ ଖୋର୍ଦ୍ଧା ବ୍ଲକ ଓ ପୁରୀ ଜିଲାର ଧଉଳିମୁହଁ, ରାମଚଣ୍ଡୀ, ଝିଙ୍କିଝାରୀ, ଗୋପୀନାଥପୁର, ଶଢ଼େଇଗଡ, ମଧୁପୁର, କାଇମାଟିଆ, ମନ୍ଦାରବସ୍ତ, ସାନପୁଟ, ବଡପୁଟ, ଛୋଟିଯୋଡି, ହଳଦିଆପଡା ଏପରି ପ୍ରାୟ ୨୫ ଖଣ୍ଡ ଗାଁରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି। ଏଣୁ ରାସ୍ତା ପୁନରୁଦ୍ଧାର କ୍ଷେତ୍ରରେ ହସ୍ତକ୍ଷେପ ପାଇଁ ନିଜିଗଡ ତାପଙ୍ଗ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# ଖୋର୍ଦ୍ଧା ଲିଗ୍ ଫୁଟବଲ: ଅରଗୁଳ ବିଜୟୀ

**ଖୋର୍ଦ୍ଧା ଅଫିସ,୧୯।୯**

ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲୁ ରହିଥିବା ଖୋର୍ଦ୍ଧା ଲିଗ୍ ଟୁର୍ନାମେଣ୍ଟର ଷଷ୍ଠ ଦିବସ ବୁଧବାର ମ୍ୟାଚରେ ଅରଗୁଳର ମା' ବାଉତୀ ଗୋଲଡେନ କ୍ଲବ ୧–୦ଗୋଲରେ କୁସୁପଲ୍ଲା ସ୍ପୋର୍ଟସ ଆଥ୍‌ଲେଟିକ ଆସୋସିଏଶନକୁ ପରାସ୍ତ କରି ବିଜୟୀ ହୋଇଛି। ଅରଗୁଳ ଦଳ ପକ୍ଷରୁ ଖେଳର ଦ୍ୱିତୀୟାର୍ଦ୍ଧରେ ଅମର ଦିହୁଡି ଗୋଟିଏ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ। କୁସୁପଲ୍ଲା ଦଳ ବାରମ୍ବାର ସ୍କୋର କରିବାର ସୁଯୋଗକୁ ହାତଛଡା କରି ପରାସ୍ତ ହୋଇଥିଲା। ରବି ନାରାୟଣ ରଣା ଖେଳ ପରିଚାଳନା କରିଥିବାବେଳେ ପ୍ରଫୁଲ୍ଲ ବେହେରା, ଅରୁଣ ଦାସ, ଯୋଗେନ୍ଦ୍ର ନାୟକ ସହାୟତା କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଉତ୍ସବ

**ବୋଲଗଡ଼,୧୯।୯(ଡି.ଏନ.ଏ.)**

ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ ବୁଧବାର ଯୁକ୍ତ୩ ପ୍ରଥମ ବର୍ଷ (ସମ୍ମାନ) ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ରବୀନ୍ଦ୍ରନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟର ସେମିନାର କକ୍ଷରେ ଏହି ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. ଅନିରୁଦ୍ଧ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଥୀ ଅଧ୍ୟବସାୟ ସହ ଏକାଗ୍ରତା ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଯୁକ୍ତ୩ ଶେଷବର୍ଷର ଛାତ୍ରୀ ଦୀପ୍ତିମୟୀ ଦେଓ ବାର୍ଷିକ ବିବରଣୀ ପାଠ କରିଥିଲେ। ସୋମ୍ୟରଞ୍ଜନ, ସନ୍ତୋଷ, ରୋଜାଲିନ, ଦୀପିକା ପ୍ରିୟଦର୍ଶିନୀ, ଗୀତାଞ୍ଜଳି ଓ ଅଧ୍ୟାପକ ଗାନ୍ଧୀ କୁମାର ସାହୁ, ଅଧ୍ୟାପକ ଗଣେଶ ପଣ୍ଡା ଏବଂ ଅଧ୍ୟାପକ ଡ. ରଞ୍ଜନ କୁମାର ଦାଶ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଉତ୍ତରୋତ୍ତର ମଙ୍ଗଳ କାମନା କରିଥିଲେ। କଲ୍ୟାଣୀ ବେହେରା ଧନ୍ୟବାଦ ଦେଇଥିଲେ।




ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ପୂଜା ପେଣ୍ଡାଲରେ ଯୁବ ସମ୍ମାନ ଉତ୍ସବ

# ମହୋତ୍ସବରେ ପାରମ୍ପରିକ ନୃତ୍ୟ, ଭଜନ



ପ୍ରଜାପିତା ବ୍ରହ୍ମାକୁମାରୀମାନେ ଠାକୁରଙ୍କ ବେଶରେ ସୁସଜ୍ଜିତ ହୋଇଛନ୍ତି।



ଜଟଣୀ ୟୁଥ୍ ଫେଡେରେଶନ ପକ୍ଷରୁ ଯୁବ ସମ୍ମାନ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ଜଟଣୀ ୧୯।୯(ଡ଼ି.ଏନ.ଏ.)**

ପ୍ରସିଦ୍ଧ ଜଟଣୀ ଗଣେଶ ପୂଜାର ସପ୍ତମ ଦିନରେ ବିଭିନ୍ନ ପୂଜା ପେଣ୍ଡାଲ, ମହୋତ୍ସବ ସ୍ଥଳରେ ପାରମ୍ପରିକ ନୃତ୍ୟ, ଭଜନ, ମେଲୋଡ଼ି ଆଦି ପରିବେଷଣ ହୋଇଥିଲା। ଥାନା ଛକରେ ଜଟଣୀ ୟୁଥ୍ ଫେଡ଼େରେଶନ୍ ପକ୍ଷରୁ ଯୁବ ସମ୍ମାନ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଶ୍ରୁତି ମହାନ୍ତି, ସ୍ୱର୍ଣ୍ଣଲତା ପ୍ରଧାନ, ବିଦ୍ୟୁତ୍‌ପ୍ରଭା ପରିଡ଼ା, ସୁନୀଲ ରାଉତରାୟ, ପ୍ରସନ୍ନ ପାଟଶାଣୀ, ଶକ୍ତିଧର ମହାପାତ୍ର, ମନମୋହନ ରାଉତରାୟ, ଲହରୀ ମଙ୍ଗରାଜ, ଗଙ୍ଗାଧର ବରାଳଙ୍କ ସହ ବଜରଙ୍ଗୀ ସେବା ସଂଘ ଓ ଜଟଣୀ ସୁରକ୍ଷା ମଞ୍ଚର କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। ଫେଡ଼େରେଶନର ସଭାପତି ପ୍ରଶାନ୍ତ ପାଇକରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଜଟଣୀର ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ବାଲିକୁଦା–ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମେଲୋଡ଼ି ପରିବେଷିତ ହୋଇଥିଲା। ଏହାର ସମ୍ପାଦକ ଅନନ୍ତ ଶତପଥୀ, ସୁଶାନ୍ତ ରାଉତ, ରବି ମହାକୁଡ଼, ଦୀପକ ମହାକୁଡ଼, ଅରୁଣ ସାହୁ, ପ୍ରସନ୍ନ ସାହୁ ଓ ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

**ଜଟଣୀ ଗଣେଶ ପୂଜା**

ସ୍ଥାନୀୟ ଶରତ ପାଇକରାୟ ଷ୍ଟାଡ଼ିୟମରେ ଚାଲିଥିବା ଗଣେଶ ମହୋତ୍ସବ ପେଣ୍ଡାଲରେ ପିପିଲି ମଠସାହିର ପଲ୍ଲବୀ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଗଣେଶ ବନ୍ଦନା, ଶିଶୁକନ୍ୟା ସୁରକ୍ଷା ଉପରେ ପରି ପାଇଁ କଥାଟିଏ, କାହ୍ନୁ ବଂଶୀ ବଜାଅ ଭଜନ ନୃତ୍ୟ ସହ ବାଲେଶ୍ୱରର ଉତ୍କଳ ଡ୍ୟାନ୍ସ ଓ ରିସର୍ଚ୍ଚ ଏକାଡ଼େମୀ ପକ୍ଷରୁ ବିଭିନ୍ନ ଆଦିବାସୀ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଦେଇଥିଲା। ଏହି ମହୋତ୍ସବ ପେଣ୍ଡାଲରେ ମଧ୍ୟ ଅତିଥି ଭାବେ ଅର୍ଥମନ୍ତ୍ରୀ, ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ, ବାଲିକୁଦା–ଏରସମା ବିଧାୟକ ମୁଦୁଲି ଓ ମ୍ୟୁନିସିପାଲିଟିର ଉପାଧ୍ୟକ୍ଷା ଅନ୍ନପୂର୍ଣ୍ଣା ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଖୁଦୁପୁର ଛକ ନବଜ୍ୟୋତି ଷ୍ଟାଡ଼ିୟମ ପରିସରରେ ଆୟୋଜିତ ମହୋତ୍ସବରେ ଅନୁଷ୍ଠିତ ଭଜନ କାର୍ଯ୍ୟକ୍ରମକୁ ଦେଖିବାକୁ ଲୋକଙ୍କ ବେଶ୍ ଗହଳି ହୋଇଥିଲା। ସ୍ଥାନୀୟ ଗୋଲେଇ ମାର୍କେଟ୍ ପୂଜା ପେଣ୍ଡାଲରେ ହୋଇଥିବା ବାଲୁକା କଳା ନିକଟରେ ଜନସମାଗମ ଦେଖିବାକୁ ମିଳିଥିଲା। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଜଟଣୀ ବଡ଼ବଜାର କେନ୍ଦ୍ରରେ ଏହାର ଭାଇଭଉଣୀମାନଙ୍କ ଦ୍ୱାରା ଗଣେଶ, ସରସ୍ୱତୀ ଓ ଲକ୍ଷ୍ମୀବେଶରେ ଜୀବନ୍ତ ଦୃଶ୍ୟ ବେଶ୍ ସୁନ୍ଦର ହୋଇଥିଲା।



ନିଜକୁ ଯିଏ ବିଶ୍ୱାସ କରେ ନାହିଁ, ସେ ପରମାତ୍ମାଙ୍କୁ ବା କିପରି ବିଶ୍ୱାସ କରିପାରିବ।
– ବ୍ୟାସଦେବ



## ସଂକ୍ଷେପରେ

### ଲୁଟେରା ଗିରଫ, ବାଇକ୍ ଜବତ

ନିମାପଡ଼ା,୧୯।୯(ଡି.ଏନ୍.ଏ.)- ନିମାପଡା ଥାନା ସଲଙ୍ଗ ଗ୍ରାମର ଜଣେ ମହିଳାଙ୍କଠାରୁ ଚଞ୍ଚକତା କରି ଲୁଟି ନେଇଥିବା ଲୁଟେରାକୁ ପୋଲିସ ବୁଧବାର ନିମାପଡାରୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାଲିପାଟଣା ଥାନା ବନମାଳୀପୁର ଗ୍ରାମର ବାବୁଲି ଓରଫ ଅମୂଲ୍ୟ ଜେନା । ତାଙ୍କଠାରୁ ପୋଲିସ ଲୁଟ ହୋଇଥିବା ୧୦ହଜାର ଟଙ୍କା ଓ ମୋବାଇଲ ଫୋନ ଉଦ୍ଧାର କରିଥିବା ଆଇଆଇସି ହରମୋହନ ନାୟକ କହିଛନ୍ତି। ସୂଚନା ଅନୁଯାୟୀ, ସଲଙ୍ଗ ଗ୍ରାମର ବାସନ୍ତି ସାହୁ ତାଙ୍କ ବାପଘର ଘୋଡାଶାଳିଆ ଗ୍ରାମକୁ ଯିବା ପାଇଁ ନିମାପଡା ବସଷ୍ଟାଣ୍ଡରେ ବସକୁ ଅପେକ୍ଷା କରିଥିଲେ। ଏହି ସମୟରେ ଅମୂଲ୍ୟ ବାଇକରେ ଆସି ଅପେକ୍ଷାକୃତ ବାସନ୍ତିଙ୍କୁ କୁଆଡେ ଯିବ ବୋଲି ପଚାରି ତାଙ୍କ ମନରେ ବିଶ୍ୱାସ ଜନ୍ମାଇ ମୁଁ ପିପିଲି ଯାଉଛି ମୋ ଗାଡିରେ ବସ, ତମକୁ ଘୋଡାଶାଳିଆ ଛକରେ ଛାଡିଦେବି ବୋଲି କହିବାରୁ ମହିଳା ଜଣଙ୍କ ବାଇକରେ ବସି ଗାଡି ଡିକିରେ ମନିପର୍ସ ଓ ମୋବାଇଲ ଫୋନ ରଖିଦେଇଥିଲେ। ଯୁବକ ଜଣକ ମହିଳାଙ୍କୁ ବାଇକରେ ବସାଇ କିଛି ବାଟ ଯିବା ପରେ ଭାରତ ପେଟ୍ରୋଲପମ୍ପଠାରେ ତେଲ ପକାଇବାକୁ କହି ରାସ୍ତାକଡରେ ମହିଳାଙ୍କୁ ଓହ୍ଲାଇ ତେଲ ପକାଇବା ବାହାନାରେ ଖସି ପଳାଇଥିଲେ। ପୋଲିସ ଗିରଫ ଲୁଟେରା ଅମୂଲ୍ୟଙ୍କ ଠାରୁ ଓଡି୧୩ଏ ୫୮୩୭ ନଂ ବିଶିଷ୍ଟ ଏକ ବାଇକକୁ ଜବତ କରିଛି।

### ଓଡ଼ିଶା ପୋଲିସର ସଚେତନତା ବାର୍ତ୍ତାରେ ଅନୁଷ୍କାଙ୍କ ଫଟୋ

କଟକ ଅଫିସ୍, ୧୯।୯- ରିଲିଜ ଅପେକ୍ଷାରେ ଥିବା ଫିଲ୍ମ 'ସୁଇ ଧାଗା'କୁ ନେଇ ଏହାର ନାୟିକା ଅନୁଷ୍କା ଶର୍ମା ଏବେ ଇଣ୍ଟରନେଟ୍ ଟ୍ରୋଲ୍‌ର ଶିକାର ହୋଇ ଚର୍ଚ୍ଚାକୁ ଆସିଛନ୍ତି। ଅନୁଷ୍କାଙ୍କ ଶାଢ଼ି ପିନ୍ଧା ଫଟୋକୁ ସୋସିଆଲ୍ ମିଡିଆରେ ଛାଡ଼ି ଟ୍ରୋଲ୍ କରାଯାଉଛି। ଏପରିସ୍ଥଳେ ଏହି ଫଟୋ ଏବେ ଓଡ଼ିଶା ପୋଲିସର ସଚେତନତା କାର୍ଯ୍ୟକ୍ରମରେ ସ୍ଥାନ ପାଇଛି। ବୁଧବାର ୦କେଇ ସଂକ୍ରାନ୍ତରେ ଏକ ସଚେତନତା ବାର୍ତ୍ତା ଦେଇ ଓଡ଼ିଶା ପୋଲିସ ତା'ର ଟୁଇଟର୍ ଆକାଉଣ୍ଟ୍‌ରେ ଉକ୍ତ ଫଟୋକୁ ସ୍ଥାନିତ କରିଛି। ଏଥିରେ ପୁରସ୍କାର ଜିତିବା ଲୋଭରେ କାହାକୁ ଓଟିପି ନମ୍ବର ନ ଦେବା ପାଇଁ କୁହାଯିବା ସହ ଲୋକଙ୍କୁ ସ୍ମାର୍ଟ ହେବାକୁ ପରାମର୍ଶ ଦିଆଯାଇଛି। ଓଡ଼ିଶା ପୋଲିସର ଏହି ଟୁଇଟ୍‌କୁ ନେଇ ଆଲୋଚନା ଚାଲିଛି।

### ଓଡ଼ିଆ ଚଳଚ୍ଚିତ୍ର '୧୦୦% ଲଭ୍'ର ଶୁଭ ମହୁରତ

କଟକ ଅଫିସ,୧୯।୯- କଟକର ଏକ ହୋଟେଲରେ ବୁଧବାର ଓଡିଆ ଚଳଚ୍ଚିତ୍ର ୧୦୦% ଲଭ୍‌ର ଶୁଭ ମହୁରତ ହୋଇଛି। ଏଥିରେ ନୂଆ ନାୟକ ଓମ୍ ଏବଂ ନବାଗତା ନାୟିକା ସମତା ରହିଥିବାବେଳେ ଫିଲ୍ମରେ ପ୍ରେମ ସହ କମେଡି ରହିଛି। ଏକ କାହାଣୀକୁ ନେଇ ଏସ ଏସ ଫିଲ୍ମ ଏଣ୍ଟରଟେନ୍‌ମେଣ୍ଟ ଭେଟି ଦେବାକୁ ଯାଉଛି ତାହାର ପ୍ରଥମ ଅବଦାନ। ଏହି ଫିଲ୍ମରେ କୋରିଓଗ୍ରାଫର ଲୁବୁନଟୁବୁନଙ୍କ ଜବରଦସ୍ତ ଡ୍ୟାନ୍ସ ଥିବା କିଛି ଗୀତ ଦର୍ଶକେ ଦେଖିବାକୁ ପାଇବେ। ଫିଲ୍ମରେ ଅନ୍ୟାନ୍ୟ ଭୂମିକାରେ ଅଭିନେତା କୁନା ତ୍ରିପାଠୀ, ବ୍ରଜ ସିଂ, ପ୍ରଜ୍ଞା, ଗୁଡୁ ଅଭିନୟ କରିବାକୁ ସ୍ଥିର ହୋଇଥିବାବେଳେ କଣ୍ଠଶିଳ୍ପୀ ହ୍ୟୁମାନ ସାଗର, ଦୀପ୍ତିରେଖା ଓ ଅନ୍ୟମାନେ କଣ୍ଠଦାନ କରିବେ ବୋଲି ଜଣାପଡିଛି।

# ରତ୍ନଚିରା ଟୋଲ୍‌ଗେଟ୍‌କୁ ଜାଳିଦେଲେ ଗ୍ରାମବାସୀ

**ପୁରୀ ଅଫିସ,୧୯।୯**

ଚନ୍ଦନପୁର ଥାନା ଅଧୀନ ଯମୁନାକୁଦସ୍ଥିତ ରତ୍ନଚିରା ଟୋଲ୍‌ଗେଟ୍‌କୁ ବୁଧବାର କରଡ଼ି ଗ୍ରାମର ଶତାଧିକ ଗ୍ରାମବାସୀ ନିଆଁ ଲଗାଇ ଜାଳି ଦେଇଛନ୍ତି। ରାସ୍ତା ଉପରେ ଥିବା ଏକ ବୁଲଡୋଜରକୁ କେହି ଦୁର୍ବୃତ୍ତ ସିରିଜ ବୋମାମାଡ କରିଛନ୍ତି। ବୋମା ମାଡ଼ରେ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇ ପଡିଥିଲେ।

ଟୋଲ୍‌ଗେଟ୍ କର୍ତ୍ତୃପକ୍ଷ ଜାଲ୍ ରସିଦ୍ ଦେଇ ଯାନବାହନରୁ ବେଆଇନ ଭାବେ ଅଧିକ ଅର୍ଥ ଆଦାୟ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନର ନୀରବତା ପ୍ରତିବାଦରେ ଶତାଧିକ ଗ୍ରାମବାସୀ ଟୋଲ୍‌ଗେଟ୍ ନିକଟରେ ପହଞ୍ଚି ବ୍ୟାପକ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଥିଲେ। ପରେ ଯମୁନାକୁଦ ଛକରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଉକ୍ତ ରାସ୍ତାରେ ଯାନବାହନ ଅଟକି ରହିଥିଲା। ପୋଲିସ ବିଳମ୍ବରେ ପହଞ୍ଚିବାରୁ ପରିସ୍ଥିତି ଅଣାୟତ୍ତ ହୋଇପଡିଥିଲା। ଟୋଲ୍‌ଗେଟ୍‌ରେ ନିଆଁ ଲଗାଇବା ଘଟଣାର ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ଗିରିଜା ଶଙ୍କର ପଟ୍ଟନାୟକ କହିଛନ୍ତି।

ମିଳିଥିବା ସୂଚନା ପ୍ରକାରେ, ଚନ୍ଦନପୁର–ନିରାକାରପୁର ନୂଆ ଜଗନ୍ନାଥ ସଡ଼କ ଯମୁନାକୁଦ ଛକରେ ରହିଛି ଏହି ଟୋଲ୍‌ଗେଟ। ଅଧିକାଂଶ ସମୟରେ ଟୋଲ୍ କର୍ତ୍ତୃପକ୍ଷ ସରକାରଙ୍କ ଧାର୍ଯ୍ୟ ଦରଠାରୁ ଦୁଇଗୁଣା ଅର୍ଥ ଆଦାୟ କରୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ନକଲି ରସିଦ୍ ବହିରେ ବେଆଇନ ଭାବେ ଅର୍ଥ ଆଦାୟ କରାଯାଉଛି। ପୂର୍ବରୁ ସ୍ଥାନୀୟ ଗ୍ରାମବାସୀ ଏନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାର କିଛି ଦିନ ପରେ ଟୋଲଗେଟ୍ କର୍ତ୍ତୃପକ୍ଷ ପୁଣି ଯାତ୍ରୀଙ୍କଠାରୁ ମନଇଚ୍ଛା ଟୋଲ ଆଦାୟ କରିଥିଲେ।

ପ୍ରକାଶ ଯେ, ଏହି ଟୋଲ୍‌ଗେଟ୍ ବର୍ତ୍ତମାନ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ ଅଧୀନରେ ରହିଛି। ମଙ୍ଗଳବାର ରାତିରେ କରଡି ଗ୍ରାମର କେତେଜଣ ବ୍ୟକ୍ତି ଓ ଟୋଲ କର୍ମଚାରୀ ମୁହାଁମୁହିଁ ହୋଇଥିଲେ।



ଯମୁନାକୁଦ ଛକରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି ।

## ହିଟ୍ ହେଉଛି 'ଓଡ଼ିଶା ବାଇ ମର୍ଣ୍ଣିଂ, ହକି ବାଇ ଇଭିନିଂ' କ୍ୟାମ୍ପେନ୍

**ଭୁବନେଶ୍ୱର,୧୯।୯(ବ୍ୟୁରୋ)**

ପୁରୁଷ ହକି ବିଶ୍ୱକପ୍ ୨୦୧୮ ପାଇଁ ହୋଷ୍ଟ୍ ପାର୍ଟନର ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଆରମ୍ଭ କରାଯାଇଥିବା ନୂଆ ସ୍ପୋର୍ଟସ୍ ଟୁରିଜମ୍ କ୍ୟାମ୍ପେନ୍ 'ଓଡ଼ିଶା ବାଇ ମର୍ଣ୍ଣିଂ, ହକି ବାଇ ଇଭିନିଙ୍ଗ୍' ରାଜ୍ୟ ଏବଂ ଦେଶ ବାହାରେ ଆଦୃତ ହେଉଛି। ପର୍ଯ୍ୟଟକ ଓଡ଼ିଶା ପର୍ଯ୍ୟଟନର ଏହି ନୂଆ କନ୍‌ସେପ୍ଟକୁ ପସନ୍ଦ କରିବା ସହ ଏଥିପ୍ରତି ଆକର୍ଷିତ ହେଉଛନ୍ତି। ନିକଟରେ ମାଲେସିଆରେ ଅନୁଷ୍ଠିତ ପିଏଟିଏ ୨୦୧୮ ଏବଂ ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆ ଟୁରିଜମ୍ ମାର୍ଟ ୨୦୧୮ରେ ଏହାର ଝଲକ ଦେଖିବାକୁ ମିଳିଛି। ଏଠାରେ ଖୋଲିଥିବା ଓଡ଼ିଶା ଟୁରିଜମ୍ ଷ୍ଟଲ୍‌କୁ ଦର୍ଶକ ବୁଲି ଦେଖିବା ସହ ଏହି କ୍ୟାମ୍ପେନ୍‌କୁ ପ୍ରଶଂସା କରିଛନ୍ତି। ସମଗ୍ର ବିଶ୍ୱରୁ ୨୨୫ଟି ଅନ୍ତର୍ଜାତୀୟ ସ୍ତରୀୟ ଟ୍ରାଭେଲ ଏଜେନ୍ସିକୁ ନେଇ ଆୟୋଜିତ ହୋଇଥିବା ଇଣ୍ଡିଆ ଟୁରିଜମ୍ ମାର୍ଟ ୨୦୧୮ରେ ଦେଶର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ପ୍ରଦର୍ଶିତ କରାଯାଇଥିଲା। ପ୍ରାୟ ୬୦ ଦେଶରୁ ଆସିଥିବା ବିଦେଶୀ ଟ୍ରାଭେଲ ଓ ଟୁର୍ ଅପରେଟରମାନେ ଏଥିରେ ଭାଗନେଇଥିଲେ। ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଏଠାରେ ରହିଥିବା ପର୍ଯ୍ୟଟନ ସମ୍ବଳ, ପର୍ଯ୍ୟଟକ ଉପଯୋଗୀ ବିଭିନ୍ନ ଯୋଜନା, ମାଇସ୍ ଟୁରିଜମ୍ କ୍ଷେତ୍ରରେ ଥିବା ସୁଯୋଗ, ଆଡ୍‌ଭେଞ୍ଚର ଓ ସ୍ପୋର୍ଟସ୍ ଟୁରିଜମ୍‌ର ପ୍ରଚାର ପ୍ରସାର କରାଯାଇଥିଲା। ସେହିଭଳି ମାଲେସିଆରେ ନିକଟରେ ଶେଷ ହୋଇଥିବା ପିଏଟିଏ ୨୦୧୮ରେ ଓଡ଼ିଶା ଟୁରିଜମ୍ ପ୍ୟାଭେଲିୟନ୍‌କୁ ପ୍ରଶଂସା କରାଯାଇଥିଲା। ଏଠାରେ ମଧ୍ୟ 'ଓଡ଼ିଶା ବାଇ ମର୍ଣ୍ଣିଂ, ହକି ବାଇ ଇଭିନିଙ୍ଗ୍' କ୍ୟାମ୍ପେନ୍ ବିପୁଳ ଭାବେ ଦୃଷ୍ଟି ଆକର୍ଷଣ କରିଥିଲା।

## ଛାତ୍ରୀଙ୍କୁ ଅସଦାଚରଣ, ଯୁବକ ଗିରଫ

**ଭୁବନେଶ୍ୱର, ୧୯।୯(ବ୍ୟୁରୋ)–**

ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିବା ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ସାଲିଆସାହି ବାଜପେୟୀ ନଗରରେ ରହୁଥିବା ସତ୍ୟ ନାୟକ। ସୂଚନା ଅନୁଯାୟୀ, ସତ୍ୟ ସ୍ଥାନୀୟ ଅଞ୍ଚଳର ଜଣେ ଛାତ୍ରୀଙ୍କୁ ଦୀର୍ଘଦିନ ଧରି ଏକତରଫା ପ୍ରେମ କରୁଥିଲେ। ଛାତ୍ରୀ ଜଣକ ତାଙ୍କୁ ସବୁବେଳେ ବିରୋଧ କରିଆସୁଥିଲେ। ଫଳରେ ସତ୍ୟ ତାଙ୍କୁ ବାରମ୍ବାର ଫୋନରେ ଧମକ ଦେଉଥିଲେ। ଗତ ସୋମବାର ଛାତ୍ରୀଙ୍କ ପରିବାର ଲୋକେ ଘରେ ନ ଥିବାର ସୁଯୋଗରେ ସତ୍ୟ ତାଙ୍କ ଘରକୁ ଯାଇ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ସତ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

### ସାଇଣ୍ଟିଫିକ୍ ଟିମର ତଦନ୍ତ ଆରମ୍ଭ

**କଣାସ,୧୯।୯(ସ୍ୱ.ପ୍ର)**

କଣାସ ଥାନା ଅଁଳାଯୋଡି ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ସେ ହେଲେ ଉପରସାହିର ଭଗବତ ଦଣ୍ଡଙ୍କ ସ୍ତ୍ରୀ କବିତା ଦଣ୍ଡ(୩୧)। ଭଗବତଙ୍କ ଅଭିଯୋଗ ଅନୁଯାୟୀ ଗତ୧୮ତାରିଖ ରାତିରେ ଟ୍ରେନ୍‌ରେ ଫେରିକରିବା ପାଇଁ ଯାଇଥିବାବେଳେ ସ୍ତ୍ରୀ କବିତା, ବଡପୁଅ ବିଭୁପ୍ରସାଦ(୧୦), ୧୮ମାସର ସାନପୁଅ ବିଷ୍ଣୁପ୍ରସାଦ ଘରେ ଥିଲେ । ରାତି ୧ଟାରେ ଭଗବତ ବ୍ରହ୍ମପୁରଠାରେ ଥିବାବେଳେ ନିଜ ସମ୍ପର୍କୀୟଠାରୁ ସ୍ତ୍ରୀ ଆତ୍ମହତ୍ୟା କରିଥିବା ଖବର ଶୁଣିଥିଲେ । ଏହାଶୁଣି ସେ ଗ୍ରାମରେ ପହଞ୍ଚି ଦେଖିଲେ ଯେ ସ୍ତ୍ରୀ କବିତା ପିନ୍ଧିଥିବା ଲୁଗାରେ ଝୁଲୁଥିବାବେଳେ ତାଙ୍କ ଗୋଡଦୁଇଟି ମାଟିରେ ଲାଗିଥିଲା। ଏନେଇ ଭଗବତ କଣାସ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ନଂ ୫/୨୦୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାସ୍ଥଳରେ ଅତିରିକ୍ତ ତହସିଲିଦାର ସହଦେବ ସାହୁ ମାଜିଷ୍ଟ୍ରେଟ୍ ଭାବେ ପହଞ୍ଚି ମୃତଦେହର ପାରିପାର୍ଶିକ ଅବସ୍ଥା ଦେଖିଥିଲେ । ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପୁରୀ ପଠାଇ ଦିଆଯାଇଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଆସି କବିତାଙ୍କ ମୃତ୍ୟୁ ସମ୍ପର୍କରେ ତଦନ୍ତ ଚଳାଇଛି ।

## ନୂତନ ତହସିଲଦାରଙ୍କୁ ସ୍ୱାଗତ

**କଣାସ,୧୯।୯ (ଡି. ଏନ୍. ଏ.)**

କଣାସରେ ନୂଆକରି ଯୋଗ ଦେଇଥିବା ତହସିଲଦାର ଅନିତା ପଣ୍ଡାଙ୍କୁ ବିକାଶ ପରିଷଦ ଓ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ବୁଧବାର ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି । ଏହାସହ କଣାସକୁ ଏକ ଆଦର୍ଶ ବ୍ଲକ ଏବଂ ଦମକଳ କେନ୍ଦ୍ର କାର୍ଯ୍ୟାଳୟ ନିର୍ମାଣ ସମ୍ପର୍କରେ ତହସିଲଦାରଙ୍କ ଦୃଷ୍ଟିଗୋଚର କରିଥିଲେ । ବିକାଶ ପରିଷଦ ତରଫରୁ ସମ୍ପାଦକ ସମାଜସେବୀ ଲିଙ୍ଗରାଜ ପରିଡା, ସଭାପତି ପ୍ରଭାକର ମଙ୍ଗରାଜ,ପୂର୍ଣ୍ଣଚନ୍ଦ୍ର ରାଉତ, କ୍ୟାପ୍‌ଟେନ୍ ପ୍ରଶନ୍ନ ପଟ୍ଟନାୟକ, ସାମ୍ବାଦିକ ବିଦ୍ୟାଧର ବଡଜେନା, ବରିଷ୍ଠ ନାଗରିକ ମଞ୍ଚ ତରଫରୁ ସଭାପତି ବିଭୂତି ଭୂଷଣ ପଟ୍ଟନାୟକ, ସମ୍ପାଦକ ମହେନ୍ଦ୍ର ରଣସିଂହ, ଭାଗୀରଥି ମହାପାତ୍ର, ସୁବାସ ଚନ୍ଦ୍ର ମହାରଥୀ, ସୁଷମା ବେହେରା, ଡମ୍ବରୁଧର ସୁନ୍ଦରାୟ ପ୍ରମୁଖ ଅନେକ ସଦସ୍ୟ ଉପସ୍ଥିତ ଥିଲେ । ପରେ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ବ୍ଲକ,ବ୍ୟାଙ୍କ, ଥାନା ଅଧିକାରୀମାନଙ୍କୁ ଭେଟିପୁଷ୍ପଗୁଚ୍ଛ ଦେଇଥିଲେ।

## ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ସିଡିଏମ୍ଓ

**ଗୋପ,୧୯।୯(ଡି.ଏନ୍.ଏ)**

ବୁଧବାର ମଧ୍ୟାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଧାକାରୀ ଭାସ୍କର ଚନ୍ଦ୍ର ସାମନ୍ତରାୟ ଅଚାନକ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ୱାସ୍ଥ୍ୟସେବା ସମ୍ପର୍କରେ କେତେକ ରୋଗୀଙ୍କ ସହିତ କଥାବାର୍ତ୍ତା ହେବା ସହ ଚିକିତ୍ସାଳୟର ବିଭିନ୍ନ ବିଭାଗ ବୁଲି ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରକାଶ ଯେ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ୧୫ ଗୋଟି ପଞ୍ଚାୟତର ଶତାଧିକ ରୋଗୀ ଚିକିତ୍ସା ଲାଗି ଆସିଥାନ୍ତି। କିନ୍ତୁ ଏଠି ଡାକ୍ତରମାନେ ପାଳି କରି ସ୍ୱାସ୍ଥ୍ୟସେବା କରିବା ଯୋଗୁ ଅଧିକାଂଶ ସମୟ ରୋଗୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥାଏ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା କେତେକ ବିଭାଗ ଗୃହଗୁଡ଼ିକ ଓ ପ୍ରସୂତି ବିଭାଗ ଅପରିଷ୍କାର ଭାବେ ପଡିରହିଛି। ଏହି ପ୍ରସୂତି ବିଭାଗରେ ଥିବା ଖଟିଆଗୁଡ଼ିକ ଭାଙ୍ଗୁରୁଜି ପଡ଼ିବା ସହ ଗଦିଗୁଡ଼ିକ ଚିରି ଯାଇଥିବାରୁ ସିଡିଏମ୍ଓ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖୁବଶୀଘ୍ର ଏସବୁର ମରାମତି କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସଫାସୁତରା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସିଡିଏମ୍ଓଙ୍କ ଏହି ଅଚାନକ ଗସ୍ତରେ ସ୍ଥାନୀୟ ଅଞ୍ଚଳର କେତେକ ଲୋକ ଡାକ୍ତରଙ୍କ ପାଳି ସେବା, ଠିକ ସମୟରେ ଆଉଟଡୋର ନଆସିବା ଏବଂ ୪କୋଟି ଟଙ୍କା ବ୍ୟୟରେ ନୂତନ ଗୃହ ଖୋଲିବା ସହ ଅନ୍ୟ କେତେକ ଅଭିଯୋଗ କରିଥିଲେ। ଏସବୁକୁ ଯଥାଶୀଘ୍ର ସମାଧାନ କରିବା ପାଇଁ ସିଡିଏମ୍ଓ ପ୍ରତିଶ୍ରୁତି ଦେବା ସହ ଉପସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଲଲାଟେନ୍ଦୁ ମିଶ୍ରଙ୍କୁ ଏ ସମ୍ପର୍କରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ଅଚାନକ ସିଡିଏମ୍ଓ ସ୍ୱାସ୍ଥ୍ୟକେନ୍ଦ୍ର ପହଞ୍ଚିବା ନେଇ ଆମ ପ୍ରତିନିଧିଙ୍କୁ ଜଣାଇଥିଲେ।



ସିଡିଏମ୍ଓଙ୍କ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି ।




ଦିବ୍ୟାଙ୍ଗ ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଓ ଅନ୍ୟାନ୍ୟ ଦାବି ନେଇ ଓଏସଇଏଫଡି ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋୟର ପିଏମଜିଠାରେ ବୁଧବାର ବିକ୍ଷୋଭ କରାଯାଉଛି ।

## ସ୍କୁଲ କଲେଜ ଅଧ୍ୟାପକ କର୍ମଚାରୀଙ୍କ ପଦଯାତ୍ରା

**କଣାସ,୧୯।୯(ଡି.ଏନ୍.ଏ./ସ୍ୱ.ପ୍ର)**

କଣାସ ବ୍ଲକର ୯ଟି ଗ୍ରା.ପରେ ସ୍କୁଲ କଲେଜ ଅଧ୍ୟାପକ କର୍ମଚାରୀମାନଙ୍କ ପଦଯାତ୍ରା ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଗଡବଳଭଦ୍ରପୁର ଗ୍ରା.ପ, ଦୋକନ୍ଦା, ଚୁପୁରିଙ୍ଗି, ଗଡସାହି, ସିରେଇ, ତ୍ରିଲୋଚନପୁର, କଣାସ, ପାଣ୍ଡିଆକେରା, ଚୁପୁରିଙ୍ଗି ଗ୍ରା.ପର ସମସ୍ତ ଗ୍ରାମରେ ଅଧ୍ୟାପକ କର୍ମଚାରୀମାନେ ୩ଦିନ ଧରି ପଦଯାତ୍ରା କରିଥିଲେ । ଗଡବଳଭଦ୍ରପୁର ସରପଞ୍ଚ ସଂଗ୍ରାମ କିଶୋର ପାଇକରାୟ, ସମିତିସଭ୍ୟ ସୁକାନ୍ତ ମଙ୍ଗରାଜ ଶିକ୍ଷକମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ସରକାରଙ୍କୁ ନିବେଦନ କରିବା ସହ ଏହି ଆନ୍ଦୋଳନକୁ ସମର୍ଥନ କରିଥିଲେ। ଶିକ୍ଷାବିତ ରମେଶ ଚନ୍ଦ୍ର ଉତ୍ତରକବାଟଙ୍କ ସଭାପତିତ୍ୱରେ ଜଙ୍କିଆ ବଜାରରେ ଏକ ବଡଧରଣର ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନୀଳାଚଳ କୃଷକ ସଂଘର ସଭାପତି ଗୋପୀନାଥ ମିଶ୍ର, ବାମପନ୍ଥୀ ନେତା ଧନେଶ୍ୱର ସ୍ୱାଇଁ, ନାରୀନେତ୍ରୀ ଲତାମଣି ଦେବୀ, ସମାଜସେବୀ ଗୁଣନିଧି ପାତ୍ର, କୃଷକ ନେତା ଉଗ୍ରେସନ ବିଶ୍ୱାଳ, ଓଷ୍ଟାର ଜିଲା ସମ୍ପାଦକ ମହେନ୍ଦ୍ର ରଣସିଂହ, ଅଲଓଷ୍ଟାର ଉପସଭାପତି ଅକ୍ଷୟ ରାୟସିଂହ, ଓଷ୍ଟାର ବ୍ଲକ ସମ୍ପାଦକ ମାନସରଞ୍ଜନ ସାମନ୍ତରାୟ, ଅଲଓଷ୍ଟା ସମ୍ପାଦକ ଦୈତାରୀ ବେହେରା, ବିଦ୍ୟାଧର ବିଶ୍ୱାଳ, ପ୍ରଶାନ୍ତ ମଙ୍ଗରାଜ, ଆଲୋକ ଦାସ ୩ଦିନ ଧରି ଏହି ପଦଯାତ୍ରାର ନେତୃତ୍ୱ ନେଇଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଗୋପ,୧୯।୯(ଡି.ଏନ୍.ଏ)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବୁଧବାର ଆୟୋଜିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୋପ ପଞ୍ଚାୟତ ସମିତି ପକ୍ଷରୁ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଏହି ଅଭିଯାନରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢ଼ୀ, ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଗୋପ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା, ଉପାଧ୍ୟକ୍ଷ ଜ୍ୟୋତ୍ସ୍ନାରାଣୀ ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତି କୁମାର ମହାନ୍ତି, ଭାସ୍କର ଚନ୍ଦ୍ର ସାମନ୍ତରାୟ, ଗୋପ ବିଡିଓ ରାମଚନ୍ଦ୍ର ସ୍ୱାଇଁ, ଗୋପ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ମାର୍କଣ୍ଡ ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିସହ ସରକାର ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଓ ସେମାନେ ଯେପରି ସରକାରୀ ପ୍ରୋତ୍ସାହନରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ୍ ହେବାକୁ ଉପସ୍ଥିତ ଥିବା ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଚାରୋଟି ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗ ଦେଇଥିବାବେଳେ ୧୦ଜଣ ଡାକ୍ତର ଓ ସହାୟକ ଉପସ୍ଥିତ ରହି ଶାରୀରିକ ବିଭାଗରେ ୨୩୭ ଜଣ, ମୂକ ବଧିର ବିଭାଗରେ ୭୮ ଜଣ, ଦୃଷ୍ଟିହୀନ ୬୪ ଜଣ ଓ ମାନସିକ ଅନଗ୍ରସର ୬୧ ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରିଥିଲେ। ସରକାର ଦିବ୍ୟାଙ୍ଗମାନଙ୍କ ପାଇଁ ବିଶେଷ ସୁବିଧା ସୁଯୋଗ କରୁଥିବାବେଳେ ଏହି ଚିହ୍ନଟୀକରଣ ଶିବିରରେ କୌଣସି ସୁବିଧା ସୁଯୋଗ ନ ଥିବା ଦେଖିବାକୁ ମିଳିଥିଲା। ଯାହାଫଳରେ ଦିବ୍ୟାଙ୍ଗମାନେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାର ଦେଖିବାକୁ ମିଳିଥିଲା। ଏଥିରେ ୩୧ଟି ପଞ୍ଚାୟତରୁ ୪୪୦ ଜଣ ଦିବ୍ୟାଙ୍ଗ ଯୋଗଦେଇଥିବାବେଳେ ଗୋପ ପଞ୍ଚାୟତ ସମିତି କର୍ମଚାରୀ ଓ ବିକାଶ ସଂଗଠନର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ବଡ଼ବେରଣାରେ ଥମୁନି ଡେଙ୍ଗୁ

**ବେଗୁନିଆ,୧୯।୯ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ଏବେ ମାଡି ଚାଲିଛି ଡେଙ୍ଗୁ ରୋଗ। ଦିନକୁଦିନ ଏ ଗାଁକୁ ସେ ଗାଁ ବ୍ୟାପିବାରେ ଲାଗିଛି। ବ୍ଲକରେ ଏଯାଏ ସମୁଦାୟ ୬୮ ରୋଗୀ ଆକ୍ରାନ୍ତ ହେଲେଣି। ହେଲେ ବଡବରେଣା ଗ୍ରାମରେ ୨ ମାସ ହେଲା ରୋଗୀଙ୍କୁ ଅଣାୟତ କରୁଛି ଡେଙ୍ଗୁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଗ୍ରାମରେ ଏଯାଏ ୫୧ ଜଣଙ୍କୁ ଡେଙ୍ଗୁ ପଜେଟିଭ ଚିହ୍ନଟ କରାଗଲାଣି। ସେହିପରି ବ୍ଲକର ଅନ୍ୟ ଗ୍ରାମକୁ ମଧ୍ୟ ମାଡି ଚାଲିଛି ଡେଙ୍ଗୁ। ସବୁଠି ଲୋକେ ଆତଙ୍କିତ ଅବସ୍ଥାରେ ରହିଲେଣି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନାମକୁମାତ୍ର ଜନ ସଚେତନତା ସୃଷ୍ଟି କରାଯାଉଛି। ଏଥିସହ ପ୍ରତିକାର ମଧ୍ୟ ଜାରି ରହିଛି। ହେଲେ କିଛି କାମରେ ଆସୁନି। ତେବେ ସ୍ୱାସ୍ଥ୍ୟ ବିଭାଗ ବ୍ଲକରେ ନିଦାବିଷ୍ଟୁ ପାଲଟିଛି। ଅନ୍ୟପକ୍ଷରେ ଗ୍ରାମରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ମଶାରି ବଣ୍ଟନ ପାଇଁ ଗୁରୁତର ଦାବି ହୋଇଆସୁଛି। ହେଲେ ଏହାକୁ ଅଣଦେଖା କରାଯାଉଛି। ଅନ୍ୟପକ୍ଷରେ ବିପର୍ଯ୍ୟସ୍ତ ଗାଁ ପରିବେଶକୁ ସ୍ୱାସ୍ଥ୍ୟ ବିଭାଗ ଦାୟୀ କରୁଥିବାବେଳେ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ ବୋଲି ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ଉଠୁଛି। ସେହିପରି ଖୋର୍ଦ୍ଧା ଜିଲା ଚିକିତ୍ସାଳୟରେ ଡେଙ୍ଗୁ ରୋଗୀ ଚିହ୍ନଟ କାର୍ଯ୍ୟାଳୟ ବନ୍ଦ ରହିଥିବାରୁ ଲୋକେ ପରୀକ୍ଷଣ ପାଇଁ ଅଯଥା ୫୦ କିମି ଦୂର ଭୁବନେଶ୍ୱରକୁ ଯିବାକୁ ପଡୁଛି। ଆଉ କେତେଜଣ ରୋଗୀ ମଧ୍ୟ ଘରୋଇ ପରୀକ୍ଷଣ କେନ୍ଦ୍ରରେ ପରୀକ୍ଷା କରୁଛନ୍ତି। ହେଲେ ୪ ଶହରୁ ୫ ଶହ ଟଙ୍କା ପରୀକ୍ଷା ଫିସ୍ ବାବଦକୁ ଦେବାକୁ ପଡୁଛି। ଏଥିଯୋଗୁ ଗରିବ ଲୋକେ ହନ୍ତସନ୍ତ ହେଉଥିବା ବେଳେ ରୋଗୀ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶଥାଉ କି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୁଧବାର ମିଳିଥିବା ରିପୋର୍ଟ ଅନୁସାରେ ଅଗଷ୍ଟ ୧୭ରୁ ବଡବେରଣା ଗ୍ରାମରେ କ୍ରମାଗତ ଭାବେ ଡେଙ୍ଗୁ ରୋଗୀ ସଂଖ୍ୟା ବୃଦ୍ଧି ପାଇ ୫୧ରେ ପହଞ୍ଚିଛି। ସେହିପରି ତଳଗଡ ଗ୍ରାମରେ ପୂର୍ବରୁ ଜଣେ ରୋଗୀ ଚିହ୍ନଟ ହୋଇଥିବାବେଳେ ପୁଣି କ୍ରମାଗତ ଭାବେ କୁରାଡିଲୋ, ପୋଡାଡିହ, କୁଶୁପଲା, ସାରୁଅ, ଅତ୍ରି ଓ ଡିଙ୍ଗର ଗ୍ରାମରେ ୧୨ ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଥିଲା। କିଛିଦିନ ପାଗ ପରିବର୍ତ୍ତନ ଯୋଗୁ ରୋଗୀସଂଖ୍ୟା ହ୍ରାସ ପାଇଥିଲା। ପୁଣି ଏବେ ପାଇକସାହି, କଣ୍ଟାବାଡ, ମଲୀପଦର, ରଘୁନାଥପୁର ଆଦି ଗ୍ରାମରେ ୫ ଜଣ ରୋଗୀଙ୍କ ରକ୍ତରେ ଡେଙ୍ଗୁ ପଜିଟିଭ ବାହାରିଛି। ଏ ସମ୍ପର୍କରେ ବ୍ଲକ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ତନ୍ମୟ ତ୍ରିପାଠୀ କୁହନ୍ତି, ବଡବେରଣାରେ ଡେଙ୍ଗୁ ରୋଗୀ ସଂଖ୍ୟା ହ୍ରାସ ପାଇଁ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି। ପ୍ରତିକାର ପାଇଁ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ମଧ୍ୟ କିଛି କାମ ଦେଲାନି। ପୁଣି ଏବେ ଅନ୍ୟ ଗାଁକୁ ବ୍ୟାପିଲାଣି। ଭୟଭୀତ ହେବାର ଏଥିରେ କିଛିନାହିଁ। ତଥାପି ଲୋକମାନଙ୍କ ସେବାରେ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଛି।

**ବେଗୁନିଆ ବ୍ଲକ**
- ସଂଖ୍ୟା ଟପିଲାଣି ୫୧
- ପରୀକ୍ଷଣ ପାଇଁ ୪୦୦ ଟଙ୍କା
- ସ୍ୱାସ୍ଥ୍ୟ ବିଭାଗ ନିଦାବିଷ୍ଟୁ



ଅଧିର ହୋଇପଡ଼ିବା ଦ୍ୱାରା ଯେତିକି ସମୟ ଖର୍ଚ୍ଚ ହୋଇଯାଏ, ସେତିକି ରହିଥିଲେ କାର୍ଯ୍ୟଟି ହୁଏତ ହାସଲ ହୋଇଯାଇ ପାରିଥାନ୍ତା।
– ବେନ୍ ଜନସନ୍



**ସଂକ୍ଷେପରେ**

## ଡିସେମ୍ବର ୧୦ରେ ନାନୋ ଫେଷ୍ଟିଭାଲ

**ପୁରୀ ଅଫିସ,୧୯।୯:** ଡିସେମ୍ବର ୧୦ରେ ହେବ ନାନୋ ଫେଷ୍ଟିଭାଲ। ସ୍ଥାନୀୟ ପୌର ସଦନଠାରେ ହେବାକୁ ଥିବା ଏହି ଫେଷ୍ଟିଭାଲ ୧୨ରେ ସମାପ୍ତ ହେବ। ପ୍ରଥମ ଦୁଇ ଦିନରେ ହାଇସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଶେଷ ଦିବସରେ ପିଲାଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ଶିଶୁ ଆଲୋଚନାଚକ୍ର ଆୟୋଜିତ ହେବ। ଶିଶୁଙ୍କ ଦକ୍ଷତା, ମାନସିକ ଓ ବୌଦ୍ଧିକ ବିକାଶ ଏହି ଫେଷ୍ଟିଭାଲର ଲକ୍ଷ୍ୟ ବୋଲି ବୁଧବାର ନାନୋ ଫେଷ୍ଟିଭାଲ ଆବାହକ ସଞ୍ଜୀବ ରଥଶର୍ମା କହିଛନ୍ତି। ଶିଶୁଙ୍କୁ ପ୍ରେରଣାଦାୟୀ ୧୦୦ରୁ ଊର୍ଦ୍ଧ୍ୱ ଶିଶୁ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ଚଳିତ ବର୍ଷ ଏହାକୁ ଅଧିକ ଆକର୍ଷଣୀୟ କରିବା ଲାଗି ଯୋଜନା କରାଯାଇଛି। ଏହି ଫେଷ୍ଟିଭାଲରେ ଚାଇଲ୍ଡ ଲାଇନ, ଶିଶୁ ସୁରକ୍ଷା ଆୟୋଗ, ଜିଲା ପ୍ରଶାସନ, ଶିଶୁ ସୁରକ୍ଷା ୟୁନିଟ୍, ବିଭିନ୍ନ ସାମାଜିକ ଅନୁଷ୍ଠାନର ସହଯୋଗ ନିଆଯାଇଛି। ଏନେଇ ବୁଧବାର ଆୟୋଜିତ ଏକ ବୈଠକରେ ଚାଇଲ୍ଡ ଲାଇନର ନିର୍ଦ୍ଦେଶକ ଦେବାଶିଷ ରଥ, ସିଡବ୍ଲ୍ୟୁସି ଚେୟାରମ୍ୟାନ ମହାବୀର ରୁଦ୍ର ନାରାୟଣ ସିଂ, ଶକ୍ତି ପ୍ରସନ୍ନ ନାୟକ, ପବିତ୍ର ମୋହନ ବେହେରା, ଅମରେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଦଳିତ ସ୍ୱାଭିମାନ ଶୋଭାଯାତ୍ରା



**କୋଣାର୍କ,୧୯।୯(ଡି.ଏନ୍.ଏ.):** ପୁରୀ ଜିଲା ଅନୁସୂଚିତ ଜାତି ଓ ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ଦଳିତ ସ୍ୱାଭିମାନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରୁ ଆୟୋଜିତ ମୋଟର ସାଇକେଲ ଶୋଭାଯାତ୍ରାକୁ ରାଜ୍ୟ ଭାଜପା ଯୁବ ସଂଯୋଜିକା ଉପାସନା ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପୁରୀ ଜିଲା ଅନୁସୂଚିତ ଜାତି ଓ ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ପ୍ରତାପ କୁମାର କାଣ୍ଡିଙ୍କ ନେତୃତ୍ୱରେ ଆୟୋଜିତ ସ୍ୱାଭିମାନ ଶୋଭାଯାତ୍ରା କୋଣାର୍କରୁ ବାହାରି ଗୋପ, ନିମାପଡା, ଚାରିଛକ, ନୟାହାଟ, କାକଟପୁର, ଅସ୍ତରଙ୍ଗ, କୁଣ୍ଡେଇହାଟ, ଆନନ୍ଦ ବଜାର ଓ ବାଲିଦୋକାନ ପରିକ୍ରମା ପରେ କୋଣାର୍କଠାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଦଳିତ କର୍ମୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ କୋଣାର୍କ ଅନୁସୁଚିତ ଜାତି ଓ ଜନଜାତି ସଙ୍ଗଠନ ସଭାପତି ସୁକାନ୍ତ ଦାସ, ସମ୍ପାଦକ ଅଶୋକ କୁମାର ରାଉତ, ଉପସଭାପତି ବୁଦ୍ଧଦେବ ଭୋଇ,କୋଷାଧ୍ୟକ୍ଷ ବ୍ରହ୍ମାନନ୍ଦ ଭୋଇ ଓ ପ୍ରକାଶ କୁମାର କାଣ୍ଡି ସମେତ ସଙ୍ଗଠନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।







ପୁରୀରେ ବୁଧବାର ଗଣେଶ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଭିନ୍ନ ପୂଜାମଣ୍ଡପର ମେଢ଼।



# ଭସାଣି ଶୋଭାଯାତ୍ରାରେ ଦୁଲୁକିଲା ବଡ଼ଦାଣ୍ଡ

**ପୁରୀ ଅଫିସ,୧୯।୯**

ଶ୍ରୀକ୍ଷେତ୍ରର ଅଧିକାଂଶ ମଣ୍ଡପରେ ୭ ଦିନ ଧରି ବିଘ୍ନ ବିନାଶକଙ୍କୁ ପୂଜା କରାଯାଏ। ଚଳିତବର୍ଷ ମଧ୍ୟ ଗଣେଶ ପୂଜାକୁ ନେଇ ସାତଦିନ ଧରି ବେଶ୍ ଚଳଚଞ୍ଚଳ ହୋଇପଡ଼ିଥିଲା ପୁରୀ ସହର। ଏଥର ଛୋଟବଡ଼ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ଅନୁଷ୍ଠିତ ହୋଇଥିଲା। ବୁଧବାର ଅଧିକାଂଶ ଅନୁଷ୍ଠାନ ପକ୍ଷରୁ ଗଣପତିଙ୍କୁ ମେଲାଣି ଦିଆଯାଇଛି। ଏହି ଭସାଣି ଶୋଭାଯାତ୍ରାରେ ଦୁଲୁକିଥିଲା ବଡ଼ଦାଣ୍ଡ। ଗଜାନନଙ୍କ ଭସାଣି ପାଇଁ ସକାଳୁ ପୂଜା ମଣ୍ଡପଗୁଡ଼ିକରେ ଚାଲିଥିଲା ପ୍ରସ୍ତୁତି। ଭସାଣି ଶୋଭାଯାତ୍ରାରେ ବ୍ୟବହାର ହେବାକୁ ଥିବା ଗାଡ଼ିରେ ଠାକୁରଙ୍କୁ ବସାଇ ବିଭିନ୍ନ ସାଜସଜ୍ଜାରେ ଲାଗିଥିଲେ ଆୟୋଜକମାନେ।

ଦିନତମାମ୍ ବିଭିନ୍ନ ପ୍ରସ୍ତୁତି ପରେ ଅପରାହ୍ନରୁ ଆରମ୍ଭ ହୋଇଥିଲା ଶୋଭାଯାତ୍ରା। ପ୍ରଶାସନିକ କଟକଣା ଭିତରେ ବିଭିନ୍ନ କ୍ଲବ, ସମିତି ଓ ଅନୁଷ୍ଠାନରୁ ଗଣେଶଙ୍କ ଭସାଣି ଶୋଭାଯାତ୍ରା ବାହାରିଥିଲା। ଡିଜେ, ପଞ୍ଜାବୀ ବାଜା, ଘଣ୍ଟନାଦ ଓ ନୃତ୍ୟ ସାଙ୍ଗକୁ ଆକର୍ଷଣୀୟ ଲାଇଟ୍ ସାମିଲ ଥିଲା। ଡିଜେର ତାଳେ ତାଳେ ଯୁବଗୋଷ୍ଠୀଙ୍କ ନୃତ୍ୟ ଭସାଣି ଶୋଭାଯାତ୍ରାକୁ ଆହୁରି ଆକର୍ଷଣୀୟ କରିଥିଲା। ସହରର ପ୍ରମୁଖ ପୂଜାମଣ୍ଡପ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ କରାଯାଇଥିବାରୁ ଭସାଣି ଶୋଭାଯାତ୍ରା ବଡ଼ଦାଣ୍ଡରେ ସୃଷ୍ଟି କରିଥିଲା ଏକ ନିଆରା ପରିବେଶ। କେତେକ ଅନୁଷ୍ଠାନର ଶୋଭାଯାତ୍ରା ସିଂହଦ୍ୱାର ସମ୍ମୁଖକୁ ଯାଇ ସେଠାରୁ ଫେରୁଥିବା ଦେଖିବାକୁ ମିଳିଥିଲା। ପ୍ରଶାସନିକ ନିର୍ଦ୍ଦେଶ ଅନୁଯାୟୀ, ଶୋଭାଯାତ୍ରା ଗୁଣ୍ଡିଚା ମନ୍ଦିର ସମ୍ମୁଖ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ପରେ ସେଠାରୁ ଠାକୁରଙ୍କୁ ନିଆଯାଇ ଭସାଣି କରାଯାଇଥିଲା।



ସତ୍ୟବାଦୀ ବକୁଳବନରେ ହେବାକୁ ଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ ସ୍ଥଳ ଅନୁଧ୍ୟାନ କରୁଛନ୍ତି ବିଧାୟକ ଏବଂ ଅଧିକାରୀମାନେ।

# ଓଡ଼ିଆ ବିଶ୍ୱବିଦ୍ୟାଳୟ ଶିଳାନ୍ୟାସ ପାଇଁ ପ୍ରସ୍ତୁତି ଆରମ୍ଭ

**ସାକ୍ଷୀଗୋପାଳ,୧୯।୯(ଡି.ଏନ୍.ଏ.)**

ସତ୍ୟବାଦୀ ବକୁଳବନରେ ଆସନ୍ତା ୨୭ତାରିଖରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ କରିବେ। ଏ ନେଇ ବୁଧବାର ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୁରୀ ଉପଜିଲାପାଳ ଭବତାରଣ ସାହୁ, ପୂର୍ତ୍ତ ନିର୍ବାହୀଯନ୍ତ୍ରୀ ପ୍ରିୟବ୍ରତ ସାମନ୍ତରାୟ, ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ମହାନ୍ତି, ସ୍ଥାନୀୟ ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ, ବିଡିଓ ଗୌରବମୟ ପ୍ରଧାନ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର ପ୍ରମୁଖ ଅଧିକାରୀ ମାନେ ନକ୍ସା ଅନୁଯାୟୀ ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ମହାନ୍ତି, ପ୍ରମୋଦ ରାଉତରାୟ, ମନ୍ଦିର ଟ୍ରଷ୍ଟି ବିଜୟ ମହାପାତ୍ର, ସେବାୟତ ସଂଘ କର୍ମକର୍ତ୍ତା ଅଶୋକ ଖୁଣ୍ଟିଆ, ମନ୍ଦିର ଅମିନ ସୁବାସ ଗଜେନ୍ଦ୍ର, ତହସିଲ ସୁପରଭାଇଜର ଲକ୍ଷ୍ମୀ ନାରାୟଣ ମିଶ୍ର, ଅମିନ ମନୋରଞ୍ଜନ ସିଂହ, ଆରଆଇ ଶ୍ୟାମସୁନ୍ଦର ପୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୨୭ ତାରିଖ ପୂର୍ବରୁ ସମସ୍ତ ଆୟୋଜନ ଶେଷ କରିବାକୁ ଭୁବନେଶ୍ୱର, ପୁରୀ, ସତ୍ୟବାଦୀରେ ମନ୍ତ୍ରୀ, ବିଧାୟକ ଓ ବିଭିନ୍ନ ବିଭାଗର ଉଚ୍ଚ ଅଧିକାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାକ୍ଷୀଗୋପାଳ ମନ୍ଦିର ପଛପାର୍ଶ୍ୱ ବକୁଳବନ ପଞ୍ଚସଖା ପଡିଆରେ ଶିଳାନ୍ୟାସ ନିମନ୍ତେ ଫଳକ ସ୍ତମ୍ଭ ନିର୍ମାଣ କରାଯିବା ସଙ୍ଗେ ସଙ୍ଗେ ସେହିଠାରେ ସାଧାରଣ ସଭା ଆୟୋଜନ କରିବାକୁ ଚୂଡାନ୍ତ ହୋଇଛି। ରାଜପଥରୁ ସାକ୍ଷୀଗୋପାଳ ମନ୍ଦିରକୁ ସଂଯୋଗ କରୁଥିବା ଗ୍ରାମ ଉନ୍ନୟନ ଓ ପୂର୍ତ୍ତ ବିଭାଗର ଦୁଇଟି ରାସ୍ତାକୁ ପ୍ରଶସ୍ତୀକରଣ, ପଞ୍ଚସଖା ପଡିଆରେ ବାଲି, ଡଷ୍ଟ ପକାଇ ଲେବଲିଂ କରିବା ଓ ସଂଲଗ୍ନ ମୁକ୍ତାକାଶ ରଙ୍ଗମଞ୍ଚ ମରାମତି କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଉତ୍ସବରେ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବା ଆଶା ଥିବାରୁ ଶାନ୍ତି ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା ସମ୍ପର୍କରେ ପୋଲିସ ସହିତ ଆଲୋଚନା କରାଯାଇଛି।

# ହୋଟେଲରେ ଭଙ୍ଗାରୁଜା, ୨ ଅଟକ

**ପୁରୀ ଅଫିସ,୧୯।୯**

ପୁରୀ ବଡଦାଣ୍ଡସ୍ଥିତ ନିର୍ବାଣ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟରେ ବୁଧବାର ରାତିରେ କେତେଜଣ ଦୁର୍ବୃତ୍ତ ପଶି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ସେମାନଙ୍କ ଭୟରେ ହୋଟେଲରେ ଥିବା କେତେଜଣ କର୍ମଚାରୀ ଭୟରେ ଦୌଡିଥିଲେ। ଏହାର କିଛି ସମୟପରେ ପୁଣି ଥରେ ଦୁର୍ବୃତ୍ତମାନେ ହୋଟେଲରେ ପଶି ଭଙ୍ଗାରୁଜା କରିଥିଲେ। ଖବରପାଇ, କୁମ୍ଭାରପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଜଣଙ୍କୁ ଧରି ଥାନାକୁ ଆଣିଛି। ଆକ୍ରମଣ ଘଟଣା ଅସ୍ପଷ୍ଟ ଥିବାବେଳେ ଘଟଣାସ୍ଥଳରେ ୧ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**କାକଟପୁର,୧୯।୯(ଡି.ଏନ୍.ଏ.)**

ଅସ୍ତରଙ୍ଗ ଥାନା ବାଲିଡିଆ ଗ୍ରାମର ସୌଦାମିନୀ ବେହେରା(୨୯)ଙ୍କ ବୁଧବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହି ଘଟଣାରେ ଅସ୍ତରଙ୍ଗ ଥାନା ପୋଲିସ ଅପମୃତ୍ୟୁ ମାମଲା(ନଂ.୭/୧୮)ରୁଜୁ କରି ସୌଦାମିନୀଙ୍କ ସ୍ୱାମୀ କେଦାର ବେହେରାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ କେଦାର ଘରେ ନ ଥିବା ବେଳେ ସୌଦାମିନୀ ଘରେ ଛାଟିପିଟି ହେବା ସହ ଚିତ୍କାର କରିଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ସୌଦାମିନୀଙ୍କୁ ଚିକିତ୍ସା ପାଇଁ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଖବରପାଇ ଅସ୍ତରଙ୍ଗ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲା। ପାରିବାରିକ କଳହକୁ ନେଇ ସୌଦାମିନୀ ବିଷପିଇ ଆତ୍ମହତ୍ୟା କରିଥିବା କେଦାର ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି ବୁଲୁ ମୁଣ୍ଡା କହିଛନ୍ତି। ସୂଚନା ଥାଉକି, କେଦାରଙ୍କ ପ୍ରଥମ ସ୍ତ୍ରୀ ମୃତ୍ୟୁବରଣ କରିବା ପରେ ସାକ୍ଷୀଗୋପାଳ ଅଞ୍ଚଳର ସୌଦାମିନୀଙ୍କୁ ଦେଢ ବର୍ଷ ପୂର୍ବେ ବିବାହ କରିଥିଲେ।

# ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ନେଇ ଗୁରୁତ୍ୱାରୋପ

**ନିମାପଡ଼ା,୧୯।୯(ଡି.ଏନ୍.ଏ.)**

ସାମାଜିକ ନ୍ୟାୟ ସଶକ୍ତୀକରଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଅନୁସନ୍ଧାନ ଅନୁଷ୍ଠାନ, ଓଲଟପୁର ପକ୍ଷରୁ ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ ଓ୍ୱେଲଫେୟାର ଅର୍ଗାନାଇଜେଶନ ସହାୟତାରେ ଏକ କର୍ମଶାଳା ବୁଧବାର ନିମାପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ୍ ଶୀର୍ଷକ କର୍ମଶାଳାରେ ପିପିଡବ୍ଲ୍ୟୁଓର ସଭାପତି ରାଜକିଶୋର ସାବ୍ରତ ଅଧ୍ୟକ୍ଷତା କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ କର୍ମଶାଳାର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିଭାବେ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀଚରଣ ପଟ୍ଟନାୟକ, ଏନଏସି ଅଧ୍ୟକ୍ଷ ସନାତନ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଅନୁସନ୍ଧାନ ଅନୁଷ୍ଠାନର ନିର୍ଦ୍ଦେଶକ ଶକ୍ତି ପ୍ରସାଦ ଦାସ, ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ, ପ୍ରୋଗ୍ରାମ ସଂଯୋଜକ ଆଦିତ୍ୟ ନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କ ପାଇଁ ପ୍ରଣୀତ ଆଇନ୍(୨୦୧୬)ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରୀ ସୁବିଧା ସହ ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପିପିଡବ୍ଲ୍ୟୁଓର ପ୍ରଶାସନିକ ଅଧିକାରୀ ପଦ୍ମଲୋଚନ ମହାନ୍ତି ଓ ସେଭିଏନଆଇଆରଟିଏର ପ୍ରୋଗ୍ରାମ ସଂଯୋଜକ ଆଦିତ୍ୟ ନାରାୟଣ ନନ୍ଦ କର୍ମଶାଳାର ସଂଯୋଜନା କରିଥିଲେ। କର୍ମଶାଳାରେ ବହୁ ଦିବ୍ୟାଙ୍ଗ, ଛାତ୍ରୀଛାତ୍ର, ଅଧାପିକା ଅଧାପକ ଓ ସ୍ଥାନୀୟ ଅଞ୍ଚଳର ଲୋକମାନେ ଯୋଗଦେଇଥିଲେ।




କର୍ମଶାଳାରେ ଉପସ୍ଥିତ ଅତିଥିମାନେ।




ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର ପରିସରରେ ବୁଧବାର ଅନୁଷ୍ଠିତ ସମନ୍ୱୟ ସମିତି ବୈଠକରେ ଉପସ୍ଥିତ ନଡ଼ିଆ ଚାଷୀ ଓ ବ୍ୟବସାୟୀମାନେ।

# ନଡ଼ିଆ ଚାଷୀ ସଙ୍ଗଠନ ସମନ୍ୱୟ ସମିତି ବୈଠକ

**ସାକ୍ଷୀଗୋପାଳ,୧୯।୯(ଡି.ଏନ୍.ଏ.)**

ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର ପରିସରରେ ନଡିଆ ଦର ହ୍ରାସ ସମସ୍ୟା ଦୂରୀକରଣ ନେଇ ଚାଷୀ ଓ ବ୍ୟବସାୟୀ ସଙ୍ଗଠନ କର୍ମକର୍ତ୍ତାଙ୍କ ଏକ ସମନ୍ୱୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କମଳ କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ନଡିଆ ଗଛ ହୃଷ୍ଟପୁଷ୍ଟ ହୋଇ ବଢ଼ିବା ସହିତ ପରିପକ୍ୱ ନଡିଆ ଉତ୍ପାଦନ ହୋଇପାରିଲେ ସାକ୍ଷୀଗୋପାଳ ନଡିଆର ଚାହିଦା ବଜାରରେ ବୃଦ୍ଧି ପାଇବା ସହ ଏହାର ଲାଭ ଚାଷୀମାନେ ପାଇବେ ବୋଲି ବୈଠକରେ ଯୋଗଦେଇ ଓୟୁଏଟିର ପ୍ର. ଶରତ ଚନ୍ଦ୍ର ସାହୁ କହିଥିଲେ। ବୈଠକରେ ନାରିକେଳ ଉନ୍ନୟନ ବୋର୍ଡର ଉପ ନିର୍ଦ୍ଦେଶକ ରଜତ କୁମାର ପାଲ, ବୈଷୟିକ ଅଧିକାରୀ ନିତୁ ଥୋମାସ୍, ଉପ ବିପ୍ଣନ ଅଧିକାରୀ ଉମେଶ ଚନ୍ଦ୍ର ସାମନ୍ତରାୟ, ସହକାରୀ ଉଦ୍ୟାନ ଅଧିକାରୀ ଦେବଦାସ ଦତ୍ତ, ନୀଳାଚଳ କୃଷକ ମହାସଂଘ ସଭାପତି ଗୋପୀନାଥ ମିଶ୍ର, ଆବାହକ ବିକାଶ ନାରାୟଣ ତ୍ରିପାଠୀ, ନିରଞ୍ଜନ ମହାପାତ୍ର, ହୃଷୀକେଶ ମିଶ୍ର, ଶଶିକାନ୍ତ ବରାଳ, ଦେବଦତ୍ତ ସାମନ୍ତରାୟ, ସନାତନ ନାୟକ, ପ୍ରଦୀପ ମିଶ୍ର ଓ କୁଳମଣି ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନା ଅଂଶଗ୍ରହଣ କରିଥିଲେ।

# ରାଜସ୍ଥାନୀ ପର୍ଯ୍ୟଟକଙ୍କଠାରୁ ୧ଲକ୍ଷ ଟଙ୍କା ଲୁଟ୍

**ପୁରୀ ଅଫିସ,୧୯।୯**

ଆଗକୁ ରହିଛି ପାର୍ବଣ। ଚଳଚଞ୍ଚଳ ହେଲାଣି ଶ୍ରୀକ୍ଷେତ୍ର। ଅନ୍ୟପଟେ ଅସୁରକ୍ଷିତ ହୋଇପଡିଛି ପୁରୀ ସହର। ହତ୍ୟା, ଲୁଟ୍, ରାହାଜାନି ଭଳି ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଅପରାଧ ରୋକିବାରେ ବିଫଳ ହୋଇଛି ପୋଲିସ। ଗତ କିଛିଦିନ ଧରି ଏକ ଲୁଟେରା ଗ୍ୟାଙ୍ଗ୍ ଏଠାରେ ସକ୍ରିୟ ହୋଇପଡିଛି। ଏମାନଙ୍କ ଟାର୍ଗେଟରେ ରହିଛନ୍ତି ବାହାର ରାଜ୍ୟର ପର୍ଯ୍ୟଟକ।

ବୁଧବାର ସମୁଦ୍ରକୂଳ ମହୋଦଧି ନିବାସ ନିକଟରୁ ରାଜସ୍ଥାନ ଭିଲ୍ୱାଡାରୁ ଆସିଥିବା ଏକ ଟ୍ୟୁରିଷ୍ଟ ବସ୍ କାଚ ଭାଙ୍ଗି କେତେଜଣ ଦୁର୍ବୃତ୍ତ ୨୦ଟି ବ୍ୟାଗ୍ ଲୁଟି ନେଇଛନ୍ତି। ସେଥିରେ ପ୍ରାୟ ୧ଲକ୍ଷ ଟଙ୍କା ରହିଥିବା ଜଣାପଡିଛି। ଜନଗହଳିପୂର୍ଣ୍ଣ ବେଳାଭୂମିରୁ ଲୁଟ୍ ହେବା ଘଟଣାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମୁଦ୍ରକୂଳ ଥାନାଠାରୁ ଅନତି ଦୂରରେ ଘଟିଛି ଏହି ଘଟଣା। ଏ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ଉଠିଛି।

**ସନ୍ଦେହରେ ୨ ଡ୍ରାଇଭର ଅଟକ**




ଲୁଟେରାମାନେ ଭଙ୍ଗାରୁଜା କରିଥିବା ଟୁରିଷ୍ଟ ବସ୍।

ଲୁଟ୍ର ଶିକାର କେତେଜଣ ପର୍ଯ୍ୟଟକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଦେହରେ ଟ୍ୟୁରିଷ୍ଟ ବସ୍ର ଦୁଇଜଣ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚୁରା କରୁଛି ବୋଲି ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି। ମିଳିଥିବା ସୂଚନା ପ୍ରକାରେ, ରାଜସ୍ଥାନ ଭିଲ୍ୱାଡାର ଶୋହନ ଲାଲ ଶର୍ମା, ପଙ୍କଜ ଶର୍ମା, ସନ୍ଦୀପ ଶର୍ମା, ଧୀରଜ ଶର୍ମାଙ୍କ ସମେତ ୨୧ ପର୍ଯ୍ୟଟକ ଗତ ଦୁଇଦିନ ତଳେ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ମାର୍କେଟ ଛକସ୍ଥିତ ଏକ ହୋଟେଲ ରହିଥିଲେ। ବୁଧବାର ସକାଳ ୮ଟାରେ ହୋଟେଲ ଛାଡିଥିଲେ। ରାତିରେ ପୁରୀ-ହାଓଡ଼ା ଟ୍ରେନ୍ରେ ହାଓଡ଼ା ଯିବା ଲାଗି ଟିକଟ କରିଥିଲେ। ଏକ ଟ୍ରାଭେଲ୍ସ ସଂସ୍ଥାର ଦୁଇଟି ଟ୍ୟୁରିଷ୍ଟ ବସ୍ରେ ଚିଲିକା ବୁଲିବାକୁ ଯାଇଥିଲେ। ସନ୍ଧ୍ୟା ସାଢ଼େ ୮ଟାରେ ସମୁଦ୍ରକୂଳ ମହୋଦଧି ନିବାସ ନିକଟରେ ବସ୍କୁ ପାର୍କ କରିଥିଲେ। ବସ୍ରେ ସମସ୍ତେ ବ୍ୟାଗ୍ ରଖି ସେଠାରୁ ଓହ୍ଲାଇ ବେଳାଭୂମିକୁ ବୁଲିବାକୁ ଯାଇଥିଲେ। ଏହାର ୨୦ମିନିଟ୍ ପରେ କେତେଜଣ ପର୍ଯ୍ୟଟକ ବସ୍ ନିକଟକୁ ଫେରିଆସିଥିଲେ। ବସ୍ର ଦୁଇ ପାର୍ଶ୍ୱ ଏବଂ ପଛପଟ କାଚ ଭାଙ୍ଗିଥିବା ଏବଂ ବସ୍ରେ କାହାର ବ୍ୟାଗ୍ ନ ଥିବା ଦେଖିବାକୁ ପାଇଥିଲେ। ସେମାନଙ୍କ ପାଟି ଶୁଣି ସେଠାରେ ଭିଡ଼ ଜମିଥିଲା। ରାସ୍ତାରେ ଡ୍ରାଇଭରଙ୍କ ସହିତ କୌଣସି କାରଣକୁ ନେଇ ସେମାନଙ୍କ ବଚସା ହୋଇଥିବା କେତେଜଣ ପର୍ଯ୍ୟଟକ କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।